# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩୧/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, March 31/2023 | Page 16 | ₹ 7.00
୪୯ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 125 | ମୂଲ୍ୟ ₹୭/-



## ଅଧିନାୟକତ୍ୱ କରିବେ ଭୁବନେଶ୍ୱର କୁମାର
ଭେଟେରାନ ଭାରତୀୟ ସିମର ଭୁବନେଶ୍ୱର କୁମାର ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସନରାଇଜର୍ସ ହାଇଦ୍ରାବାଦର ଓପନିଂ ମ୍ୟାଚରେ ଅଧିନାୟକତ୍ୱ କରିବେ।

୧୬

୧୦

## ପ୍ରେମରେ ପଡ଼ିଛନ୍ତି ନାଗା ଚୈତନ୍ୟ
ସାଉଥ୍ ସୁପରଷ୍ଟାର ନାଗା ଚୈତନ୍ୟଙ୍କ ଅଭିନେତ୍ରୀ ଶୋଭିତା ଧୁଳିପାଲାଙ୍କ ସହ ପ୍ରେମ ସମ୍ପର୍କ ଥିବା ନିକଟରେ ଭାଇରାଲ ହୋଇଥିବା ଏକ ଫଟୋରୁ ଜଣାପଡ଼ିଛି।





ରାମନବମୀ ଅବସରରେ ଗୁରୁବାର ଭୁବନେଶ୍ୱରରେ କେତେକ ହିନ୍ଦୁ ସଙ୍ଗଠନ ପକ୍ଷରୁ ବାହାରିଥିବା ବାଇକ ଶୋଭାଯାତ୍ରା।

# ଜୋସ୍‌ରେ ପାଳିଲେ ରାମନବମୀ

**ଭୁବନେଶ୍ୱରରେ ରାମନବମୀକୁ ଖୁବ୍ ଜୋସ୍‌ରେ ପାଳିଛନ୍ତି କେତେକ ହିନ୍ଦୁ ସଂଗଠନ। ଗୁରୁବାର ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଚାଲିଥିଲା ଶୋଭାଯାତ୍ରା। ଏଥିରେ ଶତାଧିକ ମୋଟର ସାଇକେଲରେ ହିନ୍ଦୁ ସଂଗଠନଗୁଡ଼ିକର କର୍ମକର୍ତ୍ତା ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏଥିଯୋଗୁ ପ୍ରମୁଖ ରାସ୍ତାଗୁଡ଼ିକରେ ଟ୍ରାଫିକ ଜାମ୍ ସ୍ଥିତି ଉପୁଜିଥିଲା। ଏହାକୁ ନିୟନ୍ତ୍ରଣ କରିବା କମିଶନରେଟ୍ ପୋଲିସ ପକ୍ଷେ ସମ୍ଭବ ହୋଇ ନ ଥିଲା। ଫଳରେ ସାଧାରଣ ଲୋକେ ରାସ୍ତାରେ ଅଟକି ରହି ଦୁର୍ଦ୍ଦଶା ଭୋଗିଥିଲେ।**

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଗୁରୁବାର ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ଏକାଧିକ ଶୋଭାଯାତ୍ରା ବାହାରିଥିଲା। ଫଳରେ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ଜାମ୍ ଲାଗି ରହିଥିଲା। ମଧ୍ୟାହ୍ନରୁ କଟକ ରୋଡ୍, ଜୟଦେବ ବିହାର, ଜାତୀୟ ରାଜପଥ ଆଦି ପ୍ରମୁଖ ଅଞ୍ଚଳ ତଥା ଏହାକୁ ସଂଯୋଗ କରୁଥିବା ରାସ୍ତାରେ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ପତାକା ଧରି ଶୋଭାଯାତ୍ରାରେ ବୁଲିଥିଲେ। ସେମାନଙ୍କ 'ଜୟ ଶ୍ରୀରାମ' ସ୍ଲୋଗାନ୍‌ରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପଦଯାତ୍ରା ସମୟରେ ରାସ୍ତାକୁ ପୂରା କବ୍‌ଜା କରାଯାଇଥିବାବେଳେ ବାଇକ୍ ଶୋଭାଯାତ୍ରାବେଳେ ଏକାଧିକ ଟ୍ରାଫିକ୍ ନିୟମ ଉଲ୍ଲଂଘନ ହୋଇଥିଲା। ଅଧିକାଂଶ ବାଇକ୍ ଶୋଭାଯାତ୍ରାକାରୀ ହେଲମେଟ୍ ପିନ୍ଧି ନ ଥିଲେ। ସେହିପରି ଶୋଭାଯାତ୍ରାରେ ସାମିଲ ହୋଇଥିବା କାର୍ ଉପରେ ୪ରୁ ଊର୍ଦ୍ଧ୍ୱ ଲେଖାଏ ଲୋକ ବିପଦପୂର୍ଣ୍ଣ ଢଙ୍ଗରେ ବସି 'ଜୟ ଶ୍ରୀ ରାମ' ନାରା ଦେଉଥିଲେ। ସେମାନେ ଯାଉଥିବା ରାସ୍ତାର ବିଭିନ୍ନ ସ୍ଥାନରେ ସାଧାରଣ ଲୋକ ଭିଡ଼ରେ ଫସି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଅପରାହ୍ନର ଚିତ୍ର କିନ୍ତୁ ଭିନ୍ନ ଧରଣର ଥିଲା। ବରମୁଣ୍ଡା ଖେଳପଡ଼ିଆରେ ବିଭିନ୍ନ ହିନ୍ଦୁ ସଂଗଠନର କର୍ମକର୍ତ୍ତା ୬୦୦ରୁ ଊର୍ଦ୍ଧ୍ୱ ବାଇକ୍ ଓ ଏକାଧିକ କାର୍ ସହ ଏକତ୍ର ହୋଇ ଏକ ବିଶାଳ ରାଲି କରିବାକୁ ଯୋଜନା କରିଥିଲେ। ଏଥିଯୋଗୁ ନିକଟ ଜାତୀୟ ରାଜପଥ ସହ ସର୍ଭିସ୍ ରୋଡ୍‌ରେ ଏକପ୍ରକାର ଟ୍ରାଫିକ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସେଠାରେ ପହଞ୍ଚି ସହରମଧ୍ୟରେ ଏତେ ସମାଗମ ନ କରିବାକୁ ପରାମର୍ଶ ଦେଇଥିଲେ। ଏପରି କି ଏତେବଡ଼ ଶୋଭାଯାତ୍ରା ପାଇଁ ଅନୁମତି ଦିଆଯାଇ ନ ଥିବା ସେ କହିଥିଲେ। ପରେ ପୋଲିସ ଉପସ୍ଥିତିରେ ଭିନ୍ନ ଭିନ୍ନ ଗ୍ରୁପ କରାଯାଇ ପର୍ଯ୍ୟାୟକ୍ରମେ କର୍ମକର୍ତ୍ତାମାନଙ୍କୁ ଛଡ଼ାଯାଇଥିଲା। ଏହାପରେ ସଂଗଠନର କର୍ମକର୍ତ୍ତାମାନେ ବରମୁଣ୍ଡାରୁ ☞ପୃଷ୍ଠା-୪

## ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗରେ ହିଂସା
### ଔରଙ୍ଗାବାଦରେ ଗୋଷ୍ଠୀସଂଘର୍ଷ, ୧୩ ଗାଡ଼ି ପୋଡ଼ି

ଔରଙ୍ଗାବାଦ/ହାୱଡ଼ା/ବଡୋଦରା, ୩୦।୩

ରାମନବମୀ ପାଳନ ଅବସରରେ ମହାରାଷ୍ଟ୍ରର ଔରଙ୍ଗାବାଦ, ପଶ୍ଚିମବଙ୍ଗର ହାୱଡ଼ା ଏବଂ ଗୁଜରାଟର ବଡୋଦରାରେ ହିଂସାକାଣ୍ଡ ଘଟି ବହୁ ଲୋକ ଆହତ ହେବା ସହ ଗାଡ଼ି ପୋଡ଼ି ଓ ଦୋକାନ ଭଙ୍ଗାରୁଜା ହୋଇଛି। ଔରଙ୍ଗାବାଦରେ ଥିବା ରାମମନ୍ଦିର ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୧୦ ପୋଲିସ ସମେତ ୧୨ ଜଣ ଆହତ ହୋଇଛନ୍ତି। ପ୍ରାୟ ୫୦୦ ଲୋକ ସଂଘର୍ଷରେ ସାମିଲ ହୋଇ ପୋଲିସ ଉପରକୁ ଟେକା ଓ ପେଟ୍ରୋଲ ବୋତଲ ଫିଙ୍ଗିଥିଲେ। ଦୁର୍ବୃତ୍ତମାନେ ୧୩ଟି ଗାଡ଼ି ପୋଡ଼ିଦେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଔରଙ୍ଗାବାଦ ସହରର କିରାଦପୁରା ଅଞ୍ଚଳରେ ଥିବା ପ୍ରସିଦ୍ଧ ରାମମନ୍ଦିର ନିକଟରେ ଏହି ସଂଘର୍ଷ ଘଟିଛି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ଓ ପ୍ଲାଷ୍ଟିକ୍ ଗୁଳି ଚଳାଇଥିଲା। ଅପରାଧୀଙ୍କୁ ଚିହ୍ନଟ କରିବା ସହ ଧରିବା ଲାଗି ପୋଲିସ ୮ଟି ଟିମ୍ ଗଠନ କରିଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବାବେଳେ ଉକ୍ତ ଅଞ୍ଚଳରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ☞ପୃଷ୍ଠା-୪

## ଆଜିଠୁ ଆଇପିଏଲ୍

ଅହମ୍ମଦାବାଦ,୩୦।୩

ଶୁକ୍ରବାରଠାରୁ ଆରମ୍ଭ ହେବ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ରୋମାଞ୍ଚ। ବିଶ୍ୱର ସବୁଠାରୁ ବ୍ୟୟ ବହୁଳ ଏହି କ୍ରିକେଟ ଲିଗ୍‌ରେ ଅବତୀର୍ଣ୍ଣ ହେବେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୦ ଦଳ। ପ୍ରଥମ ମ୍ୟାଚ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ୪ ଥର ଟାଇଟଲ ବିଜେତା ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ହେବ। ମ୍ୟାଚ ପୂର୍ବରୁ ଉଦ୍‌ଘାଟନୀ ସମାରୋହରେ ଆକର୍ଷଣର କେନ୍ଦ୍ରରେ ରହିବେ ଏକାଧିକ ବଲିଉଡ୍ ଓ ଦକ୍ଷିଣ ଭାରତୀୟ କଳାକାର। ଅଭିନେତ୍ରୀ ତମନ୍ନା ଭାଟିଆ, ରଶ୍ମିକା ମନ୍ଦାନା, କାଟ୍ରିନା କୈଫ୍ ଓ ଅଭିନେତା ଟାଇଗର ଶ୍ରଫଙ୍କ ନୃତ୍ୟ ସହିତ ବଲିଉଡ୍ ଗାୟକ ଅରିଜିତ୍ ସିଂଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ।
(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)




**ଆଜିର ସମ୍ପାଦକୀୟ**
ଏକଚ୍ଛତ୍ରବାଦର ପଥରୋଧ

ଟ୍ରାକିଂ କ୍ୟାମେରାରେ କଏଦ ହେଲା କଲରାପତରିଆ
ପୃଷ୍ଠା-୫

## ରାମନବମୀରେ ମନ୍ଦିର କୂଅ ଭୁଶୁଡ଼ି ୧୪ ମୃତ

ଇନ୍ଦୋର/ଭୋପାଳ,୩୦।୩

ମଧ୍ୟପ୍ରଦେଶର ଇନ୍ଦୋରରେ ଗୁରୁବାର ରାମନବମୀ ଉତ୍ସବ ପାଳନ ବେଳେ ଘଟିଛି ବଡ଼ ଅଘଟଣ। ବେଲେଶ୍ୱର ମହାଦେବ ମନ୍ଦିରରେ ଥିବା ୪୦ ଫୁଟ୍ ଗଭୀର ଏକ ପୁରୁଣା କୂଅର କଂକ୍ରିଟ ସ୍ଲାବ୍ ଖସିଯିବାରୁ ତା' ଉପରେ ବସିଥିବା ୩୦ରୁ ଊର୍ଦ୍ଧ୍ୱ ଭକ୍ତ ପଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୧୧ ମହିଳା, ୨ ଜଣ ପୁରୁଷ ଓ ଜଣେ ଶିଶୁ। ଅନ୍ୟ ୧୭ ଜଣଙ୍କୁ ଉଦ୍ଧାରକରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଇନ୍‌ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ରଖି ଚିକିତ୍ସା କରାଯାଉଛି। ଆହୁରି କେତେଜଣ ଫସିରହିଥିବା ଆଶଙ୍କା କରି କୂଅରୁ ପାଣି କଢ଼ାଯିବା ସହ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତକଙ୍କ ପରିବାରକୁ ୫ ଲକ୍ଷ ଓ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସହ ☞ପୃଷ୍ଠା-୪

## ମହଙ୍ଗା ହେବ ମଦ

**ଆସିଲା ନୂଆ ଅବକାରୀ ନୀତି**

- ନୂଆ ଦୋକାନ ଖୋଲିବାକୁ ମିଳିବନି ଅନୁମତି
- ସାମାନ୍ୟ ବଢ଼ିବ ଲାଇସେନ୍ସ ଫି
- ଗ୍ରାମାଞ୍ଚଳରେ ଖୋଲିବନି ନୂଆ ଅନ୍ ଶପ୍

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଅବକାରୀ ନୀତି ଜାରି କରିଛନ୍ତି। ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ଅବକାରୀ ନୀତି ୨୦୨୩ ଏପ୍ରିଲ ପହିଲାରୁ ୨୦୨୪ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟ ସରକାର ଆଇଏମ୍‌ଏଫ୍‌ଏଲ୍ ଉପରେ ଅବକାରୀ ଶୁଳ୍କ (ଏକ୍ସାଇଜ୍ ଡ୍ୟୁଟି)ରେ ସାମାନ୍ୟ ବୃଦ୍ଧି କରିଛନ୍ତି। ଆସନ୍ତା ଏପ୍ରିଲ ପହିଲାରୁ ଭାରତରେ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍‌ଏଫ୍‌ଏଲ୍) ଦର ବୃଦ୍ଧି ପାଇବ। ଏଥିସହିତ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟରେ ନୂଆ ଅଫ୍ ଶପ୍ ମଦ ଦୋକାନ ଖୋଲିବା ପାଇଁ ନୂଆ ନୀତିରେ ଅନୁମତି ମିଳିବ ନାହିଁ। ସମସ୍ତ ପ୍ରକାରର ଅଫ୍-ଶପ୍ ମଦ ଦୋକାନ ସଂଖ୍ୟା ବୃଦ୍ଧି ଉପରେ କଟକଣା ଜାରି ହୋଇଛି। ତେବେ ଏସବୁ ଦୋକାନର ନବୀକରଣ ପାଇଁ ସରକାର ଅନୁମତି ଦେଇଛନ୍ତି। ନୂଆ ଅବକାରୀ ନୀତିରେ ରାଜ୍ୟ ସରକାର ଲାଇସେନ୍ସ ଫି', ଏମ୍‌ଜିକ୍ୟୁ (ସର୍ବନିମ୍ନ ନିଶ୍ଚିତ ପରିମାଣ), ମଦ ପ୍ରସ୍ତୁତ ପାଇଁ ଆବେଦନ ଫି', ☞ପୃଷ୍ଠା-୪

## ଆଉ ୧୦ ଖଣି ନିଲାମ ହେବ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ରାଜ୍ୟରେ ଆଉ ୧୦ଟି ଖଣି ନିଲାମ ହେବ। ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ ଖଣି ନିଲାମ ହେବ। ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ନିଲାମ ହେବାକୁ ଥିବା ଖଣିଗୁଡ଼ିକ ହେଲା ସୁନ୍ଦରଗଡ଼ ଜିଲାର କୋଇଡା ଲୁହାପଥର ଖଣି, ଅଲଘାଟ ଲୁହାପଥର ଖଣି, ଝୁମକା-ପାଥିରିପୋଷି ଲୁହାପଥର ଖଣି, ତୁନମୁରା ଲାଇମଷ୍ଟୋନ ଓ ଡୋଲମାଇଟ, କଳାହାଣ୍ଡି ଜିଲାର କର୍ଲାପାଟ ବକ୍ସାଇଟ ଖଣି, କେନ୍ଦୁଝରର ରେଙ୍ଗାଲାବେରା ନର୍ଥ ଇଷ୍ଟ ଓ ନୂଆଗାଁ ଲୁହାପଥର ଖଣି, ରୋଏଡା-୧ ଲୁହାପଥର ଖଣି, କେନ୍ଦୁଝର ଓ ସୁନ୍ଦରଗଡ଼ର ଗନ୍ଧାଲପଡ଼ା ୱେଷ୍ଟ ଲୁହାପଥର ଖଣି, ଏବଂ ରାୟଗଡ଼ାର ସରଗିଗୁଡ଼ା ଗ୍ରାଫାଇଟ ଖଣି, ନୁନାପାଇମାଳି ବକ୍ସାଇଟ ଖଣି। ଏଥିସହିତ କେନ୍ଦୁଝରର କେନ୍ଦୁଡିହି ଲୁହାପଥର ଖଣି, ସୁନ୍ଦରଗଡ଼ ଜିଲାର ଭଞ୍ଜକୁସୁମ ମାଙ୍ଗାନିଜ ଖଣି, କୁସୁମଡିହି ମାଙ୍ଗାନିଜ ଖଣି, କେଡେଶାଳା ଲୁହାପଥର ଖଣି, ଓରାବୁରି ମାଙ୍ଗାନିଜ ଆଦି ୫ଟି ଖଣିର ନିଲାମ ପ୍ରକ୍ରିୟା ଚାଲିଛି। ☞ପୃଷ୍ଠା-୪

## ତ୍ରିପୁରା ବିଧାନସଭାରେ ଅଶ୍ଳୀଳ ଭିଡିଓ ଦେଖୁଥିଲେ ଭାଜପା ବିଧାୟକ

ଗୁଆହାଟୀ,୩୦।୩



ଯାଦବଲାଲ ନାଥ

ଭାଜପା ପାଇଁ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛନ୍ତି ତ୍ରିପୁରାର ଜଣେ ଦଳୀୟ ବିଧାୟକ। ବାଗ୍‌ବାସା ଏମ୍‌ଏଲ୍‌ଏ ଯାଦବଲାଲ ନାଥ ବିଧାନସଭାରେ ବସି ନିଜ ମୋବାଇଲ୍ ଫୋନ୍‌ରେ ଅଶ୍ଳୀଳ ଭିଡିଓ ଦେଖୁଥିବାବେଳେ ଧରାପଡ଼ିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହା ବହୁଳ ପ୍ରସାରିତ ହୋଇଛି।

ତ୍ରିପୁରା ବିଧାନସଭାରେ ରାଜ୍ୟ ବଜେଟ ସମ୍ପର୍କିତ ଆଲୋଚନା ଚାଲିଥିବାବେଳେ ବିଧାୟକ ଯାଦବଲାଲ ହାତରେ ମୋବାଇଲ୍ ଫୋନ୍ ଧରିଥିଲେ। ସେ ଉକ୍ତ ମୋବାଇଲ୍‌ରୁ ଅଶ୍ଳୀଳ ଭିଡିଓ କ୍ଲିପ୍‌ଗୁଡ଼ିକୁ ଦେଖି ମଜା ନେଉଥିଲେ। ଏହି ବିଷୟ ପ୍ରଘଟ ହେବା ପରେ ଭାଜପା ତାଙ୍କୁ ସମନ କରି ସ୍ପଷ୍ଟୀକରଣ ଲୋଡ଼ିଛି। ଯାଦବଲାଲ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ଅଧିବେଶନ ଶେଷ ହେବା ପରେ ସେ ବିଧାନସଭା ପରିସର ଛାଡ଼ି ଚାଲିଯାଇଥିବା ଜଣାପଡ଼ିଛି। ଏନେଇ ବିଧାନସଭା ବାଚସ୍ପତି ବିଶ୍ୱବନ୍ଧୁ ସେନ୍ କହିଛନ୍ତି, ସୋସିଆଲ ମିଡିଆରେ ସବୁ ପ୍ରକାର ଜିନିଷ ଭାଇରାଲ ହେଉଛି। ପ୍ରକୃତ ତଥ୍ୟ ନ ଜାଣି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ସମ୍ପୃକ୍ତ ବିଧାୟକଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ହସ୍ତଗତ ହୋଇନାହିଁ। ଭାଜପା ନେତା ପର୍ନ ଭିଡିଓ ଦେଖି ଧରାପଡ଼ିବାର ଏହା ପ୍ରଥମ ଘଟଣା ନୁହେଁ। ☞ପୃଷ୍ଠା-୪

## ବର୍ଷକରେ ୬ ଲକ୍ଷ ଟଙ୍କାର ଇଡ୍‌ଲି ଅର୍ଡର

ନୂଆଦିଲ୍ଲୀ, ୩୦।୩

ଫୁଡ୍ ଡେଲିଭରି ଆପ୍ ଜରିଆରେ ବ୍ୟକ୍ତି ଯେ କୌଣସି ସ୍ଥାନରେ ରହି ମଧ୍ୟ ନିଜ ମନପସନ୍ଦର ଖାଦ୍ୟ ମଗାଇ ଖାଇପାରୁଛନ୍ତି। ଏହାଫଳରେ ଆଞ୍ଚଳିକ ଖାଦ୍ୟର ଚାହିଦା ମଧ୍ୟ ଲୋକଙ୍କ ମଧ୍ୟରେ ବୃଦ୍ଧି ପାଇବାରେ ଲାଗିଛି। ଦକ୍ଷିଣ ଭାରତରେ ପ୍ରମୁଖ୍ୟ ଖାଦ୍ୟ ପାଲଟିଥିବା ଇଡ୍‌ଲି କେବଳ ହାଇଦ୍ରାବାଦ୍, ଚେନ୍ନାଇ କିମ୍ବା ବେଙ୍ଗାଲୁରୁରେ ସୀମିତ ନାହିଁ। ଏହାର ଲୋକପ୍ରିୟତା ଏବେ ସାରା ଦେଶରେ ବଢ଼ିଛି। ଫୁଡ୍ ଡେଲିଭରି ଆପ୍ ସ୍ୱିଗିର ଏକ ରିପୋର୍ଟ ମୁତାବକ, ଜଣେ ବ୍ୟକ୍ତି ଗତବର୍ଷ ୬ ଲକ୍ଷ ଟଙ୍କାର ଇଡ୍‌ଲି ଅର୍ଡର କରିଛନ୍ତି।

ହାଇଦ୍ରାବାଦ୍‌ର ଏହି ବ୍ୟକ୍ତି ଜଣକ ପାଖାପାଖି ୮,୪୨୮ ପ୍ଲେଟ୍ ଅର୍ଡର କରିଥିବା ରିପୋର୍ଟରେ ଦର୍ଶାଯାଇଛି। ବ୍ୟକ୍ତ ଜଣକ କେବଳ ନିଜ ପାଇଁ ନୁହେଁ ବରଂ ପରିବାର ଓ ବନ୍ଧୁଙ୍କ ପାଇଁ ସ୍ୱିଗିରୁ ଇଡ୍‌ଲି ଅର୍ଡର କରିଛନ୍ତି। ମାର୍ଚ୍ଚ ୩୦ ବିଶ୍ୱ ଇଡ୍‌ଲି ଦିବସ ଅବସରରେ ସ୍ୱିଗି ପକ୍ଷରୁ ଏକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ୧୨ ମାସରେ ଏହି ଆପ୍ ଜରିଆରେ ମୋଟ ୩୩ ନିୟୁତ ପ୍ଲେଟ୍ ଇଡ୍‌ଲି ଡେଲିଭରି କରାଯାଇଛି।



୨୦୨୨ ମାର୍ଚ୍ଚ ୩୦ରୁ ୨୦୨୩ ମାର୍ଚ୍ଚ ୨୫ ପର୍ଯ୍ୟନ୍ତ ଇଡ୍‌ଲି ଅର୍ଡରକୁ ନେଇ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ଦିଲ୍ଲୀ, କୋଲକାତା, କୋଚି, ମୁମ୍ବାଇ, ପୁଣେ ଏବଂ ବିଶାଖାପାଟଣା ଭଳି ସହରରେ ଇଡ୍‌ଲିର ଚାହିଦା ବଢ଼ିଛି। ଅନ୍ୟପକ୍ଷେ ହାଇଦ୍ରାବାଦ୍, ବେଙ୍ଗାଲୁରୁ କୋଏମ୍ବୋଟୁର ଏବଂ ମୁମ୍ବାଇରୁ ଅଧିକାଂଶ ଅର୍ଡର ସକାଳ ୮ରୁ ୧୦ଟା ମଧ୍ୟରେ ଏବଂ ରାତ୍ରିଭୋଜନ ସମୟରେ ଆସୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବହୁ ପ୍ରକାରର ଇଡ୍‌ଲି ରେଷ୍ଟୁରାଣ୍ଟ ଓ ହୋଟେଲ୍‌ଗୁଡ଼ିକରେ ଉପଲବ୍ଧ ଥିବାବେଳେ ସାଦା ଇଡ୍‌ଲି ଲୋକ ଅଧିକ ପସନ୍ଦ କରୁଛନ୍ତି। ରିପୋର୍ଟ ଅନୁସାରେ ମସଲା ଦୋସା ପରେ ଇଡ୍‌ଲି ଦ୍ୱିତୀୟ ସର୍ବାଧିକ ଅର୍ଡର କରାଯାଉଥିବା ବ୍ୟଞ୍ଜନ।

**ତାଲିବାନ୍ ଆକ୍ରମଣ: ୪ ପାକ୍ ପୋଲିସ ନିହତ**

ପାକିସ୍ତାନର ଖାଇବର-ପାଖତୁନ୍‌ଖ୍ୱା ପ୍ରଦେଶର ଲକ୍କି ମାରୱାତ ଜିଲାରେ ଗୁରୁବାର ଏକ ପୋଲିସ ମୋବାଇଲ ଭ୍ୟାନ୍ ଉପରେ ତାଲିବାନୀ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୪ ପୋଲିସଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ଭ୍ୟାନ୍‌ଟି ସଦର ଥାନା ଅଭିମୁଖେ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ଆତଙ୍କବାଦୀମାନେ ଭ୍ୟାନ୍ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ମୃତକଙ୍କ ମଧ୍ୟରେ ଜଣେ ଡିଏସ୍‌ପି ରହିଛନ୍ତି।



ବାରାଣସୀରେ ଚୈତ୍ର ନବରାତ୍ରି ଅବସରରେ ରାମନବମୀ ପାଳନ ବେଳେ 'କନ୍ୟା ପୂଜନ'।

# ଡବ୍ଲ୍ୟୁଏସ୍‌ଜେ ରିପୋର୍ଟରଙ୍କୁ ଗିରଫ କଲା ରୁଷିଆ

**ଗୁପ୍ତଚର ବୃତ୍ତି ଅଭିଯୋଗ**

**ଶୀତଳ ଯୁଦ୍ଧ ପରେ ଗିରଫ ହେବାରେ ପ୍ରଥମ ଖବରଦାତା**

**ମସ୍କୋ, ୩୦।୩**

ଗୁପ୍ତଚର ବୃତ୍ତି ଅଭିଯୋଗରେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲ(ଡବ୍ଲ୍ୟୁଏସ୍‌ଜେ)ର ଜଣେ ରିପୋର୍ଟରଙ୍କୁ ରୁଷିଆର ଶୀର୍ଷ ସୁରକ୍ଷା ସଂସ୍ଥା ଫେଡେରାଲ ସିକ୍ୟୁରିଟି ସର୍ଭିସ୍ (ଏଫ୍‌ଏସ୍‌ବି) ଗିରଫ କରିଛି। କେତେକ ଗୁପ୍ତ ତଥ୍ୟ ସଂଗ୍ରହ ଲାଗି ଉଦ୍ୟମ ଚଳାଇଥିବା ରିପୋର୍ଟର ଏଭାନ ଗେର୍ସକୋଭିଚ୍‌ଙ୍କୁ ଉରାଲର ପାର୍ବତ୍ୟାଞ୍ଚଳ ସହର ୟେକାଟୋରିନବର୍ଗରୁ ଗିରଫ କରାଯାଇଥିବା ଏଫ୍‌ଏସ୍‌ବି କହିଛି। ଶୀତଳ ଯୁଦ୍ଧଠାରୁ ଆମେରିକା ଖବରକାଗଜର କୌଣସି ରିପୋର୍ଟରଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ରୁଷିଆ ଗିରଫ କରିବା ଏହା ପ୍ରଥମ ଘଟଣା। ୟୁକ୍ରେନ୍ ଯୁଦ୍ଧକୁ ନେଇ ମସ୍କୋ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଗେର୍ସକୋଭିଚ୍‌ଙ୍କୁ ଗିରଫ କରାଯାଇଛି। ଗେର୍ସକୋଭିଚ୍ ଆମେରିକା ନିର୍ଦ୍ଦେଶରେ ରୁଷିଆର ଏକ ସାମରିକ ଶିଳ୍ପ କମ୍ପ୍ଲେକ୍ସ ଉଦ୍ୟୋଗରୁ ବିଭିନ୍ନ କାର୍ଯ୍ୟର ତଥ୍ୟ ସଂଗ୍ରହ ପାଇଁ କାର୍ଯ୍ୟ କରୁଥିଲେ ବୋଲି ରୁଷିଆ ଅଭିଯୋଗ କରିଛି। ସେ ଗୁପ୍ତଚର ବୃତ୍ତିରେ ଦୋଷୀସାବ୍ୟସ୍ତ ହେଲେ ୨୦ ବର୍ଷ ଜେଲ୍‌ଦଣ୍ଡ ଭୋଗିପାରନ୍ତି। ୱାଲଷ୍ଟ୍ରିଟ୍ ଜର୍ନାଲର ମସ୍କୋ ବ୍ୟୁରୋର ଖବରଦାତା ଭାବେ ଗେର୍ସକୋଭିଚ୍ ରୁଷିଆ ଓ ୟୁକ୍ରେନ୍‌ରୁ ଖବର ସଂଗ୍ରହ କରୁଥିଲେ। ସେ ଜଣେ ସାମ୍ବାଦିକ ଭାବେ କାର୍ଯ୍ୟ କରିବା ଲାଗି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟରୁ ଆଧିକାରିକ ମାନ୍ୟତା ପାଇଥିଲେ। ମସ୍କୋରୁ ତାଙ୍କ ଶେଷ ରିପୋର୍ଟ ଗତ ସପ୍ତାହରେ ପ୍ରକାଶ ପାଇଥିଲା। ପାଶ୍ଚାତ୍ୟ କଟକଣା ଯୋଗୁ ରୁଷିଆ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେଇଥିବା ଏଥିରେ ସେ ଦର୍ଶାଇଥିଲେ।



ଏଭାନ ଗେର୍ସକୋଭିଚ୍

## ସଂକ୍ଷେପରେ

### ଆମେରିକା ସେନାର ୨ ହେଲିକପ୍ଟର ଧକ୍କା: ୯ ମୃତ

**ଫର୍ଟ କ୍ୟାମ୍ପବେଲ୍, ୩୦।୩:** ଆମେରିକା ସେନାର ଦୁଇଟି ବ୍ଲାକ୍ ହକ୍ ହେଲିକପ୍ଟର ପରସ୍ପର ସହ ଧକ୍କା ଦେବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଶିକ୍ଷଣ ଉଡ଼ାଣ ବେଳେ ବୁଧବାର ରାତିରେ କେଣ୍ଟୁକିଠାରେ ଏହି ଦୁର୍ଘଟଣା ଘଟିଥିବା ସାମରିକ ମୁଖପାତ୍ର ନୋଣ୍ଡିସ୍ ଥୁରମ୍ୟାନ କହିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଚାଲିଛି। ଏକ ପଡ଼ିଆରେ ଦୁର୍ଘଟଣା ଘଟିଥିବା କେଣ୍ଟୁକି ଷ୍ଟେଟ୍ ପୋଲିସ କହିଛି।

### ବୋଟ୍‌ରେ ନିଆଁ ଲାଗି ୩୧ ମୃତ

**ମାନିଲା, ୩୦।୩:** ଦକ୍ଷିଣ ଫିଲିପାଇନ୍ସରେ ଏକ ବୋଟ୍‌ରେ ନିଆଁ ଲାଗି ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୭ ଜଣ ନିଖୋଜ ହୋଇଯାଇଛନ୍ତି। ମଧ୍ୟରାତ୍ରରେ ନିଆଁ ଲାଗିବା ପରେ ୮ ଘଣ୍ଟା ଧରି ବୋଟ୍‌ଟି ଜଳିଥିଲା। ଦକ୍ଷିଣରେ ଥିବା ବନ୍ଦର ସହର ଜାମ୍ବୋଆଙ୍ଗାରୁ ୨୫୦ ଯାତ୍ରୀ ଓ କର୍ମଚାରୀଙ୍କୁ ନେଇ ଏମ୍‌ଭି ଲେଡି ମେରି ଜୟ-୩ ନାମକ ବୋଟ୍‌ଟି ସୁଲୁ ପ୍ରଦେଶର ଜୋଲୋ ସହରକୁ ଯାଉଥିଲା। ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସମୁଦ୍ରକୁ ଡେଇଁ ପଡ଼ିବା ପରେ ସେମାନଙ୍କୁ ତଟସୁରକ୍ଷା ବଳ, ନୌସେନା ଓ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିଥିଲେ। ନିଖୋଜ ୭ ଜଣଙ୍କୁ ଉଦ୍ଧାର ଲାଗି ଉଦ୍ୟମ ଜାରି ରହିଛି। ଜଳିଯାଇଥିବା ବୋଟ୍‌ରୁ ୧୮ଟି ମୃତଦେହ ମିଳିଥିଲା।

### ୨ ଝିଅଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ ବାପା

**ହୋସିଆରପୁର, ୩୦।୩:** ପଞ୍ଜାବର ହୋସିଆରପୁର ଜିଲା ପେରିଙ୍ଗ ଗ୍ରାମରେ ବ୍ୟକ୍ତି ତାଙ୍କ ଦୁଇ ଝିଅଙ୍କୁ ପେଟ୍ରୋଲ ଢାଳି ପୋଡ଼ିଦେଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ନାବାଳିକା ଦ୍ୱୟ ଗୁରୁତର ଭାବେ ଆହତ ହୋଇଥିବାବେଳେ ଅଭିଯୁକ୍ତ ବିଦ୍ୟାରାମଙ୍କୁ ପୋଲିସ ଗିରଫ କରିଛି। ଘଟଣା ନେଇ ବିଦ୍ୟାରାମଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ଆହତ ନାବାଳିକାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ପ୍ରଧାନ ବିଚାରପତିଙ୍କ କ୍ଷମତା ହ୍ରାସ ଲାଗି ପାକ୍ ସିନେଟରେ ବିଲ୍ ଗୃହୀତ

**ଇସ୍‌ଲାମାବାଦ, ୩୦।୩:** ବିରୋଧୀ ଦଳର ସମାଲୋଚନା ମଧ୍ୟରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ କ୍ଷମତା ହ୍ରାସ ଲାଗି ପାକିସ୍ତାନ ସିନେଟ୍‌ରେ ବିଲ୍ ଗୃହୀତ ହୋଇଛି। ଫଳରେ ନିଜ ଆଡୁ ମାମଲା ରୁଜୁ କରିବା ଏବଂ ଖଣ୍ଡପୀଠ ଗଠନ କରିବା କ୍ଷମତା ପ୍ରଧାନ ବିଚାରପତିଙ୍କର ରହିବ ନାହିଁ। ପାକିସ୍ତାନ ଜାତୀୟ ଆସେମ୍ବ୍ଲିରେ ବିଲ୍ ପାସ୍ ହେବା ପରେ ପାକିସ୍ତାନ ଆଇନମନ୍ତ୍ରୀ ଆଜମ ନାଜିର ତରାର ଗୁରୁବାର ଏହାକୁ ସିନେଟରେ ଆଗତ କରିଥିଲେ। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ସିନେଟରମାନେ ଏହାକୁ ବିରୋଧ କରିଥିଲେ। ସାଧାରଣ ସଂଖ୍ୟାଗରିଷ୍ଠତାରେ ଆଇନ ପାସ୍ କରି ସୁପ୍ରିମକୋର୍ଟ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇପାରିବ ନାହିଁ ବୋଲି ସେମାନେ ଯୁକ୍ତି ଦର୍ଶାଇଥିଲେ। ଏହା ସତ୍ତ୍ୱେ ବିଲ୍ ଗୃହୀତ ହୋଇଛି ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ଏହା ଆଇନରେ ପରିଣତ ହେବ।

# ଦହି: ମୁଣ୍ଡ ନୁଆଁଇଲା ଏଫ୍‌ଏସ୍‌ଏସ୍‌ଏଆଇ

- ଦକ୍ଷିଣ ଭାରତରେ ହିନ୍ଦୀ ଭାଷା ଲଦିବା ଉଦ୍ୟମକୁ ବିରୋଧ
- ବିବାଦ ପରେ ନିଷ୍ପତ୍ତି ବଦଳାଇଲେ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ

**ନୂଆଦିଲ୍ଲୀ/ଚେନ୍ନାଇ/ବେଙ୍ଗାଲୁରୁ, ୩୦।୩**

ନିର୍ବାଚନମୁହାଁ କର୍ଣ୍ଣାଟକ ସମେତ ତାମିଲନାଡୁ ଓ କେରଳରେ ଆଞ୍ଚଳିକ ଭାଷାଭାଷୀ ଗୋଷ୍ଠୀ ଏବଂ ରାଜନୈତିକ ଦଳଗୁଡ଼ିକର କଡ଼ା ବିରୋଧ ପରେ ଫୁଡ୍ ସିକ୍ୟୁରିଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ଗୁରୁବାର ଏହାର ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ ପ୍ୟାକେଟ୍‌ଗୁଡ଼ିକରେ ଲେଖାଥିବା 'ଫର୍ମେଣ୍ଟେଡ୍ ମିଲ୍କ' ପରିବର୍ତ୍ତେ 'ଦହି' ପ୍ରିଣ୍ଟ କରାଯିବ ବୋଲି ମାର୍ଚ୍ଚ ୧୦ରେ ଏଫ୍‌ଏସ୍‌ଏସ୍‌ଏଆଇ (ସାଇନ୍ସ ଆଣ୍ଡ ଷ୍ଟାଣ୍ଡାର୍ଡ୍ସ) ଯୁଗ୍ମ ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି ଏକ ପତ୍ରରେ ଉଲ୍ଲେଖ କରାଯାଇଥିଲା। କର୍ଡ ପ୍ୟାକେଟ୍‌ଗୁଡ଼ିକରେ 'ଦହି' ଉଲ୍ଲେଖକୁ ଏଥିରେ ବାଧ୍ୟତାମୂଳକ କରାଯାଇଥିବାବେଳେ ବିବାଦ ସୃଷ୍ଟି ହେବା ପରେ ସେଥିରେ ଆଞ୍ଚଳିକ ଭାଷାରେ ପ୍ରିଣ୍ଟ କରିବାକୁ ଗୁରୁବାର ଅନୁମତି ପ୍ରଦାନ କରାଯାଇଛି।

ନନ୍ଦିନୀ ନାମରେ ପରିଚିତ କର୍ଣ୍ଣାଟକ ମିଲ୍କ ଫେଡେରେଶନ୍ (କେଏମ୍‌ଏଫ୍)ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏଫ୍‌ଏସ୍‌ଏସ୍‌ଏଆଇ ଅର୍ଡର ବଳରେ ହିନ୍ଦୀ ଲଦିଦିଆଯାଉଥିବା ଅଭିଯୋଗ ଆଣି ଏହାକୁ ବିରୋଧ କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମଧ୍ୟ ଦକ୍ଷିଣ ଭାରତୀୟଙ୍କ ଉପରେ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଲଦିଦେଉଛନ୍ତି ବୋଲି ବୁଧବାର ଅଭିଯୋଗ ଆଣିଥିଲେ। ଏଥିସହ ଜାତୀୟ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ସେ ଟାର୍ଗେଟ କରିଥିଲେ। ଏଭଳି ଉଦ୍ୟମ କରୁଥିବା ଲୋକଙ୍କୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରୁ ବହିଷ୍କାର କରାଯିବ ବୋଲି ଷ୍ଟାଲିନ୍ ଟୁଇଟରରେ ଚେତାବନୀ ଦେଇଥିଲେ। କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମଧ୍ୟ ଏହାକୁ ବିରୋଧ କରିଥିଲେ। ନନ୍ଦିନୀ ପ୍ରଡକ୍ଟଗୁଡ଼ିକୁ ଏଫ୍‌ଏସ୍‌ଏସ୍‌ଏଆଇ ହାଇଜ୍ୟାକ୍ କରିନେବା ଦୁର୍ଭାଗ୍ୟଜନକ ବୋଲି ସେ ସମାଲୋଚନା କରିଥିଲେ। କେନ୍ଦ୍ରର ଶାସକ ଭାଜପା କେଏମ୍‌ଏଫ୍‌କୁ ଅମୂଲ ସହ ମିଶ୍ରଣ ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ଆସିଥିବାବେଳେ ଏହି ବିବାଦ ଘନେଇଥିଲା। କେବଳ ବିରୋଧୀ ନୁହନ୍ତି, ଭାଜପା ନେତାମାନେ ମଧ୍ୟ ଏଫ୍‌ଏସ୍‌ଏସ୍‌ଏଆଇର ନିଷ୍ପତ୍ତିକୁ ବିରୋଧ କରିଥିଲେ। ତାମିଲନାଡୁ ଭାଜପା ସଭାପତି ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ଦାବି କରିଥିଲେ। ବିବାଦ ପରେ ଗୁରୁବାର ଏଫ୍‌ଏସ୍‌ଏସ୍‌ଏଆଇ କହିଛି, ଫୁଡ୍ ବିଜନେସ୍ ଅପରେଟର୍ସ (ଏଫ୍‌ବିଓ)ମାନେ ପ୍ୟାକେଟ୍‌ରେ 'କର୍ଡ' ଲେଖିପାରିବେ। ସେମାନେ ବନ୍ଧନୀରେ ସମାର୍ଥବୋଧକ ଶବ୍ଦ 'ଦହି', 'ଥୟିର' କିମ୍ବା 'ମୋସାରୁ' ଲେଖିବେ। ଇତିମଧ୍ୟରେ ଟୁଇଟରରେ ଦହି ବିରୋଧୀ ଅଭିଯାନ 'ନେହିଁ ଟୁ ଦହି' ବା 'ଦହିକୁ ନା କୁହନ୍ତୁ' ଟ୍ରେଣ୍ଡ କରିଛି।




> ଦକ୍ଷିଣ ଭାରତୀୟଙ୍କ ଉପରେ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଲଦିଦେଉଛନ୍ତି। ଏଭଳି ଉଦ୍ୟମ କରୁଥିବା ଲୋକଙ୍କୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରୁ ବହିଷ୍କାର କରାଯିବ।
>
> -ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ



# ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲଳିତ ମୋଦିଙ୍କ ଧମକ



**ନୂଆଦିଲ୍ଲୀ, ୩୦।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦି ବ୍ରିଟେନ୍ କୋର୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଛନ୍ତି। ରାହୁଲ ସବୁ ମୋଦି ଚୋର ମନ୍ତବ୍ୟ ଦେବାବେଳେ ଲଳିତ ମୋଦିଙ୍କ ନାଁ ନେଇଥିଲେ। ଲଳିତ ମୋଦି ଦୁର୍ନୀତି ଓ ମନିଲଣ୍ଡରିଂରେ ସମ୍ପୃକ୍ତ ବୋଲି ସେ କହିଥିଲେ। ଆଇପିଏଲ୍‌ରେ ଆର୍ଥିକ ଅନିୟମିତତା ଅଭିଯୋଗ ପରେ ୨୦୧୦ରୁ ଲଣ୍ଡନରେ ରହୁଥିବା ଲଳିତ କଂଗ୍ରେସ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିବା ଟୁଇଟ୍ କରିଛନ୍ତି। ୨୦୧୯ରେ ଏକ ନିର୍ବାଚନୀ ସଭାରେ ରାହୁଲ ସବୁ ମୋଦି ଚୋର ବୋଲି ମନ୍ତବ୍ୟ ଦେଇଥିଲେ। ଏଥିପାଇଁ ସୁରଟର ଏକ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲଦଣ୍ଡାଦେଶ ଦେବା ପରେ ତାଙ୍କ ଲୋକ ସଭା ସଭ୍ୟପଦ ରଦ୍ଦ ହୋଇଛି। ଲଳିତଙ୍କ ଟୁଇଟର ଉପରେ କଂଗ୍ରେସ କହିଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଲଢ଼ିବା ନିମନ୍ତେ ବିଶ୍ୱର ଦୁର୍ନୀତିଗ୍ରସ୍ତମାନେ ଆଗେଇ ଆସିଛନ୍ତି।

# ୩୧ ମୃତବ୍ୟକ୍ତିଙ୍କ ନାଁରେ ୮୭ ବୀମା ପଲିସି

**୧୪ କୋଟି ଟଙ୍କାର ଠକେଇ**

**ରାଜକୋଟ, ୩୦।୩**

ଗୁଜରାଟର ଆମ୍ରେଲି ଜିଲାରୁ ଜାଲ୍ ଆଧାର କାର୍ଡ ଜରିଆରେ ଜୀବନ ବୀମା କରୁଥିବା ଏକ ର୍‌ୟାକେଟର ପର୍ଦ୍ଦାଫାସ ହୋଇଛି। ୩୧ଟି ଘରୋଇ ଓ ସରକାରୀ ବୀମା କମ୍ପାନୀରୁ ପାଖାପାଖି ୧୪ କୋଟି ଟଙ୍କା ଠକିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ରାଜୁଲା ପୋଲିସ ତଦନ୍ତ ଚଳାଇ ଉପରୋକ୍ତ ଦୁର୍ନୀତିକୁ ପଦାକୁ ଆଣିଛି। ଏକ କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଜାଲ୍ ଆଧାର କାର୍ଡ ଓ କେତେକ ଇନ୍‌ସ୍ୟୁରାନ୍ସ ପଲିସି ମିଳିଥିଲା। ପୋଲିସ ବୀମା ଏଜେଣ୍ଟ ହନୁ ପାର୍ମାର, ବନରାଜ ବଲ୍‌ଦାନିୟା, ଉଦୟସିଂ ରାଠୋଡ୍ ଏବଂ ଜିତେନ୍ଦ୍ର ପାର୍ମାରଙ୍କୁ ଗିରଫ କରିଛି। ଏମାନେ ୩୧ ମୃତବ୍ୟକ୍ତିଙ୍କ ନାମରେ ୮୭ଟି ଜାଲ୍ ପଲିସି କରି ବୀମା କମ୍ପାନୀଠାରୁ କ୍ଲେମ୍ ଟଙ୍କା ଉଠାଇଥିଲେ।

ଅଭିଯୁକ୍ତମାନେ ମୃତବ୍ୟକ୍ତିଙ୍କ ପରିବାର ସହ ଯୋଗାଯୋଗ କରି ୫୦ ହଜାରରୁ ଲକ୍ଷେ ଟଙ୍କା ସରକାରୀ ସହାୟତା କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଏଥିପାଇଁ ସେମାନେ ମୃତବ୍ୟକ୍ତିଙ୍କ ଆଧାର କାର୍ଡ ନେଇଯାଇ, ସେଥିରେ ଲାଗିଥିବା ଫଟୋକୁ ବଦଳାଇ ଦେଉଥିଲେ। ସେମାନେ ଉକ୍ତ ଜାଲ୍ ଆଧାର କାର୍ଡ ସହାୟତାରେ ପାନ୍ କାର୍ଡ ବାହାର କରି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ବୀମା ପଲିସି କରାଉଥିଲେ। ପ୍ରଥମେ ସେମାନେ ନିଜେ ବୀମା ପ୍ରିମିୟମ ଭରୁଥିଲେ ଓ ପରେ ବୀମାଧାରୀଙ୍କ ମୃତ୍ୟୁ ସାର୍ଟିଫିକେଟ ବୀମା କମ୍ପାନୀରେ ଦାଖଲ କରି ବୀମା ରାଶି କ୍ଲେମ୍ କରୁଥିଲେ ବୋଲି ଆମ୍ରେଲି ଏସ୍‌ପି ହିମ୍‌କାର ସିଂ କହିଛନ୍ତି। ଏକ ଘରୋଇ ସଂସ୍ଥାର କର୍ମଚାରୀ ଭାବଦୀପ ବସିୟା ଆଧାର କାର୍ଡଗୁଡ଼ିକର ତଥ୍ୟରେ ପରିବର୍ତ୍ତନ କରାଉଥିଲେ। ତାଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଏହି ର୍‌ୟାକେଟରେ ଜାଲ୍ ଆଧାର ପ୍ରସ୍ତୁତି ଲାଗି ଫଟୋ ଦେଇଥିବା ବ୍ୟକ୍ତି, ବୀମା କମ୍ପାନୀ ଏଜେଣ୍ଟ ଓ କର୍ମଚାରୀ ଓ କେତେଜଣ ସରକାରୀ କର୍ମଚାରୀ ସମ୍ପୃକ୍ତ। ସେମାନଙ୍କୁ ୧୦ରୁ ୧୫ ପ୍ରତିଶତ କମିଶନ ମିଳିବା ପ୍ରତିଶ୍ରୁତି ଦିଆଯାଇଥିଲା। ୪ ଅଭିଯୁକ୍ତଙ୍କଠାରୁ ପୋଲିସ ୫ଟି ଦାମୀ କାର, ୯ ବାଇକ୍ ଓ ନଗଦ ୫୨ ଲକ୍ଷ ଟଙ୍କା ଜବତ କରିଛି। ଏପରିକି ୫.୧୦ କୋଟି ଟଙ୍କାର କ୍ଲେମ୍ ଖାରଜ ହୋଇଯିବା ପରେ ସେମାନେ ସମ୍ପୃକ୍ତ ବୀମା କମ୍ପାନୀ ନାମରେ ମାମଲା ଦାଏର କରିଥିଲେ।

# 'ଦି ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ' ଟିମ୍‌କୁ ଭେଟିଲେ ମୋଦି

**ନୂଆଦିଲ୍ଲୀ, ୩୦।୩**

ନିକଟରେ ଓସ୍କାର ପୁରସ୍କାର ଜିତିଥିବା ବୃତ୍ତ ଚିତ୍ର 'ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ'ର ନିର୍ଦ୍ଦେଶକ, ପ୍ରଯୋଜକ ଓ ଅନ୍ୟ ଟିମ୍ ସଦସ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଛନ୍ତି। ଏହାର ଫଟୋ ପ୍ରଧାନମନ୍ତ୍ରୀ ତାଙ୍କ ସରକାରୀ ଟୁଇଟର ହ୍ୟାଣ୍ଡଲରେ ଶେୟାର କରିଛନ୍ତି, ଯେଉଁଥିରେ ସେ ଡକ୍ୟୁମେଣ୍ଟାରିର ନିର୍ଦ୍ଦେଶିକା କାର୍ତ୍ତିକୀ ଗୋନସାଲ୍‌ଭ୍ସେ ଏବଂ ପ୍ରଯୋଜିକା ଗୁନିତ୍ ମୋଙ୍ଗାଙ୍କ ସହ ଛିଡ଼ା ହୋଇଥିବା ଦେଖାଯାଇଛି। 'ଦି ଏଲିଫ୍ୟାଣ୍ଟ ହ୍ୱିସ୍ପରର୍ସ'ର ଚଳଚ୍ଚିତ୍ରୀୟ ପ୍ରତିଭା ଓ ସଫଳତା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ବୃତ୍ତଚିତ୍ର ସହ ଜଡ଼ିତ ବ୍ରିଲିଆଣ୍ଟ ଟିମ୍‌କୁ ଭେଟିବାର ସୁଯୋଗ ମିଳିଛି। ସେମାନେ ଭାରତକୁ ଗର୍ବିତ କରିଥିବା ମୋଦି ଟୁଇଟ୍ କରିଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ବାସଭବନରେ ସ୍ୱାଗତ କରିବା ସହ ସମ୍ମାନିତ କରିଥିବାରୁ ପ୍ରଯୋଜିକା ଗୁନିତ୍ ମୋଙ୍ଗା ଧନ୍ୟବାଦ ଜଣାଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଡାଇରେକ୍ଟର କାର୍ତ୍ତିକୀ ଗୋନସାଲ୍‌ଭ୍ସେ ଏବଂ ପ୍ରଯୋଜିକା ଗୁନୀତ୍ ମୋଙ୍ଗା।

# ମାନହାନି ମାମଲାରେ ରାହୁଲଙ୍କୁ ସମନ

**ପାଟନା, ୩୦।୩**

ଏକ ମାନହାନି ମାମଲାରେ ପାଟନାର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଗୁରୁବାର ରାହୁଲ ଗାନ୍ଧୀଙ୍କୁ ସମନ ଜାରି କରିଛି। 'ସବୁ ଚୋରଙ୍କ ଗୋଟିଏ ସାଙ୍ଗିଆ ମୋଦି କିପରି' ବୋଲି ସେ ୨୦୧୯ରେ ଦେଇଥିବା ମନ୍ତବ୍ୟ ବିରୋଧରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭଜପା ନେତା ସୁଶୀଲ ମୋଦି ମାନହାନି ମାମଲା ଦାଏର କରିଥିଲେ। ଏପ୍ରିଲ ୧୨ରେ କୋର୍ଟରେ ହାଜର ହେବା ଲାଗି ରାହୁଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ମାମଲାରେ ରାହୁଲ ୨୦୧୯ ଜୁଲାଇରେ କୋର୍ଟରେ ହାରଜ ହୋଇ ଜାମିନ ପାଇଥିଲେ।

# ଅମ୍ରିତପାଲ୍‌ଙ୍କୁ ଡ୍ରୋନ୍ ଖୋଜୁଛି

**ହୋସିଆରପୁର, ୩୦।୩**

ଖଲିସ୍ତାନୀ ଅମ୍ରିତପାଲ ସିଂ ଗୁରୁବାର ୟୁଟ୍ୟୁବ୍‌ରେ ଏକ ଭିଡିଓ ଜାରି କରିଛନ୍ତି। ଆତ୍ମସମର୍ପଣ କରିବା ନେଇ ପୋଲିସକୁ ମିଳିଥିବା ଗୋଇନ୍ଦା ସୂଚନାକୁ ସେ ଖଣ୍ଡନ କରିଛନ୍ତି। ସେ ଆତ୍ମସମର୍ପଣ କରିବେ ନାହିଁ। ତେବେ ନିଜ ସଙ୍ଗଠନ ଛାଡ଼ି ଫେରାର୍ ନ ଥିବା ମଧ୍ୟ ଏଥିରେ କହିଛନ୍ତି। ମୃତ୍ୟୁକୁ ତାଙ୍କ ଭୟ ନାହିଁ, ସେ ଖୁବ୍‌ଶୀଘ୍ର ସମସ୍ତଙ୍କ ସାମ୍ନାକୁ ଆସିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଅମ୍ରିତପାଲ୍‌ଙ୍କୁ ଧରିବାରେ ପଞ୍ଜାବ ପୋଲିସ ପୂର୍ବାପେକ୍ଷା ଅଧିକ ତତ୍ପରତା ଦେଖାଇଛି। ହୋସିଆରପୁର ଜିଲାର ବିଭିନ୍ନ ଗ୍ରାମରେ ଡ୍ରୋନ୍ ମୁତୟନ କରାଯାଇଛି। ତାଙ୍କ ସହ ଜଡ଼ିତ ୩୬୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୩୪୮ଙ୍କୁ ଛାଡ଼ିଦିଆଯାଇଛି।



ଅମ୍ରିତପାଲ୍ ସିଂ

# ଭାରତକୁ ୬୦ ବଳକା ଜଳହସ୍ତୀ ପଠାଉଛି କଲମ୍ବିଆ

**କଲମ୍ବିଆ, ୩୦।୩**

ନାମିବ୍ୟା ଏବଂ ଦକ୍ଷିଣ ଆଫ୍ରିକାରୁ ଚିତାବାଘ ଆସିବା ପରେ ଏବେ କଲମ୍ବିଆରୁ ଜଳହସ୍ତୀ ଭାରତ ଆସିବେ। କଲମ୍ବିଆ ଅଭୟାରଣ୍ୟରେ ଜଳହସ୍ତୀଙ୍କ ସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଇବା ଯୋଗୁ ସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ଥାନୀୟ ସରକାର ଏକ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରାୟ ୭୦ ଜଳହସ୍ତୀଙ୍କୁ କଲମ୍ବିଆ ବିଦେଶ ପଠାଇବାକୁ ଯାଉଛି। ଏଥିରୁ ପାଖାପାଖି ୬୦ଟି ଜଳହସ୍ତୀ ଭାରତକୁ ପଠାଇବ।

୧୯୮୦ ଦଶକରେ କୋକେନ୍ ବ୍ୟବସାୟୀ ପାବଲୋ ଇସ୍କୋବାର ଆଫ୍ରିକାରୁ ଏକାଧିକ ଜଳହସ୍ତୀ କଲମ୍ବିଆ ଆଣିଥିଲେ। ୧୯୯୩ରେ ପାବଲୋଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଜଳହସ୍ତୀଗୁଡ଼ିକ ଚାରଣ ଭୂମିରେ ଅବାଧରେ ରହିବା ସହ ବଂଶ ବିସ୍ତାର କରିଥିଲେ। ଜଳହସ୍ତୀଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ସ୍ଥାନୀୟ ଏନଭାଇରନ୍‌ମେଣ୍ଟ ଅଥରିଟି ଉପାୟହୀନ ହୋଇଯାଇଥିବା କହିଛନ୍ତି। ବର୍ତ୍ତମାନ ସମୟରେ ପାବଲୋ ଆଣିଥିବା ଆଫ୍ରିକୀୟ ଜଳହସ୍ତୀଙ୍କ ସଂଖ୍ୟା ୧୫୦ରେ ପହଞ୍ଚିଛି। ଆସନ୍ତା ମାସରେ କଲମ୍ବିଆ ପାଖାପାଖି ୧୦ ଜଳହସ୍ତୀଙ୍କୁ ନର୍ଦ୍ଦର୍ନ ମେକ୍ସିକୋରେ ଥିବା ଓଷ୍ଟୋକ୍ ଅଭୟାରଣ୍ୟକୁ ଏବଂ ୬୦ ଜଳହସ୍ତୀଙ୍କୁ ଭାରତ ପଠାଇବ। ଅନ୍ୟପକ୍ଷେ ଭାରତର କେଉଁ ଅଭୟାରଣ୍ୟରେ ଏହି ଜଳହସ୍ତୀଙ୍କୁ ରଖାଯିବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ତେବେ ଏହି ଅଭିଯାନରେ ମୋଟ ୩.୫ ମିଲିୟନ୍ ଡଲାର ଖର୍ଚ୍ଚ ହେବ ବୋଲି ଓଷ୍ଟକ ଅଭୟାରଣ୍ୟ ମାଲିକ ଇର୍ନେଷ୍ଟୋ ଜାଜୁଏଟା କହିଛନ୍ତି।

ଜଳହସ୍ତୀଙ୍କ ସଂଖ୍ୟା ନିୟନ୍ତ୍ରଣକୁ ଆଣିବା ପାଇଁ କଲମ୍ବିଆ ସରକାର ବନ୍ଧ୍ୟାକରଣ ଉପାୟ ଅବଲମ୍ବନ କରି ବିଫଳ ହେବାପରେ ସେମାନଙ୍କୁ ମାରିବା ଲାଗି ମଧ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ଦେଶରେ ଜଳହସ୍ତୀଙ୍କ ସଂଖ୍ୟା ଦ୍ରୁତ ବେଗରେ ବଢ଼ିଚାଲିଥିବା ଗତବର୍ଷ କଲମ୍ବିଆ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ବହୁ ବିଫଳତା ପରେ ଜଳହସ୍ତୀଙ୍କ ସଂଖ୍ୟା କମାଇବା ପାଇଁ ସେମାନଙ୍କୁ ସ୍ଥାନାନ୍ତର କରାଯିବା ସବୁଠାରୁ ନିରାପଦ ଏବଂ ସୁରକ୍ଷିତ ପଦକ୍ଷେପ ବୋଲି ସରକାର କହିଛନ୍ତି।



## ପୋଖରୀ ହୁଡ଼ାରେ ନରକଙ୍କାଳ

ଜଳେଶ୍ୱର, ୩୦।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଗୋପୀମୋହନପୁର ପଞ୍ଚାୟତ ଅଧୀନ ସରସିଦା ଗ୍ରାମର ୨ଜଣ ଯୁବକ ଗୁରୁବାର ଏକ ପରିତ୍ୟକ୍ତ ପୋଖରୀକୁ ଯାଇଥିବା ବେଳେ ପୋଖରୀ ହୁଡ଼ାରେ ଏକ ନରକଙ୍କାଳ ପଡ଼ିଥିବା ଦେଖି ଗ୍ରାମ ମୁଖିଆଙ୍କୁ ଜଣାଇଥିଲେ। ଗ୍ରାମବାସୀ ଜଳେଶ୍ୱର ଥାନାକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଉକ୍ତ ନରକଙ୍କାଳ ଜବତ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଉକ୍ତ ନରକଙ୍କାଳ ଗୋପୀମୋହନପୁର ପଞ୍ଚାୟତସ୍ଥିତ ବାସୁଲିଆ ଗ୍ରାମର ୮୫ ବର୍ଷୀୟା ବୃଦ୍ଧା ଜସ୍ମିନ ମୁର୍ମୁ ବଲି ଜଣାପଡିଛି। ସେ ୧୪/୧୫ ଦିନ ହେବ ନିଖୋଜ ଥିଲେ। ତେବେ ବୃଦ୍ଧାଙ୍କୁ କିଏ ହତ୍ୟା କରି ଏଠାରେ ଫିଙ୍ଗି ଦେଇଛି ନା ସେ ନିଜେ ଆତ୍ମହତ୍ୟା କରିଛନ୍ତି, ଅଧିକ ତଦନ୍ତ ପାଇଁ ଜଳେଶ୍ୱର ପୋଲିସ ଉକ୍ତ ନରକଙ୍କାଳକୁ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।




# ମାଗଣା ହେଲା ମଲିକ୍ୟୁଲାର ପରୀକ୍ଷା

## 'ନିଦାନ' ଯୋଜନା

- ଘରୋଇ ସଂସ୍ଥା ସହ ସ୍ୱାସ୍ଥ୍ୟ ବିଭାଗର ଚୁକ୍ତି
- ଆଚାର୍ଯ୍ୟ ହରିହର କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍‌ରେ ଆରମ୍ଭ ହେଲା ଟେଷ୍ଟ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାର ଆଉଏକ ବଡ ପଦକ୍ଷେପ ନେଇଛନ୍ତି। ଏଣିକି ଟ୍ୟୁମରର ମଲିକ୍ୟୁଲାର ପରୀକ୍ଷାକୁ ମାଗଣାରେ କରାଯିବ। 'ନିଦାନ' ଯୋଜନା ମାଧମରେ ଜନସାଧାରଣ ଏହାର ସୁବିଧା ପାଇବେ ଓ ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଏକ ଘରୋଇ ସଂସ୍ଥା 'ଇନ୍ ଡିଏନ୍ଏ ଲାବରେଟୋରି' ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ୍(ଓଏସ୍ଏମ୍ସିଏଲ୍) ପକ୍ଷରୁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଏହି ଲାବରେଟୋରି ଚୟନ ହୋଇଛି। ଅପରପକ୍ଷେ ଗୁରୁବାରଠାରୁ ଆଚାର୍ଯ୍ୟ ହରିହର କ୍ୟାନ୍ସର ଇନ୍ଷ୍ଟିଚ୍ୟୁଟ୍‌ରେ ମଲିକ୍ୟୁଲାର ଟେଷ୍ଟ ଆରମ୍ଭ ହୋଇଛି। ଓଏସ୍ଏମ୍ସିଏଲ୍ ଓ ଇନ୍ ଡିଏନ୍ଏ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଖୁବ୍‌ଶୀଘ୍ର କ୍ୟାପିଟାଲ ହସ୍ପିଟାଲ, ଏସ୍‌ସିବି, ଏମ୍‌କେସିଜି, ଭିମ୍‌ସାର୍, ପିଏଆର୍‌ଏମ୍‌ଏମ୍‌ସିଏଚ୍, ଏଫ୍‌ଏମ୍‌ଏମ୍‌ସିଏଚ୍, ବିବିଏମ୍‌ସିଏଚ୍, ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍‌ଏବଂରାଉରକେଲା ଆର୍‌ଜିଏଚ୍ ହସ୍ପିଟାଲ୍‌ଗୁଡିକରେ ଏହି ସୁବିଧା ଉପଲବ୍ଧ ହେବ। ଏହି ହସ୍ପିଟାଲଗୁଡିକରୁ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରର ଇନ୍ ଡିଏନ୍ଏ ଲାବରେଟୋରିରେ ପରୀକ୍ଷା କରାଯିବ ଏବଂ ରିପୋର୍ଟଗୁଡିକ ପୁନର୍ବାର ସମ୍ପୃକ୍ତ ହସ୍ପିଟାଲରେ ଦାଖଲ କରାଯିବ। ଟ୍ୟୁମରର ମଲିକ୍ୟୁଲାର ପରୀକ୍ଷା କର୍କଟ ଚିକିତ୍ସା କ୍ଷେତ୍ରରେ ହେଉଥିବା ପରୀକ୍ଷଣର ଏକ ଉନ୍ନତ ସଂସ୍କରଣ। ଏହା ଟ୍ୟୁମର ବାୟୋଲୋଜିକୁ ବୁଝିବାରେ ସହାୟକ ହୋଇଥାଏ ଏବଂ ଚିକିତ୍ସା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ତେବେ ଏହି ପରୀକ୍ଷା ବ୍ୟୟବହୁଳ ହୋଇଥିବାରୁ ଅନେକ ସମୟରେ ରୋଗୀମାନେ ଠିକ୍ ସମୟରେ ଏହାକୁ କରି ନ ଥାନ୍ତି। ଫଳରେ ସଂକ୍ରମଣ ବଢିଯାଏ। ମାତ୍ର ଏବେ ମଲିକ୍ୟୁଲାର ପରୀକ୍ଷା ମାଗଣାରେ ହେବାଦ୍ୱାରା କର୍କଟ ରୋଗୀଙ୍କ ଚିକିତ୍ସାରେ ବଡ ପରିବର୍ତ୍ତନ ବା ସଫଳତା ମିଳିପାରିବ ବୋଲି ଆଶା କରାଯାଉଛି।

# ୨୪ ଘଣ୍ଟାରେ ୩,୦୧୬ ସଂକ୍ରମିତ

## ୬ ମାସରେ ସର୍ବାଧିକ

ନୂଆଦିଲ୍ଲୀ, ୩୦।୩

ଦେଶରେ କୋଭିଡ୍-୧୯ ଭୂତାଣୁ ସଂକ୍ରମଣ କ୍ରମାଗତ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୩,୦୧୬ ମହାମାରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୬ ମାସ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ ବୋଲି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଦୈନିକ ପଜିଟିଭିଟି ହାର ୨.୭% ରେକର୍ଡ କରାଯାଇଛି। ଗତବର୍ଷ ଅକ୍ଟୋବର ୨ରେ ଦେଶରେ ୩,୩୭୫ ଦୈନିକ ସଂକ୍ରମିତ ଚିହ୍ନଟ କରାଯାଇଥିଲା।



ଚଳିତ ସପ୍ତାହରେ ସଂକ୍ରମଣ ବଢୁଥିବା ରାଜ୍ୟଗୁଡ଼ିକ ଜରୁରୀ ବୈଠକ କରିବାକୁ ଯାଉଛନ୍ତି। ଜାନୁଆରୀ ୧୬ ସୁଦ୍ଧା ଦିଲ୍ଲୀରେ କରୋନା ଆକ୍ରାନ୍ତ ସଂଖ୍ୟା ଶୂନ୍ୟ ଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୦୦ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଗୁରୁବାର ଏଏପି ସରକାରଙ୍କ ପକ୍ଷରୁ ରିଭ୍ୟୁ ବୈଠକ ବସିଥିଲା। ସଂକ୍ରମଣ ବୃଦ୍ଧିକୁ ନେଇ ବ୍ୟସ୍ତ ନ ହୋଇ ମାସ୍କ ପରିଧାନକୁ ଗୁରୁତ୍ୱ ଦେବା ଲାଗି ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଅଧ୍ୟକ୍ଷତାରେ ରିଭ୍ୟୁ ମିଟିଂ କରାଯିବ। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରୁ ୩, ଦିଲ୍ଲୀରୁ ୨ ଏବଂ ହିମାଚଳ ପ୍ରଦେଶରେ ଜଣଙ୍କର ମୃତ୍ୟୁ ଘଟିଛି। ଅଦ୍ୟାବଧି ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୩୦,୮୬୨ରେ ପହଞ୍ଚିଛି। ଦେଶରେ କୋଭିଡ୍‌ଜନିତ ମୃତ୍ୟୁ ହାର ୧.୧୯% ରେକର୍ଡ କରାଯାଇଛି। ଅନ୍ୟପକ୍ଷେ କେରଳରେ ୮ ଜଣ କରୋନାରୁ ସୁସ୍ଥ ହୋଇଥିବାବେଳେ ଦେଶରେ କୋଭିଡ୍ ରିକୋଭରି ହାର ୯୮.୭୮% ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ ୪,୪୧,୬୮,୩୨୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# 'ବିଶ୍ୱସ୍ତରୀୟ ହେବ କଟକ ରେଳଷ୍ଟେଶନ'

- ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ ଚଳାଚଳ ଶୁଭାରମ୍ଭ
- ପୁନଃ ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦୩ କୋଟି

କଟକ ଅଫିସ,୩୦।୩

କଟକ ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ ଷ୍ଟେଶନ ଭାବେ ବିକଶିତ କରାଯିବ। କଟକ ଷ୍ଟେଶନର ପୁନଃ ନିର୍ମାଣ ପାଇଁ ୩୦୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଶ୍ରୀରାମ ନବମୀ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର କଟକ ରେଳଷ୍ଟେଶନଠାରେ ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରି ଏହି ସୂଚନା ଦେଇଛନ୍ତି। ଏଥିସହ ସେ ଆହୁରି କହିଛନ୍ତି, ଚଳିତବର୍ଷ ରେଲୱେ ରାଜ୍ୟରେ ୪୦୦ କିଲୋମିଟର ରେଲ୍ ଲାଇନ ନିର୍ମାଣ କରିଛି, ଯାହା ଏକ ରେକର୍ଡ। ଏହାପୂର୍ବରୁ ଅର୍ଥାତ୍ ୨୦୦୯ରୁ ୨୦୧୪ ମଧ୍ୟରେ କେବଳ ୫୦ କିଲୋମିଟର ରେଳପଥ ରାଜ୍ୟରେ ନିର୍ମାଣ କରାଯାଇଛି। ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ ଚଳାଚଳ ପାଇଁ ଦୀର୍ଘ ଦିନର ଦାବି ଥିଲା। ଏହାଦ୍ୱାରା ରେଳଯାତ୍ରୀଙ୍କୁ ଉନ୍ନତ ସେବା ମିଳିବ। ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର ଓ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହର ଦେଇ ଭଦ୍ରକ ଏବଂ ନୟାଗଡ଼ ଜିଲା ମଧ୍ୟରେ ସିଧାସଳଖ ଏହି ଟ୍ରେନ ରାଜ୍ୟର ୫ଟି ଜିଲାକୁ ସଂଯୋଗ କରୁଛି। ଏହା ଲୋକମାନଙ୍କର ବହୁଦିନର ଆକାଂକ୍ଷା ପୂରଣ କରିବ। ଭୁବନେଶ୍ୱର ରେଳ ଷ୍ଟେଶନ ପୁନଃ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ଏକ ନୂତନ ଟ୍ରେନ ଚଳାଚଳ ପାଇଁ ଘୋଷଣା କରାଯାଇଥିଲା, ଯାହାକି ବର୍ତ୍ତମାନ ପୂରଣ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି।

ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ମୋଦି ସରକାରରେ ଓଡ଼ିଶାକୁ ରେଳ ଅନୁଦାନ ବଢିଛି। ମୋଦି ସରକାରରେ ଓଡ଼ିଶାରେ ପ୍ରଗତିର ରଥ ଗତିଶୀଳ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା ପୂରଣ କରନ୍ତି। ଓଡ଼ିଶାର ବିକାଶ ପାଇଁ ପ୍ରତିବଦ୍ଧତା ଦେଖାଇଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ରାଜ୍ୟରେ ଯାତ୍ରୀଙ୍କ ସୁବିଧା ପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରଥମ ଥର ପାଇଁ ଓଡ଼ିଶାର ୫୭ଟି ରେଳଷ୍ଟେଶନର ନବୀକରଣ ହେବ। କଟକ, ଭୁବନେଶ୍ୱର, ପୁରୀ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଷ୍ଟେଶନ ଜାତୀୟ ସ୍ତରର ଷ୍ଟେଶନ କରାଯାଉଛି। ଖୁବ୍‌ଶୀଘ୍ର ଓଡ଼ିଶାରେ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱ ଓ ରେଳମନ୍ତ୍ରୀ ବୈଷ୍ଣବଙ୍କ ପରାମର୍ଶରେ ଦେଶର ଅର୍ଥନୀତିରେ ଓଡ଼ିଶାର ବହୁତ ବଡ଼ ଯୋଗଦାନ ରହିବ ବୋଲି ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ଧାମନଗରର ବିଧାୟକ ସୁରଜ ସୂର୍ଯ୍ୟବଂଶୀଙ୍କ ସମେତ ରେଳ ବିଭାଗର ବହୁ ଉଚ୍ଚପଦସ୍ଥ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଏହି ଟ୍ରେନ କଟକ ଷ୍ଟେଶନରୁ ଭଦ୍ରକ ଅଭିମୁଖେ ଯାତ୍ରାରମ୍ଭ କରିଥିଲା। ଟ୍ରେନ୍‌ଟି ପ୍ରତିଦିନ ଭଦ୍ରକ ଷ୍ଟେଶନରୁ ସକାଳ ୫.୪୫ରେ ଛାଡ଼ିବା ସହ ନୟାଗଡ଼ ଟାଉନ୍‌ରେ ପୂର୍ବାହ୍ନ ୧୧.୪୫ରେ ପହଞ୍ଚିବ। ସେହିପରି ନୟାଗଡ଼ ଟାଉନ୍‌ରୁ ଅପରାହ୍ନ ୫.୦୫ରେ ଛାଡ଼ି ଭଦ୍ରକରେ ରାତି ୧୦.୪୫ରେ ପହଞ୍ଚିବ ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଅତିଥିମାନେ ଭଦ୍ରକ-ନୟାଗଡ଼ ଟାଉନ୍ ମେମୁ ଟ୍ରେନ୍ ଶୁଭାରମ୍ଭ କରୁଛନ୍ତି।




**ଆଜିର ମନ୍ତବ୍ୟ**

"ଭାରତର ସୀମା ସମ୍ପୂର୍ଣ୍ଣ ନିରାପଦ। ସେନା ପକ୍ଷରୁ କରାଯାଇଥିବା ସର୍ଜିକାଲ ଷ୍ଟ୍ରାଇକ୍ ଆତଙ୍କବାଦୀଙ୍କ ଅଣ୍ଟା ଭାଙ୍ଗିଦେଇଛି।
– ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓର ଉଣ୍ଡି ମାରିବ ହାତ
ରଖିବେ ମାରିବେ ଜଗନ୍ନାଥ।**

ଚୋରଙ୍କର ଚୋରି କରିବା ପାଇଁ ଭାଳେଣି। ସାଧାରଣତଃ ଚୋର ଚୋରି କଲାବେଳେ ଯେପରି ଅନ୍ୟ ହାତରେ ଧରା ପଡ଼ି ନ ଯାଏ ସେନେଇ ସେ ସଦାସର୍ବଦା ସତର୍କତା ଅବଲମ୍ବନ କରିଥାଏ। ଏପରିସ୍ଥଳେ ବେଳକାଳ ଦେଖି ସୁଯୋଗ ଉଣ୍ଡି ଚୋରି କରିବାକୁ ଉଦ୍ୟମ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଳି ଗୁଣେ କୋଳି
ପଲମ ଗୁଣେ ସରୁ ଚକୁଳି
ଦଉଥା ପିଠଉ ଗୋଳି।**

ବଂଶର ଗୁଣ ଅନୁସାରେ ପିଲାର ଗୁଣ ମଧ୍ୟ ପ୍ରସ୍ଫୁଟିତ ହୋଇଥାଏ। ପଲମ ଠିକ୍ ଥିଲେ ସେଥିରେ ଭଲ ଚକୁଳି ପିଠା ଗଢ଼ି ହୋଇଥାଏ। ଯେଉଁ ଅନୁସାରେ ଯତ୍ନ କରାଯାଇଥାଏ, ସେଇ ଅନୁସାରେ ଫଳ ଫଳିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ପ୍ରତିବାଦରେ ନୂଆଦିଲ୍ଲୀର ରାଇସିନା ରୋଡ୍‌ରେ ଗୁରୁବାର ଆୟୋଜିତ 'ଲୋକତନ୍ତ୍ର ବଚାଓ' ରାଲିରେ ଏନ୍‌ଏସ୍‌ୟୁଆଇ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ତୁରନ୍ତ ବାଉଣ୍ଡାରି ୱାଲ୍ କରିବାକୁ ସୁପାରିସ

## ଓଏସ୍‌ଆର୍‌ଟିସି ସମ୍ପତ୍ତି ଜବରଦଖଲକୁ ନେଇ ଗୃହ କମିଟିର ଉଦ୍‌ବେଗ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ବହୁମୂଲ୍ୟ ସମ୍ପତ୍ତି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଦୀର୍ଘ ବର୍ଷ ହେବ ସେଗୁଡ଼ିକ ମୁକ୍ତ ହୋଇ ପାରୁନାହିଁ। ଏହାକୁ ନେଇ ବିଧାନସଭା ଗୃହ କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଜବରଦଖଲ ଜମିକୁ ପରିବହନ ବିଭାଗ ନିଜ ଅକ୍ତିଆରକୁ ନେବା ଲାଗି କମିଟି ସୁପାରିସ କରିଛନ୍ତି। ଜମିଗୁଡ଼ିକୁ ଓଏସ୍‌ଆର୍‌ଟିସି ନିଜ ଅଧୀନକୁ ଆଣି ବାଉଣ୍ଡାରି ୱାଲ ନିର୍ମାଣ କରିବାକୁ ପ୍ରଥମ ପର୍ଯ୍ୟାୟରେ ୬.୧୦ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିବାକୁ କମିଟି ତାଙ୍କ ରିପୋର୍ଟରେ ବିଭାଗକୁ ସୁପାରିସ କରିଛନ୍ତି। ସେହିପରି କମିଟି ଗମନାଗମନକୁ ତ୍ୱରାନ୍ୱିତ କରିବାକୁ ୪୧୦ ନୂଆ ବସ୍ କିଣିବାକୁ ୨୧୩ କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଡ୍ରାଇଭର ଓ ପାସେଞ୍ଜରମାନଙ୍କ ବିଶ୍ରାମ ସ୍ଥଳ ନିର୍ମାଣ କରିବା ସହ ଦୁର୍ଘଟଣାକୁ ଦୂର କରିବା ଲାଗି ଜାତୀୟ ରାଜପଥ କଡ଼ରୁ ଅଣଯୋଜନାରେ ନିର୍ମିତ ମାର୍କେଟଗୁଡ଼ିକୁ ହଟାଇବାକୁ କମିଟି ପରାମର୍ଶ ଦେଇଛି। ଏଥିସହିତ ଯୁବପିଢ଼ିଙ୍କୁ ଡ୍ରାଇଭିଂ ଲାଇସେନ୍ସ ଦେବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଏବଂ ପରିବହନ ବିଭାଗର ଖାଲି ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କମିଟି ବିଭାଗକୁ ସୁପାରିସ କରିଛନ୍ତି। ରାଜ୍ୟରେ ପର୍ଯ୍ୟଟନ ସ୍ଥଳକୁ ବସ ଚଳାଚଳ ପର୍ଯ୍ୟାପ୍ତ ନାହିଁ। ଫଳରେ ପର୍ଯ୍ୟଟକମାନଙ୍କର ଆଗମନ ହ୍ରାସ ପାଉଛି। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବସ ଚଳାଇବା ପାଇଁ କମିଟି ପରାମର୍ଶ ଦେଇଛି। ପରିବହନ ବିଭାଗ ଅଧୀନରେ ଥିବା ସମସ୍ତ ବସ୍‌କୁ ରାଜ୍ୟର ସବୁ ରୁଟ୍‌ରେ ଯିବାକୁ ଅନୁମତି ଦେବା ପାଇଁ କମିଟି ସୁପାରିସ କରିଛନ୍ତି। ରାଜ୍ୟରେ ଯୁବ ପାଇଲଟ୍‌ଙ୍କ ସଂଖ୍ୟା ବଢ଼ାଇବା ସକାଶେ ଭୁବନେଶ୍ୱର ବିମାନ ମନ୍ଦରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ କମିଟି ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ପ୍ରଥମ ପର୍ଯ୍ୟାୟରେ ୨୪ଟି ଜିଲାରେ ନିର୍ମାଣ ହେଉଥିବା ୫୫ଟି ବସଷ୍ଟାଣ୍ଡ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଦ୍ୱିତୀୟ ପର୍ଯ୍ୟାୟରେ ୧୦୦ଟି ବସଷ୍ଟାଣ୍ଡ ନିର୍ମାଣ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କମିଟି ସୁପାରିଶ କରିଛନ୍ତି। ଏଥିସହିତ ପରିବହନ ବିଭାଗର ସମ୍ପତ୍ତିକୁ ଜିଆଇଏସ୍ ଆଧାରିତ ପରିଚାଳନା ବ୍ୟବସ୍ଥା କରିବାକୁ ସୁପାରିସ କରାଯାଇଛି। ଦୁର୍ଘଟଣାରେ ମୃତାହତଙ୍କ କ୍ଷତିପୂରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପଞ୍ଚାୟତ, ପଞ୍ଚାୟତ ସମିତି ଓ ପୌର ପରିଷଦଗୁଡ଼ିକୁ ପ୍ରଚାର ପ୍ରସାର ଜୋରଦାର କରିବାକୁ ବିଧାନସଭା ଗୃହ କମିଟି ସୁପାରିସ କରିଛନ୍ତି।

# ହାଇକୋର୍ଟଙ୍କ ରାୟ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନ ଖାରଜ

### ଠିକାଦାରଙ୍କ ଉପରେ ଜରିମାନା ମାମଲା

**ନୂଆଦିଲ୍ଲୀ, ୩୦।୩**

ଓଡ଼ିଶା ହାଇକୋର୍ଟଙ୍କ ଏକ ରାୟ ବିରୋଧରେ ରାଜ୍ୟ ସରକାରଙ୍କ ପିଟିଶନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଜଣେ ଠିକାଦାର ନେଇଥିବା କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରି ନ ପାରିବାରୁ ଓଡ଼ିଶା ସରକାର ଏହାର ସମୟସୀମା ବଢ଼ାଇଥିଲେ। ଏହା ସତ୍ତ୍ୱେ ସରକାର ଉକ୍ତ ଠିକାଦାରଙ୍କ ଉପରେ ଜରିମାନା ଲଗାଇଥିଲେ। ଜରିମାନା ନିର୍ଦ୍ଦେଶକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେବା ପରେ ସରକାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କାର୍ଯ୍ୟ ଶେଷ ପାଇଁ ସମୟସୀମା ବଢ଼ାଇବା ସତ୍ତ୍ୱେ ଠିକାଦାରଙ୍କୁ ନୋଟିସ ନ ଦେଇ ଏକତରଫା ଭାବେ ସରକାର ଜରିମାନା ଲଗାଇବା ଠିକ୍ ନୁହେଁ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ କହିବା ସହ ସରକାରଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି।

ସୂଚନା ଅନୁଯାୟୀ, ଠିକାଦାର ଜଣକ ନୂଆପଡ଼ା ଜିଲାରେ ଖରିଆର–ବୋଡେନ୍–ସିନାପାଲି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଠିକା ନେଇଥିଲେ। ଏହି କାର୍ଯ୍ୟ ୨୦୦୯ ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ କୁହାଯାଇଥିଲା। ତେବେ ୨୦୧୪ ମାର୍ଚ୍ଚରେ କାର୍ଯ୍ୟ ଶେଷ ହୋଇଥିଲା। କାର୍ଯ୍ୟ ସମୟ ବଢ଼ାଇବା ପାଇଁ ଠିକାଦାର କରିଥିବା ଆବେଦନକୁ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ। ଏଥିସହିତ ବର୍ଦ୍ଧିତ ସମୟରେ କାର୍ଯ୍ୟ ବ୍ୟୟ ଅଟକଳ ଉପରେ ୦.୨୫ ପ୍ରତିଶତ ପେନାଲ୍ଟି ଲଗାଇଥିଲେ। ୨୦୧୯ରେ ଠିକାଦାର ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ରାଜ୍ୟ ଲଗାଇଥିବା ଜରିମାନାକୁ ହାଇକୋର୍ଟ ଖାରଜ କରିଦେଇଥିଲେ।

# ଭୁବନେଶ୍ୱର ଏମ୍ସରେ ସିବିଆଇ ଚଢ଼ାଉ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା (ଏମ୍‌ସ)ରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଏମ୍‌ସ ଫାର୍ମାସି ଷ୍ଟୋର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ହେବାପରେ ସିବିଆଇ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଚଢ଼ାଉ ବେଳେ ଟେଣ୍ଡର ସଂକ୍ରାନ୍ତୀୟ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଏଥିସହ ଉକ୍ତ ଷ୍ଟୋର କର୍ତ୍ତୃପକ୍ଷଙ୍କୁ ସିବିଆଇ ପକ୍ଷରୁ ପଚରାଉଚରା କରାଯାଇଛି। ଯାଞ୍ଚ ପାଇଁ ସିବିଆଇର ୨ଟି ଟିମ୍‌ରେ ୮ଜଣ ଅଧିକାରୀ ନିୟୋଜିତ ହୋଇଥିଲେ। ଟେଣ୍ଡର ପ୍ରଦାନ ପ୍ରକ୍ରିୟା ନେଇ ସିବିଆଇ ପକ୍ଷରୁ ଅଧିକ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଏନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ଶୁକ୍ରବାର ଏସଂକ୍ରାନ୍ତରେ ତଥ୍ୟ ରଖାଯିବ ବୋଲି ସୂଚନା ମିଳିଛି।

# ନାବାଳିକାଙ୍କୁ ଅପହରଣ, ମୁଣ୍ଡ ଜାମିନ ରଖି ଲକ୍ଷେ ଟଙ୍କା ଦାବି

**ପଟ୍ଟାମୁଣ୍ଡାଇ, ୩୦।୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୯ମ ଶ୍ରେଣୀରେ ପଢୁଥିବା ୧୪ବର୍ଷର ଛାତ୍ରୀଙ୍କୁ କେହି ଜଣେ ଅପହରଣ କରି ନେଇଛନ୍ତି। ଏଥିସହ ମୁଣ୍ଡ ଜାମିନ ରଖି ପରିବାରଠାରୁ ଲକ୍ଷେ ଟଙ୍କା ଦାବି କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଦଫା ୩୬୩ରେ ନଂ.୨୧୬/୨୩ରେ ମାମଲା ରୁଜୁ ହୋଇଛି। ପୋଲିସର ଘଟଣାର ଛାନ୍‌ଭିନ୍ ଚଳାଇଛି। ପ୍ରକାଶ ଯେ, ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୯ମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅ ନିକଟକୁ ଏକ ଅଜଣା ଫୋନ ନଂ.୯୮୬୧୬୮୩୫୯୪ରୁ କଲ ଆସିଥିଲା। ଏହି ନମ୍ବରରୁ ଫୋନ କରିଥିବା ଅଜଣା ବ୍ୟକ୍ତିଙ୍କ ଜଣକ ସମ୍ପୃକ୍ତ ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନରେ ପ୍ରଲୋଭିତ କରି ତାଙ୍କ ସହ ପଳାଇ ଯିବାକୁ ବାରମ୍ବାର କହି ଆସୁଥିଲା। ଗତ ୬ ତାରିଖରେ କେହି ଅଜଣା ବ୍ୟକ୍ତି ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ନେଇଥିଲେ। ୭ ତାରିଖରେ ଅପହରଣକାରୀ ପରିବାର ଲୋକଙ୍କୁ ଲକ୍ଷେ ଟଙ୍କା ଦାବି କରିଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ୮ ତାରିଖରେ ଏତଲା ଦିଆଯାଇଥିଲା। ପରିବାର ଲୋକେ ଏତଲା ଦେବା ସହ ବିଭିନ୍ନ ଆଡେ ଖୋଜାଖୋଜି କରିଥିଲେ। ଏବେ ଫୋନ ନଂ. ୬୩୭୧୫୮୩୭୧୪ରୁ କେହି ଅଜଣା ବ୍ୟକ୍ତି ନିଜକୁ ପୁରୀ ଜିଲା ପିପିଲି ଅଞ୍ଚଳର କହିବା ସହ କେତେବେଳେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଞ୍ଚଳର ବୋଲି କହୁଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଏହି ଅଜଣା ବ୍ୟକ୍ତି ଜଣକ ଲକ୍ଷେ ଟଙ୍କା ଦାବି କରିଛନ୍ତି। ଟଙ୍କା ନ ଦେଲେ ଝିଅକୁ ପାଇବା ସ୍ୱପ୍ନ ବୋଲି ବାରମ୍ବାର ପରିବାର ଲୋକଙ୍କୁ ଧମକ ଦେଇ ଆସୁଛନ୍ତି। ନିଜ ଝିଅର ଜୀବନ ବିପଦରେ ଥିବା ବାପା ଆଶଙ୍କା କରିଛନ୍ତି। ସମ୍ପୃକ୍ତ ନାବାଳିକା ଛାତ୍ରୀଙ୍କ ପରିବାର ଆଶା ଓ ଆଶଙ୍କାରେ ଥିବାବେଳେ ଝିଅର ଜୀବନ ପ୍ରତି ବିପଦ ଥିବା ଜାଣି ଭାଙ୍ଗି ପଡିଛନ୍ତି। ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଅପହୃତା ନାବାଳିକା ଛାତ୍ରୀଙ୍କ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଜୋସ୍‌ରେ ପାଳିଲେ...

ଜାତୀୟ ରାଜପଥ ଦେଇ ବାହାରିଥିଲେ। ପରେ ସେମାନେ ଖଣ୍ଡଗିରି, ଜାଗମରା, ସିଟି ମହିଳା ବିଦ୍ୟାଳୟ କଲେଜ ଟ୍ରାଫିକ୍, ରାଜଭବନ ଛକ, ଜୟଦେବ ବିହାର ହୋଇ ପୁଣି ବରମୁଣ୍ଡାକୁ ଫେରି ଶୋଭାଯାତ୍ରାକୁ ଶେଷ କରିଥିଲେ। ଏହି ସମୟରେ ମଧ୍ୟରେ ବିଭିନ୍ନ ସମୟ ଟ୍ରାଫିକ୍ ଜାମ୍ ହୋଇଥିଲା। ହେଲେ କର୍ମକର୍ତ୍ତମାନେ ଟ୍ରାଫିକ ନିୟମକୁ ଭୁଲି ହେଲ୍‌ମେଟ ପିନ୍ଧି ନ ଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଏନେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ସହରରେ ଶୋଭାଯାତ୍ରା କରିବାକୁ ସଂଗଠନଗୁଡ଼ିକ କିଛି ସ୍ଥାନରେ ଅନୁମତି ନେଇଥିବାବେଳେ ଆଉ କିଛି ସ୍ଥାନରେ ଅନୁମତି ନେଇନାହାନ୍ତି। ଶୋଭାଯାତ୍ରା ପାଇଁ ଭିନ୍ନ ଭିନ୍ନ ସର୍ତ୍ତ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ଆମ ପକ୍ଷରୁ ଠିକ ଭାବେ ପରିଚାଳନା କରାଯାଇଥିଲା। ଏଥିପାଇଁ ଅଧିକାରୀମାନେ ସବୁ ସ୍ଥାନରେ ଆଲର୍ଟ ଥିଲେ। ଯେଉଁମାନେ ବିନା ଅନୁମତି ନେଇ ଶୋଭାଯାତ୍ରା କରୁଥିଲେ ସେମାନଙ୍କୁ ନୋଟିସ୍ ଦିଆଯିବ। ବିନା ହେଲମେଟ୍‌ରେ ରାଲିରେ ବୁଲୁଥିବା ବାଇକ୍‌ଗୁଡ଼ିକୁ ବିଭିନ୍ନ ରାସ୍ତାରେ ଲାଗିଥିବା ସ୍ମାର୍ଟ କ୍ୟାମେରାରେ ସେମାନଙ୍କୁ ଚିହ୍ନଟ କରି ଅଟୋମେଟେଡ୍ ଚାଲାଣ କାଟିଥିବା ସେ କହିଛନ୍ତି। ତେବେ କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନରେ ହିନ୍ଦୁ ସଂଗଠନର ଏଭଳି ବିଶାଳ ରାଲି ପାଇଁ ସାଧାରଣ ଲୋକ ବହୁ ହଇରାଣ ହୋଇଛନ୍ତି। ଏହାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯିବା ସହ ନିନ୍ଦା ମଧ୍ୟ କରାଯାଇଛି।

## ମହାରାଷ୍ଟ୍ର, ଗୁଜରାଟ...

ସେହିପରି ପଶ୍ଚିମବଙ୍ଗର ହାଓ୍ୱଡ଼ାରେ ରାମନବମୀ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ଗୁରୁବାର ସନ୍ଧ୍ୟାରେ କାଜିପଡ଼ା ଦେଇ ଶୋଭାଯାତ୍ରା ଯାଉଥିବାବେଳେ ଉତ୍ତେଜନା ଦେଖାଦେଇଥିଲା। ଦୁର୍ବୃତ୍ତମାନେ ଅନେକ ଗାଡ଼ି ପୋଡ଼ିବା ସହ ବହୁ ଦୋକାନ ଭଙ୍ଗାରୁଜା କରିଥିଲେ। ନିଆଁ ଲିଭାଇବା ପାଇଁ ୪ଟି ଦମକଳ ଗାଡ଼ିକୁ ନିୟୋଜିତ କରାଯାଇଥିଲା। ପୋଲିସ କେତେଜଣଙ୍କୁ ଅଟକ ରଖିଛି। ସ୍ଥିତି ନିୟନ୍ତ୍ରଣକୁ ଆସିଥିବାବେଳେ ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ଗୁଜରାଟର ବଡୋଦରା ଜିଲା ଅନ୍ତର୍ଗତ ଫତେପୁରରେ ରାମ ନବମୀ ଶୋଭାଯାତ୍ରା ବେଳେ ଟେକାମାଡ଼ ହୋଇଛି। କେତେକ ଲୋକ ଘର ଛାତ ଉପରେ ରହି ଟେକା ଫିଙ୍ଗୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଟେକାମାଡ଼ରେ କେତେକ ଗାଡ଼ି ଭାଙ୍ଗିଯାଇଛି। ପୋଲିସ ସୁରକ୍ଷା ମଧ୍ୟରେ ଶୋଭାଯାତ୍ରା ନିର୍ଦ୍ଦିଷ୍ଟ ରାସ୍ତାରେ ଯାଇଥିଲା ବୋଲି ଡିସିପି କହିଛନ୍ତି।

## ତ୍ରିପୁରା ବିଧାନସଭାରେ...

୨୦୧୨ରେ କର୍ଣ୍ଣାଟକର ତତ୍କାଳୀନ ଭାଜପା ସରକାରର ୨ ମନ୍ତ୍ରୀ ଲକ୍ଷ୍ମଣ ସବାଦି ଏବଂ ସିସି ପାଟିଲ ରାଜ୍ୟ ବିଧାନସଭାରେ ଅଶ୍ଳୀଳ ଭିଡିଓ ଦେଖି ଅପଦସ୍ଥ ହୋଇଥିଲେ। ଏଥିପାଇଁ ଉଭୟଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ଦଳ ଉଭୟଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ଉଭୟେ ପୁନଃ ଅବସ୍ଥାପିତ ହୋଇଥିଲେ।

## ରାମନବମୀରେ ମନ୍ଦିର...



ବେଲେଶ୍ୱର ମହାଦେବ ମନ୍ଦିର କୂଅରେ ଉଦ୍ଧାର କାର୍ଯ୍ୟ ଚାଲିଛି।

ଆଲୋଚନା କରି ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ଇନ୍ଦୋର ସହରର ପଟେଲନଗର ଅଞ୍ଚଳରେ ଅବସ୍ଥିତ ବେଲେଶ୍ୱର ମହାଦେବ ମନ୍ଦିରରେ ରାମନବମୀ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ମନ୍ଦିର ପ୍ରାଙ୍ଗଣ ମଧ୍ୟରେ ଥିବା ଏକ ପୁରୁଣା କୂପ ଉପରେ ପଡ଼ିଥିବା ସିମେଣ୍ଟ କଂକ୍ରିଟ୍‌ର ଛାତ ଉପରେ ଭକ୍ତମାନେ ବସିଥିଲେ। ପୂଜାର୍ଚ୍ଚନା ଚାଲିଥିବାବେଳେ ହଠାତ୍ କୂଅର ସ୍ଲାବ୍ ଖସିପଡ଼ିଥିଲା। ଫଳରେ ତା' ଉପରେ ବସିଥିବା ୩୦ରୁ ଊର୍ଦ୍ଧ୍ୱ ଭକ୍ତ କୂଅ ଭିତରେ ଖସିପଡ଼ିଥିଲେ। ଉଦ୍ଧାରକାରୀ ଦଳ ଆସି ଯୁଦ୍ଧକାଳୀନ ଭିତ୍ତିରେ ସେମାନଙ୍କୁ ବାହାରକୁ ଆଣିବା ପାଇଁ ଉଦ୍ୟମ କରିଥିଲା। ରେସ୍କ୍ୟୁ ଟିମ୍ ଶିଡ଼ି ପକାଇ ୧୯ ଜଣଙ୍କୁ ଉଦ୍ଧାର କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ହସ୍ପିଟାଲରେ ଆଖି ବୁଜିଦେଇଥିଲେ। ଅନ୍ୟ ୧୧ ଜଣଙ୍କ ମୃତଦେହକୁ ଗଭୀର କୂପରୁ ବାହାର କରାଯାଇଛି। କୂଅର ଜଳ ନିଷ୍କାସନ କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ପ୍ରଶାସନ ସ୍ଥିତି ଉପରେ କଡ଼ା ନଜର ରଖିଛି ବୋଲି ଇନ୍ଦୋର ଜିଲାପାଳ ଟି. ରାଜା ସୂଚନା ଦେଇଛନ୍ତି। ଇନ୍ଦୋର ମେୟର ପୁଷ୍ୟମିତ୍ର ଭାର୍ଗବ, ପୋଲିସ ଟିମ୍ ଏବଂ ଷ୍ଟେଟ୍ ଡିଜାଷ୍ଟର ଏମର୍ଜେନ୍ସି ରେସ୍‌ପନ୍ସ ଫୋର୍ସ ଯବାନମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହାକୁ ଏକ ଦୁର୍ଭାଗ୍ୟଜନକ ଘଟଣା ଭାବେ ଅଭିହିତ କରି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିବରାଜଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ମହଙ୍ଗା ହେବ...

ଯୋଗାଣକାରୀ ଓ ରିଟେଲର ଫି'ରେ ସାମାନ୍ୟ ବୃଦ୍ଧି କରାଯାଇଛି। ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ କୌଣସି ପ୍ରକାରର ଅନ୍ ଶପ୍ ଲାଇସେନ୍ସ ପ୍ରଦାନ ନିମନ୍ତେ ନୂଆ ଆବେଦନ ଗ୍ରହଣ କରାଯିବ ନାହିଁ। କେବଳ ସହରାଞ୍ଚଳରେ ତାରକା ହୋଟେଲ ଓ ଅନ୍ୟ ହୋଟେଲଗୁଡ଼ିକର ରୁମ୍ ସଂଖ୍ୟାକୁ ଦୃଷ୍ଟିରେ ରଖି ଅବକାରୀ କମିଶନର ଅନ୍ ଶପ୍ ଲାଇସେନ୍ସ ପ୍ରଦାନ କରିପାରିବେ। ଅନ୍ ଶପ୍ ମଦ ଦୋକାନକୁ ଅଫ୍ ଶପ୍ ଭଳି କାଉଣ୍ଟର ବିକ୍ରି ଉପରେ କଟକଣା ଜାରି ହୋଇଛି। ସମସ୍ତ ଅଫ୍ ଶପ୍, ଅନ୍ ଶପ୍ ଲାଇସେନ୍ସଧାରୀଙ୍କୁ ସବୁ ପରିମାଣର ବିଦେଶୀ ମଦ ନେବାକୁ ପଡ଼ିବ। ତେବେ କେବଳ ଏଫ୍‌ଏଲ୍ ଅନ୍ ଶପ୍ ଲାଇସେନ୍ସଧାରୀଙ୍କୁ ଓଡ଼ିଶା ମଦ ନିଗମରୁ କେଜ୍ ବିୟର ଉଠାଇବାକୁ ଅନୁମତି ରହିଛି।

ବିୟର ପାର୍ଲରଗୁଡ଼ିକ ବିୟର ବିକ୍ରି ସହ ୱାଇନ୍ ମଧ୍ୟ ବିକ୍ରି କରିପାରିବେ। ଏହାସହିତ ଦେଶରେ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍‌ଏଫ୍‌ଏଲ୍) ଉପରେ ଅବକାରୀ ଟିକସ ସାମାନ୍ୟ ବୃଦ୍ଧି କରାଯାଇଛି। ତେବେ ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ (ଏଫ୍‌ଏମ୍‌ଏଫ୍‌ଏଲ୍), ୱାଇନ୍ ଓ ବିୟର ଦର ଅପରିବର୍ତ୍ତିତ ରହିବ। ରାଜ୍ୟ ସରକାର ଇଜି ଅଫ୍ ଡୁଇଙ୍ଗ୍ ବିଜିନେସକୁ ପ୍ରୋତ୍ସାହିତ କରିବା ନିମନ୍ତେ ପରମିଟ୍, ଲାଇସେନ୍ସ, ପେମେଣ୍ଟ ଆଦି ଫାଇଭ–ଟିକୁ କାର୍ଯ୍ୟକାରୀ କରିଛନ୍ତି। ଗୁଇନ୍ଦା ତଥ୍ୟ ଆଧାରରେ ଜ୍ଞାନକୌଶଳର ଉପଯୋଗ କରାଯାଇ ମଦ ଚୋରାଚାଲାଣ ଓ ବିକ୍ରି ଉପରେ ନିୟନ୍ତ୍ରଣକୁ କଡ଼ାକଡ଼ି କରାଯିବ। ଅନ୍ ଲାଇସେନ୍ସ ଓଟିଡିସି/ଆଇଟିଡିସି ହୋଟେଲଗୁଡ଼ିକୁ ଦିଆଯିବ। ତେବେ ଅସ୍ଥାୟୀ ଭାବେ ମଦ ବିକ୍ରି ପାଇଁ ଓଟିଡିସିକୁ ଲାଇସେନ୍ସ ପ୍ରଦାନ କରାଯିବ। ରାଜ୍ୟରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ଏହି ଲାଇସେନ୍ସ ଦିଆଯିବ ବୋଲି ସୂଚିତ କରାଯାଇଛି।

## ଆଉ ୧୦ ଖଣି...

ରାଜ୍ୟରେ ଏବେ ସୁଦ୍ଧା ୪୧ଟି ଖଣି ନିଲାମ ହୋଇଛି। ସେଥିରୁ ଏବେ ସୁଦ୍ଧା ୨୩ଟି ଖଣି କାର୍ଯ୍ୟକ୍ଷମ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଖଣିରୁ ୨୦୧୯–୨୦ରେ ୧,୯୨,୦୧,୯୭,୧୨୨, ୨୦୨୦–୨୧ରେ ୪୫,୪୩,୬୭,୫୮,୬୩୪, ୨୦୨୧–୨୨ରେ ୨,୩୨,୨୦,୮୪,୭୦,୩୧୦ ଏବଂ ୨୦୨୩ ଫେବୃୟାରୀ ସୁଦ୍ଧା ୧,୬୬,୩୦,୨୬,୮୮,୮୦୧ ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ଥିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ପ୍ରତ୍ୟେକ କାମ ପାଇଁ ଦୀର୍ଘସମୟ ଅପେକ୍ଷା କରିବାକୁ ପଡ଼ିବ। ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ବିବ୍ରତ କରାଇପାରେ। କିନ୍ତୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବାରେ ସମର୍ଥ ହେବେ।

**ବୃଷ** – ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଅଟକି ରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ବେଶ୍ ଭଲରେ ଚାଲିବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟାର ଆଶଙ୍କା ଦୂର ହୋଇଯିବ।

**ମିଥୁନ** – ମନୋବଳ ବୃଦ୍ଧି ପାଇ କାମ କରିବାର ଆଗ୍ରହ ଜନ୍ମିବ। କର୍ମକ୍ଷେତ୍ରରୁ ପ୍ରଶଂସା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ, ବ୍ୟବସାୟରେ ଆର୍ଥିକ ପ୍ରଗତି କରିବେ। କାର୍ଯ୍ୟ ହାସଲ ଲାଗି ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟକ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ** – ସହକର୍ମୀଙ୍କ ଅସହଯୋଗରୁ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ସ୍ୱଗୃହୀ ଚନ୍ଦ୍ର ପ୍ରଭାବରୁ ଅପରାହ୍ଣରେ ଟେନ୍‌ସନ କିଛିମାତ୍ରାରେ କମିଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ବିଜାତୀୟ ଜାତି ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପୁଷ୍ୟା ନକ୍ଷତ୍ରର ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପନ୍ନ ହେବନାହିଁ।

**ସିଂହ** – ବନ୍ଧୁଙ୍କ ନିକଟରୁ ସକାଳୁ ସକାଳୁ ଶୁଭଖବର ପାଇ ମନ ପ୍ରଫୁଲ୍ଲ ହୋଇଯିବ। କୌଣସି ଧାର୍ମିକ କାର୍ଯ୍ୟ, ସତ୍‌ସଙ୍ଗ, ଦେବାର୍ଚ୍ଚନା କରିବାକୁ ମନ ବଳାଇବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** – ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ଶୁଣିବାକୁ ପଡ଼ିବ। ଶନିଙ୍କ ପ୍ରଭାବରୁ ଆର୍ଥିକ ଅନଟନ ଓ ଧନହାନି ହେତୁ ପାରିବାରିକ କ୍ଷେତ୍ର ଅଶାନ୍ତ ରହିବ। ଖଳ ଲୋକମାନଙ୍କ ଦ୍ୱାରା କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇଦେବ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ତୁଳା** – ବନ୍ଧୁଙ୍କ ଜରିଆରେ ଧର୍ମକାର୍ଯ୍ୟ ପାଇଁ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ତଥାପି ବିଭିନ୍ନ ସମସ୍ୟା ଜନିତ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବନାହିଁ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରୁ ମନେ ମନେ ବିରକ୍ତ ହେବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ।

**ବିଛା** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅନୁରାଧା ନକ୍ଷତ୍ରର ଅପରାହ୍ଣରେ ଟେନ୍‌ସନ ବଢ଼ିପାରେ।

**ଧନୁ** – ଦୀର୍ଘଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇପାରନ୍ତି। ଅଯଥା କପୋଳକଳ୍ପିତ ଆଶଙ୍କା କରି ବ୍ୟସ୍ତବିବ୍ରତ ହେବାରୁ ବିରତ ହେବା ଭଲ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସହକର୍ମୀ ଦୂରେଇ ରହିବେ।

**ମକର** – ପରିସ୍ଥିତିର ତାଡ଼ନାରେ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ଆବଶ୍ୟକତା ପୂରଣ ଲାଗି ଧାର କରଜ କରିବାକୁ ବାଧ୍ୟ ହୋଇପାରନ୍ତି। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ମାତାପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା, ଶୁଭକାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧଭାବନା ମନରେ ଭାବାନ୍ତର ସୃଷ୍ଟି କରିବ। ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇପାରନ୍ତି।

**ମୀନ** – ଅର୍ଥନୈତିକ ଅବରୋଧ କେତେକ କାମକୁ ଅଟକାଇ ଦେଇପାରେ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବନ୍ଧୁଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ ବୁଝାମଣାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିବେ।

ଆଜି ଚୈତ୍ର ଶୁକ୍ଳ ଦଶମୀ ଶୁକ୍ରବାର, ମାର୍ଚ୍ଚ ୩୧ ତାରିଖ, ଆଜି ବାସନ୍ତିକ ଦଶହରା, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା, ଆର୍ଥିକ ବର୍ଷର ଶେଷ ଦିବସ, ରାଶି ନକ୍ଷତ୍ର–ପୁଷ୍ୟା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୫ମି. ଗତେ ଘ.୦୬।୩୪ମି. ମଧ୍ୟେ, ଘ.୦୭।୨୨ମି. ଗତେ ଘ.୦୮।୪୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୯ମି. ଗତେ ଘ.୧୧।୫୧ମି. ମଧ୍ୟେ ରାହୁକାଳ।




# ଟ୍ରାକିଂ କ୍ୟାମେରାରେ କଏଦ ହେଲା କଲରାପତରିଆ

**ନୂଆପଡ଼ା ଅଫିସ,୩୦।୩**

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ସାନମତି ବାରିକ (୬୮)ଙ୍କୁ ଗତ ୧୯ ତାରିଖ ରାତିରେ ମହାବଳ ବାଘ ଖାଇ ଦେବା ପରେ ଗାଁରେ ଆତଙ୍କ ଖେଳିଯାଇଛି। ବାଘର ଗତିବିଧିକୁ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ୧୫ଟି ଟ୍ରାକିଂ କ୍ୟାମେରା ଲଗାଯାଇଥିଲା। ଗୁରୁବାର ଭୋର ପ୍ରାୟ ୫ଟା ବେଳେ ବାଘ ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ନେଇ ସୁନାବେଡ଼ା ରେଞ୍ଜର ଶିବ ପ୍ରସାଦ ଖମାରୀ ସୂଚନା ଦେଇଛନ୍ତି। ଏହା କଲରାପତରିଆ ବାଘ ବୋଲି ସ୍ପଷ୍ଟ ଜଣାପଡ଼ିଛି। କ୍ୟାମେରାରେ ଫଟୋ କଏଦ ହେବା ପରେ ବନ ବିଭାଗ ପକ୍ଷରୁ ବାଘର ଗତିବିଧି ଉପରେ ତିକ୍ଷ୍ଣ ନଜର ରଖାଯାଇଛି। ବିଭାଗୀୟ କର୍ମଚାରୀମାନେ ସେଠାରେ ଦିନରାତି ପାଟ୍ରୋଲିଂ କରୁଛନ୍ତି।

ସୂଚନାଯୋଗ୍ୟ, ଗତ ୧୯ ତାରିଖରୁ ନୂଆପଡ଼ା ଜିଲା ସୁନାବେଡ଼ା ଅଭୟାରଣ୍ୟ ଜଲମଡେଇ ଗାଁରେ ଜଣେ ବୃଦ୍ଧାଙ୍କ ସମେତ ୪ଟି ଗୃହପାଳିତ ପ୍ରାଣୀ ବାଘ ଶିକାର କରି ସାରିଲାଣି। ଛତିଶଗଡ ସୀମାନ୍ତକୁ ଲାଗି ୬ ଶହ ବର୍ଗ କି.ମି. ପରିବ୍ୟାପ୍ତ ସୁନାବେଡା ଅଭୟାରଣ୍ୟ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ସଙ୍କୁଚିତ ବାସସ୍ଥଳି ଓ ଖାଦ୍ୟାଭାବ ଯୋଗୁ କଲରାପତରିଆ ବାଘ ଗାଁ ମୁହାଁ ହୋଇ ଶିକାର କରୁଛି। ବାଘ ଆତଙ୍କରେ ଜୀବନ ଜୀବିକା ପ୍ରଭାବିତ ହେବା ସହ ଲୋକେ ବାହାରକୁ ବାହାରୁନାହାନ୍ତି।


ଟ୍ରାକିଂ କ୍ୟାମେରାରେ କଏଦ ହୋଇଥିବା କଲରାପତରିଆ ବାଘ।

# ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନ ଶିକ୍ଷକ ଗିରଫ

**କେନ୍ଦୁଝର,୩୦।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ ଡିମିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍କୁଲର ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଭାବକମାନେ ତେଲକୋଇ ଥାନାରେ ଏତଲା ଦେବା ସହ ପ୍ରଧାନ ଶିକ୍ଷକଙ୍କୁ ତାଲା ପକାଇ ରଖିଥିଲେ। ପୋଲିସ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଅଭିଯୋଗ ଆନୁଯାୟୀ, ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ସେନାପତି (୫୫)ସପ୍ତମ ଓ ଅଷ୍ଟମ ଶ୍ରେଣୀର ଆଦିବାସୀ ଛାତ୍ରୀମାନଙ୍କୁ ବିଭିନ୍ନ ବାହାନାରେ ଛୁଟି ପରେ ଅଫିସରେ ଅଟକାଉଥିଲେ। ଅସଦାଚରଣ କରିବା ସହ କାହାକୁ ଏ ସମ୍ପର୍କରେ କିଛି ନ କହିବାକୁ ଧମକ ଦେଉଥିଲେ। ଏଭଳି ୧୨ ଜଣ ଆଦିବାସୀ ଛାତ୍ରୀ ଅସଦାଚରଣର ଶିକାର ହୋଇ ଅଭିଭାବକ, ବିଦ୍ୟାଳୟ କମିଟି ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଅସଦାଚରଣ ଅଭିଯୋଗ ଶୁଣି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ବୁଧବାର ଏକ ବୈଠକ ବସିଥିଲା। ଏନେଇ ପ୍ରଧାନ ଶିକ୍ଷକଙ୍କୁ ପକ୍ଷ ରଖିବାକୁ ଡକାଯାଇଥିଲା। ମାତ୍ର ସେ ବୈଠକକୁ ନ ଆସିବାରୁ ଅଭିଭାବକମାନେ ବିଦ୍ୟାଳୟ ଘେରାଉ କରି ପ୍ରଧାନ ଶିକ୍ଷକ ରହୁଥିବା ରୁମ୍‌ରେ ତାଲା ପକାଇ ଦେଇଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ତେଲକୋଇ ପୋଲିସ ଓ ବ୍ଲକ୍ ଶିକ୍ଷା ଅଧିକାରୀ ସୁଭାଷ ଚାନ୍ଦ ମହାନ୍ତି ପହଞ୍ଚି ବୁଝାଶୁଝା କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ ପୋଲିସ ପ୍ରଧାନ ଶିକ୍ଷକଙ୍କୁ ଅଟକ ରଖିଥିଲା। ତେଲକୋଇ ଥାନାରେ (ନଂ.୫୧/୨୩) ମାମଲା ରୁଜୁ ହୋଇଛି। ଦଫା ୩୬୪(ଏ), ୮,୧୦, ପୋକ୍‌ସୋ ଆକ୍ଟରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋର୍ଟଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରିଣୀ ସାଇପ୍ରଭା ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷେ ଅଭିଯୋଗ ମିଥ୍ୟା ବୋଲି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ନାରାୟଣ ସଫେଇ ଦେଇଛନ୍ତି।

# ଆଜି ବିଧାନସଭାରେ ଆଗତ ହେବ ବ୍ୟୟ ମଞ୍ଜୁରୀ ବିଲ୍



**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଶୁକ୍ରବାର ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ ଆଗତ ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବିଲ୍ ବିଧାନସଭାର ଅନୁମୋଦନ ପାଇଁ ଉପସ୍ଥାପନ କରିବେ। ଏହା ପୂର୍ବରୁ କେତେକ ପ୍ରମୁଖ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବା ପରେ ବୁଧବାର ୨୫ଟି ବିଭାଗର ଖର୍ଚ୍ଚ ଦାବି ଗିଲୋଟିନରେ ପାରିତ ହୋଇଛି। ଆସନ୍ତା ଆର୍ଥିକବର୍ଷ ସକାଶେ ରାଜ୍ୟ ସରକାର ୨ ଲକ୍ଷ ୩୦ ହଜାର କୋଟିର ବଜେଟ ପ୍ରସ୍ତୁତ କରିଛନ୍ତି। ଗତ ଆର୍ଥିକବର୍ଷ ତୁଳନାରେ ବଜେଟର ଆକାର ୩୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ବଜେଟରେ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ଜନଜାତି ବିକାଶ, ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତାବର୍ଷ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଯୁବ, ମହିଳା, ଚାଷୀ, ଉଦ୍ୟୋଗୀ, ଏସ୍‌ସି/ଏସ୍‌ଟି ବର୍ଗଙ୍କୁ ଆକୃଷ୍ଟ କରିବାକୁ ବଜେଟରେ ମାଳମାଳ ନୂଆ ଯୋଜନା କରାଯାଇଛି। ରାଜ୍ୟ ସରକାର ବଜେଟରେ ୨୪ଟି ନୂଆ ଯୋଜନା ପାଇଁ ବ୍ୟୟବରାଦ କରିଛନ୍ତି। ସେଥିରେ ୮ଟି ମୁଖ୍ୟମନ୍ତ୍ରୀ ଯୋଜନା ରହିଛି। ଏ ସମସ୍ତ ଯୋଜନା ପାଇଁ ବଜେଟରେ ୭ ହଜାର ୪୦୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

G20 ଭାରତ 2023 INDIA
ଗାନ୍ଧୀ ଶିଳ୍ପ ବଜାର
Azadi Ka Amrit Mahotsav
ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ
ଭାରତର ପ୍ରମୁଖ କାରିଗର ମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ଗୁଡିକର ପ୍ରଦର୍ଶନୀ ଏବଂ ବିକ୍ରୟ
ସ୍ଥାନ ଏବଂ ସମୟ
ସ୍ଥାନ : ଏକାମ୍ର ହାଟ, ୟୁନିଟ୍-୩, ଭୁବନେଶ୍ୱର, ଓଡିଶା
ତା ୩୧.୦୩.୨୦୨୩ ରିଖ ଠାରୁ ତା ୦୯.୦୪.୨୦୨୩ ରିଖ ପର୍ଯ୍ୟନ୍ତ
ସକାଳ ଘ ୧୦ ଠାରୁ ରାତ୍ର ଘ ୯ ପର୍ଯ୍ୟନ୍ତ
ଶୁଭ ଉଦ୍‌ଘାଟନ
ଶ୍ରୀଯୁକ୍ତ ବିକ୍ରମାଦିତ୍ୟ ବାରିକ, ଓ.ପ୍ର.ସେ (ବରିଷ୍ଠ ପ୍ରଶାସନିକ ବର୍ଗ)
ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର
ତା ୩୧.୦୩.୨୦୨୩ ସନ୍ଧ୍ୟା ଘ. ୬ ଟିକା
ଉକ୍ତ ପ୍ରଦର୍ଶନୀରେ ବହୁସଂଖ୍ୟାରେ ପରିବାର ଓ ବନ୍ଧୁ ପରିଜନମାନଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନୀ ଉପଭୋଗ କରିବା ନିମନ୍ତେ ଅନୁରୋଧ।
ପ୍ରାୟୋଜକ : Indian handicrafts Continuing Tradition
ବିକାଶ ଆୟୁକ୍ତ (ହସ୍ତଶିଳ୍ପ) କାର୍ଯ୍ୟାଳୟ, ବସ୍ତ୍ର ମନ୍ତ୍ରଣାଳୟ ଭାରତ ସରକାର, ନୂଆ ଦିଲ୍ଲୀ
ଆୟୋଜକ : ଡୋଭ, ଅନୁଗୋଳ, ଓଡିଶା

# ୨ ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା

## ମହୁଲ ଗୋଟାଇବାକୁ ଯାଇ ଜୀବନ ଗଲା

**ସାତମାଇଲ, ୩୦।୩(ଡି.ଏନ୍.ଏ.)**

ମହୁଲ ଫୁଲ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିବାବେଳେ ଦନ୍ତା ଆକ୍ରମଣରେ ଲିଭିଯାଇଛି ୨ ବୃଦ୍ଧାଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଦୁଦୁରୁକୋଟ ଗ୍ରାମରେ ଗୁରୁବାର ଭୋର୍ ସମୟରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ସ୍ୱର୍ଗତ ମଙ୍ଗୁଲୁ ସାମଲଙ୍କ ସ୍ତ୍ରୀ ପୁଟି ସାମଲ (୮୪) ଏବଂ ନବ ମାଝିଙ୍କ ସ୍ତ୍ରୀ ଅଗାରୀ ମାଝି (୭୩)। ପରିବାର ଲୋକଙ୍କ କହିବା କଥା, ପୁଟି ଏବଂ ଅଗାରୀ ଭୋର୍ ସମୟରେ ମହୁଲ ଗୋଟାଇବାକୁ ଘର ନିକଟ ମହୁଲ ବୋରିକୁ ଯାଇଥିଲେ। ଏହି ସମୟରେ ଏକ ଦନ୍ତା ହଠାତ୍ ଉଭୟଙ୍କୁ ଗୋଡ଼ାଇ ଦଳିଦେଇଥିଲା। ସୂଚନା ପାଇ ପରିବାର ଲୋକେ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଏବଂ ଅଞ୍ଚଳବାସୀ ତାରିଣୀ ଛକ ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଜଣଙ୍କୁ ଚାକିରି ଦେବାକୁ ସେମାନେ ଦାବି କରିଥିଲେ। ସୂଚନା ପାଇ ରେଞ୍ଜର ଲୋହିତ ରଥ, ଏସ୍‌ଡିପିଓ ଦୀପକ ଜେନା ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ବାବଦ ୪ ଲକ୍ଷ ଟଙ୍କା ଏକକାଳୀନ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୧ଟାରେ ଆନ୍ଦୋଳନ ହଟିଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା।

ଢେଙ୍କାନାଳ ଜିଲାର ସର୍ବାଧିକ ହାତୀ ହିନ୍ଦୋଳ ରେଞ୍ଜ୍‌ରେ ଅଛନ୍ତି। ଏହାକୁ ନେଇ ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ଭୋର୍ ସମୟ ଏବଂ ସନ୍ଧ୍ୟାରେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳକୁ ନ ଯିବା ପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଛି। ଏଥିସହ ହାତୀ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଲେ ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ଲାଗି ପରାମର୍ଶ ଦିଆଯାଇଛି।




# ୧୦ ବର୍ଷ ପରେ ରାମ ନବମୀରେ ସମାନ ଅଘଟଣ

## ବଡ଼ଭାଇ ପରେ ଏବେ ସାନଭାଇ ପାଣିରେ ବୁଡ଼ିଗଲେ


ଦମକଳ ବାହିନୀ ପୋଖରୀ ମଧ୍ୟରୁ ପରେଶଙ୍କ ମୃତଦେହ ଉଦ୍ଧାର କରୁଛି।

**ସିମୁଳିଆ,୩୦।୩(ଡି.ଏନ.ଏ.)**

୧୦ବର୍ଷ ତଳେ ବଡ଼ଭାଇ ରାମନବମୀରେ କଟକ ମହାନଦୀରେ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ସେହି ରାମନବମୀ ତିଥିରେ ଗୁରୁବାର ସାନଭାଇଙ୍କ ପୋଖରୀରେ ବୁଡି ମୃତ୍ୟୁ ହେବା ଘଟଣା ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ଅଧୀନ ସିମୁଳିଆ ଗାଁରେ। କୁନା ନାଥଙ୍କ ପୁଅ ପରେଶ( ୧୨)ଙ୍କ ପରିବାର ଲୋକେ ସକାଳେ ନିଜ ବାଡ଼ି ଚାରିପଟେ ବାଡ଼ ଘେରୁଥିବା ବେଳେ ସେ ତାଙ୍କ ସହିତ ଆସିଥିଲେ। ପରେ ଶୌଚ ହେବା ପାଇଁ ସେ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଅଡା ଓ ସୋର ଦମକଳ ବାହିନୀ ଦୀର୍ଘ ୬ଘଣ୍ଟା ଧରି ପୋଖରୀରେ ଖୋଜାଖୋଜି କରିବା ପରେ ପରେଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ, କୁନାଙ୍କର ଆଉ ଏକ ପୁଅ ଅଛନ୍ତି।

# ଏପ୍ରିଲ ୩ରେ ଜାପାନ ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୩ (ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଏପ୍ରିଲ ୩ ତାରିଖରେ ଜାପାନ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଜାପାନରେ ମୁଖ୍ୟମନ୍ତ୍ରୀ ମଲ୍‌ଟିବିଜିନେସ୍ ସମ୍ମିଳନୀରେ ଯୋଗଦେବାରେ କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ଏପ୍ରିଲ ୯ ତାରିଖଯାଏ ରହି ଟୋକିଓ, କିଓଟୋ ଏବଂ ଓସାକାରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସରକାରୀ ଓ ବ୍ୟବସାୟିକ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜ୍ୟକୁ ବିଦେଶୀ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ସକାଶେ ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତରେ ଯାଉଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଏପ୍ରିଲ ୯ ତାରିଖରେ ଓଡ଼ିଶା ଫେରିଆସିବା କାର୍ଯ୍ୟକ୍ରମ ରହିଛି। ୨୩ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କର ଏହା ହେବ ତୃତୀୟ ବିଦେଶ ଯାତ୍ରା। ଏହା ପୂର୍ବରୁ ସେ ବିଟ୍ରେନ୍, ଦୁବାଇ ଓ ଇଟାଲି ଗସ୍ତରେ ଯାଇଥିଲେ।

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
SAMS
Student Academic Management System
Skilled in ODISHA
No.KK-365
ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୩-୨୪ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ

ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ନାମ ଲେଖାଯିବ । ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର ତା୦୧.୦୪.୨୦୨୩ରିଖଠାରୁ ଗ୍ରହଣ କରାଯିବ ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା୧.୦୮.୨୦୨୩ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ ।
ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ/ ଅଷ୍ଟମ ଶ୍ରେଣୀ ପାସ) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dteto-disha.gov.in. ରେ ଉପଲବ୍ଧ ଅଛି ।
ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in. ରେ ଲଗିନ୍ କରି ପ୍ରଥମ ପର୍ଯ୍ୟାୟରେ ତା୦୧.୦୪.୨୦୨୩ଠାରୁ onlineରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ ।
ଘ) ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବାପରେ ଆବେଦନକାରୀମାନେ ସେମାନଙ୍କର ମାର୍କ ଓ ଆବଶ୍ୟକୀୟ ପ୍ରମାଣପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ୍ କରିପାରିବେ ।
ଙ) ସୂଚନାଯୋଗ୍ୟ ଯେ, ଚଳିତ ଶିକ୍ଷାବର୍ଷରେ ୧୦ ଗୋଟି ନୂତନ ସରକାରୀ ଆଇ.ଟି.ଆଇ. ଏନ୍‌ସିଭିଇଟି, ନୂଆଦିଲ୍ଲୀଙ୍କ ଦ୍ୱାରା ସହବନ୍ଧିକୃତ ହୋଇ ପରିଚାଳିତ ହେବାକୁ ପଦକ୍ଷେପ ନିଆଯାଇଅଛି । ଉକ୍ତ ଆଇ.ଟି.ଆଇ.ଗୁଡିକ ବାଲୁଗାଁ, ଭଞ୍ଜନଗର, କରଞ୍ଜିଆ, କପ୍ତିପଦା, ରୁଆ, ଓଳାଭର, ଆଠମଲ୍ଲିକ, ଜୁନାଗଡ, ପାଟଣାଗଡ ଓ ବାଂଶପାଳଠାରେ କାର୍ଯ୍ୟକ୍ଷମ ହେବାକୁ ଯାଉଅଛି ।
ଚ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର- ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ ।

ସ୍ୱା./-
ନିର୍ଦ୍ଦେଶକ,
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-44008/11/0029/2223

# ଅନୁକୂଳ ହେଲା ରଥକାଠ ଚିରଟ

**କଟକ ଅଫିସ,୩୦।୩**

ଆସନ୍ତା ଜୁନ୍ ୨୦ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ତିନି ରଥ ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ଗୁରୁବାର କଟକ ଖପୁରିଆସ୍ଥିତ ସରକାରୀ ସ’ ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ’ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ଏକ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଖପୁରିଆ ସ’ ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ରଥ ନିର୍ମାଣ ପାଇଁ ୮୬୪ ଖଣ୍ଡ କାଠ ଆବଶ୍ୟକ ରହିଛି। ସେଥିମଧ୍ୟରୁ ଗତବର୍ଷର ୧୧୮ ଖଣ୍ଡ କାଠ ବଳକା ଥିଲାବେଳେ ଅବଶିଷ୍ଟ କାଠ ପାଇଁ ବନ ବିଭାଗକୁ ଅବଗତ କରାଯାଇଛି।


ଖପୁରିଆସ୍ଥିତ ସରକାରୀ ସ’ ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

# ଏକଚ୍ଛତ୍ରବାଦର ପଥରୋଧ



କୌଶିକ ବସୁ

ଗତ ସପ୍ତାହରେ ଅନ୍ତର୍ଜାତୀୟ ଅପରାଧ ନ୍ୟାୟାଳୟ (ଆଇସିସି) ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଯୁଦ୍ଧ ଅପରାଧ ପାଇଁ ଔପଚାରିକ ଭାବେ ଦୋଷୀ କରିଥିଲେ। ୟୁକ୍ରେନ୍‌ର ପିଲାମାନଙ୍କୁ ବଳପୂର୍ବକ ରୁଷିଆକୁ ନେବା ଅଭିଯୋଗରେ ସେ ଦାୟୀ ବୋଲି କୋର୍ଟ ଦର୍ଶାଇ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏଥିରୁ ବୁଝାପଡୁଛି, ଆଇସିସିରେ ଥିବା ୧୨୩ ସଦସ୍ୟ ରାଷ୍ଟ୍ର ସୁଯୋଗ ପାଇଲେ ଆଇନଗତ ଭାବେ ପୁଟିନ୍‌ଙ୍କୁ ଗିରଫ କରିପାରିବେ। ଅନ୍ତର୍ଜାତୀୟ ସ୍ତରରେ ପୁଟିନ୍‌ଙ୍କ ଏକଚ୍ଛତ୍ରବାଦ ବିରୋଧରେ ଏହା ଏକ ଅଭୂତପୂର୍ବ ଅଗ୍ରଗତି। ପୁଟିନ୍ ଏବେ ଜଣେ ସମ୍ପୂର୍ଣ୍ଣ କ୍ରୂର ଓ ନିରଙ୍କୁଶ ଅତ୍ୟାଚାରୀ ଭାବେ ଆତ୍ମପ୍ରକାଶ କରିଛନ୍ତି। ପୁଟିନ୍‌ଙ୍କ ଆଚରଣ ଏକ ବ୍ୟାପକ ଧାରାର ସଙ୍କେତ ଦିଏ, ଯାହା ସବୁଠୁ ଖରାପ। ବିଶ୍ୱ ସାରା ଗଣତନ୍ତ୍ରର କଣ୍ଠରୋଧ କରାଯିବା ଧାରା ବଢ଼ିବାରେ ଲାଗିଛି। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଫର୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ଟୋରାଲ ଆସିଷ୍ଟାନ୍ସ ଦ୍ୱାରା 'ବୈଶ୍ୱିକ ଗଣତନ୍ତ୍ର ସ୍ଥିତି'ର ସଦ୍ୟତମ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଦର୍ଶାଯାଇଛି, ବିଶ୍ୱରେ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଚିନ୍ତାଜନକ ଅଧୋଗତି ହେଉଛି। ୨୦୨୨ରେ ୧୭୩ ଦେଶରେ ଗଣତନ୍ତ୍ରର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଏହି ଦେଶଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକରେ ଗଣତନ୍ତ୍ର ଉପରେ ଅଧିକ ଆକ୍ରମଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଆଫଗାନିସ୍ତାନରୁ ଆରମ୍ଭ କରି ନିକାରାଗୁଆ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ଏକଚ୍ଛତ୍ରବାଦ ଶାସନ ମଧ୍ୟରୁ ଅର୍ଦ୍ଧେକରେ ଗଣତନ୍ତ୍ର ସ୍ଥିତି ଖରାପ ଥିବା ରିପୋର୍ଟରେ କୁହାଯାଇଛି। ଏସିଆ ପ୍ରାଚ୍ୟ ଅଞ୍ଚଳରେ କେବଳ ୫୪% ଲୋକ ଗଣତନ୍ତ୍ରରେ ରହୁଛନ୍ତି। ଏହାସହ ଦୁର୍ବଳ ଗଣତନ୍ତ୍ର କିମ୍ବା ଯେଉଁଠି ଗଣତନ୍ତ୍ର ଏକଚ୍ଛତ୍ରବାଦ ଆଡ଼କୁ ଢଳୁଛି, ସେହିସବୁ ଦେଶରେ ପାଖାପାଖି ୮୫% ଲୋକ ରହିଛନ୍ତି।

ବାସ୍ତବରେ ଏହା ଏକ ଚିନ୍ତାଜନକ ଧାରା। ଜଗତୀକରଣ ବିଶ୍ୱରେ ଏକଚ୍ଛତ୍ରବାଦର ଉତ୍‌ଥାନକୁ ରୋକିବା ଦାୟିତ୍ୱ ଗୋଟିଏ ଦେଶ ଉପରେ ଛାଡ଼ି ଦିଆଯାଇପାରିବ ନାହିଁ। ଯାହାର ପରିଣାମ ଆମେ ନିକଟରେ ବିଶ୍ୱରେ ଖାଦ୍ୟ ଯୋଗାଣ ଶୃଙ୍ଖଳରେ ବିଭ୍ରାଟ ଦେଖିବାକୁ ପାଇଛେ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ଖାଦ୍ୟାଭାବ ଓ ଆଫ୍ରିକାରେ ମୁଦ୍ରାସ୍ଫୀତି ଆହୁରି ଖରାପ ହେବା ଦେଖିବାକୁ ପାଇବା। ଏହାସହ ଏକଚ୍ଛତ୍ରବାଦର ପରିଣାମ ଅଳ୍ପ ବହୁତେ ଅନୁଭବ କରୁଛେ ଓ ଆଗକୁ ଆହୁରି କରିବା। ତେବେ ପ୍ରଶ୍ନ ହେଉଛି, ଏଭଳି ସ୍ଥିତିରେ ଆଇସିସି ଭଳି ଅନ୍ତର୍ଜାତୀୟ ସଂଗଠନ ଏକାକୀ କ'ଣ ବା କରିପାରିବ? କହିବାକୁ ଗଲେ ବାସ୍ତବରେ ଅତ୍ୟାଚାରୀ ପାଲଟିବା ତଥାକଥିତ ଶକ୍ତିଶାଳୀ ବ୍ୟକ୍ତିମାନଙ୍କର ଏକ ପ୍ରବୃତ୍ତି। ଭେନେଜୁଏଲାର ହ୍ୟୁଗୋ ଚାଭେଜଙ୍କଠାରୁ ଆରମ୍ଭ କରି ଜିମ୍ବାୱେର ରବର୍ଟ ମୁଗାବେ ଏବଂ ତୁର୍କୀରେ ରିସେପ ତାୟିପ୍ ଏର୍ଡୋଗାନଙ୍କ ନିକଟ ଇତିହାସକୁ ଦେଖିଲେ ସ୍ପଷ୍ଟ ହୁଏ ଯେ, ଉତ୍ତମ ଲକ୍ଷ୍ୟ ନେଇ କ୍ଷମତାକୁ ଆସିଥିବା ଅନେକ ନେତା ସମୟଚକ୍ରରେ ଅତି ଖରାପ ଶାସକ ପାଲଟିଯାଇଛନ୍ତି।




ବହୁ ସମୟରେ ଏହା ମଧ୍ୟ ଦେଖାଯାଇଛି ଯେ, ସେମାନେ ଅନେକଙ୍କ ମୃତ୍ୟୁର କାରଣ ହୋଇଛନ୍ତି।

ସେପ୍ଟେମ୍ବର ୨୦୧୩ରେ ମାନାଗୁଆରେ ନିକାରାଗୁଆର ଏକଚ୍ଛତ୍ରବାଦୀ ଶାସକ ଡାନିଏଲ୍ ଓର୍ଟେଗାଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ ପରେ ଏଭଳି ବିପଦ ସମ୍ପର୍କରେ ସଚେତନ ଥିଲି। ଆନାଷ୍ଟାସିଓ ସୋମୋଜାଙ୍କ ଦୁର୍ନୀତିଗ୍ରସ୍ତ ଶାସନକୁ ହଟାଇବା କାର୍ଯ୍ୟର ମୁଁ ପ୍ରଶଂସକ ହୋଇଥିବାରୁ ତାଙ୍କୁ ଭେଟ କରିବାକୁ ବହୁ ଦିନରୁ ଚାହିଁଥିଲି। ସୁଯୋଗ ପାଇବାରୁ ତାଙ୍କ ସହ ସାଣ୍ଡିନିଷ୍ଟା ବିପ୍ଳବ ଓ ନିକାରାଗୁଆ ସମ୍ମୁଖୀନ ହୋଇଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଦୀର୍ଘ ଆଲୋଚନା କରିଥିଲି। ତେବେ ତା'ପରଠାରୁ ଓର୍ଟେଗାଙ୍କ ଅତ୍ୟାଚାରୀ କୁତ୍ସିତ ବ୍ୟକ୍ତିତ୍ୱ ସାମ୍ନାକୁ ଆସିଛି। ମୁଁ ସେ ସମୟରେ ଏହା ଅନୁଭବ କରି ନ ଥିଲି। କିନ୍ତୁ ସେତେବେଳେ ସୋମୋଜାଙ୍କୁ ଗାଦିଚ୍ୟୁତ କରିଥିବା ଯେଉଁ ବ୍ୟକ୍ତି(ଓର୍ଟେଗା)ଙ୍କୁ ମୁଁ ସାକ୍ଷାତ କରିଥିଲି ସେ ଆଉ ସେମିତି ହୋଇ ରହିଲେ ନାହିଁ। ସେ ଯାହାକୁ ବିରୋଧ କରିଥିଲେ ତାଙ୍କ ଭଳି ହୋଇଗଲେ। ତେବେ ଏହା କିପରି ଘଟିଲା। ଆମେ ରାଜନୀତି ବିଜ୍ଞାନ ଓ ଅର୍ଥନୀତିରୁ ଜାଣୁ ଯେ, ବଡ଼ ସ୍ଥୂଳ ପ୍ରଶ୍ନର ଉତ୍ତର ବହୁ ସମୟରେ ସୂକ୍ଷ୍ମ କାରକରେ ସନ୍ନିହିତ ଥାଏ, ଯାହା ଓର୍ଟେଗାଙ୍କ ଘଟଣାରେ ଦେଖିବାକୁ ମିଳେ। ଯଦି ତୁମେ ଜଣେ ରାଜନୈତିକ ନେତା, ତେବେ ସମୟ ଆସିବ ଯେତେବେଳେ ତୁମେ କ୍ଷମତାରେ ଲମ୍ବା ସମୟ ରହିବ କି ନାହିଁ ତାହା ସ୍ଥିର କରିବାକୁ ପଡ଼ିବ। ତୁମେ ଯାହା ହୋଇଥାଅ ନା କାହିଁକି, ରାଜନୀତିରେ ସବୁବେଳେ ଅଧିକ ଟଙ୍କା ଯୋଗାଡ଼ କରିବା, ସରକାରୀ ସଂସ୍ଥାଗୁଡ଼ିକୁ ବ୍ୟବହାର କରି ବିରୋଧୀଙ୍କୁ ଟାର୍ଗେଟ କରିବା କିମ୍ବା ଅନ୍ୟ ଘୃଣିତ ମାଧ୍ୟମରେ ନୈତିକ ସୀମା ଟପିବାର ବ୍ୟଗ୍ରତା ଥାଏ। ନିକଟରେ ଏକ ଲେଖାରେ ମୁଁ ଯୁକ୍ତି ବାଢ଼ିଥିଲି ଯେ, ଏହି ଆକଳନରେ ଏକ ଗମ୍ଭୀର ତଥା ସାଧାରଣ ତ୍ରୁଟି ଅଛି; ଯାହାକୁ ବ୍ୟକ୍ତିର ନିଷ୍ପତ୍ତି ଉପରେ ମାନସିକ ଓ ସାମାଜିକ ପ୍ରଭାବକୁ ଅନୁଧ୍ୟାନ କରୁଥିବା ଅର୍ଥନୀତିଜ୍ଞମାନେ କହନ୍ତି 'ଡାଇନାମିକ ଇନ୍‌କନସିଷ୍ଟେନ୍ସି'। ଅର୍ଥାତ୍ ଏହା ଏଭଳି ଏକ ସ୍ଥିତି ଯେଉଁଥିରେ ନିଷ୍ପତ୍ତି ନେଉଥିବା ବ୍ୟକ୍ତିର ପସନ୍ଦ ସମୟାନୁସାରେ ପରିବର୍ତ୍ତନ ହୋଇଥାଏ। କିନ୍ତୁ ସମସ୍ୟା ରହିଛି ଏକ ଦୀର୍ଘମିଆଦୀ ଦୃଷ୍ଟିକୋଣକୁ ଅଣଦେଖା କରିବା ବା ଛାଡ଼ିଯିବା। ଅଧିକାଂଶ ନେତା କ୍ଷମତାରେ ରହି ଷଡ଼ଯନ୍ତ୍ର ଓ ଖରାପ କାର୍ଯ୍ୟରେ ଲିପ୍ତ ହୁଅନ୍ତି ଏବଂ କ୍ଷମତାରୁ ବିଦା ହେବାର ବିକଳ୍ପ ଥିଲେ ସେମାନେ ଆହୁରି ଖରାପ ହୋଇଯାଆନ୍ତି। କ୍ଷମତା ବାହାରେ ଥିବାବେଳେ ଦୀର୍ଘଦିନ ଧରି ନିର୍ଯାତନା ଓ ଅଧିକ ଷଡ଼ଯନ୍ତ୍ରରେ ଲିପ୍ତ ନେତାଙ୍କ ଆଚରଣ ଉପରେ ଆଇନଗତ ତଦନ୍ତର ସମ୍ଭାବନା ଥାଏ କିମ୍ବା ରାଜନୈତିକ ବିରୋଧୀଙ୍କ ପକ୍ଷରୁ ପ୍ରତିଶୋଧର ସମ୍ମୁଖୀନ ହେବାର ଆଶଙ୍କା ରହେ, ଯାହା ଆମକୁ ଆଇସିସିର ଗିରଫ ପରୱାନା ସ୍ମରଣ କରାଇ ଦେଇଛି। ଅନ୍ତର୍ଜାତୀୟ ନ୍ୟାୟର ସୀମା କେତେ ତାହା ପୁଟିନ୍ ଅନେକ ବର୍ଷ ହେଲା ପରଖିଛନ୍ତି ଏବଂ ଏବେ ଆଇସିସି ପୁଟିନ୍‌ଙ୍କୁ ଦୋଷୀ କରିବା ଲାଗି ଏକ ଔପଚାରିକ ପଦକ୍ଷେପ ନେଇଛି। ଏହି କାରଣରୁ ପୁଟିନ୍ କ୍ଷମତାକୁ ଧରି ରଖିବା ପାଇଁ ଆହୁରି ବ୍ୟଗ୍ର ବା ଗମ୍ଭୀର ହୋଇଯିବାର ସମ୍ଭାବନା ଅଛି।

ସମ୍ପ୍ରତି ସଂଯୋଜିତ ବିଶ୍ୱରେ ଏଭଳି ଆଚରଣର ବୈଶ୍ୱିକ ପ୍ରଭାବ ରହିଛି, ଯାହାକୁ ଜାତିସଂଘ ଏବଂ ଆଇସିସି ଭଳି ସଂସ୍ଥା ସମାଧାନ କରିବା ଦରକାର। କ'ଣ କରିବାକୁ ହେବ ତାହାକୁ ଠିକ୍ ଭାବେ ନିର୍ଦ୍ଧାରଣ କରିବା ଲାଗି ଅଧିକ ବିଚାରବିମର୍ଶ ଲୋଡ଼ା। କିନ୍ତୁ ଅନ୍ତର୍ଜାତୀୟ ଆଇନର ସୁଯୋଗକୁ ସମ୍ପ୍ରସାରଣ କରିବାକୁ ହେବ କିମ୍ବା ଏହାକୁ ଏକ ବୈଶ୍ୱିକ ସମ୍ବିଧାନରେ ସ୍ଥାନ ଦେବାକୁ ପଡ଼ିବ। ଏହା ମଧ୍ୟ ସ୍ପଷ୍ଟ ଯେ, ଜାତିସଂଘ ପାଇଁ ଆବଶ୍ୟକ ଯାହା ନିମ୍ନତମ ସିଦ୍ଧାନ୍ତ ପାଳନ କରିପାରିବ। ଭବିଷ୍ୟତରେ ଅନେକ କିଛି ଆଲୋଚନା କରିବାକୁ ଥିବାବେଳେ ଏବେ ତୁରନ୍ତ ନିର୍ବାଚିତ ନେତାଙ୍କ କ୍ଷମତାର କାର୍ଯ୍ୟକାଳ ସୀମା ଉପରେ ଆଲୋଚନା କରାଯିବା ଅନିବାର୍ଯ୍ୟ। ସେମାନଙ୍କ ପାଇଁ ଏକ ନୂଆ ବ୍ୟବସ୍ଥା କରାଯିବ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ତାହା ସମ୍ପୃକ୍ତ ଦେଶ ସ୍ଥିର କରିବାକୁ ହେବ। ଏଠାରେ ପ୍ରଦତ୍ତ ପ୍ରତ୍ୟେକ ଏକଚ୍ଛତ୍ରବାଦ ଦେଶରେ ଅନିୟନ୍ତ୍ରିତ କ୍ଷମତାର ବୈଶ୍ୱିକ ଗତିଶୀଳତାକୁ ଦେଖିଲେ ଆମେ ସମସ୍ତେ ଅନ୍ତର୍ଜାତୀୟ ଆଇନର ପ୍ରୟୋଗ ପାଇଁ ଆଗ୍ରହୀ। ଏହାର ପଦକ୍ଷେପରେ ପରିବର୍ତ୍ତନ ଚାହୁଁ, ଯାହା ଏକଚ୍ଛତ୍ରବାଦର ପଥରୋଧ କରି ସେଥିରୁ ରାଜନେତାମାନଙ୍କୁ ବିଚ୍ୟୁତ କରିପାରିବ। ଏହା ସହ କ୍ଷମତା କାର୍ଯ୍ୟକାଳର ସୀମା ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବା ଦରକାର। ଗୋଟିଏ ଏକକ ମାନକ ଗଢ଼ିବା ଲାଗି ଏହା ହିଁ ଉପଯୁକ୍ତ ସମୟ, ଯେଉଁଥିରେ ଦେଶଗୁଡ଼ିକୁ ଉତ୍ତରଦାୟୀ କରାଯାଇପାରିବ।

ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱ ବ୍ୟାଙ୍କ
ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା,
ଭାରତ ସରକାର

## କୁନି ଓଠରେ କଥା ନାହିଁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଶିଶୁଟି ୧୧ ମାସ ହେଲା ବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି। ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି, ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି। ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି। କିନ୍ତୁ ଅଧିକାଂଶ ମା'-ବାପା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛିବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ମାତା-ପିତା ଆସୁଛନ୍ତି। ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏ କଥା କହୁନି କାହିଁକି। ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି। ଅଧିକାଂଶ ଇଚ୍ଛା ଠାରରେ ବ୍ୟକ୍ତ କରୁଛି। କିଛି କହିବାକୁ ଚାହିଁଲେ ମା'ବାପାଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା।

ଏମିତି ହେବାର କାରଣ କ'ଣ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ- ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା। ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି- ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି- ସପ୍ତାହକୁ ପାଞ୍ଚରୁ ସାତ ପିଲାଙ୍କ ମା'-ବାପା ତାଙ୍କ ପାଖକୁ ଆସିଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କଠାରେ ଏଭଳି ବାକ୍ ସମସ୍ୟା ରହିଛି। ଏମାନଙ୍କ ଭିତରୁ ଅଧିକାଂଶ ମା'-ବାପା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି। ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ। ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି। ଡାକ୍ତର ଶର୍ମା କହନ୍ତି- ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନ ଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ। ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି। ମା'-ବାପା ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି। ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ। ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶଠାରୁ ନିଜ ପରିବାର ଦ୍ୱାରା ବେଶି ପ୍ରଭାବିତ ହୋଇଥାଏ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା' ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି। ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି। କଥା କାହା ସାଙ୍ଗରେ କହିବ ସିଏ? ଅନେକ ମା'-ବାପା ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ। ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ। ଭାଷାକୁ ଗୁରୁତ୍ୱ ଦିଏନି। ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶି ଗୁରୁତ୍ୱ ଦିଅନ୍ତି ନାହିଁ। କେବଳ ଚରିତ୍ରର ବଡିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ। ସେଇଥିରୁ ସିଏ ଯାହା ବୁଝେ। ଛୋଟିଆ ପିଲାଟିକୁ ଗୋଟେ ଇଂଲିଶ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତା'ର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି। ପିଲାଙ୍କ ବାକ୍ ପ୍ରାଞ୍ଜଳତା ମା'-ବାପାଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି- ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମା'କୁ କହୁଛି- 'ମୋତେ ଲୁଟି ଦିଅ ମୁଁ ଖାଇବି'। ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି। ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ। ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ। ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ ସ୍ତ୍ରୀ-ପୁରୁଷଙ୍କ ଭିତରେ ବିବାହ ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି। ସିଏ କେଉଁ ଭାଷାକୁ ଶିଖିବ ଦ୍ୱନ୍ଦ୍ୱରେ ପଡୁଛି। ଏସବୁ ସମସ୍ୟାକୁ ମା'-ବାପା ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଦୂରେଇ ଯିବ।

ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନି' ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଦିବସ ପାଳନ କରାଯାଉଛି। ହେଲେ 'ନୋ ବ୍ୟାଗ୍ ଡେ' ବିଷୟରେ କେବେ ଶୁଣିଛନ୍ତି କି? ଏମିତି ଏକ ଦିବସ ପାଳନ କରାଯାଇଛି ଚେନ୍ନାଇର ଓମେନ୍ ଖ୍ରୀଷ୍ଟିଆନ କଲେଜରେ। ଗୋଟିଏ ଦିନ ବିନା ବ୍ୟାଗ୍‌ରେ ସବୁ ଛାତ୍ରୀ କଲେଜ ଆସିବାକୁ ନିଷ୍ପତ୍ତି ନେଇ ତାହାକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି। ତେବେ ବ୍ୟାଗ୍ ବଦଳରେ ଘରର ଛୋଟ ବଡ଼ ଜିନିଷ ସାଙ୍ଗରେ ନେଇ ଆସିବା ନିଶ୍ଚିତ ଭାବେ ଏକ ଅଜବ ଘଟଣା। ସେମାନେ ବ୍ୟାଗ୍ ପରିବର୍ତ୍ତେ ପ୍ରେସରକୁକର, ବକେଟ, ଲଣ୍ଡ୍ରି ବାସ୍କେଟ, ବାସ୍କେଟ, ଗାମୁଛା, ତକିଆ ଖୋଳ, ସୁଟ୍‌କେସ୍, କାର୍ଡବୋର୍ଡ ବକ୍ସ, ଟ୍ରଲି ବ୍ୟାଗ୍, ଗିଟାର ବ୍ୟାଗ୍ ଆଦି ନେଇ ଆସିଥିଲେ। ସେଥିରେ ସେମାନେ ବହି ଖାତା ମଧ୍ୟ ଆଣିଥିଲେ। ଆଉ କିଛି ଛାତ୍ରୀ ମଗ୍ ଓ ହ୍ୟାଙ୍ଗର ମଧ୍ୟ ଆଣିଥିଲେ। ଏଭଳି ଏକ ନିଆରା ଦିବସ ପାଳନ କରିବାରେ କଲେଜର ସମସ୍ତ ଛାତ୍ରୀ ଭାଗ ନେଇଥିଲେ ଓ ଉତ୍ସାହୀ ବି ଥିଲେ। ଏହାର ଏକ ଭିଡିଓ ଭାଇରାଲ ହୋଇଛି। ନିଜେ ଏକ ଖୁସିର ପରିବେଶ ସୃଷ୍ଟି କରିବାରେ ଆନନ୍ଦ ମିଳେ ବୋଲି ବହୁ ଛାତ୍ରୀ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୩୧ ମାର୍ଚ୍ଚ ୧୯୯୮

- ଦକ୍ଷିଣ ଶ୍ରୀଲଙ୍କାରେ ସିଂହଳୀ ସୈନ୍ୟ ଓ ତାମିଲ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୧୧ ଗେରିଲା ସମେତ ୧୨ ନିହତ।
- ଜମ୍ମୁସ୍ଥିତ ଉଦ୍ଧାମପୁର ନିକଟବର୍ତ୍ତୀ କାଘୋଟଠାରେ ଏକ ଯାତ୍ରୀବାହୀ ବସ୍ ଗଭୀର ଖାତ ମଧ୍ୟକୁ ଖସିପଡ଼ିବା ଫଳରେ ୧୫ ଯାତ୍ରୀଙ୍କ ମୃତ୍ୟୁ।
- ଭାଜପା ସମର୍ଥିତ ପ୍ରାର୍ଥୀ ଭାବେ ମନୋନୟନପତ୍ର ଦାଖଲ କରିଥିବା କଂଗ୍ରେସ ସଦସ୍ୟ ଗୁଲାବ ସିଂ ଠାକୁର ହିମାଚଳ ପ୍ରଦେଶ ବିଧାନସଭାର ବାଚସ୍ପତି ନିର୍ବାଚିତ।

## ସୁ-ଡୋ-କୁ

su | do | ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 1 | | | 5 | 4 | |
| | | 1 | | | 3 | | | |
| 6 | | | | | 5 | | | 9 |
| | | 6 | | 5 | 8 | | | |
| 8 | | | | 9 | | 1 | 2 | |
| | 9 | | 6 | | | 7 | 8 | |
| | | | | | | 9 | | |
| | | 3 | | | | | 6 | 1 |
| | | | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 8 | 9 | 4 | 3 | 6 | 1 |
| 9 | 1 | 3 | 5 | 2 | 6 | 7 | 4 | 8 |
| 6 | 8 | 4 | 3 | 1 | 7 | 5 | 2 | 9 |
| 5 | 6 | 1 | 4 | 8 | 2 | 9 | 3 | 7 |
| 8 | 3 | 9 | 6 | 7 | 5 | 4 | 1 | 2 |
| 7 | 4 | 2 | 1 | 3 | 9 | 8 | 5 | 6 |
| 4 | 7 | 5 | 2 | 6 | 8 | 1 | 9 | 3 |
| 3 | 9 | 6 | 7 | 4 | 1 | 2 | 8 | 5 |
| 1 | 2 | 8 | 9 | 5 | 3 | 6 | 7 | 4 |

ଗତକାଲିର ଉତ୍ତର

# ଆମ ସ୍ଥିତି କେଉଁଠି



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଦିଲ୍ଲୀରେ ଓଡ଼ିଶାର ପର୍ବ ତିନିଦିନ ଧରି (ମାର୍ଚ୍ଚ ୨୪-୨୬ ପର୍ଯ୍ୟନ୍ତ) ମହା ଆଡ଼ମ୍ବରରେ ପାଳିତ ହୋଇଛି। ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ଖାଦ୍ୟ, ଐତିହ୍ୟ, ଉତ୍କଳୀୟ ପରମ୍ପରା ଆଦିକୁ ଦିଲ୍ଲୀରେ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ଅୟୋଜକଙ୍କୁ ଏପରି ଭଲ କାର୍ଯ୍ୟ ପାଇଁ ଆମେ ଅଶେଷ ଧନ୍ୟବାଦ ଦେଉଛୁ। ଏହି ପର୍ବ ଉପଲକ୍ଷେ ଶେଷଦିନ ସ୍ୱାବଲମ୍ବନ ବା ଆତ୍ମନିର୍ଭର ଓଡ଼ିଶା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଲେଖକଙ୍କୁ ଓଡ଼ିଶାର ବିଭିନ୍ନ କ୍ଷେତ୍ରରୁ ପ୍ରତିଷ୍ଠିତ ୪ ଜଣକଙ୍କ ସହିତ ଆଲୋଚନାରେ ବକ୍ତବ୍ୟ ରଖିବାକୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ କିଛି ଅନିବାର୍ଯ୍ୟ କାରଣବଶତଃ ଏହି ଲେଖକ ଶେଷ ମୁହୂର୍ତ୍ତରେ ଯାଇପାରିଲେ ନାହିଁ। ଏଣୁ ଏହି ଲେଖା ମାଧ୍ୟମରେ ଆମ ମତ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବାପାଇଁ ପ୍ରୟାସ କରିଛୁ। ଓଡ଼ିଶାରେ ପ୍ରଚୁର ପ୍ରାକୃତିକ, ଖଣିଜ ସମ୍ପଦ, ବିସ୍ତୀର୍ଣ୍ଣ ସାମୁଦ୍ରିକ ବେଳାଭୂମି, ପର୍ଯ୍ୟଟନ କ୍ଷେତ୍ର ଥାଇ ମଧ୍ୟ ଏହି ରାଜ୍ୟ ଯେତିକି ବିକାଶ କରିବା କଥା କରିନାହିଁ। ଏବେ ବି ଆମେ ମାଛ, ଆଳୁ, ପିଆଜ, ଅଣ୍ଡା ଆଦି ବିଭିନ୍ନ ଦ୍ରବ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ଅନେକ ଶୀତଳଭଣ୍ଡାର ଅଚଳ ହୋଇଛି। ଏହି କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ହେବା ଉଚିତ। ବିଭିନ୍ନ ସୂଚକାଙ୍କରେ ହାରାହାରି ଜାତୀୟ ସ୍ତରଠାରୁ ଆଗରେ ରହିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ।

କିନ୍ତୁ ପ୍ରଥମେ ଆତ୍ମନିର୍ଭରଶୀଳତା କହିଲେ କ'ଣ ଆଲୋଚନା କରିବା ଉଚିତ। ଯଦିଓ ଆମେ ଆତ୍ମନିର୍ଭରଶୀଳ ବା (ସେଲ୍ଫ ରିଲିଆଣ୍ଟ) ଓ ସ୍ୱାବଲମ୍ବୀ (ସେଲ୍ଫ -ସଫିସିଏନ୍ସି) ବା ସ୍ୱୟଂସମ୍ପୂର୍ଣ୍ଣତା ସମାନ ବୋଲି ଭାବିଥାନ୍ତି, ତଥାପି ଏଥିରେ କିଛି ପ୍ରଭେଦ ରହିଛି। ଆତ୍ମନିର୍ଭରଶୀଳତା କହିଲେ ଆତ୍ମପ୍ରତ୍ୟୟ, ସ୍ୱାଧୀନ ଭାବେ ସିଦ୍ଧାନ୍ତ ନେଇପାରିବାର କ୍ଷମତା ରହିବା ବା ନିଜ ନିଷ୍ପତ୍ତି ଉପରେ ନିୟନ୍ତ୍ରଣ ରହିବା, ନିଜ ଦକ୍ଷତା, ପ୍ରତିଭା ଉପରେ ଦୃଢ଼ ବିଶ୍ୱାସ ସୃଷ୍ଟି ହେବା। କିନ୍ତୁ ସ୍ୱୟଂସମ୍ପୂର୍ଣ୍ଣତା କହିଲେ ବ୍ୟକ୍ତି, ରାଜ୍ୟ ବା ଦେଶର ଆବଶ୍ୟକତା ଯଥା ବିଭିନ୍ନ ଦ୍ରବ୍ୟ ଓ ସେବାର ଚାହିଦା ପୂରଣ କରିବା, ଯାହା ସମ୍ବଳର ବିନିଯୋଗ ସହିତ ଜଡ଼ିତ। ସ୍ୱୟଂସମ୍ପୂର୍ଣ୍ଣତା ବଜାୟ ରଖିବା ପାଇଁ ବିକାଶ ନିରନ୍ତର ହେବା ଆବଶ୍ୟକ।

ଆତ୍ମନିର୍ଭର କହିଲେ ନୁହେଁ ସମ୍ପୂର୍ଣ୍ଣ ଏକାକୀ ସବୁ କରିପାରିବା ବା କୌଣସି ଦେଶ ଅନ୍ୟ ଦେଶ କିମ୍ବା ରାଜ୍ୟ ଉପରେ ଆଦୌ ନିର୍ଭର ନ କରିବା। କାରଣ ବିଶ୍ୱବ୍ୟବସ୍ଥାରେ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ। କିନ୍ତୁ ଆତ୍ମନିର୍ଭର କହିଲେ ଏମିତି ସ୍ଥିତିରେ ରହିବା ଯେପରି ଆମେ ଅନ୍ୟ ଉପରେ କେତେକ କ୍ଷେତ୍ରରେ ବା ଦ୍ରବ୍ୟ ଓ ସେବା ପାଇଁ ଯେତିକି ନିର୍ଭରଶୀଳ ହୋଇଥିବା, ଅନ୍ୟମାନେ ଆମ ଉପରେ ବିଭିନ୍ନ କ୍ଷେତ୍ରରେ ବା ବିଭିନ୍ନ ଦ୍ରବ୍ୟ ଓ ସେବା ପାଇଁ ଅଧିକ ନିର୍ଭରଶୀଳ ହୋଇଥିବେ। ୨୦୨୦ରେ କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭରଶୀଳ ଭାରତର ସ୍ଲୋଗାନ ଦେଇଥିଲେ। ଏହାର ବିଭିନ୍ନ ଲକ୍ଷ୍ୟ ମଧ୍ୟରୁ ଏକ ଲକ୍ଷ୍ୟ ଥିଲା ଆମର ରପ୍ତାନି ବୃଦ୍ଧି କରି ଆମଦାନୀ




ହ୍ରାସ କରିବା ଏବଂ ବିଶେଷକରି ଏହା ଚାଇନା କ୍ଷେତ୍ରରେ ଅଧିକ ଲାଗୁକରିବା। କିନ୍ତୁ ଆଜିପର୍ଯ୍ୟନ୍ତ କୌଣସି ଲକ୍ଷ୍ୟ ପୂରଣ ହୋଇନାହିଁ; ବରଂ ଚାଇନାରୁ ଆମେ ଆହୁରି ଅଧିକ ଆମଦାନୀ କରୁଛେ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ନିମ୍ନରେ ରହିଛି ଏବଂ ଆହୁରି ନିମ୍ନଗାମୀ ହେଉଛି।

ଓଡ଼ିଶା ପରି କୌଣସି ରାଜ୍ୟ ସମ୍ପର୍କରେ ଆଲୋଚନା କଲେ ତାହାକୁ ମଧ୍ୟ ଅନ୍ୟ ରାଜ୍ୟ ସହିତ ତୁଳନା କରିବା ଉଚିତ। ଗଣମାଧ୍ୟମରେ ତାହା କରାଯାଉ ନାହିଁ। ଯେତେବେଳେ ଓଡ଼ିଶା ଉନ୍ନତି କରିବାକୁ ପ୍ରୟାସ କରୁଛି, ଅନ୍ୟ ରାଜ୍ୟ ମଧ୍ୟ ଚେଷ୍ଟା କରୁଛନ୍ତି। ପୁନଶ୍ଚ ବିକାଶ କେବଳ ସରକାର ନୁହେଁ, ବିଭିନ୍ନ ଫାକ୍ଟର ଇଣ୍ଡୋମେଣ୍ଟ ଉପରେ ନିର୍ଭର କରେ। ପ୍ରାକୃତିକ ବିପର୍ଯ୍ୟୟର କୁପ୍ରଭାବ ରହିଛି। ରାଜ୍ୟ ଜିଡିପି ଦୃଷ୍ଟିରୁ ଓଡ଼ିଶା ୨୬ ସ୍ଥାନରେ ରହିଲାବେଳେ, ମହାରାଷ୍ଟ୍ର ୧ ନମ୍ବରରେ ରହିଛି। ତା' ପଛକୁ ତାମିଲନାଡୁ, ଗୁଜରାଟ, କର୍ଣ୍ଣାଟକ, ଉତ୍ତରପ୍ରଦେଶ ରହିଛନ୍ତି। ଅବଶ୍ୟ ଏହି ମାନଦଣ୍ଡରେ ତୁଳନା କରାଯାଇ ପାରିବ ନାହିଁ, କାରଣ ରାଜ୍ୟ ବଡ଼ ଓ ଜନସଂଖ୍ୟା ବେଶି ହେଲେ ଜିଡିପି ମଧ୍ୟ ଅଧିକ ହେବ, ଯେପରି ଭାରତ ୫ମ ବୃହତ୍ ଅର୍ଥନୀତି ହୋଇଛି। କିନ୍ତୁ ମୁଣ୍ଡପିଛା ଆୟ ଦୃଷ୍ଟିରୁ ଓଡ଼ିଶା ୨୪ ସ୍ଥାନରେ ରହିବା ଚିନ୍ତାଜନକ। ଏହି କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ଆବଶ୍ୟକ। ଅବଶ୍ୟ ଓଡ଼ିଶା ଉନ୍ନତି କରୁଛି। ଜାତୀୟ ହାରଠାରୁ ଯେତିକି କମ୍ ଆଗରୁ ଥିଲା, ତାହା ହ୍ରାସ ପାଇଛି।

ଅବଶ୍ୟ ବିକାଶ ଅର୍ଥ କେବଳ ଜିଡିପି ବୃଦ୍ଧି ନୁହେଁ, ଜୀବନର ଗୁଣାତ୍ମକ ବିକାଶ ଯାହା ବିଭିନ୍ନ ସୂଚକାଙ୍କରୁ ଜଣାପଡ଼ିଥାଏ। ୨୦୧୯ରେ ମାନବିକ ଉନ୍ନୟନ ସୂଚକାଙ୍କରେ ଓଡ଼ିଶା ୩୫ ସ୍ଥାନରେ ଥିଲାବେଳେ ୨୦୨୧ରେ ଉନ୍ନତି ଘଟି ୨୬ ସ୍ଥାନରେ ପହଞ୍ଚିଛି। କେରଳ ଶୀର୍ଷରେ ଥିଲାବେଳେ ତା' ପଛକୁ ଗୋଆ, ଚଣ୍ଡିଗଡ଼, ଦିଲ୍ଲୀ, ପୁଡୁଚେରୀ ରହିଛି। ଉତ୍ତରପ୍ରଦେଶ ୩୨ତମ ସ୍ଥାନରେ ରହିଛି।

ସେହିପରି ନୀତି ଆୟୋଗଙ୍କ ସ୍ୱାସ୍ଥ୍ୟ ସୂଚକାଙ୍କ ୨୦୨୧ରେ ବୃହତ୍ ୧୯ଟି ରାଜ୍ୟ ମଧ୍ୟରେ ଓଡ଼ିଶା ୧୭ତମ ସ୍ଥାନରେ ରହିଛି। ଉତ୍ତରପ୍ରଦେଶ ସବା ତଳେ ବା ୧୯ତମ ସ୍ଥାନରେ ରହିଛି। କେରଳ ଶୀର୍ଷରେ ଥିଲାବେଳେ ତା' ପଛକୁ ଆନ୍ଧ୍ରପ୍ରଦେଶ ମହାରାଷ୍ଟ୍ର, ଗୁଜରାଟ ଓ ପଞ୍ଜାବ ରହିଛନ୍ତି।

ନିରନ୍ତର ବିକାଶ ଦୃଷ୍ଟିରୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶା ୨୭ ତମ ସ୍ଥାନରେ ରହିଛି। ଜଳବାୟୁ କାର୍ଯ୍ୟ ଏବଂ ଜଳ ତଳେ ଜୀବନ ଲକ୍ଷ୍ୟ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଆଗରୁ ବିହାର ପରେ ଓଡ଼ିଶା ସବୁଠାରୁ ଗରିବ ରାଜ୍ୟ ଥିଲା। ନୀତି ଆୟୋଗଙ୍କ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ-୨୦୨୧ ଅନୁସାରେ ଆହୁରି ୭ଟି ରାଜ୍ୟ ଓଡ଼ିଶାଠାରୁ ଅଧିକ ଗରିବ। କେରଳରେ ଦାରିଦ୍ର୍ୟ ହାର ସର୍ବନିମ୍ନ ଓ ତା' ପଛକୁ ରହିଛି ଗୋଆ, ସିକ୍କିମ, ତାମିଲନାଡୁ ଏବଂ ପଞ୍ଜାବ। ଉତ୍ତରପ୍ରଦେଶ ତୃତୀୟ ସର୍ବାଧିକ ଗରିବ ରାଜ୍ୟ। କିନ୍ତୁ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ଭାରତରେ ସର୍ବାଗ୍ରେ ରହିଛି। ଏଠି ପ୍ରଶ୍ନ ନୁହେଁ ବାମ ବା ଦକ୍ଷିଣପନ୍ଥୀ, ଯଦି ତଥ୍ୟକୁ ଭିତ୍ତିକରି ବିକାଶ ପାଇଁ କେଉଁ ରାଜ୍ୟକୁ କିଛି ଅନୁକରଣ କରିବା ଉଚିତ, ତେବେ କେରଳ ଓ ଦିଲ୍ଲୀକୁ ବିଚାରକୁ ନେବା ବାଞ୍ଛନୀୟ। ଦିଲ୍ଲୀକୁ ଆମେ ବିଚାରକୁ ନେଇଛୁ କାରଣ ଏହା ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ବିନିଯୋଗ କରୁଛି। ଯଦି କେଉଁ ରାଜ୍ୟର ମଡେଲ ଆଦୌ ଅନୁକରଣୀୟ ନୁହେଁ ତାହା ହେଉଛି ବିହାର ଓ ଉତ୍ତରପ୍ରଦେଶ।

ମୋ: ୯୪୩୭୨୦୮୭୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଆଦାୟ ଅର୍ଥର ସୁବିନିଯୋଗ ହେଉ

ମହାଶୟ,

ଭୁବନେଶ୍ୱର ବ୍ଲକ ଅଧୀନରେ ଥିବା କଲ୍ୟାଣପୁର ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟର କେତେକ ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକଙ୍କଠାରୁ ପ୍ରାୟ ୫ଲକ୍ଷ ଟଙ୍କା ଆଦାୟ କରାଯାଇ ତାହାକୁ 'ମୋ ସ୍କୁଲ' ନାମରେ ଡିପୋଜିଟ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେହି ଟଙ୍କା ଡିପଜିଟ ହୋଇ ନ ଥିବା ଜଣାପଡ଼ିଛି। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଠିକ୍ ତଥ୍ୟ ଦେବାରେ ହେଳାକରି କଥାର ମୋଡ଼ ବଦଳାଇଥିଲେ। ମୁଁ ଉକ୍ତ ବିଦ୍ୟାଳୟ କମିଟିର ଜଣେ ସକ୍ରିୟ ସଭ୍ୟ ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରେ କି ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏଠାରେ ପ୍ରକାଶଥାଉ କି, ଉକ୍ତ ଅଞ୍ଚଳର ଅତି ଗରିବ, ସାଧାରଣ ଲୋକ ଯେ କି ବିଦ୍ୟାଳୟର ଉନ୍ନତି କଳ୍ପେ ନିଜ ନିଜର ଗଚ୍ଛିତ ଅର୍ଥରୁ ବିଦ୍ୟାଳୟକୁ ଦେଇଛନ୍ତ। ଏଣୁ ଏହାର ଠିକ୍ ବିନିଯୋଗ ହେବା ଉଚିତ।

**-ଆଦିତ୍ୟ ନାରାୟଣ ପ୍ରଧାନ,**
**ସଭ୍ୟ, ନୃସିଂହନାଥ ବିଦ୍ୟାପୀଠ, କଲ୍ୟାଣପୁର ଶାସନ, ଭୁବନେଶ୍ୱର, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିବିଡ଼ତମ ସେହି ସରମ
ଜାଳିଲା ଚିରଦିନ ମରମ
ନିଲଜ ସମ ଯାହା ଲୁଚାଇ ନ ପାରିଲି
ହେଲା ସେ କବିତାର ଧରମ।
-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜଧାନୀରେ ବାଉନ୍ସର ଗ୍ୟାଙ୍ଗ୍, ୭ ଗିରଫ

## ହାତରେ ଦୌଡ଼ି ବାନ୍ଧି ଶାର୍ଟ ଖୋଲି ଚଲାଇଲା ପୋଲିସ

- ନୟାପଲ୍ଲୀରେ ଦୋକାନ ଘର ଭାଙ୍ଗି ଲୁଟିବା ମହଙ୍ଗା ପଡିଲା
- ଡରାଇ ଧମକାଇ ଅନ୍ୟର ଜମି ଅକ୍ତିଆର କରୁଥିଲେ
- ବସ୍ ଓ ବାଇକ ଜବତ, ଏକାଧିକ ଫେରାର


ଗିରଫ ବାଉନ୍ସରମାନେ।

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ରାଜଧାନୀରେ ବାଉନ୍ସରଙ୍କ ରାଜ୍ ଚାଲିଛି। ଗ୍ୟାଙ୍ଗ୍ ଗଢ଼ି ବଡ଼ ବଡ଼ ଅପରାଧ ଘଟାଉଛନ୍ତି। ରାତି ଅଧରେ ଜେସିବି ଲଗାଇ ଦୋକାନ ଘର ଭାଙ୍ଗି ଲୁଟ୍ କରିବା ସହ ଜମି ଜବରଦଖଲ କରୁଛନ୍ତି। ଏହି ଗ୍ୟାଙ୍ଗର ସଦସ୍ୟ ଥିବା ୭ ବାଉନ୍ସରଙ୍କୁ କମିଶନରେଟ ପୋଲିସ ଗିରଫ କରିବା ସହ ଫେରାର ଏକାଧିକଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ନକୁଳ ମହାକୁଡ, ଆଶିଷ ଜେନା, ଦୀପକ କୁମାର ଦାସ, ଲକ୍ଷ୍ମୀକାନ୍ତ ଦାସ, ରାଜେଶ କୁମାର ପାତ୍ର, ପ୍ରଦୀପ କୁମାର ବଳିଆର ସିଂହ ଓ ଆଶିଷ କୁମାର ରାୟ। ଏମାନଙ୍କ ଘର ଭୁବନେଶ୍ୱର ଓ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ବୋଲି ଜଣାପଡିଛି। ଅଭିଯୁକ୍ତମାନେ ବ୍ୟବହୃତ କରିଥିବା ବସ୍ ଓ ବାଇକ୍‌କୁ ଜବତ କରାଯାଇଛି। ଗୁରୁବାର ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଶାର୍ଟ ଖୋଲି ପାଦରେ ଚଲାଇ ଚଲାଇ ହାତରେ ଦଉଡି ବାନ୍ଧି କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପଚରାଉଚରାବେଳେ ସେମାନଙ୍କଠାରୁ ବାଉନ୍ସର ଗ୍ୟାଙ୍ଗ୍ ସମ୍ପର୍କରେ ପୋଲିସକୁ ବଡ଼ ସୁରାକ ମିଳିଛି। ରାଜଧାନୀରେ ଲୋକଙ୍କୁ ଡରାଇ ଧମକାଇ ଜୋରଜବରଦସ୍ତ କିଭଳି ଅନ୍ୟ ଜମିକୁ ନିଜ ଅକ୍ତିଆର କରୁଥିଲେ ତାହା ସାମ୍ନାକୁ ଆସିଛି। ଗ୍ୟାଙ୍ଗର ସଦସ୍ୟମାନେ ବିବାଦୀୟ ଜମି ଅକ୍ତିଆର କରିବାକୁ ସୁପାରି ନେଇଥାନ୍ତି ଓ ବିରୋଧ ତଥା ପୋଲିସର ମୁକାବିଲା ପାଇଁ ସ୍ଥାନୀୟ ବସ୍ତିର ମହିଳାଙ୍କୁ ମଧ୍ୟ ସାମିଲ କରିଥାନ୍ତି ବୋଲି ଜଣାପଡିଛି। ଏନେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ସହରରେ ଏଭଳି ଅପରାଧୀଙ୍କୁ କେବେ ବି ଆଶ୍ରୟ ନାହିଁ। ଘଟଣାରେ ସମ୍ପୃକ୍ତ କେତେଜଣ ମହିଳାଙ୍କ ସମେତ ଏକାଧିକ ବ୍ୟକ୍ତି ଏବେବି ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଛି। ତେବେ ଗ୍ୟାଙ୍ଗ ମୁଖ୍ୟ ନକୁଳ ମହାକୁଡଙ୍କ ନାମରେ ଚୋରି, ଡକାୟତି ଭଳି ଏକାଧିକ ମାମଲା ରହିଥିବାବେଳେ ଏନ୍ଏସ୍ଏ ମଧ୍ୟ ଲଗାଯାଇଥିବା ତଦନ୍ତ ବେଳେ ଜଣାପଡିଛି। ସେହିପରି ବିବାଦୀୟ ଜମିକୁ ଅକ୍ତିଆର କରିବା ସହ ଜମି ପଜେଶନ ଦେବା ଆଦି କାର୍ଯ୍ୟରେ ଏଭଳି ଗ୍ୟାଙ୍ଗକୁ ନିୟୋଜନ କରାଯାଇଛି। ରାଜଧାନୀର ବିଭିନ୍ନ ସ୍ଥାନରେ ଏପରି ୩ରୁ ୪ଟି ଗ୍ୟାଙ୍ଗ ଏବେ ବି ସକ୍ରିୟ ରହିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଡିସିପି ସିଂ କହିଛନ୍ତି।

### ସହରବାସୀଙ୍କୁ ଡିସିପିଙ୍କ ଅପିଲ

**‘ଏଭଳି ଅପରାଧ ସମ୍ମୁଖୀନ ହେଉଥିଲେ ତୁରନ୍ତ ପୋଲିସକୁ ଜଣାଅ’**

ରାଜଧାନୀରେ ଘର ବା ଜାଗା କିଣିବାକୁ ବିଭିନ୍ନ ଅଞ୍ଚଳ ବା ରାଜ୍ୟରୁ ଲୋକମାନେ ଆସୁଛନ୍ତି। କିନ୍ତୁ ଏଠାରେ ଘର କରିବା ପୂର୍ବରୁ ଦଲାଲ ବା ସ୍ଥାନୀୟ ଅସାମାଜିକ ଲୋକ ଟଙ୍କା ଦାବି କରନ୍ତି। ଯେଉଁମାନେ ଟଙ୍କା ନ ଦେଉଛନ୍ତି ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦିଅନ୍ତି। ଏପରିକି ପୋଲିସକୁ ଜଣାଇଲେ କିଛି ଲାଭ ହେବ ନାହିଁ କହି ଭ୍ରମ ସୃଷ୍ଟି କରନ୍ତି। ଯାହାଫଳରେପୀଡିତମାନେଅଭିଯୁକ୍ତଙ୍କବିରୋଧରେକେସ୍‌କରିବାକୁଆଗକୁଆସନ୍ତିନି। ତେଣୁ ଏଭଳି ଅପରାଧ ବା ଆପରାଧିକ କାର୍ଯ୍ୟ କଳାପର ସମ୍ମୁଖୀନ ହେଉଥିଲେ ତୁରନ୍ତ ପୋଲିସକୁ ଖବର ଦିଅନ୍ତୁ। ଆଉ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ଡିସିପି ପ୍ରତୀକ ସିଂ ସହରବାସୀଙ୍କୁ ଅପିଲ କରିଛନ୍ତି।

### ଘଟଣା ପଛରେ...ସୁପାରି

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ପ୍ଲଟ୍ ନଂ.୧୪୭୦ରେ ଥିବା ଘର ଭଡ଼ା ନେଇ ସୁବାସ ଅଗ୍ରୱାଲ ଓ ସୁବାସ ସାମଲ ଦୁଇଟି ଦୋକାନ କରିଥିଲେ। ଗତ ୨୪ ତାରିଖ ବିଳମ୍ବିତ ରାତିରେ ୫୦ରୁ ଅଧିକ ବ୍ୟକ୍ତି ବସ୍, ଜେସିବି ଓ ବାଇକରେ ଆସି ଜେସିବି ଲଗାଇ ହଠାତ ଭାଙ୍ଗିବା ଆରମ୍ଭ କରିଥିଲେ। ତେବେ ମୋବାଇଲ୍‌ରେ ଏହାର ଭିଡିଓ ଶୁଟ୍ କରୁଥିବା ଲୋକଙ୍କୁ ସେମାନେ ଡରାଇ ଧମକାଇବା ସହ ଫୋନ୍ ଛଡାଇ ନେଇଥିଲେ। ପରେ ଉକ୍ତ ଦୋକାନରୁ ବହୁ ଟଙ୍କାର ଜିନିଷ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିବା ପରେ ଜଣାପଡିଲା ଯେ, ଏହା ପଛରେ ରଞ୍ଜିତ ଦାସ ସୁରିଆଙ୍କର ହାତ ରହିଛି। ରଞ୍ଜିତ ଉକ୍ତ ପ୍ଲଟ୍‌କୁ ପ୍ରଦୀପ କୁମାରଙ୍କ ଭାଇମାନଙ୍କଠାରୁ କିଣିଥିଲେ। ଜମି କିଣିବା ପରେ ବି ସେ ତାହାକୁ ଅକ୍ତିଆରକୁ ନେଇପାରୁ ନ ଥିଲା। ସେହି ଜମି ଉପରେ ଦୁଇଟି ଦୋକାନ ଘର ଥିଲା। ତାହାକୁ ଭାଙ୍ଗି ଏହି ବିବାଦୀୟ ଜମିକୁ ନିଜ ଅକ୍ତିଆରକୁ ନେବା ଲାଗି ରଞ୍ଜିତ ଏହି ବାଉନ୍ସର ଗ୍ୟାଙ୍ଗର ସହଯୋଗ ନେଇଥିଲା। ଏଥିପାଇଁ ଗ୍ୟାଙ୍ଗ ମୁଖ୍ୟ ନକୁଳ ମହାକୁଡ଼ ସୁପାରି ନେଇଥିବା ପୋଲିସ ଜାଣିବାକୁ ପାଇଛି।

## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୧ତମ ଜୟନ୍ତୀ ବିଧାୟକ କଲୋନୀ ନିକଟସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- କଳିଙ୍ଗ ସିଏସ୍ଆର୍ ଆୱାର୍ଡ, ହୋଟେଲ ନ୍ୟୁ ମାରିୟନ୍, ପୂର୍ବାହ୍ନ ୧୦ଟା।
- ବୟନିକାର ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଅବଗତି ଦିବସ, ହୋଟେଲ ଶୀତଲ, ପୂର୍ବାହ୍ନ ୧୧ଟା।
- ଉଇ ଓଡ଼ିଆ ବ୍ଲଗର୍ସ ପକ୍ଷରୁ ଓଡ଼ିଶା ଆଭା, ଲୋହିଆ ଏକାଡେମୀ, ୟୁନିଟ୍-୯, ଅପରାହ୍ନ ୪ଟା।
- ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର ଉଦ୍‌ଘାଟନ,ଏକାମ୍ର ହାଟ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ପୁସ୍ତକ ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ ୨୦୨୩ ଅବସରରେ ନାଟକ ‘ଭକ୍ତବନ୍ଧୁ ଦାରୁ ଦେବତା’, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

**କଟକ**

- କଟକ ବୈଶାଖୀ ବାଣିଜ୍ୟ ମେଳା ପରିବାର ପକ୍ଷରୁ ୧୮ତମ ଅନ୍ତର୍ଜାତୀୟ କଟକ ବୈଶାଖୀ ମେଳା, ଉପର ବାଲିଯାତ୍ରା ପଡ଼ିଆ, ଅପରାହ୍ନ ୨ଟା।

**ବାଲିଅନ୍ତା**

- ରାମଲୀଳାର ପ୍ରଥମ ରଜନୀ ନାଟକ ଶ୍ରୀରାମ ଜନ୍ମ ଓ ତାଡ଼କା ବଧ, ବେଣୁପର ରାମଲୀଳା ପଡ଼ିଆ ଓ କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମଲୀଳାର ପ୍ରଥମ ନାଟକ ହନୁମାନ ଜନ୍ମ, ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର, ରାତି ୧୧ଟା ୩୦।

**କୋଣାର୍କ**

- ହସ୍ତଶିଳ୍ପ ପ୍ରଦର୍ଶନୀ, ଅର୍ବାନ ହାଟ, ଅପରାହ୍ନ ୨ଟା।

**ଟିଗିରିଆ**

- ନୂଆପାଟଣା ନଂ. ୨ ତନ୍ତୁବାୟ ସହଯୋଗ ସମିତିର ବାର୍ଷିକ ସାଧାରଣ ସଭା, ସମିତି ପରିସର, ଅପରାହ୍ନ ୩ଟା।


ନୟାଗଡ଼ର ଦଶପଲା ବନଖଣ୍ଡରୁ ଦ୍ୱିତୀୟ ପର୍ଯ୍ୟାୟରେ ଆସିଥିବା ରଥକାଠ ପୁରୀରେ ପହଞ୍ଚିଛି।

# ପୁରୀରେ ପହଞ୍ଚିଲା ଦ୍ୱିତୀୟ ପର୍ଯ୍ୟାୟ ରଥ କାଠ

ପୁରୀ ଅଫିସ,୩୦।୩

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂର୍ବରୁ ନୟାଗଡ଼ ବନଖଣ୍ଡରୁ ପ୍ରଥମ ପର୍ଯ୍ୟାୟରେ ୧୦୪ ରଥ କାଠ ପୁରୀରେ ପହଞ୍ଚିଥିବା ବେଳେ ଗୁରୁବାର ନୟାଗଡ଼ର ଦଶପଲା ବନଖଣ୍ଡରୁ ଦ୍ୱିତୀୟ ପର୍ଯ୍ୟାୟରେ ଗୋଟିଏ ରଥକାଠ ବୋଝେଇ ଟ୍ରକ ପୁରୀରେ ପହଞ୍ଚିଛି। ଏଥିରେ ସମୁଦାୟ ୨୪ ଖଣ୍ଡ ଅସନ ଓ ଧଉରା କାଠ ରହିଛି। ୨୪ ଖଣ୍ଡ କାଠ ମଧ୍ୟରେ ୨୦ ଫୁଟିଆ ୬ଟି ଓ ୧୨ଫୁଟିଆ ୬ଟି ଅସନ ଓ ଧଉରା କାଠ ରହିଛି। ରଥଯାତ୍ରା ପାଇଁ ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷରୁ ୧୧୮ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ରଥଯାତ୍ରା ପାଇଁ ୭୪୭ ଖଣ୍ଡ କାଠର ଆବଶ୍ୟକତା ରହିଛି। ତେବେ ୭୪୭ ଖଣ୍ଡରୁ ଏପର୍ଯ୍ୟନ୍ତ ମୋଟ ୧୨୮ଖଣ୍ଡ କାଠ ପୁରୀରେ ପହଞ୍ଚିଥିବା ବେଳେ ବଳକା କାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିବ। ସେହିପରି ୮୧ ଖଣ୍ଡ କାଠ କଟକର ସ ମିଲସ୍ଥିତ ଖପୁରିଆ କଳତକରରେ ପହଞ୍ଚି ସାରିଛି। ରଥ ସଂହିତା ପରମ୍ପରା ଅନୁଯାୟୀ ଶ୍ରୀପଞ୍ଚମୀ ତିଥିରେ ରଥକାଠ ପୂଜା ଅନୁକୂଳ ହୋଇଥିଲା। ସେହିପରି ରାମ ନବମୀରେ କଟକସ୍ଥିତ ସ ମିଲରେ ରାଥ କାଠ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ପରମ୍ପରା ଅନୁଯାୟୀ ଅକ୍ଷୟତୃତୀୟା ତିଥିରେ ରଥ କାର୍ଯ୍ୟ ଅନୁକୂଳ ହେବାର ବିଧି ରହିଛି।

# ଅବସରପ୍ରାପ୍ତ ଅଫିସରଙ୍କୁ ଅପହରଣ କରି ମୁଣ୍ଡ ଜାମିନ

## ୫ ଅପହରଣକାରୀ ଗିରଫ



ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଅବସରପ୍ରାପ୍ତ ସିଭିଲ ସପ୍ଲାଇ ଅଫିସର ମନୋଜ ମହାପାତ୍ରଙ୍କୁ ଅପହରଣ କରି ଦେଢ଼ କୋଟି ଟଙ୍କାର ମୁଣ୍ଡ ଜାମିନ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ୫ ଅପହର୍ତ୍ତାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ପେଣ୍ଠକଟା ମେରାଇନ ଥାନା ଅଞ୍ଚଳର କାଳିଆ ନାୟକ (୩୬), ରାଜେଶ କୁମାର ଦାସ ଓରଫ ରାଜା (୨୦), ପ୍ରଶାନ୍ତ କୁମାର ନାୟକ ଓରଫ କୁରୁପା (୩୧), ଅନନ୍ତ ପଣ୍ଡା (୩୫) ଓ ବଳଙ୍ଗା ଥାନା ଅଞ୍ଚଳର ନିରୋଦ କୁମାର ସ୍ୱାଇଁ ଓରଫ ଟିଙ୍କିନା (୪୦)। ଅଭିଯୁକ୍ତଙ୍କଠାରୁ ୫ଟି ମୋବାଇଲ ଓ ଗୋଟିଏ କାର୍ (ଓଡି୦୨ବିଜି୩୫୧୨) ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୨୬/୨୦୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଶହୀଦନଗରରେ ରହୁଥିବା ମନୋଜଙ୍କ ଘରେ ଅଭିଯୁକ୍ତ ଟିଙ୍କିନାଙ୍କ ଭିଣୋଇ ପୂର୍ବରୁ କାମ କରୁଥିଲେ। ଏହି ସମୟରେ ଟିଙ୍କିନା ମନୋଜଙ୍କୁ ଜାଣିଥିଲେ। ପରେ ତାଙ୍କୁ ଅପହରଣ କରିବାକୁ ଯୋଜନା କରିଥିଲେ। ମାର୍ଚ୍ଚ ୨୪ରେ ଜଗନ୍ନାଥନଗର ଲେନ୍-୮ସ୍ଥିତ ନିର୍ମାଣଧୀନ ଘର ଦେଖିବାକୁ ମନୋଜ ଯାଇଥିଲେ। ଅପରାହ୍ନରେ ସେ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରି ନେଇଥିଲେ। ଏହାପରେ ମନୋଜଙ୍କୁ ମୁଣ୍ଡ ଜାମିନ ରଖି ଅଭିଯୁକ୍ତମାନେ ତାଙ୍କ ସ୍ତ୍ରୀଙ୍କୁ ରାତିରେ ଦେଢ଼ କୋଟି ଟଙ୍କା ମାଗିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଅପହରଣକାରୀମାନେ ମନୋଜଙ୍କୁ ଡେଲାଙ୍ଗସ୍ଥିତ ଅଭିଯୁକ୍ତ ଟିଙ୍କିନାଙ୍କ କୁକୁଡ଼ା ଫାର୍ମରେ ରଖିଥିଲେ। ତେବେ ମନୋଜ ଟଙ୍କା ଦେବେ ବୋଲି କହିବାରୁ ୨୫ ତାରିଖ ସକାଳୁ ଅଭିଯୁକ୍ତମାନେ ତାଙ୍କୁ ଏକ ଅଟୋରେ ବସାଇ ଦେଇଥିଲେ। ତେବେ ପୋଲିସ ଫୋନ୍ ଟ୍ରାକ୍ କରି ଡେଲାଙ୍ଗ ନିକଟରୁ ମନୋଜଙ୍କୁ ଠାବ କରିଥିବାବେଳେ ଅଭିଯୁକ୍ତମାନଙ୍କୁ ପୁରୀ ଅଞ୍ଚଳରୁ ଗିରଫ କରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com


@ ବିଶ୍ୱଜିତ୍


@ ଗୁଡୁ


@ ରାଜକିଶୋର


@ ଦିବ୍ୟଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପାଣିଗୋଧି ଛୁଆ, ଚିତ୍ରାହରିଣ ମୃତ

ବାରଙ୍ଗ,୩୦।୩(ଡି.ଏନ୍.ଏ.)

ଗୋଟେ ଦିନ ପୂର୍ବେ ଏକ ମାଣ୍ଡାରିନ ବତକର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ଏକ ଚିତ୍ରାହରିଣ ଓ ପାଣିଗୋଧି ଛୁଆର ମୃତ୍ୟୁ ଘଟିଛି। ନନ୍ଦନକାନନ ସରୀସୃପ ଉଦ୍ୟାନର ୪୬ ନଂ. (ଛ) ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ପାଣିଗୋଧି ବୁଧବାର ୫ଟି ଶାବକ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ଗୁରୁବାର ଜଣକର ମୃତ୍ୟୁ ହୋଇଛି। ଜନ୍ମିତ ଶାବକ ମଧ୍ୟରୁ ଗୋଟିକୁ ମା’ ଗ୍ରହଣ ନ କରିବାରୁ ନନ୍ଦନକାନନ ଡାକ୍ତର ବେବି କେୟାର ସେଣ୍ଟରରେ ଜଣେ ଅସ୍ଥାୟୀ କର୍ମଚାରୀ ସେହି ଶାବକର ଲାଳନପାଳନ କରୁଥିଲେ। ହେଲେ ସେଣ୍ଟର ଗୃହରେ ଶାବକଟି ମରିପଡିଥିବା ଜଣାପଡିଥିଲା। ଶାବକଟିର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୮ରେ ପହଞ୍ଚିଛି। ସେହିପରି ନନ୍ଦନକାନନ ପରିସର ଜଙ୍ଗଲରେ ମୁକ୍ତରେ ବିଚରଣ କରୁଥିବା ଏକ ଚିତ୍ରାହରିଣ ବୁଲା କୁକୁର ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ବୁଧବାର ଜଣାପଡିଥିଲା। କର୍ମଚାରୀମାନେ ଆହତ ହରିଣକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଗୁରୁବାର ହରିଣଟି ଡାକ୍ତରଖାନାରେ ମରିପଡିଥିବା ଦେଖିବାକୁ ମିଳିଥିଲା।

### ଡାକ୍ତରଖାନା ଆସିଲା ଭାଲୁ ବାସନ୍ତି

ଅନ୍ୟପଟେ ଭାଲୁ ସଫାରିର ଦେଶୀ ଭାଲୁ ବାସନ୍ତୀ ଗୋଡ଼ରୁ ରକ୍ତ ବାହାରିବା ସହ ସେ ଠିକ୍ ଭାବେ ଚଲାଚଲି କରିପାରୁ ନ ଥିବାରୁ ତାକୁ ବୁଧବାର ଡାକ୍ତରଖାନା ଅଣାଯାଇ ଚିକିତ୍ସା ଚାଲିଛି।



ଏପ୍ରିଲ ୧ ଓଡ଼ିଶା ଦିବସ ପାଇଁ ରାଜଧାନୀ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମୁଖ ରାସ୍ତା ପାର୍ଶ୍ୱକୁ ଆଲୋକମାଳାରେ ସଜା ଯାଇଛି। (ଫଟୋ- ବିକାଶ)

**ଗ୍ରହବିପ୍ର ଦୈବଜ୍ଞ ସମିତି ବାର୍ଷିକ ସମ୍ମିଳନୀ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ଓଡ଼ିଶାର ସର୍ବ ପୁରାତନ ଗ୍ରହବିପ୍ର (ଦୈବଜ୍ଞ) ସମିତିର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ବୈତାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାରେ କଟକ, ପୁରୀ, ଖୋର୍ଦ୍ଧା ଜିଲାର ବହୁ ଦୈବଜ୍ଞ ଯୋଗ ଦେଇଥିଲେ। ବିନୋଦ କୁମାର ସେନାପତି ସଭାପତିତ୍ୱ କରିଥିବା ବେଳେ ସମିତି ସମ୍ପାଦକ ପ୍ରମୋଦ ସେନାପତି ବିବରଣୀ ପାଠ କରିଥିଲେ। ଆଗାମୀ ଦିନରେ ଜ୍ୟୋତିଷ କର୍ମକାଣ୍ଡ ଓ ବାସ୍ତୁ ଶାସ୍ତ୍ର ଉପରେ କର୍ମଶାଳା କରି ଦୈବଜ୍ଞ ବ୍ରାହ୍ମଣ ପିଲାମାନଙ୍କୁ ଶିକ୍ଷା ଦେବାକୁ ସ୍ଥିର କରାଯାଇଥିଲା। ଶ୍ୟାମସୁନ୍ଦର ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଗଣବଳାତ୍କାର

ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର)- ନେମାଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯିବା ପରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ.୪୭/୨୩) ରୁଜୁ କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ୫ ଜଣ ବ୍ୟକ୍ତି ତାଙ୍କ ଘରେ ପଶି ବଳାତ୍କାର କରିବା ସହ ଆଲମିରା ଖୋଲି ନଗଦ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ବିଶ୍ୱାଳ ପ୍ରକାଶ କରିଛନ୍ତି।

### କର୍କଟ ପୀଡ଼ିତ ଶିକ୍ଷକଙ୍କୁ ୧.୪ ଲକ୍ଷ ଟଙ୍କା ସହାୟତା

ଭୁବନେଶ୍ୱର,୩୦।୩(ବ୍ୟୁରୋ)- ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର କ୍ରୀଡା ଶିକ୍ଷକ ଛୋଟରାୟ ମାରାଣ୍ଡି ମୁଖ ଗହ୍ୱର କର୍କଟ ରୋଗରେ ପୀଡ଼ିତ ହୋଇଛନ୍ତି। ତାଙ୍କ ଚିକିତ୍ସା ପାଇଁ ଅଧିକ ଟଙ୍କାର ଆବଶ୍ୟକତା ଥିବା ଖବର ପାଇ କ୍ରୀଡା ଶିକ୍ଷା ଶିକ୍ଷକ ପରିବାର ସହାୟତାର ହାତ ବଢ଼ାଇଛି। ଏହି ପରିବାରର ଆହ୍ୱାନକ୍ରମେ ପ୍ରତି ଜିଲା ଓ ପ୍ରତି ବ୍ଲକରେ ଥିବା କ୍ରୀଡା ଶିକ୍ଷା ଶିକ୍ଷୟିତ୍ରୀଶିକ୍ଷକମାନେ ୧ ଲକ୍ଷ ୪୦ ହଜାର ଟଙ୍କା ଯୋଗାଡ କରିଥିଲେ। ଗୁରୁବାର ପରିବାରର କର୍ମକର୍ତ୍ତାମାନେ କ୍ରୀଡା ଶିକ୍ଷକ ଛୋଟରାୟଙ୍କ ବାସଭବନକୁ ଯାଇ ଚିକିତ୍ସା ବାବଦକୁ ଆର୍ଥିକ ସହଯୋଗ ରାଶି ପ୍ରଦାନ କରିଥିଲେ। ଆମ ପରିବାରର ପ୍ରଫୁଲ୍ଲ କୁମାର ଗେରୁଙ୍କ ସହ ବିଶ୍ୱ ବିଜୟୀ ବିବେକାନନ୍ଦ ବେହେରା, ସ୍ୱରାଜ ଚୌଧୁରୀ, ଶରତ କୁମାର ସାହୁ, ବେବୀ ସାହିଲ, ପୁଣ୍ୟବ୍ରତ ମହାପାତ୍ର ଓ ରଞ୍ଜନ କୁମାର ପାତ୍ର ପ୍ରମୁଖ ପ୍ରମୁଖ ଭୂମିକା ନେଇଥିଲେ।

### ଏପ୍ରିଲ ୧ରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା

ଭୁବନେଶ୍ୱର,୩୦।୩(ବ୍ୟୁରୋ)- ସମ୍ଭାବନା ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଶନିବାର ଓଡ଼ିଶା ଦିବସରୁ ଏକାମ୍ର ହାଟଠାରେ ଆରମ୍ଭ ହେବ। ସଂପୂର୍ଣ୍ଣ ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଆଧାରିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ପ୍ରତିଯୋଗୀ ଓଡ଼ିଆଣୀମାନେ ପୁରାଣ ଆବୃତ୍ତି ଓ ହୁଳହୁଳି ପ୍ରତିଯୋଗିତାରେ ଭାଗ ନେବେ। ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ମଧ୍ୟ ଉଦ୍‌ଘାଟିତ ହେବ। ସେହିଭଳି ଶିଶୁ କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀ ଶିଶୁ କିଶୋରମାନେ ହସ୍ତାକ୍ଷର, ଚିତ୍ରାଙ୍କନ, ଶ୍ରୁତଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ। ସନ୍ଧ୍ୟାରେ ଓଡ଼ିଆ ଦେଶାତ୍ମବୋଧକ ସଂଗୀତ ସହିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ।

### ସୁନା ଚେନ ଜବତ, ମହିଳା ଗିରଫ

ଭୁବନେଶ୍ୱର,୩୦।୩(ବ୍ୟୁରୋ) : ସୁନା ଚେନ ଛଡାଇନେବା ବେଳେ ଅଭିଯୁକ୍ତା ମହିଳାଙ୍କୁ ଧରି ଖାରବେଳନଗର ଥାନା ପୋଲିସ ଜିମାରେ ଦେଲେ ମହିଳା । ଅଭିଯୁକ୍ତା ଜଣଙ୍କ ହେଲେ ପଶ୍ଚିମବଙ୍ଗର ଲଳିତା ମୁଦୁଲି (୬୦) । ଏନେଇ ପୋଲିସ ମାମଲା (ନଂ ୧୪୦/୨୩) ରୁଜୁ କରି ଅଭିଯୁକ୍ତା ମହିଳାଙ୍କୁ କୋର୍ଟ ଚାଲାଣ କରିଛି । ତାଙ୍କଠାରୁ ୨୨ ଗ୍ରାମର ସୁନା ଚେନ ଜବତ କରିଛି ପୋଲିସ। ସୂଚନାନୁସାରେ ଗୁରୁବାର ରାମ ନବମୀ ପଡିଥିବାରୁ ଅଭିଯୋଗକାରିଣୀ ରାମ ମନ୍ଦିରକୁ ଦର୍ଶନ ଲାଗି ଧାଡିରେ ଛିଡା ହୋଇଥିଲେ । ଏହି ସମୟରେ ଅଭିଯୁକ୍ତା ମହିଳା ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇବା ଲାଗି ଚେଷ୍ଟା କରିବା ବେଳେ ଅଭିଯୋଗକାରିଣୀ ତାଙ୍କୁ କାବୁ କରିବା ସହିତ ପୋଲିସକୁ ଖବର ଦେଇ ଜିମାରେ ଦେଇଥିଲେ । ପରେ ଅଭିଯୋଗକାରିଣୀ ଥାନାରେ ଏସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ ।

# ଜାଗା ମିଶନ ସର୍ଭେରେ ଚଞ୍ଚକତା ଅଭିଯୋଗ

- ସର୍ଭେ ପରେ ବି ତାଲିକାରୁ ଅନେକ ବାଦ୍
- ଆଜି ବିଏମ୍‌ସି ଘେରିବ ରାଜ୍ୟ ଭାଜପା

ଭୁବନେଶ୍ୱର, ୩୦।୩ (ବ୍ୟୁରୋ)

ଏପ୍ରିଲ ୧ ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକଜାଗାମିଶନଅଧୀନରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିବେ। ସମୟ ପାଖେଇ ଆସୁଥିବାବେଳେ ଜାଗା ମିଶନ୍ ସର୍ଭେକୁ ନେଇ ଅଡୁଆ ବଢ଼ିବାରେ ଲାଗିଛି। ମହାନଗରରେ ଥିବା ବସ୍ତି ଅଞ୍ଚଳରେ ପ୍ରଥମେ ଡ୍ରୋନ୍ ସର୍ଭେ ଏବଂ ପରେ ଘରକୁ ଘର ବୁଲି ସର୍ଭେ ହୋଇଥିଲା। ଭୁବନେଶ୍ୱରରେ ୪୩୬ଟି ପଞ୍ଜୀକୃତ ବସ୍ତି ଥିବାବେଳେ ସେଥିମଧ୍ୟରୁ ପ୍ରାୟ ୧୨୫ଟି ବସ୍ତିରେ ସର୍ଭେ ହୋଇନାହିଁ। ଅପରପକ୍ଷେ ସର୍ଭେ ହୋଇଥିବା ବସ୍ତିଗୁଡିକ ମଧ୍ୟରୁ ଅଧିକାଂଶ ବସ୍ତିରେ ବାସିନ୍ଦାଙ୍କ ନାମ ତାଲିକାଭୁକ୍ତ ହୋଇନାହିଁ, ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ପ୍ରାୟ ୧୫ ଦିନ ହେବ ବିଭିନ୍ନ ବସ୍ତିବାସିନ୍ଦା ବିଏମ୍‌ସିର ଜୋନ୍‌ଅଫିସ୍ ଓ ମୁଖ୍ୟ ଅଫିସ୍‌କୁ ଦୌଡୁଛନ୍ତି। ସେହିପରି ସରକାର କିନ୍ନରମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ବିଭିନ୍ନ ଯୋଜନା କରୁଥିବା କହୁଥିବାବେଳେ ସେମାନଙ୍କ ଥଇଥାନ ପାଇଁ ଏ ପର୍ଯ୍ୟନ୍ତ ସର୍ଭେ ହୋଇପାରି ନାହିଁ। ମହାବୀର ବିଜୁ ଆଦର୍ଶ କଲୋନୀ, ନିଳାଦ୍ରୀବିହାର ବସ୍ତି, ବନଫୁଲ ବସ୍ତି, ସୁବାଷ ବୋଷ ନଗର ବସ୍ତି, ପ୍ରଶାନ୍ତି ବିହାର ବସ୍ତି ଭଳି ବିଭିନ୍ନ ବସ୍ତିରେ ଏଭଳି ଅବ୍ୟବସ୍ଥା ହୋଇଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ଲାଗି ରହିଛି। ତେବେ କଥା ଯେପରି ଆଗକୁ ନ ବଢ଼ିବ ସେଥିପାଇଁ ସମ୍ପୃକ୍ତ ୱାର୍ଡର କର୍ପୋରେଟରମାନେ ବୈଠକ ପରେ ବୈଠକ କରି ଅସନ୍ତୁଷ୍ଟ ବସ୍ତି ବାସିନ୍ଦାଙ୍କୁ ବୁଝାଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ସର୍ଭେରେ ବ୍ୟାପକ ହେରଫେର୍ ହୋଇଥିବା ଅଭିଯୋଗ କରି ଶୁକ୍ରବାର ରାଜ୍ୟ ଭାଜପା ପକ୍ଷରୁ ବିଏମ୍‌ସି ମୁଖ୍ୟାଳୟ ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଓଡ଼ିଶା ବସ୍ତି ମହାସଂଘର ସଭାପତି ପ୍ରତାପ ସାହୁ କହିଛନ୍ତି, ସର୍ଭେ ହୋଇଥିବା ସମସ୍ତ ବସ୍ତିରେ ଏଭଳି ଅବ୍ୟବସ୍ଥା ହୋଇଛି। ୪ଶହ ଲୋକ ରହୁଥିବା ବସ୍ତିରେ ୪୭ଜଣଙ୍କ ନାମ ତାଲିକାରେ ଆସିଛି। ଅଭିଯୋଗ କଲେ ଦ୍ୱିତୀୟ ପର୍ଯ୍ୟାୟରେ ତାଲିକା କରି ପଟ୍ଟା ବଣ୍ଟନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସଫେଇ ଦିଆଯାଉଛି। ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ପଟ୍ଟା ଦିଆଯିବା ନେଇ କ'ଣ ଗ୍ୟାରେଣ୍ଟି ରହିଛି ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଶାସକ ଦଳ ପ୍ରଭାବ ରହିଥିବା ବସ୍ତି କିମ୍ବା କମିଟି ସଦସ୍ୟଙ୍କ ପରିଚିତ ବାସିନ୍ଦାଙ୍କୁ ତାଲିକାରେ ପ୍ରାଥମିକତା ଦିଆଯାଉଛି। ତେଣୁ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି ପ୍ରତାପ କହିଛନ୍ତି। ସେହିପରି ସୁବାଷ ବୋଷ ନଗର ବସ୍ତି କମିଟି ସଭାପତି ପୁଷ୍କର ସୁବୁଦ୍ଧି କହିଛନ୍ତି, ଆମ ବସ୍ତିରେ ୧୨୬୭ଟି ଘରର ସର୍ଭେ ହୋଇଥିଲା। ସେଥିରୁ ମାତ୍ର ୮ଶହ ୬୯ଜଣଙ୍କର ନାମ ତାଲିକାଭୁକ୍ତ ହୋଇଥିବାବେଳେ ୩୯୮ଜଣଙ୍କ ନାମ ବାଦ୍ ପଡିଛି। ଏମାନେ ବସ୍ତିରେ ଦୀର୍ଘଦିନ ଧରି ରହୁଥିବାବେଳେ ସମସ୍ତ ପ୍ରମାଣ ପତ୍ର ମଧ୍ୟ ରହିଛି। ବିଏମ୍‌ସିର ଏଭଳି ଭୁଲ୍ ସର୍ଭେ କାରଣରୁ ଅଧିକାଂଶ ଲୋକ ଉପକୃତ ହେବାରୁ ବଞ୍ଚିତ ହେବେ ବୋଲି ପୁଷ୍କର କହିଛନ୍ତି। ବିଏମ୍‌ସି ଅଧିକାରୀଙ୍କ କହିବା ଅନୁଯାୟୀ, ଏପ୍ରିଲ ୧ ତାରିଖରେ ମୁଖ୍ୟମନ୍ତ୍ରୀ ୫୦ହଜାର ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରିବେ। ତେଣୁ ମହାନଗର ଅଧିନରେ ଥିବା ବିଭିନ୍ନ ବସ୍ତି ମଧ୍ୟରୁ କିଛି କିଛି ବାସିନ୍ଦାଙ୍କ ନାମ ତାଲିକାଭୁକ୍ତ କରାଯାଇଛି। ଜମିପଟ୍ଟା ବଣ୍ଟନ ହେବାର ୧୦ ଦିନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କ ନାମ ତାଲିକାଭୁକ୍ତ ହୋଇ ସେମାନଙ୍କୁ ପଟ୍ଟା ବଣ୍ଟନ କରାଯିବ ବୋଲି ସେ ସଫେଇ ଦେଇଛନ୍ତି। ମାତ୍ର ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବସ୍ତି ବାସିନ୍ଦା। ସେହିପରି ଜାଗା ମିଶନ କମିଟିରେ ଥିବା ବିଏମ୍‌ସି ଅଧିକାରୀମାନେ ପାତର ଅନ୍ତର କରିବା ସହ ହାତଗୁଞ୍ଜା ନେଇ ଏବଂ ନିଜ ପରିଚିତ ଲୋକଙ୍କ ନାମକୁ ତାଲିକାଭୁକ୍ତ କରିଥିବା ଅଭିଯୋଗ ହୋଇଥିଲା। ଯାହାପରେ ବିଏମ୍‌ସି ପକ୍ଷରୁ କମିଟିର ପ୍ରାୟ ୧୮ଜଣଙ୍କ ନାମରେ ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି।

# ବିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ




## ୫୦ କେଜିର ପ୍ଲାଷ୍ଟିକ୍ ସାମଗ୍ରୀ ଜବତ

ଭୁବନେଶ୍ୱର, ୩୦।୩ (ବ୍ୟୁରୋ)

ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକକୁ ନିଷିଦ୍ଧ ଘୋଷଣା କରାଯିବା ସତ୍ତ୍ୱେ ଅନେକ ସ୍ଥାନରେ ଖୁଲମ୍‌ଖୁଲା ଭାବେ ଏହାର ବ୍ୟବହାର କରାଯାଉଛି। କିଛିଦିନର ବ୍ୟବଧାନ ପରେ ପୁଣି ଥରେ ବିଏମ୍‌ସି ପକ୍ଷରୁ ଜୋର୍‌ଦାର ଚଢାଉ ଆରମ୍ଭ ହୋଇଛି। ଏହି କ୍ରମରେ ଗୁରୁବାର ୟୁନିଟ-୧ ମାର୍କେଟ ଅଞ୍ଚଳ, ବିଦ୍ୟୁତ୍ ମାର୍ଗ ଅଞ୍ଚଳ, ଜନପଥ, ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଅଞ୍ଚଳ ସହିତ ଛୋଟବଡ଼ ଦୋକାନ, ରାସ୍ତାକଡ଼ ଖାଦ୍ୟଷ୍ଟଲ ଆଦି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ବିଭିନ୍ନ ଦୋକାନୀଙ୍କ ଏକକ ବ୍ୟବହାର ପ୍ଲାଷ୍ଟିକ୍, ପଲିଥିନ ଜବତ କରିବା ସହ ମୋଟ୍ ୬ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ୫୦ କେଜିର ପ୍ଲାଷ୍ଟିକ ସାମଗ୍ରୀ ମଧ୍ୟ ଜବତ କରାଯାଇଥିଲା।

# କାରରେ ଗଞ୍ଜେଇ ଚୋରାଚାଲାଣ, ୩ ଗିରଫ

ଭୁବନେଶ୍ୱର,୩୦।୩(ବ୍ୟୁରୋ)



କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବିକ୍ରମ ବାରିକ, ଗଞ୍ଜାମର କ୍ରିତନ ଗୌଡ ଓ ଖଣ୍ଡଗିରିରେ ରହୁଥିବା କଟକର ପ୍ରମୋଦ କୁମାର ବେହେରା। ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ ,୩ ମୋବାଇଲ ଫୋନ,ଗୋଟିଏ କାର ଜବତ କରିଛି । ଏନେଇ ପୋଲିସ ମାମଲା (ନଂ ୧୨୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୁକ୍ତମାନେ ଏକ କାରରେ ଗଞ୍ଜେଇ ନେଇ ଯାଉଥିବା ଖବରପାଇ ସ୍ଥାନୀୟ ଥାନା ଅନ୍ତର୍ଗତ ସନ୍ତୋଷିବିହାର ଗେଟ ନିକଟରେ ଅତର୍କିତ ଚଢାଉ କରିଥିଲା। କାର ଯାଞ୍ଚ କରିବାରୁ ଭିତରୁ ଗଞ୍ଜେଇ ବସ୍ତା ମିଳିବାରୁ ସମସ୍ତଙ୍କୁ କାବୁ କରିଥିଲା।

# ନୂଆ ରୂପରେ ଟ୍ରାଫିକ୍ ଥାନା-୨






ଭୁବନେଶ୍ୱର,୩୦।୩(ବ୍ୟୁରୋ)

**ନୂତନ କୋଠାକୁ ଉଦ୍‌ଘାଟନ କଲେ ପୋଲିସ ଡିଜି**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଟ୍ରାଫିକ ଥାନା-୨ ନୂଆ ରୂପ ପାଇଛି। ପୂର୍ବରୁ ଚନ୍ଦ୍ରଶେଖରପୁରରେ ଏହି ଥାନା ଥିବାବେଳେ ଗୁରୁବାର ପାତ୍ରପଡ଼ାଠାରେ ଦୁଇ ମହଲା ବିଶିଷ୍ଟ ନୂତନ କୋଠାକୁ ଉଦ୍‌ଘାଟନ କରାଯାଇଛି। ପୂର୍ବାହ୍ନରେ ପୋଲିସ ଡିଜି ସୁନିଲ ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କୋଠାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଓପିଏଚ୍‌ଡବ୍ଲ୍ୟୁସିର ପରିଚାଳନା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମିତ ହୋଇଛି। ତେବେ ଟ୍ରାଫିକ ଥାନା-୨ କାର୍ଯ୍ୟକାରୀ ହେଉଥିବା ଚନ୍ଦ୍ରଶେଖପୁରସ୍ଥିତ ସ୍ଥାନରେ ଏକ ଫାଣ୍ଡି କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ଟ୍ରାଫିକ ଥାନା-୨ ଅଧୀନରେ ୧୧ଟି ଟି ଥାନା ରହିଛି। ସେଗୁଡ଼ିକ ମଧ୍ୟରୁ ଇମ୍‌ଫୋଭ୍ୟାଲି, ଜଟଣୀ, ତମାଣ୍ଡୋ, ଖଣ୍ଡଗିରି, ଭରତପୁର, ଚନ୍ଦକା, ନୟାପଲ୍ଲୀ, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ନନ୍ଦନକାନନ ଓ ଇମ୍‌ଫୋସିଟି ଥାନା ରହିଛି। ଭୁବନେଶ୍ୱରର ସୀମା ବୃଦ୍ଧିକୁ ନଜରରେ ରଖି ଏହି ଥାନାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ଆରମ୍ଭରୁ ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ପକ୍ଷରୁ ଏହି କୋଠାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୨ଟି ଟ୍ରାଫିକ ଥାନା ଥିବା ବେଳେ ଟ୍ରାଫିକ ଥାନା-୧ ଏଜି ଛକରେ କାର୍ଯ୍ୟ କରୁଛି।

## 'ଓଡ଼ିଆ ଜାତୀୟତା' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ନେଇ ହୋଇଥିବା ଆନ୍ଦୋଳନ ଉପରେ ଐତିହାସିକ ଡ. ନିବେଦିତା ମହାନ୍ତିଙ୍କ ପୁସ୍ତକ 'ଓଡ଼ିଆ ଜାତୀୟତା'ର ଲୋକାର୍ପଣ ଉତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କେତକୀ ଫାଉଣ୍ଡେଶନ ପକ୍ଷରୁ ଏହି ପୁସ୍ତକ ପ୍ରକାଶିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନଠାରୁ ଆରମ୍ଭ କରି ଓଡ଼ିଆକୁ ପ୍ରଥମ ଆର୍ଯ୍ୟ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତି ଏକ ବିରାଟ ଯାତ୍ରା। ଆଧୁନିକ ଓଡ଼ିଶାର ଇତିହାସର ଏକ ଉଲ୍ଲେଖନୀୟ ଅଧ୍ୟାୟକୁ ନେଇ ଏହି ପୁସ୍ତକ ପ୍ରସ୍ତୁତ ହୋଇଛି। କାର୍ଯ୍ୟକ୍ରମର ପୌରୋହିତ୍ୟ କରି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଇତିହାସ ପ୍ରତି ସଚେତନ, ଶ୍ରଦ୍ଧା ଓ ଏହାର ଅଧ୍ୟୟନ ହିଁ ଏକ ଜାତିକୁ ସୁଦୃଢ କରିଥାଏ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଆନ୍ଦୋଳନ ଉପରେ ଅଧିକରୁ ଅଧିକ ଗବେଷଣା ହେବା ଆବଶ୍ୟକ। ଆରମ୍ଭରେ ଲେଖିକା ମହାନ୍ତି ଏହି ପୁସ୍ତକ ପ୍ରକାଶ ଓ ବିଭିନ୍ନ ସଂସ୍କରଣ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଭିରାମ ବିଶ୍ୱାଳ ଓ ଅନୁବାଦକ ସୁଭାଷ ଶତପଥୀ ଉପସ୍ଥିତ ଥିଲେ। ଫାଉଣ୍ଡେଶନ ଟ୍ରଷ୍ଟି ଡ. ରବୀନ୍ଦ୍ର କୁମାର ସ୍ୱାଇଁ ଆଭିମୁଖ୍ୟ ପ୍ରଦାନ କରିବା ପରେ ଚିତ୍ରଶିଳ୍ପୀ ରାମହରି ଜେନା ଧନ୍ୟବାଦ ଦେଇଥିଲେ।

# ଦୟା ନଦୀରେ ଭାସିଯାଇ ନାବାଳକ ନିଖୋଜ

ଭୁବନେଶ୍ୱର,୩୦।୩(ବ୍ୟୁରୋ)



ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ନିକଟ ଦୟାନଦୀରେ ଗାଧୋଇବାବେଳେ ଭାସିଯାଇ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ନାବାଳକ ଜଣକ ନିକଟ ଇନ୍ଦିରା କଲୋନିର ସୁମିତେନ୍ଦ୍ର ସାହୁ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରି ନାହିଁ। ରାତି ହୋଇଯାଇଥିବାରୁ ଖୋଜାଖୋଜି ବାଧାପ୍ରାପ୍ତ ହୋଇଥିଲା। ଏଥିପାଇଁ ସ୍କୁବା ଡ୍ରାଇଭରଙ୍କ ସହାୟତା ନିଆଯାଇଥିଲା। ପୋଲିସ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲା। ରାତି ପ୍ରାୟ ୧୦ଟା ସୁଦ୍ଧା ସୁମିତେନ୍ଦ୍ରଙ୍କୁ ଠାବ କରାଯାଇ ନ ପାରିବାରୁ ଶେଷରେ ସମସ୍ତ ଟିମ୍ ଖୋଜାଖୋଜି ବନ୍ଦ କରିଥିଲା। ସକାଳେ ପୁଣି ଖୋଜାଖୋଜି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାନୁସାରେ, ଗୁରୁବାର ଅପରାହ୍ଣରେ ନିଖୋଜ ସୁମିତେନ୍ଦ୍ର ୪ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ମିଳିମିଶି ଗାଧୋଇବା ସହ ମାଛ ଧରୁଥିବାବେଳେ ସୁମିତେନ୍ଦ୍ର ସ୍ରୋତରେ ଭାସିଯାଇ ବୁଡ଼ି ଯାଇଥିଲେ। ଅନ୍ୟସାଙ୍ଗମାନେ ଆଉ ତାଙ୍କୁ ଦେଖିବାକୁ ନ ପାଇ କୂଳକୁ ଆସି ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ନଦୀ ଗର୍ଭକୁ ଯାଇ ଖୋଜାଖୋଜା କରିବା ସହ ଅଗ୍ନିଶମ ଟିମ ଓ ପୋଲିସକୁ ଖବର ଦେଇଥିଲେ। ତେବେ ବିଳମ୍ବରେ ଅଗ୍ନିଶମ ବାହିନୀ ଓ ପିସିଆର୍ ପୋଲିସ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି।

# ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

ପୁରୀ ଅଫିସ,୩୦।୩



ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାହିଯାତ ଗୁରୁବାରଶ୍ରୀରାମନବମୀଠାରୁଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଯାଇଛି। ପୁରୀର ଆଠ ସାହି ଆଖଡ଼ା ପକ୍ଷରୁ ଏହି ସାହିଯାତ ଅନୁଷ୍ଠିତ ହୋଇଥାଏ। ଯାତ୍ରା ମଧ୍ୟରେ ରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ପର୍ଶୁରାମଙ୍କ କଳା ହରଣ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ। ତେବେ ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଏଥିସହ ନାଗା, ମେଢର ପାରମ୍ପରିକ ନୃତ୍ୟରେ ସାହି ଦୁଲୁକିଥିଲା।

## ରାମନବମୀରେ ବିଧାୟକଙ୍କ ପୀଠ ପରିଦର୍ଶନ

ବାଲିପାଟଣା,୩୦।୩(ଡି.ଏନ୍.ଏ.)

ଶ୍ରୀରାମନବମୀରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ବାଲିପାଟଣା ବ୍ଲକ ଆଜାଦ କ୍ଲବ ପାଠାଗାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେଇ ଶୁଭ ଦେଇଥିଲେ। ପରେ ଗିରିଙ୍ଗେଶ୍ୱରୀ ପୀଠ, ପମ୍ପାଳସ୍ଥିତ ଶୈବପୀଠ, ସରାଟ ଅଷ୍ଟମ ପ୍ରହର ଓ ବନମାଳିପୁରସ୍ଥିତ ବିଭିନ୍ନ ଧର୍ମାନୁଷ୍ଠାନ ବୁଲି ନସାଧାରଣଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ପୀଠର ଉନ୍ନୟନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ଅନୁଷ୍ଠିତ ଲାବନ୍ୟ ନାଟ୍ୟ ମହୋତ୍ସବର ଗୁରୁବାର ପରିବେଷିତ ନାଟକ 'ସାମ୍ବାଦିକ ସରୋଜକାନ୍ତ'ର ଏକ ଦୃଶ୍ୟ ।




ଖୋର୍ଦ୍ଧା ମେଣ୍ଢାଶାଳ ସ୍ଥିତ ମହୁଲ ମଧ୍ୟ ଇଂରାଜୀ ବିଦ୍ୟାଳୟର ୫୮ ତମ ବର୍ଷ ଉଲକ୍ଷେ ଆୟୋଜିତ ବନ୍ଧୁମଳନ ଉତ୍ସବରେ ଉପସ୍ଥିତ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

# ଶପିଂ ମଲ୍‌ରେ ଚଢ଼ାଉ, ଏକ୍ସପାଏରି ଖାଦ୍ୟ ଜବତ

କଟକ ଅଫିସ,୩୦।୩

ଠିକ୍ ଦାମ୍, ଉଚିତ୍ ମାନର ଖାଦ୍ୟସାମଗ୍ରୀ କିଣିବା ନିମନ୍ତେ ଲୋକମାନେ ଶପିଂ ମଲ୍ ଯାଉଛନ୍ତି। ଶୀତତାପ ନିୟନ୍ତ୍ରିତ ମଲ୍‌ରେ କିନ୍ତୁ ଗ୍ରାହକଙ୍କୁ ଏକ୍ସପାଏରି ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ବାଦାମବାଡ଼ିସ୍ଥିତ ଭି-ବଜାର ନାମକ ଶପିଂ ମଲ୍‌ରେ ଗୁରୁବାର ଏଭଳି କାରନାମା ଧରାପଡ଼ିଛି। ବାଦାମବାଡ଼ି ପୋଲିସ ସେଠାରେ ଚଢ଼ାଉ କରି ବିପୁଳ ପରିମାଣର ଏକ୍ସପାଏରି ଖାଦ୍ୟ ସାମଗ୍ରୀ ଜବତ କରିଛି। ଚଢ଼ାଉବେଳେ ଠକେଇର ତରିକା ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପୋଲିସର ହସ୍ତଗତ ହୋଇଛି। ତଦନ୍ତ ଜାରି ରହିଥିବା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ସୂଚନା ଦେଇଛନ୍ତି।

ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସୂଚନା ଅନୁସାରେ, ଉକ୍ତ ଶପିଂ ମଲ୍‌ରେ ଏକ୍ସପାଏରି ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଥିବା ନେଇ ବାଦାମବାଡ଼ି ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ତୁରନ୍ତ ସେଠାରେ ଚଢ଼ାଉ କରାଯିବା ପରେ ଘଟଣା ସମ୍ପର୍କରେ ଜଣାପଡିଥିଲା। ଏହି ଶପିଂ ମଲ୍‌ରେ ବିକ୍ରି ପାଇଁ ରଖାଯାଇଥିବା ନାମୀଦାମୀ କମ୍ପାନୀର ଖାଦ୍ୟ ପ୍ୟାକେଟ୍‌ରେ ଏକ୍ସପାଏରି ତାରିଖ ଲେଖା ନ ଥିଲା। ବରଂ ପ୍ୟାକେଟଗୁଡ଼ିକରୁ ମାନୁଫାକ୍ଚରିଂ ଓ ଏକ୍ସପାଏରି ତାରିଖକୁ ଏକ ରାସାୟନିକ ତରଳ ପଦାର୍ଥ ବ୍ୟବହାର କରି ଲିଭାଇ ଦିଆଯାଇଥିଲା। ମଲ୍‌କୁ ଆସୁଥିବା ସବୁ ଲୋକ ଖାଦ୍ୟପଦାର୍ଥର ମାନୁଫାକଚରିଂ ଓ ଏକ୍ସପାଏରି ତାରିଖ ବାବଦରେ ସଚେତନ ନୁହନ୍ତି। ତେଣୁ ଏଭଳି କାରନାମା ବିଷୟରେ ସାଧାରଣ ଲୋକେ ଜାଣିବା ମୁସ୍କିଲ। ଖାଦ୍ୟର ଏକ୍ସପାଏରି ତାରିଖ ଶେଷ ହୋଇଯାଇଥିବାରୁ ଗୁଣାତ୍ମକ ମାନ ନଷ୍ଟ ହୋଇଯାଇଛି। ଏଭଳି ଖରାପ ଖାଦ୍ୟ ଲୋକଙ୍କ ଶରୀର ଉପରେ କୁପ୍ରଭାବ ପକାଇବ। ଏ ସମ୍ପର୍କରେ ଆଇଆଇସି ପାଢ଼ୀ କହିଛନ୍ତି, ଉକ୍ତ ମଲ୍‌ରୁ ୨୦ ପ୍ରକାରରୁ ଅଧିକ ଶୃଙ୍ଖଳା ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ସେଗୁଡ଼ିକର ମୂଲ୍ୟ ଆକଳନ କରାଯାଇନାହିଁ। ଖାଦ୍ୟଗୁଡ଼ିକର ମାନ ପରଖିବା ନିମନ୍ତେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଶୁକ୍ରବାର ଖାଦ୍ୟର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳା ମୃତ

**ବାଙ୍କୀ,୩୦।୩(ସ୍ୱ.ପ୍ର.):** ପୋଖରୀରେ ବୁଡ଼ି ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ନରଗାଙ୍ଗ ନୂଆ ସାହିର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଗୌରାଙ୍ଗ ଜେନାଙ୍କ ଅବିବାହିତ ଝିଅ ରେଙ୍ଗାନୀ(୫୩)। ଗ୍ରାମବାସୀ ତାଙ୍କୁ ପୋଖରୀରୁ ବାହାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ହିନ୍ଦୁ ଏକତା ଶୋଭାଯାତ୍ରା

**ନିଶ୍ଚିନ୍ତକୋଇଲି/ସାଲେପୁର,୩୦।୩ (ସ୍ୱ.ପ୍ର./ଡି.ଏନ୍.ଏ.):** ଶ୍ରୀରାମ ନବମୀ ଅବସରରେ ସାଲେପୁର ମାହାଙ୍ଗା ବଜରଙ୍ଗ ଦଳ ତରଫରୁ ଏକ ହିନ୍ଦୁ ଏକତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ହଜାରୁ ଊର୍ଦ୍ଧ୍ୱ ବଜରଙ୍ଗଦଳ ସମର୍ଥକ ଯୋଗଦେଇ ଜଗତପୁରଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଆସିଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବରିଷ୍ଠ ଭାଜପାନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସମୀର ସାମଲ, ରଶ୍ମିରଞ୍ଜନ ଲେଙ୍କା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଏହାପରେ ନିଶ୍ଚିନ୍ତକୋଇଲି ହାଟ ପଡ଼ିଆରେ ଏକ ସଭା ଆୟୋଜନ କରାଯାଇଥିଲା।

### ସାଇନାଥଙ୍କ ଚଭାଡ଼ି ଯାତ୍ରା

**ମାହାଙ୍ଗା,୩୦।୩ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ତୟା ଜରିଆ ନଦୀକୂଳସ୍ଥିତ ପ୍ରଭୁ ସାଇନାଥ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସାଇ ପ୍ରଶାନ୍ତି ଟେମ୍ପୁଲ ଟ୍ରଷ୍ଟ ମାହାଙ୍ଗା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଜନ କୀର୍ତ୍ତନ,ବାଜା,ବାଣ ଶୋଭାଯାତ୍ରା କରାଯାଇଥିଲା। ସାଇନାଥ ପାଲଙ୍କିରେ ବସି ମାହାଙ୍ଗା ପଞ୍ଚାୟତର କୁସୁନ୍ଦାସପୁର, ସିପୁରା, ପର୍ଶୁରାମପୁର, ମାହାଙ୍ଗା, ଯଶୁଆପୁର, ବୁଦୁକୁନିଆ ଗାଁ ଗାଁ ବୁଲିଛନ୍ତି। ଏନେଇ ପ୍ରତ୍ୟେହ ସନ୍ଧ୍ୟାରେ ସାଇ ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

### ମିନି ଶୀତଳ ଭଣ୍ଡାର ଉଦ୍‌ଘାଟିତ

**ବାଙ୍କୀ,୩୦।୩(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରଠାରେ ଘରୋଇ ଉଦ୍ୟମରେ ୫୦ଟନ ବିଶିଷ୍ଟ ବାବା ରାମନାଥ ଫ୍ରୁଟସ୍ ରିପାରିଂ ଚାମ୍ବର ଓ ମିନି ଶୀତଳ ଭଣ୍ଡାର ଉଦ୍‌ଘାଟିତ ହୋଇଯାଇଛି । ଏହି ଶୀତଳ ଭଣ୍ଡାରକୁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କର କହିଥିଲେ, ଏହାଦ୍ୱାରା ଜନସାଧାରଣମାନେ ବିଭିନ୍ନ ପ୍ରକାର ଫଳ ଏଠାରେ ରଖି ବହୁଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରିବେ। ବାଙ୍କୀରେ ଏହା ପ୍ରଥମ ବୋଲି ସେ କହିଥିଲେ। ବାଙ୍କୀ କେନ୍ଦ୍ର ସମବାୟ ସମିତି ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ମିନି ଶିଳ୍ପ ଖୋଲା ଯାଉଥିବାରୁ ଧନ୍ୟବାଦ ଅର୍ପଣ କରିଥିଲ ।

# ରାସ୍ତାପାର୍ଶ୍ୱ ପାଲଟିଛି ମରଣଯନ୍ତା

- ୪୦୬.୬୭ ଲକ୍ଷ ଟଙ୍କା ବ୍ୟୟ ବରାଦ
- ଅଧାରେ ଅଟକିଛି ପ୍ରଶସ୍ତୀକରଣ କାର୍ଯ୍ୟ
- ସୂଚନା ଫଳକ ଲଗାଯାଇନାହିଁ

**ନିଶ୍ଚିନ୍ତକୋଇଲି,୩୦।୩ (ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିନସ୍ଥ ଥିବା ଖଣ୍ଡଗାଁ-ରସୁଲପୁର ଗ୍ରାମ୍ୟ ଉନ୍ନୟନ ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘ ଦିନ ହେବ ଅଧାରୁ ବନ୍ଦ ରହିଛି। ଫଳରେ ପଥଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦୀର୍ଘ ଏକମାସ ହେବ ରାସ୍ତାର ଡାହାଣପାର୍ଶ୍ୱରେ ଗାର୍ଡୱାଲ ପାଇଁ ଗାତ ଖୋଳାଯାଇ ଉନ୍ମୁକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ହେଉଛି। ପ୍ରଶାସନକୁ ଏନେଇ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଦାବିଷ୍ଟୁ ପାଲଟିଯାଇଛି।

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଛକଠାରୁ ନତକାଇ ପର୍ଯ୍ୟନ୍ତ ଖଣ୍ଡଗାଁ-ରସୁଲପୁର ଗ୍ରାମ ଉନ୍ନୟନ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ସରକାର ୪୦୬.୬୭ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। ମାତ୍ର ଏସମ୍ପର୍କରେ କୌଣସି ସୂଚନା ଫଳକ ଲଗା ନ ଯାଇ ଲୋକଙ୍କୁ ସବିଶେଷ ତଥ୍ୟ ସମ୍ପର୍କରେ ଅନ୍ଧାର ଘେରରେ ରଖାଯାଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଶିଳାନ୍ୟାସ ହୋଇନାହିଁ। ଶିଳାନ୍ୟାସ କରାନଯାଇ ରାସ୍ତା ନିର୍ମାଣ କିପରି କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତା ଉପରେ ସ୍ଥାନୀୟ ନତକାଇ,ରାମକୃଷ୍ଣପୁର, ଜିଗ୍ନିପୁର, ବରାଦୋ, ଜୟରାମପୁର, କେନ୍ଦୁପାଟଣା,ବୁହାଲୋ ଆଦି ପଞ୍ଚାୟତର ଲୋକେ ନିର୍ଭରଶୀଳ। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତର ଲୋକେ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟନିମନ୍ତେ ଏହି ରାସ୍ତାଦେଇ ନିଶ୍ଚିନ୍ତକୋଇଲି ତହସିଲ ଆସିଥାନ୍ତି। ଏପରିକି ଏହି ରାସ୍ତା ଦେଇ କଲେଜ ଛାତ୍ରୀଛାତ୍ରମାନେ ମଧ୍ୟ ଦୈନନ୍ଦିନ ଯାତାୟତ କରିଥାନ୍ତି। କେନ୍ଦ୍ରାପଡା ଅଞ୍ଚଳର ଜନୈକ ଠିକାଦାର ଜେସିବି ମେଶିନ ସାହାଯ୍ୟରେ ଏହି ରାସ୍ତା ପାର୍ଶ୍ୱକୁ ପ୍ରଶସ୍ତୀକରଣ ନିମନ୍ତେ ଖୋଳି ପକାଇ କୁଆଡେ ଚାଲିଯାଇଛନ୍ତି। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଜରୁରୀକାଳୀନ ପରିସ୍ଥିତିରେ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଗାଡ଼ି ସ୍ଥାନୀୟ ଗ୍ରାମରେ ପହଞ୍ଚିପାରୁନାହିଁ। ବହୁ ସମୟରେ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନ ପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ସେହିପରି ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ଚାରା ରୋପଣ କରାଯାଇଥିଲା। ଏହି ଚାରା ଗୁଡିକ ଏବେ ବଡ ବଡ ବୃକ୍ଷରେ ପରିଣତ ହୋଇ ଯାଇଛି। ମାତ୍ର ଜେସିବି ମେଶିନ ସାହାଯ୍ୟରେ ରାସ୍ତା ପାର୍ଶ୍ୱ ଖୋଳାଯାଇଥିବା କାରଣରୁ ବହୁ ଗଛ ମଧ୍ୟ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। କିଛି ସ୍ଥାନରେ ରାସ୍ତାରେ ବିଛାଯାଇଥିବା ପାନୀୟ ଜଳ ପ୍ରକଳ୍ପ ପାଇପ ଓ ଟେଲିଫୋନ କେବୁଲ ଲାଇନ୍ ମଧ୍ୟ କଟିଯାଇଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଠିକାଦାର ଏଠାରେ ମନମୁଖୀ ଭାବେ କାର୍ଯ୍ୟ କରୁଥିବା ବେଳେ କୌଣସି ବିଭାଗ ଅଧିକାରୀ କାମ ତଦାରଖ କରୁ ନଥିବା ଅଭିଯୋଗ ହେଇଛି। ତୁରନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ କଂଗ୍ରେସ ଯୁବନେତା ଅମିୟ ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ଦିଲୀପକୁମାର ରାଉତ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଗ୍ରାମ୍ଯ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣ କୁହନ୍ତି, ରାସ୍ତା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। କିନ୍ତୁ ନିର୍ମାଣ କାର୍ଯ୍ୟରେ ସମସ୍ୟା ଥିଲା । ଏବେ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।



ଖଣ୍ଡଗାଁ-ରସୁଲପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା।

# ମହିଳାଙ୍କୁ ଗଣବଳାତ୍କାର, ମରଣାନ୍ତକ ଆକ୍ରମଣ

**ନିଶ୍ଚିନ୍ତକୋଇଲି,୩୦।୩ (ସ୍ୱ.ପ୍ର)**

**ଥାନାରେ ମାମଲା ରୁଜୁ**

ନେମାଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯିବା ପରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା (ନଂ.୪୭/୨୩) ରୁଜୁ କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ୫ ଜଣ ବ୍ୟକ୍ତି ତାଙ୍କ ଘରେ ପଶି ବଳାତ୍କାର କରିବା ସହ ଆଲମିରା ଖୋଲି ନଗଦ ଟଙ୍କା, ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ, ଜ୍ଞାନ ଜ୍ୟୋତି ପର୍ବ

**ବଡ଼ମ୍ବା, ୩୦।୩ (ଡି.ଏନ.ଏ)**

ବଡ଼ମ୍ବା ବ୍ଲକ ମାଣିଆବନ୍ଧସ୍ଥିତ ଆର୍ଯ୍ୟ ସମାଜର ୪୨ତମ ବାର୍ଷିକ ଉତ୍ସବ ଓ ଜ୍ଞାନ ଜ୍ୟୋତି ପର୍ବ ଗୁରୁବାର ପାଳିତ ହୋଇଯାଇଛି। ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଓଁ ଧ୍ୱଜା ଉତ୍ତୋଳନ, ଶାନ୍ତି ମହାଯଜ୍ଞ, ସାମବେଦ ପାରାୟଣ, ଜ୍ଞାନ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଗୋପୀନାଥପୁର ବୈଦିକ ସଂସଦ ସଭାପତି ପଣ୍ଡିତ ଭୀମ ସେନ ଶାସ୍ତ୍ରୀଙ୍କ ପରିଚାଳନାରେ ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସତ୍ୟାନନ୍ଦ ବାନପ୍ରସ୍ତ (କାନପୁର), ପ୍ରାଣଯୋଗ ପ୍ରତିଷ୍ଠାନ ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି (ବଡ଼ମ୍ବା), ବାନପ୍ରସ୍ତ ଆଦିକନ୍ଦ ଆର୍ଯ୍ୟ (ମାଣିଆବନ୍ଧ), ଭୁବନେଶ୍ୱର ଆର୍ଯ୍ୟ ସମାଜର ରବି ନାରାୟଣ କର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ମାଣିଆ ବନ୍ଧ ଉଚ୍ଚବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାମନ୍ତ ରାୟ, ପ୍ରାଣ ଯୋଗ ପ୍ରତିଷ୍ଠାନର ସମ୍ପାଦକ ଅଶୋକ କୁମାର ଧଳ, ବାଙ୍କୀ ପର୍ବତେସ୍ୱର ସଂସ୍କୃତି ସଂସଦ ପ୍ରତିଷ୍ଠାତା କବିରତ୍ନ ବିଦ୍ୟାଧର ଖଟୁଆଙ୍କୁ ମାନପତ୍ର ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଚିଦା ନନ୍ଦ, ରବୀନ୍ଦ୍ର କୁମାର ଜଟ୍ଟି, ପ୍ରମୋଦ ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଅଧ୍ୟାପକ ପଦ୍ମନାଭ ଶତପଥୀ, କାହ୍ନପୁର ମାତୃ ମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଛି। ଶେଷରେ ସମ୍ପାଦକ ସମରଜିତ୍ ସାହୁ ଧନ୍ୟବାଦ ଦେଇଥିଲେ।

# ନୂଆ ରୂପରେ ଟ୍ରାଫିକ୍ ଥାନା-୨







ପାତ୍ରପଡ଼ାଠାରେ ଦୁଇ ମହଲା ବିଶିଷ୍ଟ ନବ ନିର୍ମିତ ଟ୍ରାଫିକ୍ ଥାନା।

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଟ୍ରାଫିକ ଥାନା-୨ ନୂଆ ରୂପ ପାଇଛି। ପୂର୍ବରୁ ଚନ୍ଦ୍ରଶେଖରପୁରରେ ଏହି ଥାନା ଥିବାବେଳେ ଗୁରୁବାର ପାତ୍ରପଡ଼ାଠାରେ ଦୁଇ ମହଲା ବିଶିଷ୍ଟ ନୂତନ କୋଠାକୁ ଉଦ୍‌ଘାଟନ କରାଯାଇଛି। ପୂର୍ବାହ୍ନରେ ପୋଲିସ ଡିଜି ସୁନିଲ ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କୋଠାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଓପିଏଚ୍‌ଡବ୍ଲୁସିର ପରିଚାଳନା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ,

**ନୂତନ କୋଠାକୁ ଉଦ୍‌ଘାଟନ କଲେ ପୋଲିସ ଡିଜି**

ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମିତ ହୋଇଛି। ତେବେ ଟ୍ରାଫିକ ଥାନା-୨ କାର୍ଯ୍ୟକାରୀ ହେଉଥିବା ଚନ୍ଦ୍ରଶେଖପୁରସ୍ଥିତ ସ୍ଥାନରେ ଏକ ଫାଣ୍ଡି କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ଟ୍ରାଫିକ ଥାନା-୨ ଅଧୀନରେ ୧୧ଟି ଟି ଥାନା ରହିଛି। ସେଗୁଡ଼ିକ ମଧ୍ୟରୁ ଇମ୍‌ଫୋଭ୍ୟାଲି, ଜଟଣୀ, ତମାଣ୍ଡୋ, ଖଣ୍ଡଗିରି, ଭରତପୁର, ଚନ୍ଦକା, ନୟାପଲ୍ଲୀ, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ନନ୍ଦନକାନନ ଓ ଇମ୍‌ଫୋସିଟି ଥାନା ରହିଛି। ଭୁବନେଶ୍ୱରର ସୀମା ବୃଦ୍ଧିକୁ ନଜରରେ ରଖି ଏହି ଥାନାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ଆରମ୍ଭରୁ ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ପକ୍ଷରୁ ଏହି କୋଠାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ୨ଟି ଟ୍ରାଫିକ ଥାନା ଥିବା ବେଳେ ଟ୍ରାଫିକ ଥାନା-୧ ଏଜି ଛକରେ କାର୍ଯ୍ୟ କରୁଛି।

# ମଧୁପୁରରେ ଧୁମ୍‌ଧାମରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ

**ବାରଙ୍ଗ,୩୦।୩(ଡି.ଏନ୍.ଏ.)**

ରାମନବମୀ ଉପଲକ୍ଷେ ବାରଙ୍ଗ ବ୍ଲକର ମଧୁପୁର ଗ୍ରାମବାସୀ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଗୁରୁବାର ବେଶ ଧୁମ୍‌ଧାମରେ ପାଳିଛନ୍ତି। ପରମ୍ପରାକୁ ବଞ୍ଚାଇ ରଖି ଗ୍ରାମବାସୀ ସକାଳୁ ପୂଜାର୍ଚ୍ଚନା ସାଙ୍ଗକୁ ପାଞ୍ଜି ନିର୍ଘଣ୍ଟ ସମୟ ମୁତାବକ ୧୨ଟା ୪୫ ମିନିଟ୍‌ରେ କଳସଯାତ୍ରା କରିବା ସହ ଗ୍ରାମ ଭାଗବତ ଗୃହ ସାମ୍ନାରେ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଗ୍ରାମବାସୀ ବାଜାବାଣ ସାଙ୍ଗକୁ କଳସ ଶୋଭାଯାତ୍ରାରେ ଜୟଶ୍ରୀରାମ ଧ୍ୱନି ଦେଇ ଗ୍ରାମ ପରିକ୍ରମା କରିଥିଲେ। କଳସ ଶୋଭାଯାତ୍ରାକୁ ସମ୍ମାନ ଜଣାଇ ମହିଳାମାନେ ଘର ଆଗରେ କଳସକୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ ଗ୍ରାମବାସୀଙ୍କ ଦ୍ୱାରା ପ୍ରଭୁ ରାମଚନ୍ଦ୍ରଙ୍କ ନାମରେ ନାମିତ କରିଥିବା ଶ୍ରୀଶ୍ରୀ ସୀତାକାନ୍ତ ରାମଲୀଳା ସମିତିର ବହ୍ନିପୂଜା ହୋଇଥିଲା। ରାମନବମୀଠାରୁ ସମିତି କଳାକାରମାନେ ବିଭିନ୍ନ ଆଡ଼େ ଯାଇ ରାମଲୀଳା ପରିବେଷଣ କରିବାର ପରମ୍ପରା ରହିଛି। ରାତିରେ ସଂକୀର୍ତ୍ତନ କରି ଗ୍ରାମର ଯୁବକମାନେ ଗ୍ରାମ ପରିକ୍ରମା କରିଥିଲେ।

# ଦୟାନଦୀରେ ଭାସିଯାଇ ନାବାଳକ ନିଖୋଜ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ନିକଟ ଦୟାନଦୀରେ ଗାଧୋଇବାବେଳେ ଭାସିଯାଇ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ନାବାଳକ ଜଣକ ନିକଟ ଇନ୍ଦିରା କଲୋନିର ସୁମିତେନ୍ଦ୍ର ସାହୁ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରି ନାହିଁ। ରାତି ହୋଇଯାଇଥିବାରୁ ଖୋଜାଖୋଜି ବାଧାପ୍ରାପ୍ତ ହୋଇଥିଲା। ଏଥିପାଇଁ ସ୍କୁବା ଡ୍ରାଇଭରଙ୍କ ସହାୟତା ନିଆଯାଇଥିଲା।

ପୋଲିସ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲା। ରାତି ପ୍ରାୟ ୧୦ଟା ସୁଦ୍ଧା ସୁମିତେନ୍ଦ୍ରଙ୍କୁ ଠାବ କରାଯାଇ ନ ପାରିବାରୁ ଶେଷରେ ସମସ୍ତ ଟିମ୍ ଖୋଜାଖୋଜି ବନ୍ଦ କରିଥିଲା। ସକାଳେ ପୁଣି ଖୋଜାଖୋଜି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାନୁସାରେ, ଗୁରୁବାର ଅପରାହ୍ଣରେ ନିଖୋଜ ସୁମିତେନ୍ଦ୍ର ୪ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ମିଳିମିଶି ଗାଧୋଇବା ସହ ମାଛ ଧରୁଥିବାବେଳେ ସୁମିତେନ୍ଦ୍ର ସ୍ରୋତରେ ଭାସିଯାଇ ବୁଡ଼ି ଯାଇଥିଲେ। ଅନ୍ୟସାଙ୍ଗମାନେ ଆଉ ତାଙ୍କୁ ଦେଖିବାକୁ ନ ପାଇ କୂଳକୁ ଆସି ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ନଦୀ ଗର୍ଭକୁ ଯାଇ ଖୋଜାଖୋଜା କରିବା ସହ ଅଗ୍ନିଶମ ଟିମ ଓ ପୋଲିସକୁ ଖବର ଦେଇଥିଲେ। ତେବେ ବିଳମ୍ବରେ ଅଗ୍ନିଶମ ବାହିନୀ ଓ ପିସିଆର୍ ପୋଲିସ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି।



# ଓଡ଼ିଶା ଦିବସ, ସାଲେପୁର ମହୋତ୍ସବ ପାଇଁ ପ୍ରସ୍ତୁତି

**ସାଲେପୁର,୩୦।୩ (ଡି. ଏନ.ଏ)**

ସାଲେପୁରର ଶିଶୁଆ ବ୍ୟାରେଜ ପଡିଆରେ ଏପ୍ରିଲ ୧ରୁ ୫ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଓଡ଼ିଶା ଦିବସ ସମାରୋହ ଓ ସାଲେପୁର ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ସାଲେପୁର ମଧୁସ୍ମୃତି ପରିଷଦ ଓ ଜିଲା ପ୍ରଶାସନର ସହଯୋଗରେ ଆୟୋଜିତ ହେବାକୁ ଥିବା ସମାରୋହ ସ୍ଥଳକୁ ମଧୁସ୍ମୃତି ପରିଷଦ ସଭାପତି ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ସଦର ଉପଜିଲାପାଳ କମଳଜିତ ଦାସ ପ୍ରମୁଖ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସାଲେପୁର ମହୋତ୍ସବର ସଫଳତା ପାଇଁ ବିଧାୟକ ବେହେରା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିସହ ଭିତ୍ତିଭୂମିର ପ୍ରସ୍ତୁତି ତୁରନ୍ତ ଶେଷ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଷଲ। ମହୋତ୍ସବ ସ୍ଥଳରେ ଓରମାସ ଓ ମିଶନ ଶକ୍ତିଷ୍ଟଲ ପ୍ରଦର୍ଶନ କରାଯିବ। ଏଥିସହ କୃଷି ଓ ଉଦ୍ୟାନ କୃଷି,ପ୍ରାଣୀ,ମତ୍ସ୍ୟ ସମ୍ପଦ,ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବିଭାଗର ଷ୍ଟଲ ମହୋତ୍ସବରେ ପ୍ରଦର୍ଶନ ହେବ ବୋଲି ବେହେରା ସୂଚନା ଦେଇଛନ୍ତି। ସମାରୋହସ୍ଥଳ ପରିଦର୍ଶନ ସମୟରେ ମଧୁସ୍ମୃତି ପରିଷଦ ସମ୍ପାଦକ ଦିଲୀପ ଦାଶ, ସାଲେପୁର ତହସିଲଦାର ଶିବମଲିକ, ବିଡିଓ ସୂର୍ଯ୍ୟକାନ୍ତ ରାଉତ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ,ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାମ ନବମୀ ପାଇଁ ମଠ, ମନ୍ଦିର ଉତ୍ସବମୁଖର

**ନିଶ୍ଚିନ୍ତକୋଇଲି/ମାହାଙ୍ଗା/ତିଗିରିଆ/ ସାଲେପୁର, ୩୦।୩ (ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ପଞ୍ଚାୟତର ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମଠରେ ଶ୍ରୀରାମ ନବମୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ପ୍ରତ୍ୟୁଷରେ ମନ୍ଦିର ମୁଖ୍ୟ ପୂଜକ ମନମଥ ପତି ଦ୍ୱାରା ମହାପ୍ରଭୁ ଶ୍ରୀରାମ ଚନ୍ଦ୍ର, ମା' ସୀତା ଓ ଭାଇ ଲକ୍ଷ୍ମଣଙ୍କ ଯଥାବିଧି ସ୍ନାନ କରାଯାଇ ଉପଚାର ପୂଜା ଓ ପରେ ବାଲ ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାଇ ସମାପନ କରଯାଇ ସ୍ୱତନ୍ତ୍ର ଜଳଖିଆ ଭୋଗ ଲାଗି କରାଯାଇଥିଲା। ପ୍ରଶାସନ ପକ୍ଷରୁ ପଶ୍ଚିମ ଦ୍ୱାରରେ ପ୍ରବେଶ ବ୍ୟବସ୍ଥା ଓ ପୂର୍ବଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାରିକେଟ ବ୍ୟବସ୍ଥା କରାଯାଇଥିଲା। ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଏହାସତ୍ତ୍ୱେ ୬ ଜଣଙ୍କ ନିକଟରୁ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଭକ୍ତଙ୍କ ଏଠାରେ ସମାଗମ ହୋଇଥିଲା। ବିଭିନ୍ନ ସ୍ଥାନରେ ମୀନା ବଜାର, ଦୋଳି ସାଙ୍ଗକୁ ମନମୁଗ୍ଧକର ଦୋକାନବଜାର ଲାଗିଥିଲା। ସୁରକ୍ଷା ଦୃଷ୍ଟିରୁ ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର କ୍ରୀଷ୍ଣା ପାଢୀ, ଆଇଆଇସି ଚିନ୍ମୟୀ ସାହୁ, ସିଡିଏମଓ ସତ୍ୟବ୍ରତ ଛୋଟରାୟ ସମେତ ଯାତ୍ରା କମିଟି ସମ୍ପାଦକ ପ୍ରଭାତ ରଥ, କେଣ୍ଟାଲୋ ସରପଞ୍ଚ ତୃପ୍ତିମୟୀ ନାୟକ, ଅସୁରେଶ୍ୱର ସରପଞ୍ଚ ଗୌତମୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ବନ୍ଧୁପୁର ଓ କୁଳିଆ ରଘୁନାଥ ମନ୍ଦିରରେ ମହାସମାରୋହରେ ଶ୍ରୀରାମ ନବମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେହିପରି ମାହାଙ୍ଗାବ୍ଲକ ନୃତ୍ତାଙ୍ଗ ପଞ୍ଚାୟତସ୍ଥିତ ପୁରାଣ ପ୍ରସିଦ୍ଧ ଅଜାଣ ମଠ ପରିସରରେ ଶ୍ରୀରାମ ନବମୀ ଜନ୍ମଉତ୍ସବ ହନୁମାନ ଭକ୍ତ ମଣ୍ଡଳୀ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତ୍ୟୁଷରେ ଭକ୍ତମାନେ ଯୋଗଦେଇ ନିଜର ମାନସିକ ପୂରଣ ପାଇଁ ପୂଜା କରିଥିଲେ । ବରିଷ୍ଠ ପଣ୍ଡିତ ଉତ୍କଳମଣୀ ଦାସ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଏଥିରେ ଅନୁଷ୍ଠାନର ସଦସ୍ୟ ଶିବଚରଣ ଜେନା,ଉମେଶ ସେଠୀ, ଭରତ ରାଉତ, କୃଷ୍ଣଚନ୍ଦ୍ର ପାତ୍ର, ଦାମୋଦର ଦାସ ପ୍ରମୁଖ ସାମିଲ ହୋଇଥିଲେ।

ତିଗିରିଆ ବ୍ଲକର ପୁରପଲ୍ଲୀରେ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗଦାଧରପୁର ଗ୍ରାମର ଶ୍ରୀରଘୁନାଥ ଜିଉଙ୍କ ପୀଠରେ ନବମୀ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି। ସକାଳ ସାଢ଼େ ୧୦ଟା ସମୟରେ ପୀଠ ନିକଟସ୍ଥ ଖଳିନାଳ ବାଲିତୁଠରୁ ୩୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ କଳସ ଯାତ୍ରା କରିଥିଲେ। ସନ୍ଧ୍ୟାରେ ମନ୍ଦିରରେ ବିଜେ ଚତୁର୍ଦ୍ଧା ବିଗ୍ରହ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ସ୍ୱତନ୍ତ୍ର ଜନ୍ମନାରାୟଣ ବେଶ ଅନୁଷ୍ଠିତ ହୋଇଯାଇଛି। ସେହିଭଳି ବ୍ଲକର ବିନ୍ଧାଣୀମା, ମାନପୁର, ହରିଶରଣପୁର, ଗୋକର୍ଣ୍ଣଖାଲ, ହରିଡ଼ାପଶି, କୋଇଲକନ୍ୟା, ପାଞ୍ଚଗାଁ ଆଦି ପୀଠରେ ରାମନବମୀ ପାଳିତ ହୋଇଯାଇଛି। ସେହିପରି ସାଲେପୁର ବିଭିନ୍ନ ଶ୍ରୀରାମ ମନ୍ଦିରରେ ରାମ ନବମୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଘବପୁରସ୍ଥିତ ହନୁମାନ ମନ୍ଦିର, କୁଳିଆସ୍ଥିତ ହନୁମାନ ମନ୍ଦିର, ଭାତପଡ଼ାସ୍ଥିତ ଶ୍ରୀ ରଘୁନାଥ ଜିଉ ମନ୍ଦିର,ରାମେଶ୍ୱରର ହନୁମଞ୍ଜେଶ୍ୱର ମନ୍ଦିରରେ ରାମନବମୀ ପାଳିତ ହୋଇଛି।







ରାମନବମୀ ଅବସରରେ ସାଲେପୁରରେ ବଜରଙ୍ଗ ଦଳ ତରଫରୁ ଆୟୋଜିତ ହିନ୍ଦୁ ଏକତା ଶୋଭାଯାତ୍ରା। ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ତୟାଜରିଆ ନଦୀକୂଳସ୍ଥିତ ସାଇନାଥ ମନ୍ଦିରର ଚଭାଡ଼ି ଶୋଭାଯାତ୍ରା ଚାଲିଛି। ତିଗିରିଆସ୍ଥିତ ଗଦାଧରପୁର ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ଭକ୍ତମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### କାର୍‌ରେ ଗଞ୍ଜେଇ ଚୋରାଚାଲାଣ, ୩ ଗିରଫ



ଭୁବନେଶ୍ୱର,୩୦।୩(ବ୍ୟୁରୋ) କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ବିକ୍ରମ ବାରିକ, ଗଞ୍ଜାମର କ୍ରିତନ ଗୌଡ ଓ ଖଣ୍ଡଗିରିରେ ରହୁଥିବା କଟକର ପ୍ରମୋଦ କୁମାର ବେହେରା। ତାଙ୍କଠାରୁ ୨୧ କେଜି ଗଞ୍ଜେଇ ,୩ ମୋବାଇଲ ଫୋନ,ଗୋଟିଏ କାର ଜବତ କରିଛି । ଏନେଇ ପୋଲିସ ମାମଲା (ନଂ ୧୨୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଅଭିଯୁକ୍ତମାନେ ଏକ କାରରେ ଗଞ୍ଜେଇ ନେଇ ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ଥାନା ଅନ୍ତର୍ଗତ ସନ୍ତୋଷିବିହାର ଗେଟ ନିକଟରେ ଅତର୍କିତ ଚଢଉ କରିଥିଲା। ପରେ କାର ଯାଞ୍ଚ କରିବାରୁ ଭିତରୁ ଗଞ୍ଜେଇ ବସ୍ତା ମିଳିବାରୁ ସମସ୍ତଙ୍କୁ କାବୁ କରିଥିଲା ।

### ରାମନବମୀ ମହୋତ୍ସବ

ଜଟଣୀ,୩୦।୩(ଡି.ଏନ୍.ଏ.): ଶ୍ରୀରାମ ନବମୀ ଅବସରରେ ୧୫ତମ ରାମନବମୀ ମହୋତ୍ସବ ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁରସ୍ଥିତ ଶ୍ରୀଶିରିଡି ସାଇ ମନ୍ଦିର ସାଇବିହାର ପକ୍ଷରୁ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଇବାବାଙ୍କ ନିକଟରେ ସକାଳଠାରୁ ମଧାହ୍ନ ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତି କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ନାରାୟଣ ସେବାର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର କମିଟି ପକ୍ଷରୁ ବାବାଙ୍କ ପାଲିଙ୍କି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମନ୍ଦିରକୁ ଫେରିଥିଲା। ଏହି ଶୋଭାଯାତ୍ରାରେ ବିଜେଡି ନେତା ଡ.ସନ୍ତୋଷ ଜେନା ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟ ମନ୍ଦିର ପରିଚାଳନା କମିଟି ସଭାପତି ସୀତାକାନ୍ତ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ଜଟଣୀ ପୁସ୍ତକ ମେଳା କାର୍ଯ୍ୟକାରିଣୀ ସମିତିର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ଉପସଭାପତି ବିଜୟଲକ୍ଷ୍ମୀ ମହାନ୍ତି, ରଶ୍ମିରେଖା ଜେନାଙ୍କ ସହିତ ବହୁ ସଦସ୍ୟ ସହଯୋଗ କରିଥିଲେ।

### ଶ୍ରୀଚୈତନ୍ୟ ବିହାରରେ ଶ୍ରୀରାମ ନବମୀ

ଖୋର୍ଦ୍ଧା ଅଫିସ,୩୦।୩: ଶ୍ରୀଚୈତନ୍ୟ ବିହାର ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧାହ୍ନରେ ଅଭିଷେକ ପରେ ନାମ ସଂକୀର୍ତ୍ତନ, ପାରାୟଣ ପାଠ, ଜନ୍ମ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଶ୍ରୀରାମଙ୍କ ଆବିର୍ଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ, ଅନନ୍ତ ହରିଦାସ, ବ୍ରଜ ମହାରାଜ, ଗୋପବନ୍ଧୁ ପଣ୍ଡା, ଯୋଗେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନାଗା, ମେଢ଼ର ନୃତ୍ୟରେ ଦୁଲୁକିଲା ସାହି

ପୁରୀ ଅଫିସ,୩୦।୩

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାହିଯାତ ଗୁରୁବାର ଶ୍ରୀରାମ ନବମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଯାଇଛି। ସାହିଯାତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀରାମଙ୍କ ଜନ୍ମ ଲୀଳାରୁ ଆରମ୍ଭ ହୋଇଥିବା ଏହି ଯାତ ରାମାଭିଷେକରେ ସମାପନ ହେବ। ଶ୍ରୀମନ୍ଦିର ନୀତି ସହ ଅଙ୍ଗାଅଙ୍ଗି ଭାବେ ସାହିଯାତ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରାଯାଏ। ଶ୍ରୀମନ୍ଦିରରେ ଏହି ଲୀଳା ପାଳିତ ହେବା ସହ ଶ୍ରୀକ୍ଷେତ୍ରର ସାହିଗୁଡ଼ିକରେ ସାହିଯାତ ମାଧ୍ୟମରେ ପାଳିତ ହୋଇଥାଏ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ପରିଲକ୍ଷିତ ହୋଇଥାଏ। ପୁରୀର ଆଠ ସାହି ଆଖଡ଼ା ପକ୍ଷରୁ ଏହି ସାହିଯାତ ଅନୁଷ୍ଠିତ ହୋଇଥାଏ। ଯାତ୍ରା ମଧ୍ୟରେ ରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ପର୍ଶୁରାମଙ୍କ କଳା ହରଣ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ। ତେବେ ରାମନବମୀ ଗୁରୁବାର ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଏଥିସହ ନାଗା, ମେଢର ପାରମ୍ପରିକ ନୃତ୍ୟରେ ସାହି ଦୁଲୁକିଥିଲା।



### ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଥିଲା। ସାହି ଆଖଡ଼ାରୁ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସହ ଋଷିଶୃଙ୍ଗ ବାହାରି ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ବାଦିସାହି ମାଟିମଣ୍ଡପ ସାହି ଦେଇ ପୁଣି କାଳିକାଦେବୀ ସାହିକୁ ଫେରିଥିଲେ। ଏଥିରେ ନୃସିଂହ ସୁଆର ରାମ, ରାଜ କୁମାର ପଣ୍ଡା ଲକ୍ଷ୍ମଣ, ସୋମ ଉପାଧ୍ୟାୟ ଭରତ, ଆୟୁଷ ପ୍ରତାପ ସାହୁ ଶତ୍ରୁଘ୍ନ ଏବଂ ମାନସ କୁମାର ଦାସ ଋଷିଶୃଙ୍ଗ ବେଶରେ ସଜ୍ଜିତ ହୋଇଥିଲେ। ପରେ ରାତିରେ ସାହି ଆଖଡ଼ାରୁ ଆଗରେ ନିଶାଣ ରହି ପଟୁଆର ବାହାରିଥିଲା। ପଟୁଆରରେ ନୃସିଂହ ମେଢ, ମେଢ, ନାଗା, ନବଶିରା, କାଳୀ ମେଢ, ହନୁମାନ ମେଢ ଏବଂ ଫୁଲ ମେଢ ଆଦି ସାମିଲ ହୋଇଥିଲେ। ରଘୁନାଥ ପଣ୍ଡା ନୃସିଂହ ମେଢ ବନ୍ଧାଇଥିବା ବେଳେ ରାଜେଶ କୁମାର ପଣ୍ଡା ନବଶିରା, ରାଜ ପ୍ରସାଦ ରଥ ଇନ୍ଦ୍ରଜିତ୍, ଶୁଭମ ବିଶ୍ୱାଳ ନାଗା, ଶଙ୍କର ରାଉତ ପଞ୍ଚମୁଖୀ ହନୁମାନ, ସୌମେନ୍ଦ୍ର ବାରିକ ସପ୍ତଶିରା, ରାଜେଶ କୁମାର ବାରିକ ସହସ୍ରାର୍ଜ୍ଜୁନ, ରାହୁଲ ଲାଲ ଦେବେନ୍ଦ୍ର ମହାନ୍ତି ଏବଂ ପ୍ରିୟଦର୍ଶନୀ ମହାନ୍ତି ମେଢ, ସୁମତ ସାହୁ କାଳୀମେଢ, ବିକାଶ ମହାପାତ୍ର ବୀରକର୍ଣ୍ଣ, ସାଇଶକ୍ତି ପ୍ରସାଦ ବେହେରା ନନ୍ଦିନୀ ମେଢ ଏବଂ ନାକ ଓ କାନ ଯଥାକ୍ରମେ ବ୍ରହ୍ମ ପ୍ରସାଦ ଦାସ ଓ ସୋମନାଥ ବେହେରା ବନ୍ଧାଇ ପଟୁଆରରେ ସାମିଲ ହୋଇଥିଲେ। ପଟୁଆର କାଳିକାଦେବୀ ସାହି ପରିକ୍ରମା କରି ସିଂହଦ୍ୱାରକୁ ଆସିଥିଲା। ସେଠାରୁ ସାଥି ମାଟିମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲା। ପୁରୀବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି।

## 'ଓଡ଼ିଆ ଜାତୀୟତା' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ନେଇ ହୋଇଥିବା ଆନ୍ଦୋଳନ ଉପରେ ଐତିହାସିକ ଡ. ନିବେଦିତା ମହାନ୍ତିଙ୍କ ପୁସ୍ତକ 'ଓଡ଼ିଆ ଜାତୀୟତା'ର ଲୋକାର୍ପଣ ଉତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କେତକୀ ଫାଉଣ୍ଡେଶନ ପକ୍ଷରୁ ଏହି ପୁସ୍ତକ ପ୍ରକାଶିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନଠାରୁ ଆରମ୍ଭ କରି ଓଡ଼ିଆକୁ ପ୍ରଥମ ଆର୍ଯ୍ୟ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତି ଏକ ବିରାଟ ଯାତ୍ରା। କାର୍ଯ୍ୟକ୍ରମର ପୌରାହିତ୍ୟ କରି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ, ଇତିହାସ ପ୍ରତି ସଚେତନ, ଶ୍ରଦ୍ଧା ଓ ଏହାର ଅଧ୍ୟୟନ ହିଁ ଏକ ଜାତିକୁ ସୁଦୃଢ଼ କରିଥାଏ। ଫାଉଣ୍ଡେଶନ ଟ୍ରଷ୍ଟି ଡ. ରବୀନ୍ଦ୍ର ସ୍ୱାଇଁ ଆଭିମୁଖ୍ୟ ପ୍ରଦାନ, ରାମହରି ଜେନା ଧନ୍ୟବାଦ ଜଣାଇଥିଲେ।



ରାମନବମୀ ଅବସରରେ ଗୁରୁବାର ଜଟଣୀ ପୌରାଞ୍ଚଳ ଟ୍ରାଫିକ୍ କଲୋନୀ ସ୍ଥିତ ଶ୍ରୀରାମ ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ସମ୍ପର୍କ ଯୋଡ଼ିଛି, ନିବିଡ଼ତା ବଢ଼ାଇଛି

ଖୋର୍ଦ୍ଧା ଅଫିସ,୩୦।୩

ଖୋର୍ଦ୍ଧା ଗୁରୁଜଙ୍ଗ ନନ୍ଦସାହିର ତ୍ରିଲୋଚନ ସାହୁ(୪୪)। ଗତ ୨୦ବର୍ଷ ହେବ ଖବରକାଗଜ ବିତରକଭାବେ କାମ କରୁଛନ୍ତି। ଦୁଇ ପୁଅ, ସ୍ତ୍ରୀ, ବାପା, ମା'ଙ୍କୁ ନେଇ ତାଙ୍କ ପରିବାର। ପ୍ରଥମେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେହି ସମୟରେ ବରିଷ୍ଠ ବିତରକ ନିଧି ମୁଦୁଲିଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ପ୍ରେରଣାରେ ସେ କମ୍ପାନୀରେ କାମ ସହ ସକାଳ ସମୟରେ ଖବରକାଗଜ ବିତରଣ କରିବାକୁ ଲାଗିଲେ। ପ୍ରଥମେ ୧୦ଖଣ୍ଡରୁ ଆରମ୍ଭ କରି ୪ଶହ ପର୍ଯ୍ୟନ୍ତ ପେପର ବିକ୍ରି କରୁଥିଲେ। ଖୋର୍ଦ୍ଧା ସହର ସମେତ ଭାଲିଆବାଡ଼ି, ଲୋକେଶ୍ୱର, ଗୁରୁଜଙ୍ଗ, ବଜାର ଆଦି ଅଞ୍ଚଳରେ ପେପର ବିକ୍ରି କରିଥାନ୍ତି। ଅଧିକାଂଶ ଗ୍ରାହକ ହେଉଛନ୍ତି ଫୁଟପାଥ ବ୍ୟବସାୟୀ, ଅଟୋ ଚାଳକ, ପାନ ଓ ଚା'ଦୋକାନୀ। ଖବରକାଗଜ ଦେବା ସହ ଭାବର ଆଦାନପ୍ରଦାନ ହୋଇଥାଏ ବୋଲି ତ୍ରିଲୋଚନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କରୋନା ସମୟରେ ହଠାତ୍ ଦୋକାନ ବଜାର ବନ୍ଦ ହୋଇଗଲା। ରାସ୍ତାକଡ ବ୍ୟବସାୟୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲା। ସେହି ସମୟରେ ଖବରକାଗଜ ଏକଦମ୍ ଠପ୍ ହୋଇଗଲା। ସଂକ୍ରମଣ ଭୟରେ ଲୋକେ ଖବରକାଗଜ ନେବାକୁ ମନା କଲେ, ସେପଟେ ବ୍ୟବସାୟୀମାନେ ମଧ୍ୟ ଖବରକାଗଜ ନେବାକୁ ସିଧାସଳଖ ମନା କରିଦେଲେ। ଦୁଇ ବର୍ଷ ମଧ୍ୟରେ ପ୍ରାୟ ୨ଶହ ଗ୍ରାହକଙ୍କୁ ହରାଇଛି। କରୋନା କଟକଣା ହଟିବା ପରେ ପୁଣି ଥରେ କେତେଜଣ ବେପାରୀ ଖବରକାଗଜ ନେବା ଆରମ୍ଭ କରିଛନ୍ତି। ଆଜିର ଡିଜିଟାଲ ଯୁଗରେ ଲୋକେ ଘରେ ବସି ମୋବାଇଲରେ କିଛିକ୍ଷଣରେ ଖବର ପାଇଯାଉଛନ୍ତି। କିନ୍ତୁ ଖବରକାଗଜ ପଢିବାରେ ଯେଉଁ ମଜା ରହିଛି, ତାହା ମୋବାଇଲରେ ନାହିଁ। କରୋନା ସମୟରେ ଖବରକାଗଜ ବିତରକମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ତଥାପି ସମସ୍ତ ବାଧାବିଘ୍ନ ସତ୍ତ୍ୱେ ଧାରାବାହିକ ଭାବେ ବିତରଣ ଜାରି ରହିଛି। ସମସ୍ତେ ଖବରକାଗଜ ପଢନ୍ତୁ ବୋଲି କହିଛନ୍ତି ତ୍ରିଲୋଚନ।



ତ୍ରିଲୋଚନ ସାହୁ

# ବିଭିନ୍ନ ସ୍ଥାନରେ ରାମ ନବମୀ

ଖୋର୍ଦ୍ଧା ଅଫିସ,୩୦।୩

ଶ୍ରୀରାମ ନବମୀ ଅବସରରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଉତ୍ସାହ। ସବୁଠି ଶୁଭୁଥିଲା ଶ୍ରୀରାମ ଜୟରାମ। ଖୋର୍ଦ୍ଧା ସହରର ଗଡଖୋର୍ଦ୍ଧାସ୍ଥିତ ଶ୍ରୀରଘୁନାଥ, ଗୁରୁଜଙ୍ଗସ୍ଥିତ ହନୁମାନ ମନ୍ଦିର, ଶ୍ରୀରାମନଗରସ୍ଥିତ ଶ୍ରୀରାମ ମନ୍ଦିର, ଖୋର୍ଦ୍ଧା ସବ୍‌ଜେଲସ୍ଥିତ ହନୁମାନ ମନ୍ଦିର, ଜରିପୁଟ ସ୍ଥିତ ସଙ୍କଟମୋଚନ, ଦଳେଇପୁଟ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥିଲା। ସବୁଠି ଚାଲିଥିଲା ହୋମଯଜ୍ଞ, ପାରାୟଣ ପାଠ। ଶ୍ରୀରାମନଗର ସ୍ଥିତ ରାମମନ୍ଦିର ଉନ୍ନୟନ ପରିଷଦ ଓ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜାପାଠର ଆୟୋଜନ କରାଯାଇଛି। ନବଦିନବ୍ୟାପୀ ଉନତ୍ରିଂଶତମ ସାମ୍ବତ୍ସରିକ ଉତ୍ସବ, ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ସାନ୍ଧ୍ୟ ପ୍ରବଚନ ଜ୍ଞାନଯଜ୍ଞ ଆୟୋଜନ କରାଯାଇଛି ବୋଲି ସମ୍ପାଦକ ସର୍ବେଶ୍ୱର ଦାସ କହିଛନ୍ତି। ସେହିଭଳି ଜରିପୁଟ ସଙ୍କଟମୋଚନ ମନ୍ଦିରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଖୋର୍ଦ୍ଧା ଉପ କାରାଗାରରେ ଶ୍ରୀରାମଙ୍କ ଜନ୍ମୋତ୍ସବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ହୋମଯଜ୍ଞ, ହନୁମାନ ଚାଳିଶା ପାଠ କରାଯାଇଥିବା ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ କହିଛନ୍ତି। ଗଡଖୋର୍ଦ୍ଧା ସ୍ଥିତ ଶ୍ରୀରଘୁନାଥ ଜୀଉ ମନ୍ଦିରରେ ଭକ୍ତଙ୍କ ଭିଡ ରହିଥିଲା। ଭକ୍ତମାନେ ଲମ୍ବାଧାଡିରେ ଆସି ଠାକୁରଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ ସହ ରାମ ଚରିତ ମାନସ ପଠନ କରିଥିଲେ।

**ଜଟଣୀ:** ଜଟଣୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ଶ୍ରୀରାମନବମୀ ପାଳିତ ହୋଇଯାଇଛି। ପୌରାଞ୍ଚଳସ୍ଥିତ ଟ୍ରାଫିକ କଲୋନୀ ଶ୍ରୀରାମ ମନ୍ଦିର, ହରିରାଜପୁର ଶ୍ରୀରାମ ମନ୍ଦିର, ହାବଜାର ଶ୍ରୀରାମ ମନ୍ଦିର, ବାଛରା ଶ୍ରୀରାମ ମନ୍ଦିର କୁଦିଆରୀ ସହିତ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ପୂଜାନୀତି ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସକାଳେ ନୀତିକାନ୍ତିରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସହିତ ହୋମ କରାଯାଇଥିବା ଦେଖିବାକୁ ମିଳିଥିଲା। ଠାକୁରଙ୍କ ଦର୍ଶନ ସହ ପୂଜାର୍ଚ୍ଚନା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ନିରାକାରପୁର:** ଶ୍ରୀରାମନବମୀ ଉପଲକ୍ଷେ ସ୍ଥାନୀୟ ମାରୁତି ମଣ୍ଡପରେ ହନୁମାନ ଚାଳିଶା ସହ ନାମ ସଂକୀର୍ତ୍ତନ କରାଯାଇଥିଲା। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଜୁ ଜନତା ଦଳର ମହିଳା ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ସମେତ ବିଭିନ୍ନ ରାଜନୈତିକ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

**ବାଲୁଗାଁ:** ବାଲୁଗାଁ ଉତ୍ତର ଦିଗର ପ୍ରବେଶ ପଥ ପାର୍ଶ୍ୱସ୍ଥିତ ମାମୁ-ଭଣଜା ପାହାଡ଼ ପାଦଦେଶରେ ମା'ବିନ୍ଧ୍ୟବାସିନୀ ଦେବୀ ଦୁର୍ଗାଙ୍କ ମନ୍ଦିର ସହିତ ଶ୍ରୀରାମଙ୍କ ମନ୍ଦିର ରହିଛି। ଏହି ପାହାଡ଼ ଶୀର୍ଷରେ ମାତା ସୀତାଙ୍କ ମନ୍ଦିର ସହ ଏକ ଗୁମ୍ଫା ରହିଛି। ତେବେ ପାଦଦେଶରେ ପୂଜା ପାଉଛନ୍ତି ଶ୍ରୀରାମଚନ୍ଦ୍ର। ଏଠାରେ ମହାଆଡମ୍ବରରେ ଶ୍ରୀରାମ ଜନ୍ମମହୋତ୍ସବ ପାଳିତ ହୋଇଯାଇଛି। ଅଶୋକାଷ୍ଟମୀ ତିଥିରେ ଶୁଭ ଅଧିବାସ ପରେ ନାମଯଜ୍ଞ ଆରମ୍ଭ ହୋଇ ଗୁରୁବାର ରାମନବମୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ପାହାଡ଼ରେ ମନ୍ଦିର ପ୍ରତିଷ୍ଠା କରିଥିବା ସୁନ୍ଦରଗଡ଼ ରାଣୀଙ୍କ ବଂଶଜ ତଥା ବର୍ତ୍ତମାନର ହେମଗିରି ରାଜା ଅନିଲ କୁମାର ସିଂହଦେ ଓ ରାଣୀ ପ୍ରତିମା ସିଂହଦେଓ ଉପସ୍ଥିତ ରହି ପ୍ରଭୁ ଶ୍ରୀରାମ ଜନ୍ମମହୋତ୍ସବ ପାଳନ କରିଥିବା ବେଳେ ଏହି ଅଷ୍ଟପ୍ରହର ନାମଯଜ୍ଞ ରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିରର ମୁଖ୍ୟ ପୂଜକ ପ୍ରକାଶ ସାମନ୍ତରାୟଙ୍କ ସମେତ ମନ୍ଦିର କମିଟି ସଦସ୍ୟ ପରିଚାଳନା କରିଥିଲେ।

**ଟାଙ୍ଗୀ:** ଟାଙ୍ଗୀର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ବଡ଼ପାଇକ ସାହି ଓ ଗୋଡ଼ିପାଟଣାସାହି ସ୍ଥିତ ରଘୁନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଶ୍ରୀରାମଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

**ବାଣପୁର:** ଶ୍ରୀରାମନବମୀ ଅବସରରେ ନାଚୁଣୀରେ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅମିତ୍ ମହାପାତ୍ରଙ୍କ ନେତୃତ୍ୱରେ ନାଚୁଣୀ ବାଇପାସ୍ ନିକଟ ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ନାଚୁଣୀ ବଜାର ଦେଇ କଉଡ଼ିଖିଣି ଠାରେ ଶେଷ ହୋଇଥିଲା। ଶୁଭମ୍ ତ୍ରିପାଠୀ, ତୋଫାନ ବେହେରା, ବାଦଲ ସୁବୁଦ୍ଧି, ସାଇ ମହାପାତ୍ର, ସୋମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ନୂଆ ରୂପରେ ଟ୍ରାଫିକ୍ ଥାନା-୨

### ନୂତନ କୋଠାକୁ ଉଦ୍‌ଘାଟନ କଲେ ପୋଲିସ ଡିଜି

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାର ଟ୍ରାଫିକ ଥାନା-୨ ନୂଆ ରୂପ ପାଇଛି। ପୂର୍ବରୁ ଚନ୍ଦ୍ରଶେଖରପୁରରେ ଏହି ଥାନା ଥିବାବେଳେ ଗୁରୁବାର ପାତ୍ରପଡ଼ାଠାରେ ଦୁଇ ମହଲା ବିଶିଷ୍ଟ ନୂତନ କୋଠାକୁ ଉଦ୍‌ଘାଟନ କରାଯାଇଛି। ପୂର୍ବାହ୍ନରେ ପୋଲିସ ଡିଜି ସୁନିଲ ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କୋଠାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଓପିଏଚ୍‌ଡବ୍ଲ୍ୟୁସିର ପରିଚାଳନା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏହି କୋଠା ନିର୍ମିତ ହୋଇଛି। ତେବେ ଟ୍ରାଫିକ ଥାନା-୨ କାର୍ଯ୍ୟକାରୀ ହେଉଥିବା ଚନ୍ଦ୍ରଶେଖପୁରସ୍ଥିତ ସ୍ଥାନରେ ଏକ ଫାଣ୍ଡି କାର୍ଯ୍ୟକାରୀ ହେବ ବୋଲି କୁହାଯାଇଛି। ସୂଚନା ଅନୁଯାୟୀ, ଟ୍ରାଫିକ ଥାନା-୨ ଅଧୀନରେ ୧୧ଟି ଟି ଥାନା ରହିଛି। ସେଗୁଡ଼ିକ ମଧ୍ୟରୁ ଇମ୍‌ଫୋଭ୍ୟାଲି, ଜଟଣୀ, ତମାଣ୍ଡୋ, ଖଣ୍ଡଗିରି, ଭରତପୁର, ଚନ୍ଦକା, ନୟାପଲ୍ଲୀ, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର, ନନ୍ଦନକାନନ ଓ ଇମ୍‌ଫୋସିଟି ଥାନା ରହିଛି।

## ବାଇକ୍ ଶୋଭାଯାତ୍ରାରେ ନଗର ପରିକ୍ରମା

ବୋଲଗଡ,୩୦।୩ (ଡି.ଏନ୍.ଏ.)



ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶ୍ରୀରାମନବମୀ ପାଳିତ ହୋଇଯାଇଛି। ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ସଂଯୋଜକ ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ବ୍ଲକ ଅଞ୍ଚଳର ଶତାଧିକ ଶ୍ରୀରାମ ଭକ୍ତ ୫୭ ନମ୍ବର ଜାତୀୟ ରାଜପଥର ଟିକାତଳଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ପିତୁଲି, ରାଜସୁନାଖଳା, ବୋଲଗଡ, ଭିମପଡା, ମାଣିକାଗୋଡା, କଲାଙ୍ଗ, ସଂପୁର, ଖାଲ୍ଲୁରିଆ ଆଦି ଗ୍ରାମ ପରିକ୍ରମା କରି ଯୋଡାପଡାସ୍ଥିତ ରାମ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏଥିରେ ହିନ୍ଦୁ ଜାଗରଣ ମଞ୍ଚ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଅନ୍ୟାନ୍ୟ ସଙ୍ଗଠନର ଶ୍ରୀରାମ ଭକ୍ତମାନେ ଥିଲେ। ରିତେଶ ବେହେରା, ସୌମ୍ୟରଞ୍ଜନ ବଳିୟାରସିଂ, ସ୍ୱଜାତ ଶାନ୍ତିକାମି, ହରେକୃଷ୍ଣ ପରମଗୁରୁ, ବସନ୍ତ ମଙ୍ଗରାଜ, ରାମଚନ୍ଦ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ବୋଲଗଡ ସଦର ମହକୁମାସ୍ଥିତ ଗୋପବନ୍ଧୁ ବିହାରଠାରେ ହନୁମାନ ଓ ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପଟେ ମୁଣ୍ଡିଆପଡା ରଘୁନାଥ ଆଶ୍ରମ, ଜକଲା ମହାବୀର ଆଶ୍ରମ, ଝିକିମିକି ଶ୍ରୀରାମ ଆଶ୍ରମ, ଯୋଜାପଡା ରାମ ମନ୍ଦିର, ଚୁଡା ଗେଡିମୁଣ୍ଡିଆ ରାମମନ୍ଦିର ସହ ମାଣିବନ୍ଧ ମହାବୀର ଆଶ୍ରମ, ମାଣିକାଗୋଡା ହନୁମାନ ମଠ, ସଂପୁର ହନୁମାନ ମଠରେ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

### ଆକର୍ଷଣ ସାଜିଲେ ଶ୍ରୀରାମ ବେଶଧାରୀ

ଖୋର୍ଦ୍ଧା ଅଫିସ,୩୦।୩

ଶ୍ରୀରାମନବମୀ ଅବସରରେ ଗୁରୁବାର ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଉତ୍ସାହ। ଏହି ପରିପ୍ରେକ୍ଷୀରେ ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ଖୋର୍ଦ୍ଧାରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ହିନ୍ଦୁ ଜାଗରଣ ମଞ୍ଚ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସମେତ ଅନ୍ୟ ହିନ୍ଦୁ ସଙ୍ଗଠନର କର୍ମକର୍ତ୍ତାମାନେ ମୁକୁନ୍ଦପ୍ରସାଦ ମେଲଣ ପଡିଆରେ ଏକତ୍ରିତ ହୋଇଥିଲେ। ଶ୍ରୀରାମଙ୍କ ଜୟ ଜୟକାରରେ ପ୍ରକମ୍ପିତ ହୋଇଥିଲା ପରିବେଶ। ପରେ ଆରମ୍ଭ ହୋଇଥିଲା ବାଇକ୍ ଶୋଭାଯାତ୍ରା। ଏକ ସୁସଜ୍ଜିତ ରଥରେ ଶ୍ରୀରାମ, ମାତା ସୀତା, ଲକ୍ଷ୍ମଣ ଓ ହନୁମାନ ବେଶଧାରୀ ସାଜିଥିଲେ ମୁଖ୍ୟ ଆକର୍ଷଣ। ଶୋଭାଯାତ୍ରା ଆଗରେ ଖୋଲା ଜିପରେ ଶ୍ରୀରାମଙ୍କ ବିଶାଳକାୟ ଫଟୋଚିତ୍ର, ଭଗବା ଧ୍ୱଜ ରହିଥିବା ବେଳେ ପଛରେ ରହିଥିଲା ଏକ କି.ମି. ବ୍ୟାପି ବାଇକ୍ ଶୋଭାଯାତ୍ରା। ସବୁ ବାଇକ୍‌ରେ ଲାଗିଥିଲା ଶ୍ରୀରାମଙ୍କ ଭଗବା ଧ୍ୱଜା। ହାତ, ମୁଣ୍ଡରେ ରହିଥିଲା ଶ୍ରୀରାମଙ୍କ ପଟି। ଏହି ଶୋଭାଯାତ୍ରା ଗୋଡିପୋଖରୀ, ମାରୱାଡି ପଟି, ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆ ବସ୍‌ଷ୍ଟାଣ୍ଡ ଦେଇ ୧୬ନଂ. ଜାତୀୟ ରାଜପଥକୁ ଉଠିଥିଲା। ସେଠାରୁ ତୋଟାପଡା ଦେଇ ଜରିପୁଟସ୍ଥିତ ସଙ୍କଟମୋଚନ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା। ସହରରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଶୋଭାଯାତ୍ରାରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଯୁବକ, ୧ ହଜାରରୁ ଊର୍ଦ୍ଧ୍ୱ ବାଇକ୍, କାର, ଖୋଲା ଜିପରେ ଶ୍ରୀରାମଙ୍କ ଫଟୋଚିତ୍ର, ଭଗବା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରୀରାମ ନବମୀ ସମନ୍ୱୟ ସମତି ପକ୍ଷରୁ କୁହାଯାଇଛି। ସମନ୍ୱୟ ସମିତିର ସଞ୍ଚାଳକ ଆଶିଷ ବିଭୁରେନ୍ଦ୍ର କୁହନ୍ତି, ଗତ ତିନି ବର୍ଷ ହେବ ଏହି ସମିତି ଗଠନ କରାଯାଇଛି। ଏହାରି ନାଁରେ ଶୋଭାଯାତ୍ରା ଆୟୋଜନ କରାଯାଇଛି। ଶ୍ରୀରାମ ହେଉଛନ୍ତି ମାନବୀୟ ଜୀବନମୂଲ୍ୟର ଆଧାର। ଶ୍ରୀରାମଙ୍କ ତ୍ୟାଗ, ଆଦର୍ଶ ଲୋକଙ୍କ ନିକଟରେ ପହଞ୍ଚାଇବା, ରାମ ରାଜ୍ୟ ପ୍ରତିଷ୍ଠା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ ନଗର ସଂଯୋଜକ ଉଦିତ୍ ସ୍ୱାଇଁ କହିଛନ୍ତି, ଉତ୍କଳୀୟ ସଂସ୍କୃତି, ପରମ୍ପରା ବିଶ୍ୱରେ ଅନନ୍ୟ। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ। ଓଡ଼ିଶାର ରେଣୁ ରେଣୁରେ ରହିଛି ସଂସ୍କୃତି, ପରମ୍ପରା। ଲୋକଙ୍କ ମନରେ ହିନ୍ଦୁତ୍ୱ ଭାବ ଜାଗରଣ, ଅଯୋଧ୍ୟାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ବିଚାରଧାରା ରହିଛି। ଖୋର୍ଦ୍ଧା ଜିଲାରେ ମଞ୍ଚର ସବୁଠି କର୍ମକର୍ତ୍ତା ରହିଛନ୍ତି। ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି।



## ସଂକ୍ଷେପରେ

### ଶ୍ରୀକ୍ଷେତ୍ର ମଣିରାମ ମଠରେ ଶ୍ରୀରାମ ଜନ୍ମୋତ୍ସବ

ପୁରୀ ଅଫିସ,୩୦।୩- ଶ୍ରୀରାମନବମୀ ଅବସରରେ ମରିଚିକୋଟଠାରେ ଥିବା ମଣିରାମ ମଠରେ ଶ୍ରୀରାମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନବଦିନ ବ୍ୟାପୀ ଶ୍ରୀରାମ ଚରିତ ନବାହ୍ନ ପାରାୟଣ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ନବମୀ ତିଥିରେ ପୂର୍ଣ୍ଣାହୁତି ହେବା ପରେ ଜନ୍ମବିଧି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବହୁ ସାଧୁସନ୍ଥ ଭଜନ କୀର୍ତ୍ତନରେ ଯୋଗଦେଇଥିଲେ। ମହନ୍ତ ଅଭିରାମ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୀରେ ଥିବା ଶ୍ରୀରାମନନ୍ଦୀ ସମ୍ପ୍ରଦାୟର ୧୬ଟି ମଠ ଓ ଆଶ୍ରମରେ ଶ୍ରୀରାମାନନ୍ଦ ଆଚାର୍ଯ୍ୟଙ୍କ ପୂଜା ହେବା ପରେ ଆଖଡ଼ାଗୁଡ଼ିକରେ ଜୟ ଶ୍ରୀରାମ ଧ୍ୱନି ଦିଆଯାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ସ୍ମରଣଯୋଗ୍ୟ, ଶ୍ରୀରାମନନ୍ଦ ପୁରୀରେ ପଦାର୍ପଣ କରିବା ପରେ ଶ୍ରୀମନ୍ଦିର ଆକ୍ରମଣକୁ ପ୍ରତିହତ କରିବା ପାଇଁ ୫ଟି ଆଖଡ଼ା ପ୍ରତିଷ୍ଠା କରିଥିଲେ। ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ପାଇଁ ଆଖଡ଼ାର ନାଗା ସାଧୁମାନେ ପ୍ରାଣପାତ କରିବାକୁ ଗଜପତି ଶ୍ରୀମନ୍ଦିରର ଅଁଳାବେଢ଼ାରେ ରାମାନନ୍ଦୀ ଚିତା ସ୍ଥାନିତ କରିଛନ୍ତି।

### ଝିଅ ଜନ୍ମଦିନରେ ରକ୍ତଦାନ ଶିବିର

କାକଟପୁର,୩୦।୩(ଡି.ଏନ୍.ଏ.)- ଝିଅର ଜନ୍ମଦିନରେ ରକ୍ତଦାନ ଶିବିର ଭଳି ଏକ ମହତ୍ କାର୍ଯ୍ୟର ଆୟୋଜନ କରି ବେଶ ପ୍ରଶଂସାର ପାତ୍ର ହୋଇଛନ୍ତି ପୁରୀ ଜିଲା କାକଟପୁର ଜୀଉନ୍ତି ଗ୍ରାମର ଯୁବ ସାମାଜିକ କର୍ମୀ ତଥା ଖବରଦାତା ଆଦିତ୍ୟ ରାଉତ ଓ ତାଙ୍କ ପରିବାର। ଝିଅ ଅଭୀଲିପ୍ସାର ୧୪ତମ ଜନ୍ମଦିନ ଉତ୍ସବ ବୁଧବାର କାକଟପୁରର ଶିକ୍ଷାନୁଷ୍ଠାନ ଜାହାନ ପବ୍ଲିକ ସ୍କୁଲ ଏବଂ ଜୀଉନ୍ତି ଗ୍ରାମର ଗୋପବନ୍ଧୁ ଯୁବ ସାମାଜିକ ସଙ୍ଗଠନର ମିଳିତ ସହଯୋଗରେ ପାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଜାହାନ ପବ୍ଲିକ ସ୍କୁଲ ପରିସରରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ସ୍ୱେଚ୍ଛାକୃତ ଭାବେ ସ୍ଥାନୀୟ ଅଞ୍ଚଳର ଏବଂ ଉଭୟ ଅନୁଷ୍ଠାନର ୨୫ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିବା ସହ ଝିଅ ଅଭୀଲିପ୍ସାକୁ ଆଶୀର୍ବାଦ ଦେଇଥିଲେ। ରକ୍ତର ଅଭାବ ଯୋଗୁ ଯେମିତି କୌଣସି ରୋଗୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ, ସେଥିପାଇଁ ଆଦିତ୍ୟ ଓ ତାଙ୍କ ପରିବାର ପକ୍ଷରୁ ଏଭଳି ଉଦ୍ୟମ ଅନ୍ୟଙ୍କୁ ପ୍ରେରଣା ଯୋଗାଇବ ବୋଲି କାକଟପୁର ପ୍ରେସ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ ମତବ୍ୟକ୍ତ କରିଥିଲେ। ଶିବିରକୁ କାକଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍କୁଲର ନିର୍ଦ୍ଦେଶକ ସୁମିତ୍ରା ଘୋଷ, ଅଧ୍ୟକ୍ଷ ମମତା ମହାପାତ୍ର, ଗୋପବନ୍ଧୁ ଯୁବ ସାମାଜିକ ସଙ୍ଗଠନର ସଭାପତି ନିରଞ୍ଜନ ବିଶ୍ୱାଳ, କାକଟପୁର ପ୍ରେସ କ୍ଲବ ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଅକ୍ଷୟ ରାଉତ, କୋଷାଧ୍ୟକ୍ଷ ପ୍ରଦୀପ ପଣ୍ଡା, ଅସ୍ତରଙ୍ଗ ପ୍ରେସ କ୍ଲବ ସମ୍ପାଦକ ଲୋକନାଥ ସ୍ୱାଇଁ, ଉପଦେଷ୍ଟା ନିରଞ୍ଜନ ଦାସ, କୋଷାଧ୍ୟକ୍ଷ ସମୀର କର, କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ସଞ୍ଜୟ ପତି, ସାମାଜିକ କର୍ମୀ ପିଙ୍କନ ପରିଡ଼ାଙ୍କ ସମେତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ରେଡ୍‌କ୍ରସର ୫ ଜଣ ଡାକ୍ତର ଓ ସହଯୋଗୀ ରକ୍ତ ସଂଗ୍ରହ କରିଥିଲେ।

### ସ୍କୁଲ ସାଙ୍ଗଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ରଖିବାକୁ ପ୍ରୟାସ

କୋଣାର୍କ,୩୦।୩(ଡି.ଏନ୍.ଏ.)- କୋଣାର୍କ ଭଗବତୀ ବିହାରସ୍ଥିତ ଭେଙ୍କଟେଶ୍ୱର ସ୍କୁଲର ୨୦୨୨-୨୦୨୩ ମାଟ୍ରିକ୍ ବ୍ୟାଚର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ମା' ରାମଚଣ୍ଡୀଙ୍କ ପୀଠରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲସ୍ତରୀୟ ଛାତ୍ର ଜୀବନକୁ ଉଜ୍ଜୀବିତ କରି ରଖିବାକୁ ଏହି ପ୍ରୟାସ କରାଯାଇଛି ବୋଲି ଅଭିଭାବକ ମତବ୍ୟକ୍ତ କରିଥିଲେ। ଏହି ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରି ମାଟ୍ରିକ୍ ପରୀକ୍ଷା ଦେବା ପରେ ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଛାତ୍ର ନିଜ ପସନ୍ଦର ଶିକ୍ଷାନୁଷ୍ଠାନରେ ପଢ଼ିବେ। ତେଣୁ ସ୍କୁଲସ୍ତରୀୟ ସାଙ୍ଗଙ୍କ ମଧ୍ୟରେ ଉତ୍ତମ ବନ୍ଧୁତା ରକ୍ଷା କରିବାକୁ ଏହି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ଭେଙ୍କଟେଶ୍ୱର ସ୍କୁଲର ପ୍ରତିଷ୍ଠାତା ଗୁଣନିଧି ମୁଦୁଲି କହିଥିଲେ। ଅଭିଭାବକଙ୍କ ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟେକ ବର୍ଷ ଏହିଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳକ ମାନସ ମୁଦୁଲି, ଅଧ୍ୟାପକ ବିନୟ ଭୂଷଣ ମହାନ୍ତିଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଅଭିଭାବକ ସର୍ବେଶ୍ୱର ନାୟକ, ଶିଶିର କୁମାର ସେଠ, ଜୟନ୍ତ ସ୍ୱାଇଁ, ସଞ୍ଜୟ ମହାନ୍ତି, ସସ୍ମିତା ମହାନ୍ତି, ପ୍ରଣତୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ମୁଦୁଲି ଓ ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ଅଞ୍ଚଳ

ପିପିଲି/ସାକ୍ଷୀଗୋପାଳ/କଣାସ, ୩୦।୩(ଡି.ଏନ୍.ଏ./ସ୍ୱ.ପ୍ର.)

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜନ୍ମୋତ୍ସବରେ ଗୁରୁବାର ସାରା ଅଞ୍ଚଳ ଗେରୁଆ ହୋଇଥିବାବେଳେ ସବୁଠି ଜୟ ଶ୍ରୀରାମଙ୍କ ଧ୍ୱନି ଶୁଣିବାକୁ ମିଳିଥିଲା। ପିପିଲି ସଙ୍ଗଠିତ ହିନ୍ଦୁ ପରିବାର ପକ୍ଷରୁ ପିପିଲି ସିଉଳା ଛକଠାରୁ ସପ୍ତମ ବାର୍ଷିକ ରାମ ନବମୀ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଜାଗେଶ୍ୱରୀ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରା ପିପିଲି, ଦାଣ୍ଡମୁକୁନ୍ଦପୁର ବଜାର ପରିକ୍ରମା କରିଥିଲା। ସଙ୍ଗଠିତ ହିନ୍ଦୁ ପରିବାରର ସଂସ୍ଥାପକ ପ୍ରଦୀପ୍ତ ବେହେରା, ଆବାହକ ପ୍ରକାଶ ପ୍ରଧାନ, ଅଭିଜିତ୍ ବେହେରା, ଅଶ୍ୱିନୀ ଅଗ୍ରୱାଲା, ଅଭିଜିତ୍ ନାୟକ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ସେହିପରି ଡେଲାଙ୍ଗ-ପିପିଲି ଶ୍ରୀରାମ ନବମୀ କମିଟି ପକ୍ଷରୁ ଏକ ଶୋଭାଯାତ୍ରା ପିପିଲି ତରାକାଜଠାରୁ ବାହାରି ଡେଲାଙ୍ଗ କଲ୍ୟାଣପୁର ପର୍ଯ୍ୟନ୍ତ ଯାଇଥିଲା। ଦାନଗୋହିର ଛକଠାରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ପୁଷ୍ପ ବର୍ଷା କରି ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ କରିଥିଲେ।


ପିପିଲି ଗ୍ରାମରେ ରାମନବମୀରେ ବାଇକ୍ ଶୋଭାଯାତ୍ରା ବାହାରିଛି ।

ଦାଣ୍ଡମୁକୁନ୍ଦପୁରର ଶ୍ରୀରାମ ନବମୀ ଉତ୍ସବ କମିଟି ପକ୍ଷରୁ ଶ୍ରୀରାମ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ମଙ୍ଗଳ ଆଳତି ପରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପ୍ରତିମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। କମିଟିର ମୁଖ୍ୟ ପ୍ରସନ୍ନ ଦାସ ଓ ବଂଶୀଧର ସାହୁଙ୍କ ନେତୃତ୍ୱରେ ଅଭିଷେକ ଲେଙ୍କା, ଚିତ୍ତରଞ୍ଜନ ମହାରଣା, ପ୍ରଭାତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ସାକ୍ଷୀଗୋପାଳ ମନ୍ଦିର ସନ୍ନିକଟ ପୁରାତନ ଶ୍ରୀରାମ ମନ୍ଦିରରେ ରାମନବମୀ ପାଳିତ ହୋଇଯାଇଛି। ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଦୈନନ୍ଦିନ ଦେବନୀତି ସହିତ ସ୍ୱତନ୍ତ୍ର ପୂଜାନୀତି ମଧ୍ୟରେ ନୂତନ ବସ୍ତ୍ର ଲାଗି ଜନ୍ମବିଧି, ପଞ୍ଚ ଉପଚାର, ଯଜ୍ଞ, ଆଳତି ଅନୁଷ୍ଠିତ ହୋଇଥିଲା। ପଣାଭୋଗ ଓ ସନ୍ଧ୍ୟାରେ ସମବେତ ପ୍ରସାଦ ସେବନ କରାଯାଇଥିଲା। ମନ୍ଦିରରେ ଉଜ୍ଜ୍ୱଳ ଆଲୋକ ସଜ୍ଜା ସାଙ୍ଗକୁ ନାମ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ପ୍ରାୟ ୪୦୦ ବର୍ଷ ତଳେ ହାଇଦ୍ରାବାଦରୁ ଜଣେ ଶ୍ରଦ୍ଧାଳୁ

### ଶୋଭାଯାତ୍ରାକୁ ମୁସଲମାନ ସମ୍ପ୍ରଦାୟଙ୍କ ସ୍ୱାଗତ

ତାଙ୍କ ପରିବାର ସହ ସାକ୍ଷୀଗୋପାଳଙ୍କ ଦର୍ଶନରେ ଆସିଥିବାବେଳେ ସେଠାରେ ଶ୍ରୀରାମଙ୍କ ଦର୍ଶନ ପାଇ ନ ଥିଲେ। ତେଣୁ ଏଠାରେ ଶ୍ରୀରାମ ମନ୍ଦିର ନିର୍ମାଣ କରି ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ପୁରୀ ଜିଲା କଣାସ ବ୍ଲକର ପୁରପଲ୍ଲୀରେ ଶ୍ରୀରାମ ନବମୀ ଉତ୍ସବ ଆନନ୍ଦ ଉଲ୍ଲାସର ସହ ଗୁରୁବାର ପାଳିତ ହୋଇଛି। ପ୍ରତ୍ୟେକ ରାମ ମନ୍ଦିରରେ ଦିନତମାମ ହୋମଯଜ୍ଞ ଚାଲୁ ରହିଥିବାବେଳେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। କଣାସ ଓ ଆଖାପାଖ ଗ୍ରାମର କେତେକ ଯୁବକ ମୋଟର ସାଇକେଲରେ ଗେରୁଆ ପତାକା ଧରି କଣାସ ଓ ଆଖପାଖ ଗ୍ରାମ ବୁଲି ଶ୍ରୀରାମଙ୍କ ଧ୍ୱନି ଦେଉଥିଲେ। ଅନେକ ଗ୍ରାମରେ ରାମଲୀଳା ପଠନ କରାଯାଉଥିବାବେଳେ ବିଭିନ୍ନ ଗ୍ରାମରେ ଶ୍ରୀରାମ ଓ ହନୁମାନଙ୍କ ମନ୍ଦିର ସମ୍ମୁଖରେ ରାମଲୀଳା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି।

# ଶ୍ରୀରାମ ରଥ ଶୋଭାଯାତ୍ରା


ଶ୍ରୀରାମ ରଥ ଶୋଭାଯାତ୍ରାରେ ବିଭିନ୍ନ ହନୁମାନ ବେଶଧାରୀ ଯାତ୍ରା କରୁଛନ୍ତି ।

ଡେଲାଙ୍ଗ,୩୦।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକରେ ଶ୍ରୀରାମନବମୀ ଉପଲକ୍ଷେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀରାମ ରଥ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିପିଲି-ଡେଲାଙ୍ଗ ଶ୍ରୀରାମନବମୀ କମିଟି ଆବାହକ ରାଧାମୋହନଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ ରାମଭକ୍ତ ଏହି ରଥ ଶୋଭାଯାତ୍ରାରେ ବାଇକ୍ ଯୋଗେ ସାମିଲ ହୋଇଥିଲେ। ଶୋଭାଯାତ୍ରାରେ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ସହିତ ହନୁମାନ ପ୍ରମୁଖ ରଥରେ ବିରାଜମାନ କରିଥିଲେ। ଶୋଭାଯାତ୍ରାରେ ଶ୍ରୀରାମଙ୍କ ଲଙ୍କା ଜୟ ସମୟର ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟ ଭୂମିକା ନିର୍ବାହ କରିଥିବା ବଜରଙ୍ଗବାଲି ହନୁମାନ, ବାନର ସେନା, ଜାମ୍ବବାନ, ବିଭୀଷଣ, ଜଟାୟୁ ଆଦି ବେଶରେ ୧୫୦ରୁ ଊର୍ଦ୍ଧ୍ୱ ଯୁବକ ଦୃଶ୍ୟମାନ ହୋଇଥିଲେ। ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ରାମଙ୍କ ଭଜନ କୀର୍ତ୍ତନ କରିଥିଲେ। ପିପିଲି ତରାକାଜ ଓଭରବ୍ରିଜଠାରୁ ବାହାରି କଲ୍ୟାଣପୁର ମେଲଣ ପଡ଼ିଆରେ ପହଞ୍ଚିଥିଲା। ପ୍ରତି ଛକଗୁଡ଼ିକରେ ରଥକୁ ମହିଳାମାନେ ବନ୍ଦାପନା କରିଥିଲେ। କମିଟି ପକ୍ଷରୁ ମେଲଣ ପଡ଼ିଆରେ ଭଜନ ସମାରୋହ ଓ ଶ୍ରୀରାମଙ୍କ କଥାବସ୍ତୁ ସମ୍ପର୍କିତ ପ୍ରବଚନର ବ୍ୟବସ୍ଥା ହୋଇଥିଲା। କମିଟି ସଦସ୍ୟ ଜନ୍ମେଜୟ ଜେନା, ନରେନ୍ଦ୍ର ବିଶ୍ୱାଳ, ଧନେଶ୍ୱର ପରିଡ଼ା, ସୁରେଶ ମହାରଣା, ସଦାଶିବ ପରିଡ଼ା, ମହେଶ୍ୱର ରାଉତରାୟ, ସରୋଜ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବଜରଙ୍ଗୀ ସଙ୍ଗଠନ ଡେଲାଙ୍ଗ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରାମଚନ୍ଦ୍ରପୁର ବାଟ ମହାବୀର ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଡେଲାଙ୍ଗ ବଜାରସ୍ଥିତ ପ୍ରଭାତ କ୍ଲବଠାରେ ପହଞ୍ଚିଥିଲା। ସିପୁ ଛୋଟରାୟ, ଦିଲୀପ ସାହୁ, ଦେବାଶିଷ ପରିଡ଼ା, ଲିଟା ପାଇକରାୟ, ରାକେଶ ସାଠୁଆ ପ୍ରମୁଖ ସହଯୋଗ କରିଥିଲେ।

# ରାମ, ଲକ୍ଷ୍ମଣ, ସୀତା ବେଶରେ ଛାତ୍ରୀଛାତ୍ର

### ବିଭିନ୍ନ ସ୍ଥାନରେ ରାମ ନବମୀ ପାଳିତ

ପୁରୀ ଅଫିସ,୩୦।୩

ରାମ ନବମୀ ଅବସରରେ ବିଭିନ୍ନ ଅନୁଷ୍ଠାନ ଏବଂ ବିଦ୍ୟାଳୟ ପକ୍ଷରୁ ରାମ ନବମୀ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି। ଏହି ଅବସରରେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଇକ୍ ଶୋଭାଯାତ୍ରାଟି ଷ୍ଟେଶନ ନିକଟ ଶ୍ରୀରାମ ମନ୍ଦିରଠାରୁ ବାହାରି ବଡ଼ଦାଣ୍ଡ ଦେଇ ଜଗନ୍ନାଥ ବଲ୍ଲଭଠାରେ ଶେଷ ହୋଇଥିଲା। ହାତରେ ପତାକା ସହ ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହୋଇଥିଲା ସହର। ଶୋଭାଯାତ୍ରାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇଥିଲେ। ଶୋଭଯାତ୍ରାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମା ଶୋଭା ପାଉଥିଲା। ସେହିପରି ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାମନବମୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଠି ସଭ୍ୟା ଅଞ୍ଜଳି ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶ ପଡ଼ି ନଗର ପରିକ୍ରମା କରିଥିଲେ। ଶିଶୁ ଓ ଗୁରୁମା ଗୁରୁଜୀଙ୍କ ଦ୍ୱାରା ୭ଥର ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି ବିଦ୍ୟାଳୟର ଆଚାର୍ଯ୍ୟା ପୁଷ୍ପଲତା ସେଠୀ ଅତିଥିଙ୍କ ପରିଚୟ ଦେଇଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଦ୍ୱାରା ସ୍ୱାଗତ ଭାଷଣ ଦେଇ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ବିଷ୍ଣୁପ୍ରସାଦ ପାଣି ଧନ୍ୟବାଦ ଦେଇଥିଲେ। ସେହିପରି ହରଚଣ୍ଡି ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ନନ୍ଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ରତ୍ନାକର ମହାପାତ୍ରଙ୍କ ଦ୍ୱାରା ରାମଚରିତ ମାନସ ପାଠ କରାଯାଇଥିଲା। ଷ୍ଟେଶନସ୍ଥିତ ରାମ ମନ୍ଦିର ସହ ବିଭିନ୍ନ ରାମ ମନ୍ଦିରରେ ଭକ୍ତମାନଙ୍କ ଗହଳି ଦେଖିବାକୁ ମିଳିଥିଲା। ଭକ୍ତମାନେ ଲାଇନରେ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରିଥିଲେ। ରାତିକୁ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ରାମ ନବମୀ ଉପଲକ୍ଷେ ରାମ ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା।


ରାମନବମୀ ଅବସରରେ ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶଧାରଣ କରିଛନ୍ତି ।


ପୁରୀରେ ଏକ ଶୋଭାଯାତ୍ରାରେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ସାମିଲ ହୋଇଛନ୍ତି ।

# ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ

ପୁରୀ ଅଫିସ,୩୦।୩

ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହୋଇଯାଇଛି। ରାମନବମୀ ଉପଲକ୍ଷେ ଗୁରୁବାର ଭୋର ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ସହ ବିଭିନ୍ନ ନୀତି ବଢ଼ି ୩.୫୦ରେ ଯାତ୍ରୀଙ୍କ ମହାସ୍ନାନ କରାଯାଇ ୪ଟା୧୦ ରେ ମହାପ୍ରଭୁଙ୍କ ଘଣ୍ଟଛତାଳ ମର୍ବାଙ୍ଗ ସମ୍ପନ୍ନ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ଛ'ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଧୋ ପଖାଳ ହୋଇଥିଲା। ଏହାପରେ ଶ୍ରୀରାମ ଜନ୍ମନୀତି ଆରମ୍ଭ ହୋଇଥିଲା। ଜନ୍ମନୀତି ଏକ ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ ରହିଥିଲା। ଜୟବିଜୟ ଦ୍ୱାର ବନ୍ଦ ହେବା ପରେ ସୁଧ ସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଏହାପରେ ବନ୍ଦାପନା କରାଯାଇ ବରୁଣ ପୂଜା କରାଯାଇଥିଲା। ପରେ ଦକ୍ଷିଣ ଘର ଭୋଗ ଶେଷ ହେବା ପରେ ରାମଚନ୍ଦ୍ର ପ୍ରତିମାଙ୍କୁ ମହାଜନ ସେବକ ରତ୍ନ ସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗି କରିବା ପରେ ପ୍ରସାଦ ଲାଗି ହୋଇ ରାମଚନ୍ଦ୍ରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଏହାପରେ ମହାଜନ ସେବକମାନେ ରାମଚନ୍ଦ୍ରଙ୍କ ପ୍ରତିମାକୁ ଉକ୍ତ ଜନ୍ମମଣ୍ଡଳ ଉପରେ ବିଜେ କରାଇଥିଲେ। ପରେ ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। ଜନ୍ମନୀତି ସମ୍ପନ୍ନ ହେବା ପରେ କର୍ପୂର ଆଳତି ବନ୍ଦାପନା ନୀତି ହୋଇଥିଲା। ପରେ ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ଏହାପରେ ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି, ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଚରୁଭାତ ମଣୋହି କରିବା ପରେ ଠାକୁର ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ। ଷ୍ଟେଶନରୋଡସ୍ଥିତ ରାମମନ୍ଦିର, ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଥିବା ରାମମନ୍ଦିର ସମେତ ବିଭିନ୍ନ ସ୍ଥାନରେ ଥିବା ରାମମନ୍ଦିର ଶ୍ରୀରାମ ଜନ୍ମନୀତି ପାଳନ ହୋଇଯାଇଛି।

# ସେବା ଓ ଋଣ ପ୍ରଦାନ ସମ୍ପର୍କିତ କର୍ମଶାଳା

କଣାସ,୩୦।୩(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ବଡ଼ାସ ସେବା ସମବାୟ ସମିତିର ଏକ ଋଣ ପ୍ରଦାନ ସମ୍ପର୍କରେ କର୍ମଶାଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସରପଞ୍ଚ ବ୍ରଜକିଶୋର ପାଢ଼ୀ, ସମବାୟ ସମିତି ସମ୍ପାଦିକା ଦୀପାଳୀ ବେହେରା, ଶିକ୍ଷାବିତ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିଲେ। ଚାଷୀମାନଙ୍କୁ ସମବାୟ ସମିତି ପକ୍ଷରୁ ବିଭିନ୍ନ ଚାଷ ପାଇଁ ଋଣ ପ୍ରଦାନ କରାଯାଉଥିବାରୁ ଚାଷୀମାନେ ଠିକ୍ ସମୟରେ ଚାଷୀପାଇଁ ନେଇଥିବା ଋଣକୁ ଫେରସ୍ତ ଦେଲେ ସମବାୟ ସମିତିର ଉନ୍ନତି ସମ୍ଭବ ବୋଲି ଅତିଥିମାନେ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ୭୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଚାଷୀ ଯୋଗଦେଇଥିଲେ।

# ସମବାୟ ମାଧ୍ୟମରେ କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ

କାକଟପୁର,୩୦।୩(ଡି.ଏନ୍.ଏ.)

ପୂର୍ବଜମାନେ ଯେଉଁ ଚିନ୍ତାଧାରା ନେଇ ସମବାୟ ସମିତି ଗଠନ କରିଥିଲେ, ତାହା ଅଦ୍ୟାବଧି ଲକ୍ଷ୍ୟପୂରଣ କରିପାରି ନଥିବା ବିଶିଷ୍ଟ ଆଇନଜୀବୀ ତଥା କୁଣ୍ଢେଇ ସେବା ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାୟକ କହିଛନ୍ତି। କୁଣ୍ଢେଇ ପଞ୍ଚାୟତ ଅନ୍ତର୍ଗତ କୁଣ୍ଢେଇଶୁଣୀ ପୀଠରେ ଅନୁଷ୍ଠିତ ସମବାୟ ବ୍ୟାଙ୍କିଙ୍ଗ ଓ ଋଣ କର୍ମଶାଳାରେ ଉପସ୍ଥିତ ଶତାଧିକ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସମବାୟ ସଭାପତି ନାୟକ କହିଥିଲେ, ସମବାୟ ଦ୍ୱାରା ଜଣେ ଚାଷୀଙ୍କ ଯେପରି ଆର୍ଥିକ ଅଭିବୃଦ୍ଧି ହୋଇପାରିବ, ସେହିଭଳି ସହାୟତା ମିଳିବା ଆବଶ୍ୟକ। ସେ ନିଜେ ଜଣେ ଚାଷୀ ହୋଇଥିବାରୁ କୃଷକଙ୍କ ସହ ତଳେ ବସି ୪ଜଣ କୃଷକଙ୍କୁ ନୂତନ ସଭ୍ୟ ଭାବେ ପଞ୍ଜୀକୃତ କରାଇବା ସହ ୭ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ସୁଧମୁକ୍ତ ଋଣ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ ନିମନ୍ତେ ପଠାଇଥିଲେ। ଆଗାମୀ ୧୫ଦିନ ପର୍ଯ୍ୟନ୍ତ ସମିତି ପାଇଁ ସଭ୍ୟ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ। ଋଣ ଖିଲାପକାରୀମାନେ କିପରି ସେମାନଙ୍କ ଋଣ ପରିଶୋଧ କରିପାରିବେ, ସେ ସମ୍ପର୍କରେ ମଧ୍ୟ କର୍ମଶାଳାରେ ଆଲୋଚନା ହୋଇଥିଲା। ଏହି ସଚେତନତା ବୈଠକରେ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ରାଉତ, ସମିତି ସଭ୍ୟ ପ୍ରମୋଦ କୁମାର ଦାସଙ୍କ ସମେତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

### ବସ୍ ଧକ୍କାରେ ଜଣେ ମୃତ

ପୁରୀ ଅଫିସ,୩୦।୩

ପୁରୀ-କୋଣାର୍କ ମେରାଇନ ରାସ୍ତା ବେଲେଶ୍ୱର ପାଟଣାଠାରେ ଗୁରୁବାର ଗୋଟିଏ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମେରାଇନ୍ ଥାନା ଅନ୍ତର୍ଗତ ଖଣ୍ଡସାହିର ଦଇତାରି ମହାପାତ୍ର (୪୫)। ସୂଚନା ଅନୁଯାୟୀ, ଦଇତାରି ଅପରାହ୍ନ ସମୟରେ ଏକ ମୋଟର ସାଇକେଲ୍ ଯୋଗେ ପୁରୀ ଆସୁଥିଲେ। ହେଲେ ବେଲେଶ୍ୱର ପାଟଣାଠାରେ ପୁରୀ ପଟୁ ଯାଉଥିବା ଏକ ଯାତ୍ରୀବାସୀ ବସ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଦଇତାରି ଛିଟିକି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲ ନେବା ସହ ବସ୍‌କୁ ଅଟକାଇଥିଲେ। ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ମେଡିକାଲ ଯିବାବେଳେ ଦଇତାରିଙ୍କ ମୃତ୍ୟୁ ହୋଇଯାଇଥିବା ସ୍ଥାନୀୟ ଡାକ୍ତର କହିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୁରୀ ମେଡିକାଲ ପଠାଇଥିଲା। ଅନ୍ୟପଟେ ପୋଲିସ ବସ୍ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

# 'ଗଭୀର ଅଧ୍ୟବସାୟ ସମସ୍ତଙ୍କୁ ସଫଳତା ଦିଏ'

ପୁରୀ ଅଫିସ,୩୦।୩

### ଭଗବତୀ ବିଦ୍ୟା ନିକେତନର ବାର୍ଷିକୋତ୍ସବ

ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୪ତମ ବାର୍ଷିକୋତ୍ସବ ସ୍ଥାନୀୟ ଆଖଣ୍ଡଳମଣି ତପୋବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରମୁଖ ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ଡିଷ୍ଟ୍ରିକ୍ଟ ଲାୟନ୍ସ ଚେୟାର ପର୍ସନ୍ ଗିରିଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ମହେନ୍ଦ୍ର ବିଶୋଇ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ରମେଶ ଚନ୍ଦ୍ର ଦାଶ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ପ୍ରତିଜ୍ଞା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଗଭୀର ଅଧ୍ୟବସାୟ ଏବଂ ନିଷ୍ଠା କେବଳ ଶିକ୍ଷାର୍ଥୀ ନୁହନ୍ତି, ସମସ୍ତଙ୍କୁ ସଫଳତାର ସ୍ୱାଦ ଚଖାଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଶିକ୍ଷାସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁରୀ ସଦର କଣ୍ଟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ନାରାୟଣ ଭଞ୍ଜ ଏବଂ ପୁରୀ ଜିଲା ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଦୀପ୍ତି ମିଶ୍ରଙ୍କୁ ଶିକ୍ଷକ ଗୌରବ ସମ୍ମାନ, ତନୁଜା ମହାପାତ୍ରଙ୍କୁ ବିଶେଷ ସମ୍ମାନ ଏବଂ କବି କୈଳାସ ରାୟଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଲକ୍ଷ୍ମୀଧର ମାଝୀ ସମ୍ବର୍ଦ୍ଧନା ପୂର୍ବ ପରିଚାଳନା କରିଥିଲେ। ନନ୍ଦିନୀ ବେହେରାଙ୍କୁ ଶ୍ରେଷ୍ଠ ବିଦ୍ୟାର୍ଥୀ ରୂପେ ପୁରସ୍କୃତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରାଣକୃଷ୍ଣ-ଅନ୍ନପୂର୍ଣ୍ଣା ମେଧା ପୁରସ୍କାର, କୁନ୍ତଳା ଦାସ ସ୍ମୃତି ପୁରସ୍କାର, ପ୍ରଭାତ କୁମାର ମିଶ୍ର ସ୍ମୃତି ପୁରସ୍କାର, ଡ. ଭୀମସେନ ସ୍ମୃତି ପୁରସ୍କାର, ଦ୍ୱିଜବର ପଲାଇ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଙ୍ଗୀତ ଗୁରୁ ସତ୍ୟପ୍ରିୟ ମହାପାତ୍ର, ନୃତ୍ୟଗୁରୁ ରବୀନ୍ଦ୍ର ବେହେରା ଏବଂ ସୁସ୍ମିତା ବାରିକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଇଥିଲେ। ମମତା ଦାସ, ରତ୍ନମଣି ଦଳେଇ, ସବିତା ପରିଡ଼ା, ଗୋଲ୍‌ଡି ଭଞ୍ଜ, ଦୀପ୍ତି ମହାପାତ୍ର, ମମତା ନାୟକ, ବୀଣାପାଣି ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।


ଆଖଣ୍ଡଳମଣି ତପୋବନ ପରିସରରେ ଭଗବତୀ ବିଦ୍ୟା ନିକେତନର ବାର୍ଷିକୋତ୍ସବରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ମାର୍ଚ୍ଚ, ୨୦୨୩



# ରାମନବମୀରେ ଉତ୍ସବମୁଖର ରାଜଧାନୀ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ପ୍ରଭୁ ଶ୍ରୀରାମଙ୍କ ସହ ଭକ୍ତଙ୍କୁ ନିକଟତର କରିଥାଏ ରାମନବମୀ ଉତ୍ସବ। ଏଥିପାଇଁ ଗୁରୁବାର ରାମ ନବମୀରେ ଉତ୍ସବମୁଖର ହୋଇ ଉଠିଥିଲା ରାଜଧାନୀ ଭୁବନେଶ୍ୱର।



ଭୁବନେଶ୍ୱର ରାମ ମନ୍ଦିରରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସଜ୍ଜିତ କରାଯାଇଛି।

କେବଳ ମନ୍ଦିର ନୁହେଁ, ରାସ୍ତାଘାଟରେ ମଧ 'ଜୟ ଶ୍ରୀରାମ' ଧ୍ୱନି ଗୁଞ୍ଜରିତ ହୋଇଥିଲା। ଶୋଭାଯାତ୍ରା ସହ ରାମ, ଲକ୍ଷ୍ମଣ, ହନୁମାନ ଓ ସୀତା ବେଶଧାରୀଙ୍କ ଉପସ୍ଥିତି ସହରକୁ ଭକ୍ତିମୟ କରିଦେଇଥିଲା। ଏଥିପାଇଁ ସହରରେ ଥିବା ରାମ ମନ୍ଦିରକୁ ସଜା ଯାଇଥିଲା। ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାରକୁ ଭଗବାନ ରାମଚନ୍ଦ୍ରଙ୍କର ଜନ୍ମ ଦିବସ ଭାବରେ ପାଳନ କରାଯାଏ। ଏହି ପବିତ୍ର ମୁହୂର୍ତ୍ତକୁ ଭକ୍ତମାନେ ରାମନବମୀ ଭାବେ ପାଳନ କରୁଛନ୍ତି। ପ୍ରଭାତରୁ ସମସ୍ତ ପୀଠରେ ଭକ୍ତମାନେ ରାମଙ୍କ ଦର୍ଶନ କରିଥିଲେ। ଦିନସାରା ଉପବାସ ରହି ଭଗବାନଙ୍କ ଆରାଧନା କରିଥିଲେ। ରାମନବମୀ ଦିନ ଭଗବାନ ରାମ ଓ ମା' ଭଗବତୀଙ୍କ ବିଧିବଦ୍ଧ ପୂଜାର୍ଚ୍ଚନା ଦ୍ୱାରା ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।



ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ରାମ ନବମୀ ଉପଲକ୍ଷେ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

### ଭିଡ଼ ଭିତରେ ଧାଡ଼ିରେ ଦର୍ଶନ

ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ପାଇଁ ରାମମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଖରା ପାଇଁ ଭକ୍ତମାନେ ସକାଳୁ ଆସି ଲମ୍ବା ଧାଡ଼ି ଲଗାଇଥିଲେ। ଭକ୍ତଙ୍କ ଗହଣରେ ରାମ ମନ୍ଦିରର ଶୋଭା ବର୍ଦ୍ଧନ କରୁଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ କରାଯାଇଥିଲା। ଭକ୍ତମାନେ ବ୍ୟବସ୍ଥିତ ଢଙ୍ଗରେ ଯାଇ ରାମଙ୍କ ଦର୍ଶନ ଲାଭ କରିଥିଲେ। ଭୋର ୪ଟା ୩୦ରେ ମଙ୍ଗଳ ଆରତି ହୋଇଥିଲା। ଏହା ପରେ ଦର୍ଶନ ଆରମ୍ଭ ହୋଇଥିଲା। ସକାଳ ୭ରେ ଶୃଙ୍ଗାର ଆରତି ଓ ୮ରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ରେ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଶ୍ରୀ ରାମଙ୍କ ପାଖରେ ମଧ୍ୟାହ୍ନରେ ବିଭିନ୍ନ ଫଳ, ଭୋଗ, ଅନ୍ନ, ମିଠାଅନ୍ନ, ଡାଲି, ଖିରି, ପିଠା ଭୋଗ ଲାଗିଥିଲା। ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପହଡ଼ ପଡ଼ିଥିଲା। ସନ୍ଧ୍ୟା ୭ରେ ଆରତି ହୋଇ ରାତି ୧୧ ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା।



### ରାମନାମ ଜପ ସହ ଭଜନ କୀର୍ତ୍ତନ

ରାମନାମରେ ପ୍ରକମ୍ପିତ ହେଉଥିଲା ରାମ ମନ୍ଦିର। ମନ୍ଦିର ଭିତରେ ଥିବା ଚଟାଣରେ ବସି ଦଳ ହୋଇ ଭଜନ ଗାଉଥିଲେ ତ ଆଉ କିଏ ଏକା ଏକା ରାମ ନାମ ଜପ କରି ଭକ୍ତି ନିବେଦନ ଜଣାଉଥିଲେ। ଆଉ କିଏ ଛିଡ଼ା ହୋଇ ଭଜନ, ସଂକୀର୍ତ୍ତନ କରୁଥିଲେ। ସର୍ବମୁଖରେ ଭଗବାନ ବିରାଜମାନ ଥିଲେ। ଏକ ସ୍ୱରରେ ରାମଙ୍କୁ ସ୍ମରଣ କରି ଭଗବାନଙ୍କ ଭକ୍ତିରେ ଲୀନ ହୋଇଥିଲେ। ୧୦ଟାରୁ ଭଜନ ଓ କୀର୍ତ୍ତନ ହୋଇ ୧୧ରେ ଶ୍ରୀରାମଙ୍କ ପହୁଡ଼ ନୀତି ହୋଇଥିଲା।



## ସଂକ୍ଷେପରେ

### ମଧୁପୁରରେ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ

ବାରଙ୍ଗ,୩୦।୩(ଡି.ଏନ୍.ଏ.): ରାମନବମୀ ଉପଲକ୍ଷେ ବାରଙ୍ଗ ବ୍ଲକର ମଧୁପୁର ଗ୍ରାମବାସୀ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଗୁରୁବାର ବେଶ ଧୁମ୍‌ଧାମରେ ପାଳିଛନ୍ତି। ପରମ୍ପରାକୁ ବଜାଇ ରଖି ଗ୍ରାମବାସୀ ସକାଳୁ ପୂଜାର୍ଚ୍ଚନା ସାଙ୍ଗକୁ ପାଞ୍ଜି ନିର୍ଘଣ୍ଟ ସମୟ ମୁତାବକ ୧୨ଟା ୪୫ ମିନିଟ୍‌ରେ କଳସଯାତ୍ରା କରିବା ସହ ଗ୍ରାମ ଭାଗବତ ଗୃହ ସାମ୍ନାରେ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଗ୍ରାମବାସୀ ବାଜାବାଣ ସାଙ୍ଗକୁ କଳସ ଶୋଭାଯାତ୍ରାରେ ଜୟଶ୍ରୀରାମ ଧ୍ୱନି ଦେଇ ଗ୍ରାମ ପରିକ୍ରମା କରିଥିଲେ। କଳସ ଶୋଭାଯାତ୍ରାକୁ ସମ୍ମାନ ଜଣାଇ ମହିଳାମାନେ ଘର ଆଗରେ କଳସକୁ ପୂଜାର୍ଚ୍ଚନା କରିଥିଲେ। ଅନ୍ୟପଟେ ଗ୍ରାମବାସୀଙ୍କ ଦ୍ୱାରା ପ୍ରଭୁ ରାମଚନ୍ଦ୍ରଙ୍କ ନାମରେ ନାମିତ କରିଥିବା ଶ୍ରୀଶ୍ରୀ ସୀତାକାନ୍ତ ରାମଲୀଳା ସମିତିର ବହିପୂଜା ହୋଇଥିଲା। ରାମନବମୀଠାରୁ ସମିତି କଳାକାରମାନେ ବିଭିନ୍ନ ଆଡ଼େ ଯାଇ ରାମଲୀଳା ପରିବେଷଣ କରିବାର ପରମ୍ପରା ରହିଛି। ରାତିରେ ସଂକୀର୍ତ୍ତନ କରି ଗ୍ରାମର ଯୁବକମାନେ ଗ୍ରାମ ପରିକ୍ରମା କରିଥିଲେ।

### ବରବାରି ଶ୍ରୀରାମ ଲାଲାଙ୍କ ମନ୍ଦିରରେ ରାମନବମୀ

ଭୁବନେଶ୍ୱର, ୩୦।୩(ବ୍ୟୁରୋ): ଖଣ୍ଡଗିରି-ଜାଗମରା ବରବାରି ଶ୍ରୀରାମ ମନ୍ଦିରରେ ଗୁରୁବାର ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ତଥା ଶ୍ରୀରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ସକାଳୁ ମହାସ୍ନାନ, ସୂର୍ଯ୍ୟ ପୂଜା, ଶାଳାପୂଜା, ରଘୁନାଥଙ୍କ ଷୋଡ଼ଷ ଉପଚାର ପୂଜା, ଯଜ୍ଞ, ଆଳତୀ ଆଦି ପୂଜାବିଧି ଅନୁଷ୍ଠିତ ହୋଇଥିଲା। ନୀଳକଣ୍ଠ ଦାସ ଓ ମୋନାଲିସା ଦାସ କର୍ତ୍ତା ଭାର ତୁଲାଇଥିଲେ। ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଶୁକ୍ରବାରଠାରୁ ଆସନ୍ତା ୧୪ ତାରିଖ ଶ୍ରୀ ହନୁମାନ ଜୟନ୍ତୀ ପର୍ଯ୍ୟନ୍ତ ଶ୍ରୀ ରାମଲୀଳା ପୁରାଣ ପଠନ ହେବାର କାର୍ଯ୍ୟକ୍ରମ ରହିଛି। ଶଙ୍କର୍ଷଣ ତ୍ରିପାଠୀ, ଜୟକୃଷ୍ଣ ପଣ୍ଡା, ସ୍ୱପ୍ନେଶ୍ୱର ପ୍ରହରାଜ, ରାମ ମନୋହର ଦାଶ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅମ୍ବିକା ପ୍ରସାଦ ପଟ୍ଟନାୟକ, ନରେନ୍ଦ୍ର ଚମ୍ପତି, ସୁରେନ୍ଦ୍ର ଲେଙ୍କାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ବରବାରି ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ନବରାତ୍ର ବାସନ୍ତିକ ମହାଯଜ୍ଞର ପୂର୍ଣ୍ଣାହୁତି

ବାଣପୁର/ଗମ୍ଭାରୀମୁଣ୍ଡା,୩୦।୩ (ଡି.ଏନ୍.ଏ.): ମା'ଭଗବତୀଙ୍କ ପୀଠରେ ଦୀର୍ଘ ୯ଦିନ ଧରି ଚାଲିଥିବା ବାସନ୍ତିକ ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ପୂର୍ଣ୍ଣାହୁତି ଦିବସରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପୂର୍ଣ୍ଣାହୁତିରେ ଶୁଦ୍ଧ ଘୃତରେ ଦେବଦେବୀଙ୍କୁ ଆହୁତି ଦିଆଯାଇ ବ୍ରାହ୍ମଣମାନଙ୍କର ମନ୍ତ୍ର, ଶ୍ରଦ୍ଧାଳୁଙ୍କର ହରିବୋଲ ହୁଳହୁଳିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ଜଗତର ମଙ୍ଗଳ କାମନା, ରୋଗ ବ୍ୟାଧିରୁ ମୁକ୍ତି ପାଇବା ଓ ଜଗତର କଲ୍ୟାଣ ହେଉଛି ଯଜ୍ଞର ମୂଳ ତତ୍ତ୍ୱ ବୋଲି ପୁରୋହିତ ନିରଞ୍ଜନ ମହାପାତ୍ର କହିଛନ୍ତି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ।

### ଗଡ଼ିଆ ହୁଡ଼ାରେ ହାଟ ପିଣ୍ଡି ନିର୍ମାଣ ପ୍ରସଙ୍ଗ: ବନ୍ଦ ନ ହେଲେ ଆନ୍ଦୋଳନ

ପୁରୁଣା ଭୁବନେଶ୍ୱର,୩୦।୩(ଡି.ଏନ୍.ଏ.): ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଥିବା ନୂଆଗଡିଆ ହୁଡ଼ାରେ ହାଟ ପିଣ୍ଡି ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ହୁଡ଼ାର ଦକ୍ଷିଣପାର୍ଶ୍ୱ ମାଟିକୁ ତାଡି ହାଟ ପିଣ୍ଡି କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରିଆସୁଥିଲେ। ଏନେଇ ଗ୍ରାମବାସୀ ଗତ ଜାନୁୟାରୀ ୨ରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଡିଓ, ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ କାର୍ଯ୍ୟ ବନ୍ଦ ରହିଥିଲା। ଶନିବାର ପୁଣି ଦକ୍ଷିଣ-ପଶ୍ଚିମ କୋଣ ବନ୍ଧ ତାଡିବା ସହ ଗଛକାଟି ହାଟପିଣ୍ଡି ନିର୍ମାଣ କରାଯିବାରୁ ଚାପା ଉତ୍ତେଜନା ଦେଖାଦେଇଥିଲା। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଧାନମଣ୍ଡିରେ ଗ୍ରାମସଭା ଡକାଯାଇଥିଲା। ୨୦୨୦ ମସିହାରେ ବିଲିପଡା ମୌଜାସ୍ଥିତ ସମବାୟ ସମିତି ସମ୍ମୁଖରେ ଅର୍ଦ୍ଧନିର୍ମାଣ ହୋଇଥିବା ହାଟପିଣ୍ଡି ନିର୍ମାଣ ପୂର୍ଣ୍ଣାଙ୍ଗ କରାଯିବାକୁ ସଭାରେ ସ୍ଥିର ହୋଇଥିଲା। ତାହା ନ ହେଲେ ଆନ୍ଦୋଳନ ସହ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ କୋଅପରେଟିଭ୍ ସୋସାଇଟି ସଭାପତି ଗଙ୍ଗାଧର ସେଠୀ ସଭାପତିତ୍ୱ କରିଥିଲେ। ଶୁଭାଶିଷ ରଥ, ସର୍ବେଶ୍ୱର ଭାରତୀ, ଗ୍ରାମ କମିଟି ସଭାପତି ବାଉରିବନ୍ଧୁ ବରାଳ, ତ୍ରିନାଥ ପରିଡା, ବଂଶୀଧର ପ୍ରଧାନ ଉପସ୍ଥିତ ଥିଲେ।

# ରାମେଶ୍ୱର ମନ୍ଦିରରେ ପହଞ୍ଚିଲା ରଥ

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା



ପୁରୁଣା ଭୁବନେଶ୍ୱର, ୩୦।୩(ଡି.ଏନ୍.ଏ.):

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ରାମେଶ୍ୱର ମନ୍ଦିରରେ ପହଞ୍ଚିଛି। ବୁଧବାର ବଢ଼େଇବାଙ୍କଠାରେ ଅଟକି ରହିଥିବା ରଥକୁ ଗୁରୁବାର ଅପରାହ୍ନରେ ଟଣାଯାଇଥିଲା। ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ମଙ୍ଗଳ ଆଳତି ଏବଂ ରଥରେ ମଙ୍ଗଳ ଆଳତି ହୋଇ ରୋଷହୋମ, ମହାସ୍ନାନ, ବେଶ, ଭୋଗମଣ୍ଡପ ସରିବା ପରେ ରଥରେ ସକାଳ ଧୂପ ହୋଇଥିଲା। ଏହା ପରେ ଆଳତି ହୋଇ ରଥ ଚକରେ ଦୁଇ ଭଡ଼ା ମୁଆଁ ଦିଆଯାଇଥିଲା। ରଥ କାଳସିଙ୍କୁ ପାଳିଆ ପୂଜାପଣ୍ଡା ଆଜ୍ଞା ପ୍ରସାଦ ଦେଇସାରିବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅସୁରକିଆରିଠାରେ ରଥ ପହଞ୍ଚିବା ପରେ ରଥରେ ଦ୍ୱିପ୍ରହର ଧୂପ କରାଯାଇ ମୁଆଁ ଭୋଗ ହୋଇଥିଲା। ସନ୍ଧ୍ୟା ୬ଟା ୫୫ରେ ରଥ ରାମେଶ୍ୱର ମନ୍ଦିର ଠାରେ ପହଞ୍ଚିଥିଲା। ପରେ ଦୁଇଜଣ ପୂଜାପଣ୍ଡା ରଥାରୂଢ଼ ଠାକୁରଠାକୁରାଣୀଙ୍କୁ ଭେଟ ଆଳତି କରାଇଥିଲେ। ତତ୍‌ପରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ବାଜା, ଘଣ୍ଟ, କାହାଳି, ରୋଷଣି ଶୋଭାଯାତ୍ରାରେ ପହଣ୍ଡିରେ ଶ୍ରୀଜୀଉମାନେ ଯାଇ ରାମେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ସ୍ୱତନ୍ତ୍ର ସିଂହାସନରେ ଶ୍ରୀଜୀଉ ଉପବିଷ୍ଟ ହେବା ପରେ ନୀତିମାନ କରିଥିଲେ ପୂଜାପଣ୍ଡା ସେବାୟତ। ଏହା ପରେ ପ୍ରଭୁ ରାମେଶ୍ୱର ଏବଂ ଶ୍ରୀଲିଙ୍ଗରାଜଙ୍କ ମଧରେ ଭେଟ ଆଳତି ହୋଇଥିଲା।

### ଅଣଲେଉଟା ରୁକୁଣାରଥ ଲେଉଟିଲା

ପୁରୁଣା ଭୁବନେଶ୍ୱର,୩୦।୩(ଡି.ଏନ୍.ଏ.): ରୁକୁଣା ରଥଯାତ୍ରାରେ ଗୁରୁବାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରଥଦାଣ୍ଡରେ ରଥ ଯାଉଥିବା ବେଳେ ଏକ ଘର ଆଡ଼କୁ ମାଡ଼ିଯାଇଥିଲା। ଫଳରେ ରଥ ଅଟକି ରହିଥିଲା। ଖରଡ଼ା ସେବାୟତଙ୍କ ସହ ଅନ୍ୟମାନେ ରଥକୁ ପଛକୁ ଘୁଞ୍ଚାଇଥିଲେ। ପରେ ରଥ ପୁଣି ଆଗକୁ ଗଡ଼ିଥିଲା। ପରମ୍ପରା ଅନୁଯାୟୀ ପୂର୍ବକାଳରେ ଏହି ରଥ ଥରେ ଗଡ଼ିଲେ ଆଉ ପଛକୁ ଫେରେ ନାହିଁ। ଯେଉଁଥିପାଇଁ ଏହାକୁ ଅଣଲେଉଟା ରଥ କୁହାଯାଏ। ରଥଦାଣ୍ଡର ଉଭୟ ପାର୍ଶ୍ୱରେ ଜବରଦଖଲ,ଡ୍ରେନ ଉପରେ ବ୍ୟବସାୟ ପ୍ରତିଷ୍ଠାନ ଯୋଗୁ ରଥଦାଣ୍ଡ ସଙ୍କୁଚିତ ହେଉଛି। ଫଳରେ ଏଭଳି ବାଧା ଉପୁଜିଥିବା ସାଧାରଣରେ କୁହାଯାଉଛି।



ରାମେଶ୍ୱର ମନ୍ଦିର ସମ୍ମୁଖରେ ରୁକୁଣା ରଥ।

# ମନ ମୋହିଲା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ

## ଲିଙ୍ଗରାଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର, ୩୦।୩(ଡି.ଏନ୍.ଏ.):

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମେ କଟକ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀରେ ଗଜାନନ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଉତ୍ତରାଖଣ୍ଡର କଳାକାରଙ୍କ ଦ୍ୱାରା ଘସିଆରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁଜରାଟର ଗର୍ବା ନୃତ୍ୟ, ପରେ କୋଲକାତାର ଶତାବ୍ଦି ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ବସନ୍ତ ଉତ୍ସବ ଓ ଦୁର୍ଗା ଉତ୍ସବ ପରିବେଷଣ କରାଯାଇଥିଲା। ଭୁବନେଶ୍ୱରର ଦୟାଲ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ପରେ ଅନୁଗୋଳର ନିଉ କ୍ରିଏସନ୍ ଡ୍ୟାନ୍ସ ଏକାଡେମୀ କ୍ରିଏଟିଭ୍ ନୃତ୍ୟ ପରିବେଷଣ କରିଥିଲେ। ଏହାକୁ ବାସୁଦେବ ନାଥ ସଂଯୋଜନା କରିଥିଲେ। ପ୍ରକାଶନୀର ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜିତ ସଭାରେ ରାଜ୍ୟ ଦୁର୍ନୀତି ନିବାରଣ ଏକାଡେମୀର ଅତିରିକ୍ତ ସଚିବ ଦିଲ୍ଲୀପ ଛୋଟରାୟ, ଖଦି ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ କୁମାର ସାହୁ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଓୟୁଡବ୍ଲୁଜେ ସଭାପତି ଭାଗବତ ତ୍ରିପାଠୀ, ଶିବାନନ୍ଦ ରାୟ, ରଶ୍ମୀ ମହାପାତ୍ର, ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିଥିଲେ।




ରାମେଶ୍ୱର ମହୋତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।




ଶ୍ରୀଲିଙ୍ଗରାଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଶିତ ସମ୍ବଲପୁରୀ ନୃତ୍ୟ।

# ନିଶାର୍ଦ୍ଧରେ ବାହୁଡ଼ନ୍ତି ଶ୍ରୀକପିଳେଶ୍ୱର

**ଖୋର୍ଦ୍ଧା ଅଫିସ,୩୦।୩**

ଉତ୍କଳୀୟ ସଂସ୍କୃତି ପରମ୍ପରାର ଏକ ନିଆରା ରଥଯାତ୍ରା ହେଉଛି ଖୋର୍ଦ୍ଧା ଜିଲା ଡିଆ ଗ୍ରାମସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ। ଚୈତ୍ର ଶୁକ୍ଳ ଅଷ୍ଟମୀରେ ଅନୁଷ୍ଠିତ ହୋଇଥାଏ ଭୁବନେଶ୍ୱର ଏକାମ୍ରକ୍ଷେତ୍ରର ଶ୍ରୀଲିଙ୍ଗରାଜ ଓ ଶ୍ରୀକପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ଯାତ୍ରା। ଏହି ପରମ୍ପରା ବହୁ ପ୍ରାଚୀନ। ଦ୍ୱାଦଶୀରେ ଶ୍ରୀକପିଳେଶ୍ୱରଙ୍କ ବିଜୟା ରଥ ନିଶାର୍ଦ୍ଧରେ ଟଣାଯାଇଥାଏ। ବିଲରେ ରଥକୁ ଟାଣି ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥାଏ। ମନ୍ଦିରରେ ରଥ ପହଞ୍ଚିବା ବେଳକୁ ସକାଳ ହୋଇଯାଇଥାଏ। ଏହା ଏକ ଅନନ୍ୟ ପରମ୍ପରା। ଶ୍ରୀଲିଙ୍ଗରାଜଙ୍କ ରଥ ସନ୍ଧ୍ୟାରେ ଟଣାଯାଏ ନାହିଁ। ଏଠାରେ ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ। ବିଳମ୍ବିତ ରାତିରେ ବାହୁଡ଼ା ଯାତ୍ରା ଆୟୋଜିତ ହୋଇଥାଏ। ତେବେ ଏହି ପରମ୍ପରା କେବେଠୁ ଚାଲିଛି, କାହିଁକି ମଧ୍ୟରାତ୍ରରେ ରଥଟଣା ଯାଏ, ତାହାର କୌଣସି ଠିକ ତଥ୍ୟ ପ୍ରମାଣ ନ ଥିବା ବେଳେ ଦୀର୍ଘଦିନର ପରମ୍ପରା ଆଜିବି ଉଜ୍ଜୀବିତ ରହିଛି। ଏକ ସବୁଜ ବନାନୀ ମଧ୍ୟରେ ବିଜେ ଶ୍ରୀକପିଳେଶ୍ୱର ପୀଠ ଅତୀତରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ଆସ୍ଥାନ ରହିଥିବା କୁହାଯାଏ। ଗବେଷକଙ୍କ ମତରେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଏହି ମନ୍ଦିର ସମ୍ପର୍କ ରହିଛି। ମାଦଳା ପାଞ୍ଜିରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରରେ ରଥଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିଥାଏ। ପରେ ରଥଯାତ୍ରା ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ନିକଟସ୍ଥ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ରଥ ନିର୍ମାଣ କରନ୍ତି।

ଅଷ୍ଟମୀ ଦିନ ପୂର୍ବାହ୍ନରେ ରଥ ପ୍ରତିଷ୍ଠା କରାଯାଏ। ଶ୍ରୀକପିଳେଶ୍ୱର ଦେବଙ୍କ ପକ୍ଷରୁ ପରିଚାଳନା କମିଟି ଦ୍ୱାରା ଆମନ୍ତ୍ରିତ ହୋଇ ଅପରାହ୍ନ ୩ଟା ସୁଦ୍ଧା ଆରଡି ଗ୍ରାମବାସୀଙ୍କ ଦ୍ୱାରା ପଟୁଆରରେ ଶ୍ରୀକପିଳେଶ୍ୱରଙ୍କ ବଡ଼ଭାଇ ଶ୍ରୀଗ୍ରାମେଶ୍ୱର ଦେବ ଓ ଭାଉଜ ମାତା ପାର୍ବତୀ ପଟୁଆରରେ ଆସି ମନ୍ଦିର ନିକଟ ଚାହାଣି ମଣ୍ଡପରେ

**ଡିଆରେ ନିଆରା ଅଶୋକାଷ୍ଟମୀ**

- ବିଲରେ ଗଡ଼ିଥାଏ ରଥ
- ବଡ଼ଭାଇ, ଭାଉଜଙ୍କୁ ନେଇ ଯାତ୍ରା କରନ୍ତି
- ଅଭିମାନୀ ପାର୍ବତୀ ରଥ ଭାଙ୍ଗନ୍ତି, ଆତସବାଜିରେ କମ୍ପିଥାଏ

ବିଜେ କରନ୍ତି। ଏହି ସମୟରେ ସ୍ୱମନ୍ଦିରରୁ କପିଳେଶ୍ୱର ଦେବ ପହଣ୍ଡିରେ ଆସି ଉକ୍ତ ମଣ୍ଡପରେ ବିଜେ କରନ୍ତି। ଦେବନୀତି ସମ୍ପନ୍ନ ହେବା ପରେ ଗ୍ରାମବାସୀଙ୍କ ଦ୍ୱାରା ଚୁଡ଼ାଘଷା ଲାଗି କରାଯାଏ। ପରେ ତିନିଠାକୁର ପହଣ୍ଡି ହୋଇ ରଥର ୩ଥର ପରିକ୍ରମା କରି ରଥାରୂଢ ହୋଇଥାନ୍ତି। କପିଳେଶ୍ୱର ଦେବ ବଡ଼ଭାଇ ଓ ଭାଉଜଙ୍କୁ ଧରି ଶ୍ରଦ୍ଧାଳୁଙ୍କ ଗହଣରେ ଯାତ୍ରାକରି ମାଉସୀ ମା ମନ୍ଦିର(ରାଧାକାନ୍ତ ମନ୍ଦିର)ରେ ବିଜେ କରନ୍ତି। ପ୍ରଥମେ ପ୍ରଶାସନିକ ଅଧିକାରୀମାନେ ରଥ ଟାଣନ୍ତି, ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣିଥାନ୍ତି। ୪ଦିନ ଧରି ଯାତ୍ରା ଆୟୋଜନ ହୋଇଥାଏ। ଡିଆ, ନିରାକାରପୁର, ରାମେଶ୍ୱର ସମେତ ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସମାଗମ ହୋଇଥାଏ। ଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଆୟୋଜନ ହୋଇଥାଏ। ବର୍ଷକୁ ଥରେ ଭକ୍ତ ଓ ଭଗବାନଙ୍କ ମହା ମିଳନ ଘଟିଥାଏ।

ଦ୍ୱାଦଶୀ(ଚତୁର୍ଥ ଦିନ) ତିଥିରେ ବାହୁଡା ପର୍ବ ଆରମ୍ଭ ହୋଇଥାଏ। ସମସ୍ତ ଦେବନୀତି ସମ୍ପନ୍ନ ପରେ ଠାକୁରମାନେ ପଟୁଆରରେ ଆସି ପଣାକିଆରିରେ ପହଞ୍ଚି ରଥାରୂଢ ହୁଅନ୍ତି। ପରିଚାଳନା କମିଟି ପକ୍ଷରୁ ପଣାଭୋଗ କରାଯାଏ। ପରେ ଗହୀର ବିଲ ଦେଇ ମଧ୍ୟରାତ୍ରିରେ ରଥ ଟଣାଯାଏ। ଏହା ହେଉଛି ଏହି ଯାତ୍ରାର ନିଆରା ପରମ୍ପରା। ରଥ ଦାରୁଭୋଗଠାରେ ପହଞ୍ଚିବା ପରେ ସେଠାରେ ମାନସିକ, ଯାତଣା ବାଣ ଫୁଟିଥାଏ। ଆତସବାଜିରେ ପରିବେଶ ପ୍ରକମ୍ପିତ ହୋଇଥାଏ। ସେଠାରୁ ଭେଟବାଲି ନିକଟରେ ରଥ ପହଞ୍ଚିବା ପରେ ଗୋପାଳମାନଙ୍କ ଦ୍ୱାରା ପଣା ଭୋଗ କରାଯାଏ। ଏହି ସମୟରେ ମାତା ପାର୍ବତୀ ସୁସଜ୍ଜିତ ବିମାନରେ ଆସନ୍ତି। ଭେଟବାଲିଠାରେ ଠାକୁରଙ୍କ ଭେଟନୀତି, ଆଳତି, ଭୋଗଲାଗି କରାଯାଏ। ରଥଯାତ୍ରା ସମୟରେ ଶ୍ରୀକପିଳେଶ୍ୱର ତାଙ୍କୁ ସାଙ୍ଗରେ ନେଇ ନ ଥିବାରୁ ଅଭିମାନୀ ମାତା ପାର୍ବତୀ ରଥର ଏକ ଅଂଶକୁ ଭାଙ୍ଗି ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ପରେ ରଥ ଟଣାଯାଇ ମନ୍ଦିର ନିକଟରେ ପହଞ୍ଚିବା ବେଳକୁ ସକାଳ ପାଇଯାଇଥାଏ। ଆମନ୍ତ୍ରିତ ଗ୍ରାମେଶ୍ୱର ଦେବ ଓ ମାତା ପାର୍ବତୀ(ମହାଲକ୍ଷ୍ମୀ)ଙ୍କୁ ବିଦାୟ ଦିଆଯାଏ। ଶ୍ରୀକପିଳେଶ୍ୱର ଦେବ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହି ସମୟରେ ଗଜପତିଙ୍କ ଦ୍ୱାରା ନିୟୋଜିତ ଦଳବେହେରାଙ୍କୁ ଶିରିପା ପ୍ରଦାନ କରାଯାଏ। ଏହି ସମୟରେ ଭକ୍ତମାନେ ରଥାରୂଢ ଠାକୁରଙ୍କ ଦର୍ଶନ ଲାଭ କରି ଫେରିଥାନ୍ତି। ଗବେଷକ ସଞ୍ଜୟ ମହାପାତ୍ର କୁହନ୍ତି, ଦୀର୍ଘ ବର୍ଷ ଧରି ଏହି ପରମ୍ପରା ଚାଲି ଆସୁଛି। ଭାଇଚାରା, ସମ୍ପର୍କର ସେତୁ ଯୋଡିଥାଏ। ଭକ୍ତ ଓ ଭଗବାନଙ୍କ ଏକ ଅପୂର୍ବ ମିଳନ ଘଟିଥାଏ। କରୋନାର କଟକଣା ହଟିବାର ଦୁଇ ବର୍ଷ ପରେ ପୁଣି ଥରେ ଭକ୍ତ ଓ ଭଗବାନ ଏକାକାର ହୋଇଛନ୍ତି। ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ସିଦ୍ଧିଦାତ୍ରୀ ବେଶରେ ମା'ବନଦୁର୍ଗା



ନିରାକାରପୁର,୩୦।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱରସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ନବମ ଦିବସରେ ମା' ସିଦ୍ଧିଦାତ୍ରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସକାଳେ ମଙ୍ଗଳ ଆଳତି, ବାଲଭୋଗ, ସକାଳଧୂପ, ତ୍ରିଦିବସୀୟ ଯଜ୍ଞର ତୃତୀୟ ଦିବସରେ ସୂର୍ଯ୍ୟ ପୂଜା, ଦେବଦେବୀଙ୍କ ପୂଜନ ଓ ହବନ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା। ସନ୍ଧ୍ୟା ବାଲଭୋଗ, ଅଧରପଣା ଓ ମହାପ୍ରସାଦ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମା' ସିଦ୍ଧିଦାତ୍ରୀଙ୍କୁ ପୂଜାର୍ଚ୍ଚନା କଲେ ସକଳ କାମନା ସିଦ୍ଧି ଲାଭ ହୋଇଥାଏ। ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ରଞ୍ଜିତ୍ ଜଗଦେବ, ନବକିଶୋର ପଣ୍ଡା, ହମାଂଶୁଭୂଷଣ ପାହାଡସିଂ, ମାନସ ଚନ୍ଦ୍ର ପଟ୍ଟନାୟକ, ଲିଙ୍ଗରାଜ ଜେନା, କୃପାସିନ୍ଧୁ ପଣ୍ଡା, ତପନ କୁମାର ମହାପାତ୍ର ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଜମି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ: ୨ ଆହତ, ୧୮ ଗିରଫ

ବାଣପୁର/ଗମ୍ଭାରୀମୁଣ୍ଡା,୩୦।୩(ଡି.ଏନ୍.ଏ.) ଖୋର୍ଦ୍ଧା ଜିଲା ବାଣପୁର ଏନ୍ଏସି ଅନ୍ତର୍ଗତ ଦାଶରଥିପୁର ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ବୁଧବାର ଦୁଇ ପକ୍ଷଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୃଥକଭାବେ ଥାନାରେ ଦୁଇଟି ମାମଲା (ନଂ.୧୨୮,୧୨୯/୨୩) ରୁଜୁ ହୋଇଛି। ଏହି ଘଟଣାରେ ଗୁରୁବାର ପୋଲିସ ଉଭୟ ଗୋଷ୍ଠୀର ୧୮ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ୯ ମହିଳା ଓ ୯ ପୁରୁଷ ରହିଛନ୍ତି। ତେବେ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି।

### ସୁନାଚେନ୍ ଜବତ, ମହିଳା ଗିରଫ

ଭୁବନେଶ୍ୱର,୩୦।୩(ବ୍ୟୁରୋ) ସୁନା ଚେନ ଛଡାଇନେବା ବେଳେ ଅଭିଯୁକ୍ତା ମହିଳାଙ୍କୁ ଧରି ଖାରବେଳନଗର ଥାନା ପୋଲିସ ଜିମାରେ ଦେଲେ ମହିଳା। ଅଭିଯୁକ୍ତା ଜଣଙ୍କ ହେଲେ ପଶ୍ଚିମବଙ୍ଗର ଲଳିତା ମୁଦୁଲି (୬୦)। ଏନେଇ ପୋଲିସ ମାମଲା (ନଂ ୧୪୦/୨୩) ରୁଜୁ କରି ଅଭିଯୁକ୍ତା ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୨୨ ଗ୍ରାମର ସୁନା ଚେନ ଜବତ କରିଛି ପୋଲିସ। ସୂଚନାନୁସାରେ ଗୁରୁବାର ରାମ ନବମୀ ପଡିଥିବାରୁ ଅଭିଯୋଗକାରିଣୀ ରାମ ମନ୍ଦିରକୁ ଦର୍ଶନ ଲାଗି ଧାଡିରେ ଛିଡା ହୋଇଥିଲେ। ଏହି ସମୟରେ ଅଭିଯୁକ୍ତା ମହିଳା ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇବା ଲାଗି ଚେଷ୍ଟା କରିବା ବେଳେ ଅଭିଯୋଗକାରିଣୀ ତାଙ୍କୁ କାବୁ କରିବା ସହିତ ପୋଲିସକୁ ଖବର ଦେଇ ଜିମାରେ ଦେଇଥିଲେ।

## ଦୟା ନଦୀରେ ଭାସି ଯାଇ ନାବାଳକ ନିଖୋଜ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ନିକଟ ଦୟାନଦୀରେ ଗାଧୋଇବାବେଳେ ଭାସିଯାଇ ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ନାବାଳକ ଜଣକ ନିକଟ ଇନ୍ଦିରା କଲୋନିର ସୁମିତେନ୍ଦ୍ର ସାହୁ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିପାରି ନାହିଁ। ରାତି ହୋଇଯାଇଥିବାରୁ ଖୋଜାଖୋଜି ବାଧାପ୍ରାପ୍ତ ହୋଇଥିଲା। ଏଥିପାଇଁ ସ୍କୁବା ଡ୍ରାଇଭରଙ୍କ ସହାୟତା ନିଆଯାଇଥିଲା। ପୋଲିସ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲା। ରାତି ପ୍ରାୟ ୧୦ଟା ସୁଦ୍ଧା ସୁମିତେନ୍ଦ୍ରଙ୍କୁ ଠାବ କରାଯାଇ ନ ପାରିବାରୁ ଶେଷରେ ସମସ୍ତ ଟିମ୍ ଖୋଜାଖୋଜି ବନ୍ଦ କରିଥିଲା। ସକାଳେ ପୁଣି ଖୋଜାଖୋଜି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାନୁସାରେ, ଗୁରୁବାର ଅପରାହ୍ଣରେ ନିଖୋଜ ସୁମିତେନ୍ଦ୍ର ୪ଜଣ ସାଙ୍ଗଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ମିଳିମିଶି ଗାଧୋଇବା ସହ ମାଛ ଧରୁଥିବାବେଳେ ସୁମିତେନ୍ଦ୍ର ସ୍ରୋତରେ ଭାସିଯାଇ ବୁଡ଼ି ଯାଇଥିଲେ। ଅନ୍ୟସାଙ୍ଗମାନେ ଆଉ ତାଙ୍କୁ ଦେଖିବାକୁ ନ ପାଇ କୂଳକୁ ଆସି ଲୋକଙ୍କୁ ଘଟଣା ବିଷୟରେ ଜଣାଇଥିଲେ।



ଖୋର୍ଦ୍ଧା ମେଣ୍ଢାଶାଳ ସ୍ଥିତ ମହୁଲ ମଧ୍ୟ ଇଂରାଜୀ ବିଦ୍ୟାଳୟର ୫୮ ତମ ବର୍ଷ ଉଲକ୍ଷେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ

**ବେଗୁନିଆ,୩୦।୩ (ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗୁରୁବାର ସଦର ମହକୁମାସ୍ଥିତ ଥାନା କାର୍ଯ୍ୟାଳୟ ସମ୍ମୁଖ ଆକ୍ସିସ୍ ବ୍ୟାଙ୍କ ନିକଟରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶିଳାନ୍ୟାସ ହୋଇଥିଲା। ସଂସଦର ସଭାପତି ଡ. ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶ୍ରୀରାମଚନ୍ଦ୍ର ଓ ଗାନ୍ଧିଜୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଓ କୋଷାଧ୍ୟକ୍ଷ ଶରତ କୁମାର ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ। ଟିକାତାଳ ସ୍ଥିତ ସଂକୀର୍ତ୍ତନ ମଣ୍ଡଳୀ ରାମଧୂନ ଏବଂ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭଜନ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଭଜନ ଗାନ କରିଥିଲେ। ଅନ୍ୟପକ୍ଷରେ ବାସସ୍ଥାନ ସମ୍ମୁଖରେ ଥିବା ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ୱେଚ୍ଛାକୃତଭାବେ ବଦାନ୍ୟତା ଦେଖାଇଥିବା ଶୁଭଶ୍ରୀ ରାଉତରାୟଙ୍କୁ ସଂସଦ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ଭିକାରି ଚରଣ ସାହୁ, ଶିବ କୁମାର ମୁନି, ମୋହିଉଦ୍ଦିନ ଅହମ୍ମଦ, ଅକ୍ଷୟ ରଥ, ପ୍ରସନ୍ନ ବାରିକ, କାହ୍ନୁ ଚରଣ ବେହେରା, ବସନ୍ତ ହୋତା, ସୂର୍ଯ୍ୟକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ଗେଡିଆପଲ୍ଲୀ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା, ବଂଶୀଧର ପାଣିଗ୍ରାହୀ, ମୁରଲୀଧର ପାଣିଗ୍ରାହୀ, ସୋମନାଥ ସାହୁ, ଗଗନ ବିହାରୀ ବେହେରା,ସୁଶ୍ରୀ ସଂଘମିତ୍ରା ରଥ, ବାସନ୍ତୀ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## 'ଆଖି ଅବୁଝାକୁ ଲୁହ ଅବୁଝା' ନାଟକ ମଞ୍ଚସ୍ଥ

**ଜଟଣୀ,୩୦।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଜଟଣୀ ଗାଁ ହାଟବଜାର, ଗୋପୀନାଥପୁରରେ ଜମୁଛି ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଦ୍ୱିତୀୟ ଦିବସରେ ସାମାଜିକ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ମଞ୍ଚସ୍ଥ ହୋଇଯାଇଛି। ଯୁବ କଳା ସଂସଦ ପ୍ରଯୋଜିତ ଏବଂ ଭାଗବତ ବାସୁଦେବ ମେଳଣ କମିଟି ପକ୍ଷରୁ ଆୟୋଜିତ ମେଳଣ ଉତ୍ସବର ଦ୍ୱିତୀୟ ଦିବସରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଜେଡି ନେତା ଡ.ସନ୍ତୋଷ ଜେନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା ଯୋଗଦେଇଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥିମାନେ ନାଟକର ନାଟ୍ୟ ନିର୍ଦ୍ଦେଶକ ସରୋଜ ବଳିୟାରସିଂ, ସଙ୍ଗୀତ ନିର୍ଦ୍ଦେଶକ ମନୋରଞ୍ଜନ ସୁନ୍ଦରାୟଙ୍କ ସହିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟକାର ଦୀପକ ଜେନାଙ୍କ ରଚିତ ଏହି ନାଟକକୁ ଦେଖିବା ପାଇଁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। କଳାକାରମାନଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସଙ୍ଗୀତ ନିର୍ଦ୍ଦେଶକ ମନୋରଞ୍ଜନ ସୁନ୍ଦରାୟଙ୍କ ସଂଯୋଜନା 'ବେଳେ ବେଳେ ଲୁହ ଏଠି ଜାଗା ବଦଳାଏ, ଓଠ ତଳେ ଲୁଚିଥିବା ହସ ଧୋଇନିଏ, ଆଖି ଅବୁଝାକୁ ଲୁହ ଅବୁଝା' ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କ ମନକୁ ଛୁଇଁଥିଲା।



'ଆଖି ଅବୁଝାକୁ ଲୁହ ଅବୁଝା' ନାଟକର ଏକ ଦୃଶ୍ୟ।

## ନବରାତ୍ର ବାସନ୍ତିକ ମହାଯଜ୍ଞର ପୂର୍ଣ୍ଣାହୁତି

**ବାଣପୁର/ଗମ୍ଭାରୀମୁଣ୍ଡା, ୩୦।୩(ଡି.ଏନ୍.ଏ.)**

ମା'ଭଗବତୀଙ୍କ ପୀଠରେ ଦୀର୍ଘ ୯ଦିନ ଧରି ଚାଲିଥିବା ବାସନ୍ତିକ ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ପୂର୍ଣ୍ଣାହୁତି ଦିବସରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପଥୀରାଜ ହରିଚନ୍ଦନ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପୂର୍ଣ୍ଣାହୁତିରେ ଶୁଦ୍ଧ ଘୃତରେ ଦେବଦେବୀଙ୍କୁ ଆହୁତି ଦିଆଯାଇ ବ୍ରାହ୍ମଣମାନଙ୍କର ମନ୍ତ୍ର, ଶ୍ରଦ୍ଧାଳୁଙ୍କର ହରିବୋଲ ହୁଳହୁଳିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ଜଗତର ମଙ୍ଗଳ କାମନା, ରୋଗ ବ୍ୟାଧିରୁ ମୁକ୍ତି ପାଇବା ଓ ଜଗତର କଲ୍ୟାଣ ହେଉଛି ଯଜ୍ଞର ମୂଳ ତତ୍ତ୍ୱ ବୋଲି ପୁରୋହିତ ନିରଞ୍ଜନ ମହାପାତ୍ର କହିଛନ୍ତି। ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ।

## ବରମୂଳେଇଙ୍କ ପୀଠରେ ସାହିତ୍ୟ ସଭା

**ବେଗୁନିଆ,୩୦।୩(ଡି.ଏନ୍.ଏ.)**

ବେଗୁନିଆ ସଦରମହକୁମାସ୍ଥିତ ମା' ବରମୂଳେଇଙ୍କ ପୀଠ ପରିସରରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବଳରାମ ରଣସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ୩୦ଜଣ ନାଗରିକ ଯୋଗ ଦଇଥିଲେ। ସଭାପତି ବଳରାମ ରଣସିଂହ, ଉପସଭାପତି ପତିତପାବନ ବଳବନ୍ତରାୟ, ସମ୍ପାଦକ ଲମ୍ବୋଦର ଶତପଥୀ, ସହସମ୍ପାଦକ ଜମ୍ବେଶ୍ୱର ମଙ୍ଗରାଜ, କୋଷାଧ୍ୟକ୍ଷ ବାସୁଦେବ ବେହେରା, ଉପଦେଷ୍ଟା ଡ.ପ୍ରତିମା ଷଡ଼ଙ୍ଗୀ, ରାଜ କିଶୋର ପାଣିଗ୍ରାହୀ, ଗୌର ଚରଣ ସାମନ୍ତସିଂହାର, ରାମ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ସାହୁ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ଶ୍ରୀବତ୍ସ ପାଣିଗ୍ରାହୀ, ଜୟନ୍ତ ତ୍ରିପାଠୀ, କାହ୍ନୁ ଚରଣ ବେହେରା, ପୂର୍ଣ୍ଣ ଚନ୍ଦ୍ର ବେହେରା, କିଶୋର ଚନ୍ଦ୍ର ମହାରଥୀ, ସୁଧାକର ସେଠି, ଅଖିଳେଶ ମହାପାତ୍ର, ରଞ୍ଜନ କୁମାର ପଣ୍ଡା, ବ୍ରହ୍ମା କୁମାର, ଅଭିମନ୍ୟୁ, ଦାଶରଥି ଶ୍ରୀଚନ୍ଦନ, ଅକ୍ଷୟ ରାଉତରାୟ, ସୁନିଲ ରଞ୍ଜନ ପାତ୍ର, ବିବେକାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସାମାଜିକକର୍ମୀ ରଣଜିତ୍ କୁମାର ସାମନ୍ତରାୟ ଗୋଲାପ ଫୁଲ ଦେଇ ନାଗରିକମାନଙ୍କୁ ସଭା ପରିସରକୁ ସ୍ୱାଗତ କରିଥିଲେ। ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ମହାପାତ୍ର ସଭାରେ ସଂଯୋଜନା କରିଥିଲେ।

## ପୁରୁଣା ପେନସନ ଲାଗୁ ପାଇଁ ସଚେତନତା ସଭା




କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଜଟଣୀ,୩୦।୩(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ୍ ମଣ୍ଡଳଠାରେ ନୂତନ ପେନସନ ରଦ୍ଦ ଓ ପୁରୁଣା ପେନସନ ଲାଗୁ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ୨୦୦୪ ପରଠାରୁ ରେଳପଥ ଚାକିରିରେ ଯୋଗଦେଇଥିବା କର୍ମଚାରୀମାନଙ୍କୁ ନେଇ ଏକ ସଚେତନତା ସୃଷ୍ଟି କରାଯିବା ସହ ନୂତନ ପେନସନ ଦ୍ୱାରା କର୍ମଚାରୀ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉପସ୍ଥିତ ବକ୍ତାମାନେ ମତ ରଖିଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ପୁରୁଣା ପେନସନ ଲାଗୁ କରା ନ ଗଲେ ଦେଶବ୍ୟାପୀ ଜୋରଦାର ଆନ୍ଦୋଳନ କରାଯିବା। ଏହି ସଭାରେ ସହସଂଯୋଜକ ସୁନିଲ ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ଏମ.ଜି.କେ ରାଓ, ନିରଞ୍ଜନ ମିଶ୍ର, ସୁବ୍ରତ ପଣ୍ଡା, ଆଶୁତୋଷ ବ୍ରହ୍ମାଙ୍କ ସହିତ ବହୁ କର୍ମଚାରୀ ଯୋଗଦେଇଥିବା ଶ୍ରମିକ କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ତଥା ଶାଖା ସମ୍ପାଦକ ଏଲ୍.ଡି.ମହାନ୍ତି ସୂଚନା ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୩୦।୩**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ କମିଟିର ଏକ ବୈଠକ ପଲ୍ଲାସ୍ଥିତ ଜିଲା କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଯୋଗ୍ୟ ବିବେଚିତ ସମସ୍ତ ବିଦ୍ୟାଳୟକୁ ଅନୁଦାନ ପରିସର ଭୁକ୍ତ କରାଯାଉ। ସପ୍ତମ ବେତନରୁ ବାଦ୍ ପଡିଥିବା ୨୨୬ ଏବଂ ୩୯୯ ବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସମେତ ନୂତନ ପେନସନ୍ ପରିସର ଭୁକ୍ତ ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ପୁରୁଣା ପେନସନ୍, ସମସ୍ତ ଚାକିରି ସର୍ତ୍ତାବଳୀ କାର୍ଯ୍ୟକାରୀ କରାଯାଉ। ଅବସର ବୟସ ସୀମା ୬୨କୁ ବୃଦ୍ଧି ସହ ରାଜ୍ୟରେ ସମସ୍ତ ପୂର୍ବ ଓ ନୂତନ ଅନୁଦାନପ୍ରାପ୍ତ ସ୍କୁଲଗୁଡିକରେ ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ଦାବି କରାଯାଇଛି। ଉପରୋକ୍ତ ଦାବି ନେଇ ସରକାରଙ୍କ ସହିତ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି ୫-ଟି ବିଦ୍ୟାଳୟମାନଙ୍କରେ ମଧ୍ୟ ଶିକ୍ଷକ ଅଭାବ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। କେତେକ ବିଦ୍ୟାଳୟରେ ଜଣେ, ଦୁଇଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଥିବାରୁ ସଂଘ ଅସନ୍ତୋଷ ପ୍ରକାଶ କରଛି। ନୂତନ ଶିକ୍ଷାବର୍ଷ ପ୍ରାରମ୍ଭରେ ସମସ୍ୟାଗୁଡ଼ିକର ସମାଧାନ କରାଯାଇ ବ୍ୟବସ୍ଥାର ସୁଧାର ଅଣାନଗଲେ ପୁଣି ବ୍ୟାପକ ଆନ୍ଦୋଳନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରାଯିବା ନେଇ ସ୍ଥିର ହୋଇଛି। ବୈଠକରେ ଜିଲା ସମ୍ପାଦକ ସୁଧାକର ମହାପାତ୍ର, ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ସମ୍ପାଦକ ମଧୁସୂଦନ ଦେ, ସହ-ସମ୍ପାଦକ ରାମାକାନ୍ତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର ଦାସ, ପ୍ରଦୀପ୍ତ ପ୍ରଧାନ , ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସୁରେଖା ରଣା, ଯୁଗ୍ମ ସମ୍ପାଦକ ଶ୍ରୀହରି ମାଳି, ଘନଶ୍ୟାମ ସ୍ୱାଇଁ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ରଞ୍ଜିତ ସ୍ୱାଇଁ, କିଶୋର ଚନ୍ଦ୍ର ସୁବୁଦ୍ଧି, ତ୍ରିନାଥ ହୋତା, ସୁନୀଲ ପଣ୍ଡା, ସନ୍ତୋଷ ସାହୁ, ବ୍ଲକ ସମ୍ପାଦକ ନାନକୀ ବିଶ୍ୱାଳ, ରତିକାନ୍ତ କହଲସିଂହ, ନିତେନ୍ଦ୍ର ନାୟକ, ସୁରେଶ ପଲାଇ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସର୍ବେଶ୍ୱର ନାୟକ, ପ୍ରସନ୍ନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

**'ଓଷ୍ଟା'ର କାର୍ଯ୍ୟକାରୀ କମିଟି ବୈଠକ**



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୩।୨୦୨୩

| | |
|---|---|
| ୪,୧୧,୪୫୯ ଟଙ୍କା | |
| ସୁନା | ୧.୫୫୦ ଗ୍ରାମ୍ |
| ରୁପା | ୧୨ ଗ୍ରାମ୍ |

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ପୁରୀ ଅଫିସ,୩୦।୩- ବ୍ୟବସାୟକୁ କେନ୍ଦ୍ରକରି ମରିଚିକୋଟ ଛକରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ଅନୁଯାୟୀ ଟାଉନ ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ମହାବୀର ପଣ୍ଡା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଉଛନ୍ତି କୁମ୍ଭାରପଡ଼ା ଅଞ୍ଚଳର ଦେବାଶିଷ ଭୋଳ। ଦେବାଶିଷଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ମରିଚିକୋଟ ଛକସ୍ଥିତ ଠାକୁରାଣୀ ମନ୍ଦିର ସମ୍ମୁଖରେ ଖଟ ଦୋକାନ ପକାଇବାକୁ ନେଇ ଦେବାଶିଷଙ୍କୁ ସେହି ସ୍ଥାନର ମହାବୀରଙ୍କ ସମେତ କେତେଜଣ ଯୁବକ ବିରୋଧ କରୁଥିଲେ। କିନ୍ତୁ ପରେ ଦେବାଶିଷ ସେହି ଅଞ୍ଚଳରେ ଏକ ମାଲି ଦୋକାନ ପକାଇଥିଲେ। ଫଳରେ ଉକ୍ତ ଯୁବକମାନେ ରାଗି ଯାଇ ଜାଣିଶୁଣି ମହାବୀରଙ୍କ ଦୋକାନ ଆଗରେ ଗୁରୁବାର ଜୋରଜବରଦସ୍ତ ଖଟ ପକାଇବାକୁ ଉଦ୍ୟମ କରୁଥିଲେ। ତେବେ ଏହାକୁ ଦେବାଶିଷ ବାରଣ କରିବାରୁ ସେମାନେ ତାଙ୍କୁ ଜିଆଇ ପାଇପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତେବେ ଏ ନେଇ ଦେବାଶିଷ ଟାଉନ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗକ୍ରମେ ତଦନ୍ତକରି ପ୍ରଥମେ ମହାବୀରଙ୍କୁ ଥାନାକୁ ଉଠାଇଆଣି ଗିରଫ କରିଥିଲା।

### ଗୋଷ୍ଠୀ ସଂଘର୍ଷ ଘଟଣା,ଜୁଏଲ୍ ଗିରଫ

ପୁରୀ ଅଫିସ,୩୦।୩- ଗତ ୧୮ ତାରିରେ ବଡ଼ଦାଣ୍ଡର ମାର୍କେଟ ଛକରେ ଦୁଇ ଗୋଷ୍ଠୀ ପରସ୍ପର ମଧ୍ୟରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଜୁଆଖେଳ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ହୋଇଥିଲା। ଆକ୍ରମଣରେ ଦଇତାପଡା ସାହିର ହୃଷୀକେଶ ପଣ୍ଡା ଓ ମାର୍କେଣ୍ଡେଶ୍ୱର ସାହି ନୂଆପାଟଣା ଗଳିର୍ ଜୁଏଲ୍ ଦାସ ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଥିଲେ। ପରେ ଉଭୟ ଗୋଷ୍ଠୀର ଏତଲାକୁ ଆଧାର କରି ୯ ଜଣଙ୍କ ନାଁ ରେ ମାମଲା ରୁଜୁ କରିଥିଲା। ତେବେ ଜୁଏଲ ଓ ହୃଷୀକେଷ ଓ ଅନ୍ୟ ଜଣେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା। ତେବେ ମେଡିକାଲରେ ଚିକିତ୍ସିତ ହେଉଥିବା ଜୁଏଲ ସୁସ୍ଥ ହେବା ପରେ ଗୁରୁବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନାଗା, ମେଢ଼ର ନୃତ୍ୟରେ ଦୁଲୁକିଲା ସାହି

## ଶ୍ରୀକ୍ଷେତ୍ରରେ ସାହିଯାତ ଆରମ୍ଭ

ପୁରୀ ଅଫିସ,୩୦।୩

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାହିଯାତ ଗୁରୁବାର ଶ୍ରୀରାମ ନବମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଯାଇଛି। ସାହିଯାତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀରାମଙ୍କ ଜନ୍ମ ଲୀଳାରୁ ଆରମ୍ଭ ହୋଇଥିବା ଏହି ଯାତ ରାମାଭିଷେକରେ ସମାପନ ହେବ। ଶ୍ରୀମନ୍ଦିର ନୀତି ସହ ଅଙ୍ଗାଅଙ୍ଗି ଭାବେ ସାହିଯାତ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରାଯାଏ। ଶ୍ରୀମନ୍ଦିରରେ ଏହି ଲୀଳା ପାଳିତ ହେବା ସହ ଶ୍ରୀକ୍ଷେତ୍ରର ସାହିଗୁଡ଼ିକରେ ସାହିଯାତ ମାଧ୍ୟମରେ ପାଳିତ ହୋଇଥାଏ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ପରିଲିକ୍ଷିତ ହୋଇଥାଏ। ପୁରୀର ଆଠ ସାହି ଆଖଡ଼ା ପକ୍ଷରୁ ଏହି ସାହିଯାତ ଅନୁଷ୍ଠିତ ହୋଇଥାଏ। ଯାତ୍ରା ମଧ୍ୟରେ ରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ପର୍ଶୁରାମଙ୍କ କଳା ହରଣ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ। ତେବେ ରାମନବମୀ ଗୁରୁବାର ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଏଥିସହ ନାଗା, ମେଢର ପାରମ୍ପରିକ ନୃତ୍ୟରେ ସାହି ଦୁଲୁକିଥିଲା।

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଥିଲା। ସାହି ଆଖଡ଼ାରୁ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସହ ଋଷିଶୃଙ୍ଗ ବାହାରି ଶ୍ରୀମନ୍ଦିରକୁ ଯାଇଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ବାଦିସାହି ମାଟିମଣ୍ଡପ ସାହି ଦେଇ ପୁଣି କାଳିକାଦେବୀ ସାହିକୁ ଫେରିଥିଲେ। ଏଥିରେ ନୃସିଂହ ସୁଆର ରାମ, ରାଜ କୁମାର ପଣ୍ଡା ଲକ୍ଷ୍ମଣ, ସୋମ ଉପାଧ୍ୟାୟ ଭରତ, ଆୟୁଷ ପ୍ରତାପ ସାହୁ ଶତ୍ରୁଘ୍ନ ଏବଂ ମାନସ କୁମାର ଦାସ ଋଷିଶୃଙ୍ଗ ବେଶରେ ସଜ୍ଜିତ ହୋଇଥିଲେ। ପରେ ରାତିରେ ସାହି ଆଖଡ଼ାରୁ ଆଗରେ ନିଶାଣ ରହି ପଟୁଆର ବାହାରିଥିଲା। ପଟୁଆରରେ ନୃସିଂହ ମେଢ, ମେଢ, ନାଗା, ନବଶିରା, କାଳୀ ମେଢ, ହନୁମାନ ମେଢ ଏବଂ ଫୁଲ ମେଢ ଆଦି ସାମିଲ ହୋଇଥିଲେ। ରଘୁନାଥ ପଣ୍ଡା ନୃସିଂହ ମେଢ ବନ୍ଧାଇଥିବା ବେଳେ ରାଜେଶ କୁମାର ପଣ୍ଡା ନବଶିରା, ରାଜ ପ୍ରସାଦ ରଥ ଇନ୍ଦ୍ରଜିତ୍, ଶୁଭମ ବିଶ୍ୱାଳ ନାଗା, ଶଙ୍କର ରାଉତ ପଞ୍ଚମୁଖୀ ହନୁମାନ, ସୌମେନ୍ଦ୍ର ବାରିକ ସପ୍ତଶିରା, ରାଜେଶ କୁମାର ବାରିକ ସହସ୍ରାର୍ଜୁନ, ରାହୁଲ ଲାଲ ଦେବେନ୍ଦ୍ର ମହାନ୍ତି ଏବଂ ପ୍ରିୟଦର୍ଶନୀ ମହାନ୍ତି ମେଢ, ସୁମତ ସାହୁ କାଳୀମେଢ, ବିକାଶ ମହାପାତ୍ର ବୀରକର୍ଣ୍ଣ, ସାଇଶକ୍ତି ପ୍ରସାଦ ବେହେରା ନନ୍ଦିନୀ ମେଢ ଏବଂ ନାକ ଓ କାନ ଯଥାକ୍ରମେ ବ୍ରଜ୍ଞ ପ୍ରସାଦ ଦାସ ଓ ସୋମନାଥ ବେହେରା ବନ୍ଧାଇ ପଟୁଆରରେ ସାମିଲ ହୋଇଥିଲେ।

ପଟୁଆର କାଳିକାଦେବୀ ସାହି ପରିକ୍ରମା କରି ସିଂହଦ୍ୱାରକୁ ଆସିଥିଲା। ସେଠାରୁ ସାଥି ମାଟିମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲା। ପୁରୀବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଛି। ସହରବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାହିଯାତକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା ସନ୍ଧ୍ୟାରେ କାଳୀକାଦେବୀ ସାହିରେ ପହଞ୍ଚିଥିଲେ। ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଦୋଳମଣ୍ଡପ ସାହିର ଉପସଭାପତି ରାମଚନ୍ଦ୍ର ଦାସମହାପାତ୍ର, ଗୌଡ଼ବାଡ ସାହି ସଦସ୍ୟ ଚକ୍ରଧର ମହାପାତ୍ର, ବାଲିସାହି ସମ୍ପାଦକ ନରେନ୍ଦ୍ର ମହାନ୍ତି, ମାର୍କଣ୍ଡେଶ୍ୱର ସାହି ସଦସ୍ୟ ରବି ନାରାୟଣ ଦାସ, ହରଚଣ୍ଡି ସାହି ସମ୍ପାଦକ ନାରାୟଣ ମେକାପ, କୁଣ୍ଡେଇ ବେଣ୍ଟ ସାହି ସମ୍ପାଦକ ଜଗନ୍ନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସାହି ଯାତକୁ କାଳୀକାଦେବୀ ସାହିର ସଭାପତି ଲକ୍ଷ୍ମୀକାନ୍ତ ରଥ, ସମ୍ପାଦକ ପ୍ରଫୁଲ୍ଲ ଖୁଣ୍ଟିଆ, କାର୍ଯ୍ୟକାରୀ ସଭ୍ୟ ଆଦିତ୍ୟ ମେକାପ, ଶକ୍ତି ପ୍ରସାଦ ମହାପାତ୍ର, ସୋମନାଥ ପଣ୍ଡା, ଭଗବାନ ଦାସମହାପାତ୍ର, ରାମଚନ୍ଦ୍ର ମେକାପ, ହରିହର ରଥ, ଶିବଶଙ୍କର ରଣା, ଶକ୍ତିପ୍ରସାଦ ରଥ, ବାଇଧର ପଣ୍ଡା, ଚିନୁ ସୁଆର, ଭବାନୀଶଙ୍କର ସାହୁ, ଦୀପକ କୁମାର ମହାନ୍ତି, ରମେଶ ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟ ପରିଚାଳନା କରିଥିଲେ।



ସାହିଯାତରେ କାଳିକା ଦେବୀସାହି ପିଲାମାନେ ରାମ, ଲକ୍ଷ୍ମଣ, ସୀତା ଓ ଶତ୍ରୁଘ୍ନ ବେଶ ଧାରଣ କରିଛନ୍ତି ।





ସାହିଯାତର ପ୍ରଥମ ଦିବସ ଗୁରୁବାର ଅବସରରେ କାଳିକା ଦେବୀସାହିରୁ ବାହାରିଥିବା ଦୁର୍ଗାମେଢ ଓ ବଳିବାମନ ବେଶଧାରୀ ବିଭିନ୍ନ ସାହି ବୁଲି କଳାନୈପୁଣ୍ୟ ପ୍ରଦର୍ଶନ କରୁଛନ୍ତି ।

## ମଙ୍ଗଳା ମହାବିଦ୍ୟାଳୟରେ ମୋ କଲେଜ କର୍ମକର୍ତ୍ତା ଚୟନ

କାକଟପୁର,୩୦।୩(ଡି.ଏନ୍.ଏ.)

ମଙ୍ଗଳା ମହାବିଦ୍ୟାଳୟ କନ୍‌ଫରେନ୍ସ ହଲ ପରିସରରେ ଅଧକ୍ଷ ଡ. ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ତରଫରୁ ଘୋଷଣା କରାଯାଇଥିବା ମୋ କଲେଜ ଅଭିଯାନରେ ପୁରାତନ ଛାତ୍ରୀଛାତ୍ର କିପରି ସାମିଲ ହୋଇ କଲେଜର ଉନ୍ନତି କ୍ଷେତ୍ରରେ ନିଜକୁ ସାମିଲ କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି କମିଟିରେ କଲେଜର ପୂର୍ବତନ ଛାତ୍ର ସଂସଦର ସଭାପତି (୧୯୯୮) ଥିବା ବିଶ୍ୱଜିତ ଦାସ ସଭାପତି ଭାବେ ଏବଂ ପୂର୍ବତନ ସାଧାରଣ ସମ୍ପାଦକ (୨୦୦୫) ଥିବା ରଞ୍ଜନ କୁମାର ନାୟକଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯିବା ସହ ୨୦ଜଣ ପୁରାତନ ଛାତ୍ରୀଛାତ୍ରଙ୍କୁ ଏହି କମିଟିରେ ସାମିଲ କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ସଭାପତି ନିରଞ୍ଜନ ଭୂୟାଁ, କଲେଜ ପ୍ରଶାସନିକ ଅଧିକାରୀ ସରୋଜ କୁମାର ନାୟକ, ମୋ କଲେଜ ଅଭିଯାନର ସଂଯୋଜକ ଲଲାଟେନ୍ଦୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଜମିବାଡ଼ି ବିବାଦରୁ ବଡ଼ଭାଇଙ୍କୁ ଟାଙ୍ଗିଆ ଚୋଟ

ନିମାପଡ଼ା,୩୦।୩(ଡି.ଏନ୍.ଏ.)

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ବାପା, ସାନଭାଇ, ଭାଇବୋହୂ ମିଶି ବଡ଼ଭାଇ କ୍ଷୀରୋଦ ବେହେରାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଗୁରୁବାର ଚାରିଛକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେମାନଙ୍କ ବିରୋଧରେ ସଙ୍ଗିନ ଦଫାରେ ୯୩/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗିରଫ ଭୟରେ ଆକ୍ରମଣକାରୀ ଘରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ନିମାପଡ଼ା ଥାନା ଅନ୍ତର୍ଗତ ଜାମୁଦଣ୍ଡା ଗ୍ରାମରେ ଜମିବାଡ଼ି ବିବାଦ, ପୂର୍ବ ଶତ୍ରୁତାକୁ ନେଇ ସାମାନ୍ୟ ବଚସାରୁ କ୍ରୋଧାନ୍ୱିତ ହୋଇ ବାପା ବସନ୍ତ ବେହେରା, ସାନଭାଇ ସୁବୋଧ ବେହେରା, ଭାଇବୋହୂ ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ସଂଘବଦ୍ଧ ଭାବେ କ୍ଷୀରୋଦଙ୍କୁ ବୁଧବାର ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସ୍ତ୍ରୀ ସ୍ୱର୍ଣ୍ଣଲତା କ୍ଷୀରୋଦଙ୍କୁ ରକ୍ଷା କରିବାକୁ ଯାଇ ଦିଅରଙ୍କଠାରୁ ମାଡ଼ ଖାଇବା ସହ ଅସଦାଚରଣର ଶିକାର ହୋଇଥିଲେ। ଆକ୍ରମଣରେ କ୍ଷୀରୋଦଙ୍କ ମୁଣ୍ଡ, ବେକ, ପିଠିରେ ଚୋଟ ବାଜିଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ମେଡିକାଲ ପଠାଇ ଦିଆଯାଇଛି। ସେଠାରେ ଅବସ୍ଥା ସଙ୍କଟାପନ୍ନ ଥିବା ତାଙ୍କ ଆତ୍ମୀୟଙ୍କଠାରୁ ଜଣାପଡିଛି।

# ଶ୍ରୀମନ୍ଦିରରୁ ମାଳ, ମହାପ୍ରସାଦ ଗଲା କଟକ

## ରଥକାଠ ଚିରଟ ଲାଗି

ପୁରୀ ଅଫିସ,୩୦।୩

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାରମ୍ଭିକ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ବା ରାମନବମୀ ଗୁରୁବାର ଅବସରରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ମାଳ, ମହାପ୍ରସାଦ କଟକ ଖପୁରିଆସ୍ଥିତ ସ' ମିଲକୁ ପଠାଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ରାମନବମୀ ଅବସରରେ ଖପୁରିଆସ୍ଥିତ କରତକଳରେ ରଥକାଠ ଚିରଟର ଶୁଭ ଅନୁକୂଳ ହେବାର ପରମ୍ପରା ରହିଛି। ଏଥିପାଇଁ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଲାଗି ମାଳ, ମହାପ୍ରସାଦ ନେଇ ଗୁରୁବାର ଏକ ୫ଜଣିଆ ଟିମ୍ କଟକ ଅଭିମୁଖେ ଯାତ୍ରା କରିଛନ୍ତି। କଟକ ଖପୁରିଆସ୍ଥିତ ସ' ମିଲରେ ରାମନବମୀ ତିଥିରେ ମାଳ, ମହାପ୍ରସାଦ ଲାଗି ପରେ ରଥକାଠ ଚିରଟ କାର୍ଯ୍ୟ ଆରମ୍ଭ କରାଯାଇଛି। ଶ୍ରୀମନ୍ଦିର ନୀତି ପ୍ରକାଶକ ଜିତେନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ୫ଜଣିଆ ଟିମ୍ କଟକରେ ପହଞ୍ଚି ଚିରଟ ପ୍ରକ୍ରିୟାର ଅନୁକୂଳ କରିଥିଲେ। ତିନୋଟି ଧଉରା କାଠକୁ ମାଳ, ମହାପ୍ରସାଦ ଲାଗି କରାଯାଇ ଚିରଟ କାର୍ଯ୍ୟ ଆରମ୍ଭ କରାଯାଇଛି। ଗତ ସରସ୍ୱତୀ ପୂଜାରେ ରଥକାଠ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଆସନ୍ତା ଅକ୍ଷୟତୃତୀୟା ଅବସରରେ ରଥ ନିର୍ମାଣ ଅନୁକୂଳ ହେବାର ପରମ୍ପରା ରହିଛି। ଏନେଇ ମେକାପ କହିଛନ୍ତି, ଚଳିତବର୍ଷ ୭୪୭ ଖଣ୍ଡ ରଥକାଠ ଆବଶ୍ୟକ। ତେବେ ପୂର୍ବବର୍ଷ ୧୧୮ଖଣ୍ଡ କାଠ ବଳକା ରହିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧୦୪ଖଣ୍ଡ କାଠ ପୁରୀରେ ପହଞ୍ଚିଛି। ପର୍ଯ୍ୟାୟକ୍ରମେ ଅନ୍ୟ କାଠ ଆସି ପହଞ୍ଚିବ। ସେହିପରି ବର୍ତ୍ତମାନ ୮୧ଖଣ୍ଡ କଟକ ଖପୁରିଆସ୍ଥିତ ସ' ମିଲରେ ପହଞ୍ଚିଛି। ମାଳ ମହାର୍ଦ୍ଧ ଲାଗି ହେବା ପରେ ୧୨ଫୁଟିଆ ୩ଟି ଧଉରା କାଠକୁ ପ୍ରଥମେ ଚିରଟ କରାଯିବ। ତିନିରଥର ଚକର ଅର ପାଇଁ ପ୍ରଥମ ଚିରଟ ହେବ।

## କାକଟପୁର ଶିକ୍ଷା ବିଭାଗର ପ୍ରାରମ୍ଭ ପ୍ରଶିକ୍ଷଣ ଶିବିର

କାକଟପୁର,୩୦।୩(ଡି.ଏନ୍.ଏ.)

କାକଟପୁର ବ୍ଲକ ଶିକ୍ଷା ବିଭାଗର ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପ୍ରାରମ୍ଭ ପ୍ରଶିକ୍ଷଣ ଦିଆଯାଇଛି। ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ସୁବାସ ଚନ୍ଦ୍ର ମଲ୍ଲ, ବିଷ୍ଣୁଚରଣ ସାହୁ ଓ ମନ୍ମଥ ପାଲୁଆ ପର୍ଯ୍ୟାୟକ୍ରମେ ଭଗବତୀ ନୋଡାଲ ବିଦ୍ୟାପୀଠ, ବାଜପୁର, ସିପିଏସ୍ କୁଣ୍ଢେଇ ଓ ଓଥକାରେ ଥିବା ବିଦ୍ୟାଳୟରେ ପ୍ରଶିକ୍ଷଣ ଦେଇଥିଲେ। ବିଇଓ ମନ୍ଦରଧର ମହାନ୍ତି ଶେଷରେ ପ୍ରଶିକ୍ଷିତଙ୍କୁ ପ୍ରମାଣପତ୍ର ଦେଇଥିଲେ। ବିଆର୍‌ସି ପଙ୍କଜିନୀ ଦେଇ ଏବଂ ସିଆର୍‌ସିସି ରଞ୍ଜନ ବେହେରା, ଦୁର୍ଗା ଚରଣ ଦାଶ ସହଯୋଗ କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୬ ଗିରଫ

### ୨ ଲୁହାରଡ଼, ଖଣ୍ଡା, ଚିଲି ପାଉଡର, ଛୁରି ଜବତ

ପୁରୀ ଅଫିସ,୩୦।୩

ଡକାୟତି ପାଇଁ ଚାଲିଥିବା ଯୋଜନାକୁ ସମୁଦ୍ରକୂଳ ଥାନା ପୋଲିସ ପଣ୍ଡ କରିବା ସହ ଏହି ଗ୍ୟାଙ୍ଗର ୬ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଙ୍କି ମୁହାଣ ନିକଟ ପ୍ରତାପ ପଟ୍ଟନାୟକ (୨୧), ବାଲି ନୋଳିଆ ସାହିର ସୁକାନ୍ତ ଜେନା (୨୮), ସଦର ଥାନା ଅନ୍ତର୍ଗତ କାଶୀ ଜଗନ୍ନାଥପୁରର ସୁକାନ୍ତ ଭୋଇ (୨୯), ବାସେଳି ସାହି ଥାନା ଅନ୍ତର୍ଗତ ପାର୍ବତୀପୁରର ନିରଞ୍ଜନ ବେହେରା, ମାର୍କଣ୍ଡେଶ୍ୱର ସାହି ମିଶ୍ର ସାହିର ସମର ତରେଇ (୩୫) ଏବଂ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମାର୍କେଟଛକ ଦଇତାପଡ଼ା ସାହିର ଶିବପ୍ରସାଦ ବାରିକ (୨୭)। ପୋଲିସ ସେମାନଙ୍କ ନିକଟରୁ ଦୁଇଟି ଲୁହାରଡ଼, ଗୋଟିଏ ଖଣ୍ଡା, ଚିଲି ପାଉଡର, ଗୋଟିଏ ମଦ ବୋତଲ, ଗୋଟିଏ ଛୁରି ଜବତ କରିଛି। ଏ ନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ମାମଲା(ନଂ. ୮୪/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, କେତେଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଯଥା ଛୁରି, ଖଣ୍ଡା, ବୋମା ଆଦି ଧରି ପେଣ୍ଠକଟା ସଦାଶିବ ଛାତ୍ରାବାସ ସମ୍ମୁଖ ଖୋଲାପଡିଆରେ ବସି ରାତିରେ ଯାଉଥିବା ଯାତ୍ରୀବାହୀ ବସ୍‌ରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଯୁବକମାନେ ଫେରାର ପାଇଁ ଉଦ୍ୟମ କରିବା ବେଳେ ପୋଲିସ ଚତୁରତାର ସହ ୬ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରି କୋର୍ଟଚାଲାଣ କରିଛି।

# ବ୍ଲକସ୍ତରୀୟ ଶିକ୍ଷକଙ୍କ ପ୍ରାରମ୍ଭ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିମାପଡ଼ା,୩୦।୩(ଡି.ଏନ୍.ଏ.)

ନିମାପଡ଼ା ବ୍ଲକସ୍ତରୀୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୪ ଦିନିଆ ପ୍ରାରମ୍ଭ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପୀନାଥପାଟଣା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ଅତିଥି ଭାବେ ପୁରୀ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ସନ୍ତୋଷ ପରିଡ଼ା, ନିମାପଡ଼ା ବ୍ଲକର ବ୍ଲକ ଶିକ୍ଷାଧିକାରୀ (ବିଇଓ) ଦ୍ୱିତିକାନ୍ତ ପ୍ରଧାନ, ଏବିଇଓ ସୌଦାମିନୀ ଦାଶ, ସରୋଜିନୀ ମିଶ୍ର, ପ୍ରତିଭା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ଶିକ୍ଷାନୀତି ୨୦-୨୦ ଉପରେ ଆଧାରିତ ମୌଳିକ ଭାଷା ଓ ଗାଣିତିକ ଶିକ୍ଷା ଉପରେ ପ୍ରାରମ୍ଭ ନାମକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ (ଆର୍‌ପି) ତଥା ପ୍ରଶିକ୍ଷକ ଭାବେ ବନଜାବାସିନୀ ମହାନ୍ତି, ବିଷ୍ଣୁମୋହନ ପରିଡ଼ା, ମାଣିକ ପ୍ରଭା ପ୍ରହରାଜ, ବିରଞ୍ଚି ନାରାୟଣ ମିଶ୍ର, କାଳନ୍ଦୀ ଜେନା, ଦିପ୍ତିରଞ୍ଜନ ରାୟ, ସୁନୁଚରଣ ଭୋଇ, ଜାସିନ୍‌ଉଦ୍ଦିନ ଖାନ୍ ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରାରମ୍ଭ ନାମକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ନିମାପଡ଼ା ବ୍ଲକର ପ୍ରାୟ ୧୦୦ ପ୍ରାଥମିକ ବିଦ୍ୟାଳୟର ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଶିବିରରେ ଯୋଗଦେଇଥିବା ୧୦୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ।




ବ୍ଲକସ୍ତରୀୟ ଶିକ୍ଷକଙ୍କ ପ୍ରାରମ୍ଭ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଦିବସରେ ଅତିଥିମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

# ବୈଦିକ ଯୁଗରେ ନାରୀର ବୀରତ୍ୱ ଅନନ୍ୟ

## ପୁସ୍ତକ ଉନ୍ମୋଚନ ସମାରୋହ

କୋଣାର୍କ,୩୦।୩(ଡି.ଏନ୍.ଏ.)

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ଅଖିଳ ଭାରତୀୟ କବୟିତ୍ରୀ ସମ୍ମେଳନ ଓଡ଼ିଶା ଶାଖା ଆନୁକୂଲ୍ୟରେ ଶ୍ରୀରାମ ନବମୀ ଅବସରରେ 'ବୈଦିକ ଯୁଗରେ ନାରୀ' ଶୀର୍ଷକ କର୍ମଶାଳା ଓ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଶୁ ସାହିତ୍ୟିକା ଶୈଳବାଳା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ଓ ସମାରୋହରେ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ଲ୍ୟାରି ଆଜାଦ ଯୋଗଦେଇ ବୈଦିକ ଯୁଗରେ ମହୀୟସୀ ନାରୀମାନଙ୍କର ଆଚାର, ବ୍ୟବହାର, ଚାଲିଚଳଣ ଓ ବୀରତ୍ୱର ଗୁଣାତ୍ମକ ତଥ୍ୟ ଉପରେ ବିଶଦ ଭାବେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରମୋଦ କୁମାର ପରିଡ଼ା, ଏକାମ୍ର ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ମିହିର କୁମାର ନାୟକ, ବିଶିଷ୍ଟ ଗାଳ୍ପିକ ଓ ସାହିତ୍ୟିକ ହରିଶ କୁମାର ମିଶ୍ର, ସାହିତ୍ୟିକା ତଥା ବିଶିଷ୍ଟ ଲେଖିକା କମଳ କୁମାରୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କମଳ କୁମାରୀ ଦାଶଙ୍କ ସ୍ୱରଚିତ ଉପନ୍ୟାସ 'ମରୁନଦୀର ତୃଷ୍ଣା' ଏବଂ ବିଶିଷ୍ଟ ଗାଳ୍ପିକ ତଥା ଲେଖକ ହରିଶ କୁମାର ମିଶ୍ରଙ୍କ ସ୍ୱରଚିତ ଗଳ୍ପ ସଂକଳନ 'ଜୀବନର ସ୍ୱରଲିପି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ମରୁନଦୀର ତୃଷ୍ଣା ଉପନ୍ୟାସ ପୁସ୍ତକଟିର ସମୀକ୍ଷା କରିଥିଲେ ପୂର୍ବତନ ପ୍ରାଧ୍ୟାପକ ମିହିର ନାୟକ ଓ ଜୀବନର ସ୍ୱରଲିପି ଗଳ୍ପ ସଙ୍କଳନ ପୁସ୍ତକଟିକୁ ପୂର୍ବତନ ପ୍ରାଧ୍ୟାପକ ପ୍ରମୋଦ ପରିଡ଼ା ସମୀକ୍ଷା କରିଥିଲେ। ଏହି କର୍ମଶାଳା ଓ ସମାରୋହରେ ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ଶରତ ଚନ୍ଦ୍ର ପ୍ରଧାନ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ତଥା ବିଶିଷ୍ଟ ଲେଖିକା ସ୍ୱର୍ଣ୍ଣଲତା ତ୍ରିପାଠୀ, ସାହିତ୍ୟ ସଂଗଠକ ଭାଗୀରଥି ସ୍ୱାଇଁ, ଗବେଷକ ସୁବାସ ଚନ୍ଦ୍ର ବରାଳ, ହରିଶ୍ଚନ୍ଦ୍ର ଦାଶ, ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତିଙ୍କ ସମେତ ଓଡ଼ିଶାର କୋଣ ଅନୁକୋଣରୁ ସଂସ୍କୃତିପ୍ରେମୀ, ସାହିତ୍ୟପ୍ରେମୀ, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ସଚେତନ ନାଗରିକମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମକୁ କୋଣାର୍କ ଜ୍ଞାନମଞ୍ଚର ବିରଞ୍ଚି ନାରାୟଣ ତ୍ରିପାଠୀ, କାମଦେବ ବିଶ୍ୱାଳ ଓ ମଞ୍ଚ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




କୋଣାର୍କରେ ଅଖିଳ ଭାରତୀୟ କବୟିତ୍ରୀ ସମ୍ମେଳନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଦୁଇଟି ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୧ ମାର୍ଚ୍ଚ, ୨୦୨୩



## ସଂକ୍ଷେପରେ

### କାର ଧକ୍କାରେ ମା’ଝିଅ ଗୁରୁତର

**କଟକ ଅଫିସ,୩୦।୩:** କଟକ ସତୀଚୌରା ଛକ ନିକଟରେ ଗୁରୁବାର ଅପରାହ୍ନରେ କାର ଧକ୍କାରେ ମା’, ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲାଲ୍‌ବାଗ ଅଞ୍ଚଳର ସୁମିତ୍ରା ବେହେରା ଓ ତାଙ୍କ ମା’। ଚିକିତ୍ସା ଲାଗି ସେମାନଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସତୀଚୌରା ଛକ ନିକଟ ରାସ୍ତାରେ ସେମାନେ ଚାଲି ଚାଲି ଯାଉଥିବାବେଳେ କାର୍‌ଟି ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଏହାପରେ ଧକ୍କାରେ ଗୋଟିଏ ବାଇକ୍ ଓ ଜଣଙ୍କ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଦୋକାନକୁ ଧକ୍କା ଦେବା ପରେ କାର୍‌ଟି ଅଟକି ଯାଇଥିଲା। ଦୁର୍ଘଟଣାରେ କାରଟି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକମାନେ କାର୍ ଚାଳକଙ୍କୁ କାବୁ କରିବା ସହ ପୋଲିସ ଜିମା ଦେଇଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ କର୍ମକର୍ତ୍ତାଙ୍କ ତୀର୍ଥସ୍ଥାନ ଭ୍ରମଣ

**କଟକ ଅଫିସ, ୩୦।୩:** ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ ଗତ ୨୦ ତାରିଖରେ ତୀର୍ଥସ୍ଥାନ ପରିଭ୍ରମଣରେ ଯାଇଥିଲେ। ସେମାନେ ଗୁଜରାଟ ଓ ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରି ବୁଧବାର କଟକ ଫେରି ଆସିଛନ୍ତି। ଏହି ଦିନଗୁଡ଼ିକରେ ସେମାନେ ଗୁଜରାଟର ପୋଇଛାସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି, ଦ୍ୱାରିକାସ୍ଥିତ ସୋମନାଥ ମନ୍ଦିର, ଦ୍ୱାରିକା ଧାମ, ନାଗେଶ୍ୱର ମନ୍ଦିର, ଭେଟ ଦ୍ୱାରିକା, ପୋରବନ୍ଦର କାଠିଆବାଡ଼ଠାରେ ଗାନ୍ଧୀଙ୍କ ଜନ୍ମସ୍ଥାନ ଓ ଶ୍ରୀସୁଦାମ ମନ୍ଦିର ପରିଦର୍ଶନ କରିଥିଲେ। ସେହିପରି ମଧ୍ୟପ୍ରଦେଶର ଉଜ୍ଜୟିନୀରେ ମହାକାଳେଶ୍ୱର, ଓଁ କାଳେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ସଂଘ ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ ଭ୍ରମଣ ଦାୟିତ୍ୱ ନେଇଥିଲେ।

### ଜମ୍ବେଶ୍ୱରଙ୍କ ରଥ ରାତିରେ ଟଣା ହେଲା

**ଖୁଣ୍ଟୁଣୀ,୩୦।୩(ଡି.ଏନ୍.ଏ.):** ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ଥାନା ଅଞ୍ଚଳରେ ବୁଧବାରଠାରୁ ଅଶୋକାଷ୍ଟମୀ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଖୁଣ୍ଟୁଣୀରେ ୪ ଦିନ ଧରି ହେବାକୁ ଥିବାବେଳେ ରାଧାଦାମୋଦରପୁର ଓ ଗୁରୁଡିଝାଟିଆରେ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଖୁଣ୍ଟୁଣୀରେ ବାଲୁଙ୍କେଶ୍ୱର, ଶ୍ରୀରାମ ଓ ଲକ୍ଷ୍ମୀନାରାୟଣଙ୍କୁ ବିମାନ ଶୋଭାଯାତ୍ରାରେ ବୁଧବାର ରାତି ୧୧ଟାରେ ଯାତ୍ରା ପଡିଆକୁ ନିଆଯାଇଥିଲା। ପରେ ଅପେରା ପରିବେଷଣ ହୋଇଥିଲା। ସେହିପରି ରାଧାଦାମୋଦରପୁର ଗ୍ରାମରେ ରାଜାରାଜୁଡା ଅମଳରୁ ନିଆରା ଢଙ୍ଗରେ ଜମ୍ବେଶ୍ୱରଙ୍କ ଏହି ରଥଯାତ୍ରା ପାଳନ ହୋଇଆସୁଛି। ବିଭିନ୍ନ ସ୍ଥାନରେ ଦିନରେ ରଥଟଣା ଯାଉଥିବାବେଳେ ଏଠାରେ ରାତିରେ ରଥ ଟଣାଯାଏ। ରାତି ୯ଟାରେ ରାଧାଦାମୋଦରପୁର ଗ୍ରାମ ସଭାପତି ଭାଗୀରଥି କର ରଥରେ ଛେରା ପହଁରା କରିଥିଲେ। ରାତି ୧୦ଟାରେ ଜମ୍ବେଶ୍ୱରଙ୍କ ରଥକୁ ଶତାଧିକ ଶ୍ରଦ୍ଧାଳୁ ଟାଣି ମାଉସୀ ମା’ ମନ୍ଦିରକୁ ନେଇଥିଲେ। ସେଠାରେ ଠାକୁରଙ୍କ ନୀତିକାନ୍ତି ଶେଷ ହେବା ପରେ ବିମାନରେ ପ୍ରତ୍ୟାବର୍ତ୍ତନ କରି ମନ୍ଦିର ସମ୍ମୁଖ ଯାତ୍ରା ପଡ଼ିଆ ପିଣ୍ଡିରେ ରହିଥିଲେ। ଗୁରୁବାର ରାଧାଦାମୋଦରପୁର ଗ୍ରାମ ପରିକ୍ରମା କରି ମନ୍ଦିରକୁ ଫେରିଥିଲେ ବୋଲି ପୂଜକ ଜଗବନ୍ଧୁ ରଣା ସୂଚନା ଦେଇଛନ୍ତି।

# ଶପିଂ ମଲ୍‌ରେ ବିକ୍ରି ହେଉଛି ଏକ୍ସପାଏରି ଖାଦ୍ୟସାମଗ୍ରୀ

**କଟକ ଅଫିସ,୩୦।୩**

- ପୋଲିସ ଚଢ଼ାଉ, ବିପୁଳ ଏକ୍ସପାଏରି ସାମଗ୍ରୀ ଜବତ
- ପ୍ୟାକେଟ୍‌ରୁ ଏକ୍ସପାଏରି ତାରିଖ ଲିଭାଯାଇଛି
- ଖାଦ୍ୟ ସୁରକ୍ଷା ଅଧିକାରୀ ମାନ ପରଖିବେ


ଶପିଂମଲରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି।

ଠିକ୍ ଦାମ୍, ଉଚିତ୍ ମାନର ଖାଦ୍ୟସାମଗ୍ରୀ କିଣିବା ନିମନ୍ତେ ଲୋକମାନେ ଶପିଂ ମଲ୍ ଯାଉଛନ୍ତି। ଶୀତତାପ ନିୟନ୍ତ୍ରିତ ମଲ୍‌ରେ କିନ୍ତୁ ଗ୍ରାହକଙ୍କୁ ଏକ୍ସପାଏରି ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ବାଦାମବାଡ଼ିସ୍ଥିତ ଭି-ବଜାର ନାମକ ଶପିଂ ମଲ୍‌ରେ ଗୁରୁବାର ଏଭଳି କାରନାମା ଧରାପଡ଼ିଛି। ବାଦାମବାଡ଼ି ପୋଲିସ ସେଠାରେ ଚଢ଼ାଉ କରି ବିପୁଳ ପରିମାଣର ଏକ୍ସପାଏରି ଖାଦ୍ୟ ସାମଗ୍ରୀ ଜବତ କରିଛି। ଚଢ଼ାଉବେଳେ ଠକେଇର ତରିକା ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପୋଲିସର ହସ୍ତଗତ ହୋଇଛି। ତଦନ୍ତ ଜାରି ରହିଥିବା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ସୂଚନା ଦେଇଛନ୍ତି।

ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସୂଚନା ଅନୁସାରେ, ଉକ୍ତ ଶପିଂ ମଲ୍‌ରେ ଏକ୍ସପାଏରି ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଥିବା ନେଇ ବାଦାମବାଡ଼ି ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ତୁରନ୍ତ ସେଠାରେ ଚଢ଼ାଉ କରାଯିବା ପରେ ଘଟଣା ସମ୍ପର୍କରେ ଜଣାପଡିଥିଲା। ଏହି ଶପିଂ ମଲ୍‌ରେ ବିକ୍ରି ପାଇଁ ରଖାଯାଇଥିବା ନାମୀଦାମୀ କମ୍ପାନୀର ଖାଦ୍ୟ ପ୍ୟାକେଟ୍‌ରେ ଏକ୍ସପାଏରି ତାରିଖ ଲେଖା ନ ଥିଲା। ବରଂ ପ୍ୟାକେଟଗୁଡ଼ିକରୁ ମାନୁଫାକ୍ଟରିଂ ଓ ଏକ୍ସପାଏରି ତାରିଖକୁ ଏକ ରାସାୟନିକ ତରଳ ପଦାର୍ଥ ବ୍ୟବହାର କରି ଲିଭାଇ ଦିଆଯାଇଥିଲା। ମଲ୍‌କୁ ଆସୁଥିବା ସବୁ ଲୋକ ଖାଦ୍ୟପଦାର୍ଥର ମାନୁଫାକଚରିଂ ଓ ଏକ୍ସପାଏରି ତାରିଖ ବାବଦରେ ସଚେତନ ନୁହନ୍ତି। ତେଣୁ ଏଭଳି କାରନାମା ବିଷୟରେ ସାଧାରଣ ଲୋକେ ଜାଣିବା ମୁସ୍କିଲ। ଖାଦ୍ୟର ଏକ୍ସପାଏରି ତାରିଖ ଶେଷ ହୋଇଯାଇଥିବାରୁ ଗୁଣାତ୍ମକ ମାନ ନଷ୍ଟ ହୋଇଯାଇଛି। ଏଭଳି ଖରାପ ଖାଦ୍ୟ ଲୋକଙ୍କ ଶରୀର ଉପରେ କୁପ୍ରଭାବ ପକାଇବ। ଏ ସମ୍ପର୍କରେ ଆଇଆଇସି ପାଢ଼ୀ କହିଛନ୍ତି, ଉକ୍ତ ମଲ୍‌ରୁ ୨୦ ପ୍ରକାରରୁ ଅଧିକ ଶୁଖିଲା ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ସେଗୁଡ଼ିକର ମୂଲ୍ୟ ଆକଳନ କରାଯାଇନାହିଁ। ଖାଦ୍ୟଗୁଡ଼ିକର ମାନ ପରଖିବା ନିମନ୍ତେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଶୁକ୍ରବାର ଖାଦ୍ୟର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଗୋଟିଏ ମଲ୍‌ରୁ ଏଭଳି ଏକ୍ସପାଏରି ତାରିଖ ଶେଷ ହୋଇଥିବା ଖାଦ୍ୟ ବିକ୍ରି ହେଉଥିବା ଜଣାପଡିବା ପରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ସମ୍ପୃକ୍ତ ମଲ୍‌କୁ ସିଲ୍ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**କଟକ ସଦର,୩୦।୩(ଡି.ଏନ୍.ଏ.)**

ବିଦ୍ୟୁତ୍ ଆଘାତରେ କିଶନନଗର ଥାନା ଅନ୍ତର୍ଗତ ମଲ୍ଲିପୁର ଗ୍ରାମର ରଞ୍ଜନ ଭୋଇ ନାମକ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ସେ ଘର ନିକଟ ଫସଲ କିଆରିରେ ପାଣି ମଡାଇବା ପାଇଁ ମୋଟରରେ ବିଦ୍ୟୁତ୍ ସଂଯୋଗ କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଚିକିତ୍ସା ଲାଗି ତାଙ୍କୁ କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୨୩) ରୁଜୁ ହୋଇଛି।

# ‘ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ ଆବଶ୍ୟକ’


କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଅନ୍ୟମାନେ।

**କଟକ ସଦର,୩୦।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତ ପାଟଣାସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ରାମନବମୀ ଅବସରରେ ଗୁରୁବାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କେତେକ ପ୍ରଶ୍ନ ପଚାରିଥିଲେ। ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଥିଲେ। ଏହି ସଭାରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ହେମେନ୍ଦ୍ର ନାରାୟଣ ଦାସ, ସମ୍ପାଦକ ଉମେଶ ଚନ୍ଦ୍ର ଦାସ, ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ସମ୍ପାଦକ କମଳାକାନ୍ତ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ।


ଶ୍ରୀରାମନବମୀରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଚୌଧୁରୀ ବଜାରସ୍ଥିତ ମାରୁତି ମଣ୍ଡପ ନିକଟରୁ ବାହାରିଥିବା ଶୋଭାଯାତ୍ରା।

## ଡା. ରବି ରଞ୍ଜନ ସାହୁ ପାଇବେ ନୀଳଚକ୍ର ସମ୍ମାନ

**କଟକ ଅଫିସ, ୩୦।୩**

ସାମାଜିକ କର୍ମୀ ତଥା ଦନ୍ତ ଚିକିତ୍ସକ ରବି ରଞ୍ଜନ ସାହୁ ଚଳିତବର୍ଷର ମର୍ଯ୍ୟାଦାଜନକ ନୀଳଚକ୍ର ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଓଡ଼ିଆ ଭାଷା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଓଡ଼ିଆ ନବବର୍ଷ ପାଳନ ଅବସରରେ ଅନୁଷ୍ଠିତ ‘ନୀଳଚକ୍ର’ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଡା. ସାହୁ ସମ୍ମାନିତ ହେବେ। ସେ ଜଣେ ଚିକିତ୍ସକ, ସଙ୍ଗଠକ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଭାବେ ବେଶ୍ ଜଣାଶୁଣା। ସହରର ବହୁ ସାମାଜିକ ଅନୁଷ୍ଠାନ ସହ ସେ ଓତଃପ୍ରୋତ ଭାବେ ଜଡ଼ିତ । ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରଶଂସନୀୟ ଅବଦାନ ଯୋଗୁ ବିଶିଷ୍ଟ ସାହିତ୍ୟିକା ସୁଲୋଚନା ଦାସଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ‘ନୀଳଚକ୍ର’ ଅନୁଷ୍ଠାନ ପକ୍ଷରୁ କାହ୍ନୁଚରଣ ପାଣିଗ୍ରାହୀ ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ଶ୍ରୀରାମନବମୀରେ ବାଇକ ଶୋଭାଯାତ୍ରା

**ଫୁଲନଖରା,୩୦।୩(ଡି.ଏନ୍.ଏ.)**

ଶ୍ରୀରାମନବମୀ ଅବସରରେ ଶ୍ରୀରାମ ନବମୀ ମହୋତ୍ସବ ସେବା ସମିତି କଟକ ପକ୍ଷରୁ ବିଶାଳ ବାଇକ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ପାହାଳ ଥାନା ଅନ୍ତର୍ଗତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଶୋଭାଯାତ୍ରା ବାହାରି ନିଆଳି ଅଭିମୁଖେ ଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ କଟକ ସଦର ଜିଲା ସଭାପତି ମାନସ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ୧୦୦୦ରୁ ଊର୍ଦ୍ଧ୍ୱ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ବିଶ୍ୱ ହିନ୍ଦୁ ପରିଷଦର ଉପ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ବଦ୍ରି ନାରାୟଣ ପଟ୍ଟନାୟକ, ଜ୍ଞାନରଞ୍ଜନ ପାତ୍ର, ଆଶୁତୋଷ ମହାନ୍ତି, ଲଳିତ କୁମାର ମୁଦୁଲି, ସଞ୍ଜୟ କୁମାର ପରିଜା, ଶାରଦା ପ୍ରସାଦ ମହାପାତ୍ର, ଅକ୍ଷୟ ପାତ୍ର, ରୁଦ୍ର ମୋହନ ବେହେରା, ବିଶ୍ୱମ୍ବର ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ରାମନବମୀ, ବାସନ୍ତୀ ଦୁର୍ଗାପୂଜା

**ଚୌଦ୍ୱାର,୩୦।୩(ଡି.ଏନ୍.ଏ)**

ଚୌଦ୍ୱାର ତଥା ଆଖପାଖ ଗ୍ରାମାଞ୍ଚଳରେ ମା’ ବାସନ୍ତୀ ଦୁର୍ଗାପୂଜା ଓ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ବ୍ୟାଘ୍ରବାହିନୀ ମନ୍ଦିର, ଇମ୍ପା ରାମମନ୍ଦିର, ପ୍ରଧାନସାହି, ଧୁମାବତୀ ନଗର, ଶିବାନୀ ମନ୍ଦିର, ଚାର୍‌ବାଟିଆ ନିୟୁ କଲୋନୀ, ବାଟବୁଢ଼ୀ କଲୋନୀ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ବୁଧବାର ରୀତିନୀତି ଅନୁସାରେ କଳସ ଶୋଭାଯାତ୍ରା, ହୋମଯଜ୍ଞ, ଭଜନ, ସଙ୍କୀର୍ତ୍ତନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପୌରପାଳିକା ଅନ୍ତର୍ଗତ ୧୭ନଂ. ୱାର୍ଡ ନୂଆସାହି ପୂଜାମଣ୍ଡପ ପକ୍ଷରୁ ଚଳିତବର୍ଷ ୧୨ବର୍ଷ ପୂର୍ତ୍ତି ଅବସରରେ ବହୁ ଜାକଜମକରେ ପୂଜା ପାଳନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, କାଉନସିଲର ଆଶୁତୋଷ ଦାସ, ସୁବାସ ବାରିକ ପ୍ରମୁଖ ମଣ୍ଡପ ପରିଦର୍ଶନ କରିଥିଲେ। ହାଉସିଂବୋର୍ଡସ୍ଥିତ ଗାୟତ୍ରୀ ପ୍ରଜ୍ଞା ପୀଠରେ ଅନୁଷ୍ଠିତ ନବରାତ୍ର ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।

# ଘର ସମ୍ମୁଖରୁ ବୋଲେରୋ ଚୋରି

**ମଙ୍ଗୁଳି-ଜଗତପୁର,୩୦।୩(ଡି.ଏନ୍.ଏ.)**


ସିସିଟିଭିରେ କଏଦ୍ ହୋଇଥିବା ବୋଲେରୋ ଚୋରିର ଦୃଶ୍ୟ।

ଜଗତପୁର ଥାନା ଅଧୀନ ଭୁବନପୁର ନୂଆସାହିର ବିଷ୍ଣୁ ଚରଣ ପଣ୍ଡାଙ୍କ ଘର ସମ୍ମୁଖରୁ ବୁଧବାର ବିଳମ୍ବିତ ରାତିରେ ବୋଲେରୋ ଚୋରି ହୋଇଯାଇଛି। ରାତି ପ୍ରାୟ ୧୦ଟାରେ ସେ ଘର ଆଗରେ ବୋଲେରୋ ପାର୍କିଂ କରି ଶୋଇଥିଲେ। ସକାଳୁ ଉଠି ଦେଖିଲାବେଳକୁ ବୋଲେରୋ ନ ଥିଲା। ଫଳରେ ତାଙ୍କ ପଡୋଶୀଙ୍କ ସିସିଟିଭି ଯାଞ୍ଚ କରିବାରୁ ଦୁଇ ଜଣ ଦୁର୍ବୃତ୍ତ ରାତି ପ୍ରାୟ ସାଢେ ୧ଟାରେ ଏକ ନମ୍ବର ବିହୀନ କାରରେ ଆସି ବୋଲେରୋ (ନଂ ଓଡି୦୫ଜେ-୨୨୨୧) ଥୁଆ ହୋଇଥିବା ସ୍ଥାନଠୁ ପ୍ରାୟ ୨୦ଫୁଟ୍ ଦୂରରେ ଠିଆ ହୋଇଥିବା ଦେଖିଥିଲେ। କାରରୁ ଦୁଇ ଜଣ ଯୁବକ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବୋଲେରୋ ପାଖକୁ ଆସିଥିବାବେଳେ ଅନ୍ୟଜଣେ ରାସ୍ତାରେ ଜଗି ରହିଥିଲେ। କିଛି ସମୟ ପରେ ଦୁର୍ବୃତ୍ତ ଜଣକ ବୋଲେରୋ ଷ୍ଟାର୍ଟ କରି ପଳାଇ ଯାଇଥିଲେ। ପରେ ଅନ୍ୟ ଜଣଙ୍କ କାର୍ ଚଳାଇ ଯାଇଥିଲେ। ଏ ନେଇ ବିଷ୍ଣୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୦/୨୩) ରୁଜୁ କରିଛି। ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି, ସିସିଟିଭି ଆଧାରରେ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଚୋରି ବୋଲେରୋ ଠାବ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## କ୍ରିକେଟ୍, ଜୟ ବଜରଙ୍ଗୀ ଟିମ୍ ଚାମ୍ପିୟନ

**କଟକ ଅଫିସ,୩୦।୩**

ଶଙ୍କରପୁର ପ୍ରିମିୟର ଲିଗ୍ ସ୍ଥାନୀୟ ଖେଳପଡ଼ିଆରେ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି କ୍ରିକେଟ୍ ଟିମ୍ ଭାଗ ନେଇଥିଲା। ଜୟ ବଜରଙ୍ଗୀ କ୍ରିକେଟ୍ ଟିମ୍ ଓ ବାବା ଜଳେଶ୍ୱର କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ଜୟ ବଜରଙ୍ଗୀ କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଥିଲା। ସଞ୍ଜୟ ଦାଶ ଓ ପ୍ରଶାନ୍ତ ଖୁଣ୍ଟିଆ କ୍ୟାପଟେନ୍ ଭାବେ ଟିମ୍‌କୁ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିଜୁ, ବେଷ୍ଟ ବୋଲର ଭାବେ ଚନ୍ଦନ, ବେଷ୍ଟ ଫିଲ୍ଡର ଭାବେ ସୁଜିତ ଓ ବେଷ୍ଟ କ୍ୟାପଟେନ୍ ଭାବେ ଲଳିତ କୁମାର ଖୁଣ୍ଟିଆଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଶଙ୍କରପୁର ଯୁବକ ସଂଘ ସଭାପତି ସର୍ବେଶ୍ୱର ବାରିକ, ସମ୍ପାଦକ ରଶ୍ମିରଞ୍ଜନ ପ୍ରଧାନ, ମୁରବି ରଞ୍ଜନ ଖୁଣ୍ଟିଆ ଓ ସଭ୍ୟ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଗଳ୍ପ ପୁସ୍ତକ ‘କସ୍ତୁରିକା’ ଉନ୍ମୋଚିତ



ସାରଳା ଭବନରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୩୦।୩**

ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ କଥାଶିଳ୍ପୀ କ୍ଷୀରାବ୍ଧି ତନୟା ମହାନ୍ତିଙ୍କ ଗଳ୍ପ ପୁସ୍ତକ ‘କସ୍ତୁରିକା’ କଟକ ସାରଳା ଭବନରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ, ଉକ୍ତ ପୁସ୍ତକ ନୈତିକତା ଓ ଆଦର୍ଶବୋଧ ଉପରେ ଆଧାରିତ। ସେହିପରି ଡା. ସରୋଜିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମକାଳୀନ ସମାଜର ପରିବାରବାଦ, ବ୍ୟକ୍ତି ଚରିତ୍ର ଓ ସଂସ୍କୃତି ଅବକ୍ଷୟକୁ ଲେଖିକା ସୁନ୍ଦର ଭାବେ ତାଙ୍କର ଗଳ୍ପ ପୁସ୍ତକରେ ପରିସ୍ଫୁଟ କରିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ଡ. ସଂଘମିତ୍ରା ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଏହି ପୁସ୍ତକରେ ସମାଜ ଓ ରାଷ୍ଟ୍ରର ସଂହତି, ସ୍ୱେଚ୍ଛାଚାରିତା, ଭ୍ରଷ୍ଟାଚାର, ଭ୍ରାନ୍ତ ଅହଂକାରକୁ ସ୍ୱତନ୍ତ୍ର ଶୈଳୀରେ ଲେଖିକା ରୂପ ଦେଇଛନ୍ତି। ଲେଖିକା କ୍ଷୀରାବ୍ଧି ତନୟା ମହାନ୍ତି ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଆଲୋକ ମହାନ୍ତି ଧନ୍ୟବାଦ ଦେଇଥିଲେ । ଯତିକାନ୍ତ ମହାନ୍ତି, ଉପାସନା ମହାନ୍ତି, ଆରାଧନା ମହାନ୍ତି, ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶ୍ରୀରାମନବମୀ ଅବସରରେ ଗୁରୁବାର କଟକ ଚହଟାସ୍ଥିତ ଶ୍ରୀରାମନିଗମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।


ଚୌଧୁରୀବଜାର ମାରୁତି ମଣ୍ଡପରେ ନିଖିଳ ଲୋକ ହିତକାରୀ ରାମାୟଣ ପ୍ରଚାରିଣୀ ସଭା ପକ୍ଷରୁ ଗୁରୁବାର ଅନୁଷ୍ଠିତ ସାମୂହିକ ଶ୍ରୀରାମଚରିତ ମାନସ ପଠନ।



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବଲସୋନାରୋ ଗୁରୁବାର ସ୍ୱଦେଶ ଫେରିଛନ୍ତି। ୩ ମାସ ଫ୍ଲୋରିଡାରେ ରହି ଫେରିବା ପରେ ବ୍ରାଜିଲ୍‌ରେ ରାଜନୈତିକ ମାହୋଲ ସରଗରମ ହେବା ଅନୁମାନ କରାଯାଉଛି। ଗତ ଅକ୍ଟୋବରରେ ଲୁଇଜ ଇନାସିଓ ଲୁଲା ଦା ସିଲଭାଙ୍କଠାରୁ ନିର୍ବାଚନ ହାରିବା ପରେ ବଲସୋନାରୋ ଆମେରିକା ଚାଲିଯାଇଥିଲେ। ତାଙ୍କ ସମର୍ଥକମାନେ ଜାନୁୟାରୀରେ ବ୍ରାଜିଲ୍ କଂଗ୍ରେସ୍ ଏବଂ ସୁପ୍ରିମକୋର୍ଟରେ ଚଢ଼ାଉ କରି ହିଂସାତ୍ମକ ବିକ୍ଷୋଭ କରିଥିଲେ।

## କରାଚୀରେ ହିନ୍ଦୁ ଡାକ୍ତରଙ୍କୁ ହତ୍ୟା

ଇସ୍‌ଲାମାବାଦ୍, ୩୦।୩: ପାକିସ୍ତାନ କରାଚୀରେ ଗୁରୁବାର ଚକ୍ଷୁ ରୋଗ ବିଶେଷଜ୍ଞ ଡା. ବୀରବଲ ଜନାନିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ ଘଟଣାରେ ବୀରବଲଙ୍କ ସହଯୋଗୀ ଡା. କୁରାତୁଲ ଆହତ ହୋଇଛନ୍ତି। ବୀରବଲଙ୍କୁ ଯୋଜନାବଦ୍ଧ



ଭାବେ ହତ୍ୟା କରାଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ପାକିସ୍ତାନରେ ହିନ୍ଦୁ ଡାକ୍ତରଙ୍କୁ ହତ୍ୟା କରିବା ଏହା ଦ୍ୱିତୀୟ ଘଟଣା। ଚଳିତ ମାସ ପ୍ରଥମ ସପ୍ତାହରେ ପାକିସ୍ତାନର ହାଇଦ୍ରାବାଦ୍‌ରେ ହିନ୍ଦୁ ଡାକ୍ତର ଧରମ ଦେବ ରାଠିଙ୍କୁ ତାଙ୍କ ଡ୍ରାଇଭର ହତ୍ୟା କରିଥିଲେ। ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

## ପୁରୋହିତ୍‌ଙ୍କ ଆବେଦନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ



### ମାଲେଗାଓଁ ବିସ୍ଫୋରଣ

ନୂଆଦିଲ୍ଲୀ, ୩୦।୩: ୨୦୦୮ ମାଲେଗାଓଁ ମାମଲାରୁ ଦୋଷମୁକ୍ତ ହେବା ଲାଗି ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ପ୍ରସାଦ ଶ୍ରୀକାନ୍ତ ପୁରୋହିତ୍ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗତ ଜାନୁୟାରୀ ୨ରେ ବମ୍ବେ ହାଇକୋର୍ଟ ପୁରୋହିତ୍‌ଙ୍କ ପିଟିଶନକୁ ଖାରଜ କରିଦେବା ପରେ ସେ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ପୁରୋହିତ୍ ଏବଂ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ସମେତ ୭ ଜଣ ଏହି ମାମଲାରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ହାଇକୋର୍ଟଙ୍କ ରାୟ ଉପରେ ହସ୍ତକ୍ଷେପ କରିବାକୁ ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ମନା କରିଦେଇଛନ୍ତି।

### ରାହୁଲଙ୍କ ଏମ୍‌ପି ପଦ ରଦ୍ଦ ପ୍ରସଙ୍ଗ

# ଦିଗ୍‌ବିଜୟଙ୍କ 'ଥ୍ୟାଙ୍କ୍ ୟୁ ଜର୍ମାନୀ' ଟୁଇଟ୍



ଦିଗ୍‌ବିଜୟ ସିଂ

ନୂଆଦିଲ୍ଲୀ,୩୦।୩

'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାନହାନି ମାମଲାରେ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇ ଲୋକ ସଭା ସଦସ୍ୟତା ହରାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି। ଏହି ପ୍ରସଙ୍ଗରେ ଶାସକ ଭାଜପା ଏବଂ ବିରୋଧୀ କଂଗ୍ରେସ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଜର୍ମାନୀ ମୁଣ୍ଡ ପୂରାଇଛି। ଏହାକୁ ନେଇ କଂଗ୍ରେସକୁ ପୁଣି ଟାର୍ଗେଟ କରିଛି ଭାଜପା।

ଜର୍ମାନୀ ବହିର୍ବ୍ୟାପାର ମନ୍ତ୍ରଣାଳୟର ଜଣେ ମହିଳା ମୁଖପାତ୍ର ଏକ ପ୍ରେସ୍ ବ୍ରିଫିଙ୍ଗ୍‌ରେ କହିଛନ୍ତି, ଭାରତୀୟ ରାଜନେତା ରାହୁଲ ଗାନ୍ଧୀଙ୍କ ପାର୍ଲାମେଣ୍ଟ ସଦସ୍ୟତା ରଦ୍ଦ ପ୍ରସଙ୍ଗକୁ ଆମେ ବିଚାରକୁ ନେଇଛୁ। ଆମେ ଯେତିକି ଜାଣିଛୁ ରାହୁଲ ସୁରଟ କୋର୍ଟ ରାୟକୁ ଉଚ୍ଚତର ଅଦାଲତରେ ଅପିଲ କରିବେ। ତା' ପରେ ଏହି ରାୟ ଏବଂ ତାଙ୍କ ନିଲମ୍ବନ ବଳବତ୍ତର ରହୁଛି କି ନାହିଁ ସ୍ପଷ୍ଟ ହେବ। ରାହୁଲଙ୍କ ବିରୋଧରେ ଶୁଣାଣି ବେଳେ ନ୍ୟାୟିକ ସ୍ୱାଧୀନତା ଓ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତଗୁଡ଼ିକର ମାନକ ସମାନ ଭାବେ ଲାଗୁ ହେବ ବୋଲି ଜର୍ମାନୀ ଆଶାକରେ ବୋଲି ମୁଖପାତ୍ର କହିଛନ୍ତି। ଜର୍ମାନୀର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଡଚ୍ ୱେଲେ ଚିଫ୍ ଇଣ୍ଟରନ୍ୟାଶନାଲ ଏଡିଟର୍ ରିଚାର୍ଡ ୱାଲ୍‌କର ଏହାକୁ ଟୁଇଟ୍ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ସେମାନଙ୍କ ଟୁଇଟ୍‌କୁ ନେଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଧନ୍ୟବାଦ ଦେଇଛନ୍ତି। ଦିଗ୍‌ବିଜୟଙ୍କ 'ଥ୍ୟାଙ୍କ୍ ୟୁ ଜର୍ମାନୀ' ଟୁଇଟ୍ ଉପରେ ଭାଜପା କହିଛି, ରାହୁଲଙ୍କ ଜରିଆରେ ଭାରତୀୟ ଗଣତନ୍ତ୍ର ସହ କିପରି ସାଲିସ କରାଯାଉଛି ଏହା ତାହାର ଏକ ଦୃଷ୍ଟାନ୍ତ। ଆଭ୍ୟନ୍ତରୀଣ ବ୍ୟାପାରରେ ବିଦେଶୀ ଶକ୍ତିଗୁଡ଼ିକୁ ବିରୋଧୀ ଦଳ ଆମନ୍ତ୍ରଣ କରୁଥିବା କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ଅଭିଯୋଗ ଆଣିଛନ୍ତି। ନ୍ୟାୟପାଳିକାରେ ବିଦେଶୀ ଶକ୍ତିଙ୍କ ହସ୍ତକ୍ଷେପକୁ ଆଉ ବରଦାସ୍ତ କରାଯିବ ନାହିଁ। କାରଣ ଆମ ପ୍ରଧାନମନ୍ତ୍ରୀ ହେଉଛନ୍ତି ନରେନ୍ଦ୍ର ମୋଦି। ଏହାକୁ ନେଇ କଂଗ୍ରେସ ମିଡିଆ ଡିପାର୍ଟମେଣ୍ଟ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି, ମିଷ୍ଟର ରିଜିଜୁ, ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ କାହିଁକି ଚେଷ୍ଟା କରୁଛନ୍ତି ? ପ୍ରସଙ୍ଗ ହେଉଛି ଆଦାନୀ ଉପରେ ରାହୁଲଙ୍କ ପ୍ରଶ୍ନର ଉତ୍ତର ମୋଦି ଦେଇପାରିନାହାନ୍ତି। ଲୋକଙ୍କୁ ବିଭ୍ରାନ୍ତ କରିବା ପରିବର୍ତ୍ତେ ଦୟାକରି ଉତ୍ତର ଦିଅନ୍ତୁ।




ଦିଗ୍‌ବିଜୟ ଟ୍ୟାଗ୍ କରିଥିବା ଜର୍ମାନୀ ବହିର୍ବ୍ୟାପାର ମନ୍ତ୍ରଣାଳୟର ଟୁଇଟ୍।

## ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ମୋଦି



ନୂଆଦିଲ୍ଲୀ, ୩୦।୩(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ରାତିରେ ଅଚାନକ ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ପରିଦର୍ଶନ କରିଛନ୍ତି। ସେ ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ନିର୍ମାଣ ଶ୍ରମିକମାନଙ୍କ ସହ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ସେଠାରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ରହିଥିଲେ। ତାଙ୍କ ସହ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଥିଲେ। ଖୁବ୍‌ଶୀଘ୍ର ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ ହେବା ଆଶା କରାଯାଉଛି। ୨୦୨୦ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଏଥିରେ ଭାରତର ଗଣତାନ୍ତ୍ରିକ ଐତିହ୍ୟର ପ୍ରଦର୍ଶନ ଲାଗି ଏକ କନ୍‌ଷ୍ଟିଚ୍ୟୁଶନ ହଲ୍, ପାର୍ଲାମେଣ୍ଟ ସଦସ୍ୟମାନଙ୍କ ବସିବା ଲାଗି ଏକ ଲାଉଞ୍ଜ, ଲାଇବ୍ରେରୀ, ବିଭିନ୍ନ କମିଟି ପ୍ରକୋଷ୍ଠ, ଡାଇନିଂ ଅଞ୍ଚଳ ଓ ପ୍ରଶସ୍ତ ପାର୍କିଂ ସ୍ଥାନ ରହିଛି।

## ଷ୍ଟକ୍ କାରବାର ହିସାବ ଦେବେ ବାବୁ

### ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରର ନିର୍ଦ୍ଦେଶନାମା



ନୂଆଦିଲ୍ଲୀ,୩୦।୩

ଉଚ୍ଚ ପଦସ୍ଥ ଅମଲାତନ୍ତ୍ରୀମାନଙ୍କୁ କେନ୍ଦ୍ର ସରକାର ସେମାନଙ୍କ ୬ ମାସର ଦରମାଠୁ ବର୍ଷକର ଶେୟାର କାରବାର ଅଧିକ ହୋଇଥିଲେ ତା'ର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍) ଏବଂ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀମାନେ ଶେୟାର ବଜାରରେ ଷ୍ଟକ୍ କିଣାବିକା କରିଥିଲେ ଏଣିକି ତା'ର ହିସାବ କେନ୍ଦ୍ର ସରକାରଙ୍କୁ ଦେବେ। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ଜାରି ଏକ ନିର୍ଦ୍ଦେଶନାମାରେ ଏହା କୁହାଯାଇଛି। ଆଇଏଏସ୍ (କଣ୍ଡକ୍ଟ) ରୁଲ୍ସ-୧୯୬୮ ଅଧୀନ ରୁଲ୍ ୧୬ ଅନୁସାରେ ଶେୟାର, ଇକ୍ୱିଟି, ଡିବେଞ୍ଚର୍ସ ଆଦି ଅସ୍ଥାବର ସମ୍ପତ୍ତି ଭାବେ ପରିଗଣିତ ହେଉଥିବାରୁ ଜଣେ ଅଧିକାରୀଙ୍କ ବ୍ୟକ୍ତିଗତ ଟ୍ରାଞ୍ଜାକ୍ସନ ତାଙ୍କ ୨ ମାସର ମୂଳ ଦରମାଠାରୁ ଅଧିକ ହେଲେ ସେ ନିର୍ଦ୍ଧାରିତ କର୍ତ୍ତୃପକ୍ଷଙ୍କୁ ସେନେଇ ଅବଗତ କରାଇବେ ବୋଲି ମାର୍ଚ୍ଚ ୨୦ରେ ଜାରି ଅର୍ଡରରେ କୁହାଯାଇଛି।

## ୩୨,୦୦୦ କୋଟିର ପ୍ରତିରକ୍ଷା ସାମଗ୍ରୀ ଡିଲ୍

ନୂଆଦିଲ୍ଲୀ, ୩୦।୩

ପାକିସ୍ତାନ ଓ ଚାଇନାର ମୁକାବିଲା ପାଇଁ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଲାଗିଛି ଭାରତ। ସ୍ଥଳସେନା, ବାୟୁସେନା ଓ ନୌସେନାକୁ ଆହୁରି ସଶକ୍ତ କରିବା ଲାଗି ଗୁରୁବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୩୨,୦୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରାଯାଇଛି। ୬ ପରବର୍ତ୍ତୀ ପିଢ଼ିର ମିଶାଇଲ୍ ଜାହାଜ, ୧୧ ଅଫ୍‌ଶୋର ପାଟ୍ରୋଲ ଜାହାଜ, ନୌସେନା ପାଇଁ ୨ ବ୍ରହ୍ମୋସ୍ ମିଶାଇଲ କୋଷ୍ଟାଲ ବ୍ୟାଟେରି, ଆର୍ମି ପାଇଁ ୨ ଆକାଶ ମିଶାଇଲ ରେଜିମେଣ୍ଟ୍‌ସ ଏବଂ ୧୨ ୱିପନ୍ ଲୋକେଶନ୍ ରାଡାରସ୍ ପାଇଁ ଏହି ଡିଲ୍ ହୋଇଛି। ପରବର୍ତ୍ତୀ ପିଢ଼ି ଅଫ୍‌ଶୋର୍ ପାଟ୍ରୋଲ ଜାହାଜ ମଧ୍ୟରୁ ୭ଟି ଗୋଆର ଶିପ୍‌ୟାର୍ଡ ଏବଂ ଅନ୍ୟ ୪ଟି କୋଲକାତାର ଗାର୍ଡେନ୍ ରିଚ୍ ଶିପ୍ ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ନିର୍ମାଣ କରିବ। ଏଥିରେ ପାଖାପାଖି ୯,୭୮୧ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ସଫଳ କରିବା ସକାଶେ ୧୯,୬୦୦ କୋଟି ଟଙ୍କା ବିନିମୟରେ ନୌସେନାରେ ୧୧ ପାଟ୍ରୋଲ ଜାହାଜ ଓ ୬ ମିଶାଇଲ ଜାହାଜକୁ ସାମିଲ କରାଯିବ। ମଶାଇଲର ଡେଲିଭରି ୨୦୨୬ରୁ ଆରମ୍ଭ କରାଯିବ।

## ଏଚ୍-୧ବି ଭିଜାଧାରୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଆମେରିକାରେ କାର୍ଯ୍ୟ କରିପାରିବେ

ୱାଶିଂଟନ, ୩୦।୩

ଏଚ୍-୧ବି ଭିଜାଧାରୀ ବିଦେଶୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଆମେରିକାରେ କାର୍ଯ୍ୟ କରିବାକୁ ଯୋଗ୍ୟ ବୋଲି ସେଠାର ଜଣେ ଜିଲା ଜଜ୍ ରାୟ ଦେଇଛନ୍ତି। ଜିଲା ଜଜ୍ ତନ୍ୟା ଚୁଟ୍‌କାନ୍ ସେଭ୍ ଜବ୍ସ ୟୁଏସ୍‌ଏ ପକ୍ଷରୁ ଦାଏର ମୋକଦ୍ଦମାକୁ ଖାରଜ କରିଦେଇଛନ୍ତି। ବାରାକ ଓବାମାଙ୍କ ସମୟର ନିୟମାବଳୀ ଲାଗୁ କରିବା ଉକ୍ତ ଲ' ଶୁଟ୍‌ର ଉଦ୍ଦେଶ୍ୟ ଥିଲା। ଏଚ୍-୧ବି ଭିଜାଧାରୀଙ୍କ ମଧ୍ୟରୁ ନିର୍ଦ୍ଦିଷ୍ଟ ବର୍ଗଙ୍କ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ଉକ୍ତ ନିୟମାନୁଯାୟୀ ନିଯୁକ୍ତି ପ୍ରାଧିକାର କାର୍ଡ ମିଳୁଥିଲା। ଏହାକୁ ଆପଲ୍, ଆମାଜନ, ଗୁଗଲ ଓ ମାଇକ୍ରୋସଫ୍ଟ ଭଳି ପ୍ରମୁଖ ପ୍ରଯୁକ୍ତି କମ୍ପାନୀ ବିରୋଧ କରିଥିଲେ। ଏଚ୍-୧ବି କର୍ମଚାରୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ପ୍ରାୟ ଲକ୍ଷେ କାର୍ଯ୍ୟ ଅଧିକାର ମିଳିଥିବାବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ ଭାରତୀୟ ରହିଛନ୍ତି।

## ଫୁର୍‌ସତ

# ୪ ବର୍ଷ ବୟସରେ ବହି ଲେଖି ରେକର୍ଡ

ଆବୁଧାବି: ଛୋଟ ପିଲାଙ୍କ ସ୍ମୃତିଶକ୍ତି ପ୍ରଖର ହୋଇଥାଏ। ପରିବାରରେ ନିଜ ନିଜ ଭିତରେ କଥା ହେବାବେଳେ ଛୋଟ ପିଲା ସେ ସବୁକୁ ଖୁବ୍‌ଶୀଘ୍ର ମନେରଖିଥା'ନ୍ତି। ତେବେ ସେମାନଙ୍କ ମଧ୍ୟରେ ପ୍ରବଳ ଜିଜ୍ଞାସୁଭାବ ରହିଥାଏ। ସେମାନେ ସବୁବେଳେ କିଛି ନା କିଛି ନୂଆ ପ୍ରୟାସ ଚଳାଇଥାନ୍ତି। ଅନେକଙ୍କ ପାଖରେ ମଧ୍ୟ ଅନନ୍ୟ ପ୍ରତିଭା ରହିଥାଏ। ସେହିଭଳି ନିକଟରେ ଜଣେ ୪ ବର୍ଷ ୨୧୮ ଦିନର ପୁଅ ବହି ଲେଖି ତାଙ୍କ ନାମ ଗିନିଜ୍ ରେକର୍ଡରେ ଲିପିବଦ୍ଧ କରିଛନ୍ତି। ସେ ଗତ ୯ ମାର୍ଚ୍ଚରେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଆବୁଧାବିର ସୟିଦ୍ ରସିଦ୍ ଏମ୍‌ହେଇରି ସବୁଠୁ ଛୋଟ ଲେଖକ ଭାବେ ବହି ଲେଖି ପବ୍ଲିଶ୍ କରି ରେକର୍ଡ ହାସଲ କରିଛନ୍ତି। ତାଙ୍କ ବହିର ନାମ 'ଦି ଏଲିଫ୍ୟାଣ୍ଟ ସୟିଦ୍ ଆଣ୍ଡ ଦି ବିୟର'। ଦୁଇ ପ୍ରାଣୀ ମଧ୍ୟରେ ଥିବା ଅପ୍ରତ୍ୟାଶିତ ଓ ଦୟାଳୁ ବନ୍ଧୁତାକୁ ଏହି ଗଳ୍ପରେ ଦର୍ଶାଯାଇଛି। ସେ ତାଙ୍କ ପରିବାରରେ ଜଣେ ଏପରି ରେକର୍ଡଧାରୀ ନୁହନ୍ତି। ତାଙ୍କ ବଡ଼ ଭଉଣୀ ଅଲ୍‌ଧାବିଙ୍କଠାରୁ ସେ ଅନୁପ୍ରାଣିତ ହୋଇ ବହି ଲେଖିଛନ୍ତି। ଅଲ୍‌ଧାବି ୮ ବର୍ଷ ୨୩୯ ଦିନରେ ସବୁଠୁ ଛୋଟ ଲେଖିକା ଭାବେ ଦୁଇ ଭାଷାରେ ବହି ଲେଖି ପବ୍ଲିଶ୍ କରି ଗିନିଜ୍ ରେକର୍ଡ କରିଛନ୍ତି। ସୟିଦ୍ କହିଛନ୍ତି, ସେ ତାଙ୍କ ଭଉଣୀ ସହ ସମୟ ବିତାଇବାକୁ ଭଲପାଆନ୍ତି। ସେମାନେ ଏକାଠି ପଢ଼ିବା, ଲେଖିବା, ଚିତ୍ର କରିବା ସହ ବିଭିନ୍ନ କାର୍ଯ୍ୟକଳାପ ମଧ୍ୟ କରିଥାଆନ୍ତି।




# ପ୍ରେମରେ ପଡ଼ିଛନ୍ତି ନାଗା ଚୈତନ୍ୟ

ମୁମ୍ବାଇ: ସାଉଥ୍ ସୁପରଷ୍ଟାର ନାଗା ଚୈତନ୍ୟ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାକୁ ଆସିଥିଲେ। ୨୦୨୧ରେ ସ୍ତ୍ରୀ ସାମନ୍ଥା ରୁଥ ପ୍ରଭୁଙ୍କ ସହ ତାଙ୍କର ଛାଡ଼ପତ୍ର ହୋଇଥିଲା। ହେଲେ ଏବେ ସେ ପୁଣି ପ୍ରେମରେ ପଡ଼ିଥିବା ଜାଣିବାକୁ ମିଳୁଛି। ପୂର୍ବରୁ ଅଭିନେତ୍ରୀ ଶୋଭିତା ଧୁଲିପାଲାଙ୍କ ସହ ତାଙ୍କର ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେଉଥିଲା। ହେଲେ ସେ ସେତେବେଳେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ। କିନ୍ତୁ ବର୍ତ୍ତମାନ ଆଉ ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅଭିନେତ୍ରୀ ଧୁଲିପାଲାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିବା ଜଣାପଡିଛି। ଫଟୋରେ ନାଗା ଚୈତନ୍ୟ ଲଣ୍ଡନର ଏକ ରେଷ୍ଟୁରାଣ୍ଟରେ ଜଣେ ରୋଷେୟାଙ୍କ ସହ ଫଟୋ ଉଠାଇଛନ୍ତି। ସେହି ଫଟୋର ପଛରେ ଅଭିନେତ୍ରୀ ଧୁଲିପାଲା ମୁହଁରେ ହାତ ଦେଇ ବସିଥିବା ଦେଖିବାକୁ ମିଳିଛି। ଏଥିରୁ ଦୁହେଁ ଦୁହିଁଙ୍କୁ ଡେଟ୍ କରୁଥିବା ଜଣାପଡିଛି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଏହି ଫଟୋକୁ ସେଫ୍ ସୁରେନ୍ଦ୍ର ମୋହନ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଥିଲେ। ଫଟୋ ଭାଇରାଲ ହେବା ପରେ ସେ ଏବେ ସେହି ଫଟୋକୁ ଡିଲିଟ୍ କରିଦେଇଛନ୍ତି।



# ସାଙ୍ଗର ପ୍ରତିଶ୍ରୁତି ପାଇଁ ଟେଣ୍ଟରେ ୩ ବର୍ଷ





ଲଣ୍ଡନ: ପରିବାର ପରେ ସାଙ୍ଗ ହିଁ ଏକମାତ୍ର ବିକଳ୍ପ, ଯିଏ ସବୁବେଳେ ସାଙ୍ଗରେ ରହିଥା'ନ୍ତି। ଅନେକ ସମୟରେ ସାଙ୍ଗ ପାଇଁ ସାଙ୍ଗ ଅନେକ କଷ୍ଟ ସହିଯିବା ଦେଖିବାକୁ ମିଳିଛି। ଏହା ତାଙ୍କ ଭିତରେ ଥିବା ସ୍ୱଚ୍ଛ ବନ୍ଧୁତାକୁ ଦର୍ଶାଏ। ନିକଟରେ ୧୦ ବର୍ଷୀୟ ପୁଅଟିଏ ତାଙ୍କ ସାଙ୍ଗର ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ତାଙ୍କ ଜୀବନର ୩ ବର୍ଷ ଟେଣ୍ଟରେ ବିତାଇଥିବା ଜଣାପଡିଛି। ବ୍ରିଟେନ୍‌ର ବାସିନ୍ଦା ମାକ୍ସ ବୁସିଙ୍କ ବୟସ ଏବେ ୧୩ ବର୍ଷ। ତାଙ୍କୁ ଯେତେବେଳେ ୧୦ ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ସାଙ୍ଗ ରିକ୍‌ଙ୍କ କ୍ୟାନ୍‌ସରରେ ମୃତ୍ୟୁ ହୋଇଥିଲା। ମାକ୍ସ କହିଛନ୍ତି, ରିକ୍ ମରିବା ପୂର୍ବରୁ ତାଙ୍କୁ ଏକ ଟେଣ୍ଟ ଦେଇଥିଲେ। କହିଥିଲେ, ନର୍ଥ ଡ୍ୱୋନ ଧର୍ମଶାଳା ରିକ୍‌ଙ୍କ ବହୁତ ଭଲରେ ଯତ୍ନ ନେଇଥିଲେ। ସେଥିପାଇଁ ସେ ସେହି ଧର୍ମଶାଳାକୁ ଧନ୍ୟବାଦ ଦେବାକୁ ଚାହୁଁଛନ୍ତି। ଏପରି କିଛି କାମ, ଯେଉଁଥିରେ ଧର୍ମଶାଳାକୁ ସାହାଯ୍ୟ ମିଳିପାରିବ, ସେପରି କିଛି କରିବାକୁ ରିକ୍ ମାକ୍ସଙ୍କୁ କହିଥିଲେ। ଏହାପରେ ମାକ୍ସ ଟେଣ୍ଟରେ ଜୀବନ ବିତାଇବାକୁ ନିଷ୍ପତ୍ତି ନେଲେ। ସେ ଘର ବାହାରେ ଟେଣ୍ଟ ଲଗାଇ ଟଙ୍କା ଏକାଠି କରିବାକୁ ଚେଷ୍ଟା ଚଳାଇଲେ। ଏପରିକି ସେ ତତ୍କାଳୀନ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କୁ ମଧ୍ୟ ଭେଟିଥିଲେ। ଯେକୌଣସି ପରିସ୍ଥିତି ଆସିଲେ ମଧ୍ୟ ସେ ସେହି ଟେଣ୍ଟରେ ହିଁ ରହୁଥିଲେ। ସେ ମୋଟ ୭୫୦ ହଜାର ପାଉଣ୍ଡ ଅର୍ଥାତ୍ ୭.୫ କୋଟିରୁ ଅଧିକ ଟଙ୍କା ଏକାଠି କରିଥିଲେ। ସେ ପରେ ୧୫ଟି ଧର୍ମଶାଳାକୁ ସମସ୍ତ ଟଙ୍କା ଦେଇଥିଲେ। ଯାହା ଫଳରେ ଧର୍ମଶାଳାରେ ଥିବା ରୋଗୀଙ୍କ ଚିକିତ୍ସା କରାଯାଇପାରିବ। ଏପରି କରି ମାକ୍ସ ଗିନିଜ୍ ରେକର୍ଡର ଅଧିକାରୀ ହୋଇଛନ୍ତି।




## ୫ ଘଣ୍ଟାରେ ୧୬ କିମି ପହଁରିଲେ ଆଇପିଏସ୍ ଅଫିସର

ମୁମ୍ବାଇ: ବୁଡ଼ିଯିବା ପ୍ରତିରୋଧ ସଚେତନତା ଶିବିରରେ ଭାଗ ନେଇ ଭାରତୀୟ ଆଇପିଏସ୍ ଅଫିସର କ୍ରିଷ୍ଣା ପ୍ରକାଶ ସ୍ୱମ୍ ଗେଟ୍ ୱେ ଇଣ୍ଡିଆଠାରୁ ଏଲିଫାଣ୍ଟା ଗୁମ୍ଫା ପର୍ଯ୍ୟନ୍ତ ପହଁରି ଇତିହାସ ରଚିଛନ୍ତି। ସେ ୧୬.୨୦ କିମି ଜଳପଥକୁ ୫ ଘଣ୍ଟା ୨୬ ମିନିଟ୍ ସମୟରେ ଅତିକ୍ରମ କରି ବିଶ୍ୱରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି। ତାଙ୍କର ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ଆଇପିଏସ୍ ଅଫିସର କ୍ରିଷ୍ଣା କହିଛନ୍ତି, ଏହା ତାଙ୍କ ପାଇଁ ଭୟଙ୍କର କାର୍ଯ୍ୟ ଥିଲା। ଯେଉଁଥିରେ ତାଙ୍କୁ ସମୁଦ୍ର ଲହରିର ବିପରୀତ ଦିଗରେ ପହଁରିବାକୁ ପଡିଥିଲା। ତାଙ୍କୁ ଏଥିରେ କଷ୍ଟ ହେଉଥିଲା, କିନ୍ତୁ ସେ ଏଥିରେ ସଫଳ ହୋଇଥିଲେ। ତାଙ୍କର ଏହି କାର୍ଯ୍ୟ ଅନ୍ୟ ଭାରତୀୟଙ୍କୁ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ଫଳରେ ସେମାନେ ଅଲିମ୍ପିକ୍‌ରେ ବହୁତ ଭଲ ପ୍ରଦର୍ଶନ କରିପାରିବେ। ଆଇପିଏସ୍ ଅଫିସର କ୍ରିଷ୍ଣା ମାର୍ଚ୍ଚ ୨୬ ତାରିଖ ସକାଳ ୭ଟା ୪୫ ମିନିଟ୍ ସମୟରେ ଗେଟ୍ ୱେ ଅଫ୍ ଇଣ୍ଡିଆଠାରୁ ପହଁରିବା ଆରମ୍ଭ କରିଥିଲେ। ସେ ଏଲିଫାଣ୍ଟା ଗୁମ୍ଫା ନିକଟରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଏକ ଟ୍ରଫି ଏବଂ ବଡ଼ ଫୁଲମାଳ ଦିଆଯାଇ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ମୃତଦେହ ଜବତ କରିବାକୁ ଯାଇଥିବା ପୋଲିସଙ୍କୁ ଆକ୍ରମଣ

#### ଡ୍ରାଇଭରଙ୍କ ସମେତ ୩ ଆହତ

ଭୋଗରାଇ, ୩୦।୩ (ଡ଼ି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଟୁକୁରୀହାଜିରା ବାଗପଞ୍ଜର ପାହିଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିବାକୁ ଯାଇ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପୋଲିସ କର୍ମଚାରୀ। ଲୋକଙ୍କ ଆକ୍ରମଣରେ ଡ୍ରାଇଭରଙ୍କ ସମେତ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ବାଲେଶ୍ୱରରୁ ଅଧିକ ପୋଲିସ ଫୋର୍ସ ଆସି ମୁତୟନ ହୋଇଛନ୍ତି। ଭୋଗରାଇ ଥାନା ଟୁକୁରୀହାଜିରା ଅଞ୍ଚଳର ଚିଙ୍ଗୁଡ଼ିଘେରିରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲା ବୈଶିଙ୍ଗା କଞ୍ଚରପଡା ଅଞ୍ଚଳର ସଦନ ବେହୁରୀ ରଣକୋଠା ଗ୍ରାମର ପ୍ରିୟଙ୍କା ପାତ୍ରଙ୍କୁ ପ୍ରେମ ବିବାହ କରି ଶ୍ୱଶୁର ଘରେ ରହୁଥିଲେ। ଦମ୍ପତିଙ୍କ ମଧ୍ୟରେ କଳହ ଲାଗିରହୁ ଥିବାବେଳେ ସଦନ ବୁଧବାର ବିଳମ୍ବିତ ରାତିରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ଏକାଠି ହୋଇଥିଲେ। ସଦନଙ୍କୁ ତାଙ୍କ ସ୍ତ୍ରୀ ଓ ବାପଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରି ସଦନଙ୍କ ସ୍ତ୍ରୀ ପ୍ରିୟଙ୍କାଙ୍କୁ ମଧ ନିସ୍ତୁକ ମାଡ ମାରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ପୋଲିସଙ୍କୁ ଘେରିଯାଇ ଢେଲାମାଡ ଓ ଠେଲାପେଲା କରି ଆହତ କରିଥିବା ଅଭିଯୋଗ ହୋଇଛି। ଆହତ ଡ୍ରାଇଭର ବାଟଗ୍ରାମର ଗୋପାଳ ଦାସ ଜଳେଶ୍ୱରପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ପୋଲିସ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ସହ ପ୍ରିୟଙ୍କାଙ୍କୁ କୌଶଳକ୍ରମେ ସେଠାରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଉଛନ୍ତି।

### ଜଉକଣ୍ଢେଇ ନିର୍ମାଣ ଶୁଭାରମ୍ଭ

ବାଲେଶ୍ୱର ଅଫିସ, ୩୦।୩: ବାଲେଶ୍ୱର ସହର ବାମପଦାସ୍ଥ ଜଉକଣ୍ଢେଇ ଗାଁରେ ରାମନବମୀ ଅବସରରେ ଗୁରୁବାର ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ ହୋଇଛି। ପବିତ୍ର ତ୍ରିବେଣୀଶ୍ୱର ପୀଠର ମଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ଦ୍ୱାରା ପୂଜା କରାଯାଇ ତ୍ରିବେଣୀ ତୀର୍ଥର ମାଟି ଓ ଜଳକୁ ନେଇ ଯୋଗୀ ନିରଞ୍ଜନ ଗିରି ପହଞ୍ଚିଥିଲେ। ଜଉକଣ୍ଢେଇ ଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ବିଧିରେ ପୂଜା କରାଯାଇ ଚଳିତବର୍ଷର ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇ ନିର୍ମାଣ ଉଦ୍‌ଘାଟନ କରାଯାଇଥିଲା। ଜଉକଣ୍ଢେଇ ବାହାଘର ଉତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ଅଖିଳ ମହିଳା ମାରୁଆଡି ମଞ୍ଚର ସଭାପତି ଅଞ୍ଜୁ ସରାଓଗୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇଥିଲେ। ଆବାହକ ଶିଳ୍ପୀ କେଶୁଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଡ. ଗୋପାଳ ଆଭିମୁଖ୍ୟ ଓ ତଥ୍ୟ ପ୍ରଦାନ କରିଥିଲେ। କର୍ମକର୍ତ୍ତା ବ୍ରହ୍ମନାଥ ରଥ, ରାଜେଶ ଗିରି, ରଘୁନାଥ ଲେଙ୍କା, ସୁରେଶ ପାଣିଗ୍ରାହୀ, ଅଜୟ ଆଚାର୍ଯ୍ୟ, ବ୍ୟମନାଥ ରଥ, ମଧୁସୂଦନ ଦାସ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, ବାମପଦା ଜଉକଣ୍ଢେଇ ପ୍ରଡ୍ୟୁସର ଗ୍ରୁପର ଉଦ୍ୟୋଗ ମିତ୍ର ଫୁଲମଣୀ ସୋରେନ, ସଭାପତି ଅନିତା ସିଂ, ସମ୍ପାଦିକା ଗେହ୍ଲାମଣି ମାରାଣ୍ଡି, କାରିଗର ରାକେଶ ବେହେରା, ଅରୁଣ ବାରିକ ସହ ୩୦ରୁ ଊର୍ଦ୍ଧ୍ୱ ଜଉକଣ୍ଢେଇ ଶିଳ୍ପୀ ଯୋଗ ଦେଇଥିଲେ।

# ନିଶାରେ କହିଦେଲେ ମୃତ୍ୟୁ ରହସ୍ୟ

## ୫ ମାସ ପରେ ମିଳିଲା ସନାତନଙ୍କ କଙ୍କାଳ

▪ ଶିକାରୀଙ୍କ ବାରୁହା ଫାଶରେ ଯାଇଥିଲା ଜୀବନ
▪ ଜଙ୍ଗଲରେ ମୃତଦେହ ପୋତିଦେଇଥିଲେ ଅଭିଯୁକ୍ତ

ପରଜଙ୍ଗ, ୩୦।୩(ଡି.ଏନ.ଏ.)
ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ବାଲିପଶି ଗ୍ରାମର ନିଖୋଜ ସନାତନ ବେହେରା (୪୫)ଙ୍କ କଙ୍କାଳ ୫ ମାସ ପରେ ସ୍ଥାନୀୟ ଜଙ୍ଗଲରୁ ଠାବ କରାଯାଇଛି। ଶିକାରୀଙ୍କ ବାରୁହା ଫାଶରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ଅପରାଧ ଲୁଚାଇବାକୁ ଯାଇ ମୃତଦେହ ପୋତି ଦେଇଥିଲେ। ତେବେ ଶିକାରୀଙ୍କ ସର୍ଦ୍ଦାର ତଥା କେନ୍ଦୁପଶି ଗ୍ରାମର ସଞ୍ଜୟ ଦେହୁରୀ ନିଶାସକ୍ତ ଅବସ୍ଥାରେ ମୃତକଙ୍କ ସ୍ତ୍ରୀଙ୍କ ସମ୍ମୁଖରେ ସତ ବଖାଣିଦେବା ପରେ ଏହାର ରହସ୍ୟ ଉନ୍ମୋଚିତ ହୋଇଛି। ଏହି ଘଟଣାରେ ଗୁରୁବାର ସଞ୍ଜୟ ଏବଂ ବାଲିପଶି ଗ୍ରାମର ପିଲୁ ସେଠୀଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ନଭେମ୍ବରରୁ ସନାତନ ନିଖୋଜ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ରୀନା ସାଆନ୍ଦା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଏଥିସହ ଦୁଇ ପୁଅଙ୍କୁ ଧରି ନିଜ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଥିଲେ। ଗତ ମାର୍ଚ୍ଚ ୧୧ରେ ବାଲିପଶି ଗ୍ରାମରେ ଦୋଳଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତ ସଞ୍ଜୟ ନିଶାସକ୍ତ ଅବସ୍ଥାରେ ସନାତନଙ୍କ ଘରେ ପହଞ୍ଚି ରୀନାଙ୍କୁ କାହିଁକି ଆଉ ଶଙ୍ଖା ସିନ୍ଦୂର ପିନ୍ଧିଛ ବୋଲି କହିଥିଲେ।



ପୋଲିସ ହେପାଜତରେ ଅଭିଯୁକ୍ତ ସଞ୍ଜୟ ଦେହୁରୀ।



ମୃତ ସନାତନ ବେହେରା।

ଏହା ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସେ କୌଶଳକ୍ରମେ ଅଭିଯୁକ୍ତଙ୍କଠାରୁ ସତ ଆଦାୟ କରିନେଇଥିଲେ ଏବଂ ଏହାପରେ ସାଆନ୍ଦା ଫାଣ୍ଡିର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ରୀନାଙ୍କ ଅଭିଯୋଗ ଆଧାରରେ ପୋଲିସ ସଞ୍ଜୟ ଏବଂ ପିଲୁଙ୍କୁ ଗିରଫ କରିଛି। ଜେରା ବେଳେ ଅଭିଯୁକ୍ତ ଅପରାଧ ସ୍ୱୀକାର କରିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ବୟାନ ଆଧାରରେ ଜଙ୍ଗଲରୁ ମୃତ ସନାତନଙ୍କ କଙ୍କାଳ ଠାବ କରାଯାଇଥିଲା। ମାଜିଷ୍ଟ୍ରେଟ୍ ଭାବେ ପରଜଙ୍ଗ ତହସିଲଦାର ସିରିୟାଲ ଶୁଭ୍ର ପଟେଲ, ଏସ୍‌ଡିପିଓ ରଞ୍ଜନ କୁମାର ଦେ ଉପସ୍ଥିତ ଥିଲେ। ଜିଲା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି।

### ଅଭିଯୁକ୍ତ ସଞ୍ଜୟ ପେସାଦାର ଶିକାରୀ

ସନାତନ ବେହେରା ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ସଞ୍ଜୟ ଦେହୁରୀ ଜଣେ ପେସାଦାର ଶିକାରୀ। ସେ ବାଲିପଶି ହରିଡ଼ାଯୋଡ଼ି ନିକଟରେ ୧୧ କେଭି ଖୁଣ୍ଟିରୁ ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରୁଥିଲେ। ମୃତ ବନ୍ୟପ୍ରାଣୀଙ୍କ ମାଂସ ବିକ୍ରିକରି ହଜାର ହଜାର ଟଙ୍କା କମାଉଥିଲେ। ଏହି କାର୍ଯ୍ୟରେ ତାଙ୍କୁ ଅନ୍ୟ କେତେଜଣ ସହଯୋଗ କରୁଥିଲେ। ହେଲେ ମାଂସଲୋଭୀ ଶିକାରୀଙ୍କ ଫାଶରେ ପଡ଼ି ଏକ ନିରୀହ ଜୀବନ ଚାଲିଯିବା ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟପଟେ ଅଞ୍ଚଳରେ ବନ୍ୟପ୍ରାଣୀ ଶିକାରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ପୋଲିସ ତାଲିକା ପ୍ରସ୍ତୁତ କରୁଛି। ଖୁବ୍‌ଶୀଘ୍ର ଧରପଗଡ଼ ଆରମ୍ଭ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ୧୬ ଓଏପିଏସ୍ ଅଧିକାରୀଙ୍କୁ ପଦୋନ୍ନତି

କଟକ ଅଫିସ,୩୦।୩
ବଦଳି କମିଟି ନିଷ୍ପତ୍ତି ଆଧାରରେ ରାଜ୍ୟ ଗୃହ ବିଭାଗର ବିଜ୍ଞପ୍ତି ଅନୁଯାୟୀ ୧୬ ଜଣ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଡେପୁଟି କମାଣ୍ଡାଣ୍ଟ ଭାବେ ପଦୋନ୍ନତି ମିଳିଛି। ଓଡ଼ିଶା ସଶସ୍ତ୍ର ପୋଲିସ ସେବା (ଓଏପିଏସ୍)ର ଏହି ଅଧିକାରୀଙ୍କୁ ବଦଳି କରାଯାଇ ନୂତନ ସ୍ଥାନରେ ନିଯୁକ୍ତି ଦିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ପ୍ରଦୀପ୍ତ କୁମାର ରାଉତଙ୍କୁ ଭୁବନେଶ୍ୱରରୁ କନ୍ଧମାଳ, ଆନନ୍ଦ ଚନ୍ଦ୍ର ନାୟକଙ୍କୁ ଭୁବନେଶ୍ୱରରୁ କଟକ ପୋଲିସ ମୁଖ୍ୟାଳୟ, ମନୋଜ କୁମାର ନାୟକଙ୍କୁ କୋରାପୁଟରେ ଅପରିବର୍ତ୍ତିତ, ସୁବାସ ଚନ୍ଦ୍ର ମାଝିଙ୍କୁ ଭୁବନେଶ୍ୱରରୁ କୋରାପୁଟ, ଦିଲ୍ଲୀପ କୁମାର ସାହୁଙ୍କୁ ଝାରସୁଗୁଡ଼ାରୁ ବୁର୍ଲା, ଅରୁଣ କୁମାର ବେହେରାଙ୍କୁ କନ୍ଧମାଳରୁ ବାରିପଦା, ସୁଶାନ୍ତ କୁମାର ସାଥୁଆଙ୍କୁ କଟକରୁ କୋରାପୁଟ, ଲଳିତେନ୍ଦୁ ମହାନ୍ତିଙ୍କୁ ଭୁବନେଶ୍ୱର ୭ମ ବାଟାଲିୟନରୁ ଓଆଇଏସ୍‌ଏଫ୍, ଲଳିତ କୁମାର ବାଘଙ୍କୁ ବୌଦ୍ଧରୁ ଭଞ୍ଜନଗର, ଶିବନାରାୟଣ ନାୟକଙ୍କୁ ଭଞ୍ଜନଗରରୁ ଝାରସୁଗୁଡ଼ା, ଦୀପକ କୁମାର ଗଡ଼ନାୟକଙ୍କୁ କୋରାପୁଟରୁ କଳିଙ୍ଗନଗର, ଅଶୋକ କୁମାର ବିଶ୍ୱାଳଙ୍କୁ ଭୁବନେଶ୍ୱର ଏସ୍‌ଓଜିରୁ ବିପିଏସ୍‌ପିଏ, ସଞ୍ଜୀବ କୁମାର ଲାକ୍ରାଙ୍କୁ କୋରାପୁଟରୁ ରାୟଗଡ଼ା, ଅଦ୍ୱୈତ କୁମାର ପ୍ରଧାନଙ୍କୁ ଭୁବନେଶ୍ୱର ଏସ୍‌ଓଜିରୁ ୭ମ ବାଟାଲିୟନ, ରଜତ କୁମାର କେରକେଟ୍ଟାଙ୍କୁ ଭୁବନେଶ୍ୱର ସିକ୍ୟୁରିଟି ଉଇଙ୍ଗରୁ ମାଲକାନଗିରି (ଡେପୁଟେଶନରେ ଭୁବନେଶ୍ୱର) ଏବଂ ଜୋହନ୍ ଏକ୍କାଙ୍କୁ କଳିଙ୍ଗନଗରରୁ କୋରାପୁଟକୁ ବଦଳି କରାଯାଇଥିବା ଜଣାପଡିଛି।

### ଅପହରଣ ପରେ ବଳାତ୍କାର, ଯୁବକ କୋର୍ଟ ଚାଲାଣ

ଗୋପାଳପୁର,୩୦।୩(ଡି.ଏନ.ଏ.)
ଜନୈକା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦରଥାନା ଅଧିନସ୍ଥ ଢ଼େଙ୍ଗାପଦର ଗ୍ରାମର ନରସିଂହ ନାୟକ (୨୮)। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ଏକ ଗ୍ରାମରେ ମାର୍ଚ୍ଚ ୪ ରେ ଜନୈକା ନାବାଳିକା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ପରୀକ୍ଷା ଦେବାପାଇଁ ଯାଇ ଘରକୁ ଫେରିନଥିଲେ। ନିରସିଂହ ଉକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରି ନେଇଯାଇଥିଲେ। ପରିବାର ଲୋକେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଓ ନରସିଂହ ଭୁବନେଶ୍ୱରରେ ଥିବା ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ ଯୋଗେ ଗୁରୁବାର ସକାଳେ ସେଠାରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ନରସିଂହଙ୍କୁ ଗିରଫ କରିଥିଲା। ମଧ୍ୟାହ୍ନରେ ଉଭୟଙ୍କୁ ଡ଼ାକ୍ତରୀ ମାଇନା କରିବା ପରେ ନରସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୧୬୪ ଧାରା ଅନୁସାରେ ବିଚାରପତି ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ଼ କରାଯାଇଛି।

### ତେଜିଲା ଜିଲା ଗଠନ ଦାବି

#### ୧୦ରେ ରାଇରଙ୍ଗପୁର ବନ୍ଦ

ରାଇରଙ୍ଗପୁର,୩୦।୩(ଡି.ଏନ.ଏ)
ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ବୁଧବାର ସ୍ଥାନୀୟ ପିସିଏମ୍ କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଗଠନ ଦାବି ସମ୍ପର୍କୀତ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ନୂତନ ଜିଲା ଗଠନ ଦାବି ନେଇ ଆସନ୍ତା ଏପ୍ରିଲ ୧୦ ତାରିଖରେ ରାଇରଙ୍ଗପୁର ସବଡିଭିଜନରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗଦେଇଥିଲେ।

### ବଜ୍ରପାତରେ ୫ ମୃତ୍ୟୁ ଖବର: ସତ୍ୟତାକୁ ନେଇ ଉଠିଲା ପ୍ରଶ୍ନ

#### ଅସ୍ୱୀକାର କଲେ ଅଧିକାରୀ

ବାସୁଦେବପୁର, ୩୦।୩ (ଡି.ଏନ.ଏ.)
ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରେ ବୁଧବାର ଅପରାହ୍ନରେ ଘନ ଘନ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। କିଛି ଘଣ୍ଟା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବାସୁଦେବପୁରରେ ମାତ୍ର ୩୦ ମିନିଟ୍‌ରେ ସର୍ବାଧିକ ୫୪୦୦ ଥର ବିଜୁଳି ମାରିଥିବା ବେଳେ ଏଥିରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ସନ୍ଧ୍ୟାରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଶେଷଜ୍ଞ ସୂଚନା ଦେଇଥିଲେ। ଉକ୍ତ ତଥ୍ୟ ଆଧାରରେ ବାସୁଦେବପୁର ଅଞ୍ଚଳରେ ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଖବର ବିଭିନ୍ନ ଚ୍ୟାନେଲରେ ବ୍ରେକିଂ ନ୍ୟୁଜ୍ ପାଲଟିଥିଲା। ଏହି ଖବର ପ୍ରସାରଣ ପରେ ବାସୁଦେବପୁରରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ମାତ୍ର ଏହାର ସତ୍ୟତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପ୍ରକୃତରେ ବୁଧବାର ଏହି ଅଞ୍ଚଳରେ ବଜ୍ରପାତଜନିତ ମୃତ୍ୟୁ ଘଟିନାହିଁ। ବିନା ଆଧାରରେ ଏପରି ତଥ୍ୟ ସମ୍ବଳିତ ଖବର ପ୍ରସାରଣକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଖବର ସମ୍ପର୍କରେ ସତ୍ୟତା ଜାଣିବା ପାଇଁ ବାସୁଦେବପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ଡାକ୍ତରଖାନା, ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ ଦପ୍ତରରେ ଭିଡ଼ ଜମାଇଥିଲେ। ଏଥିସହ ବିଭିନ୍ନ ଗ୍ରାମ ସ୍ତରରେ ଥିବା ଲୋକପ୍ରତିନିଧି ଓ ଗ୍ରାମବାସୀଙ୍କଠାରୁ ଏ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ଉଦ୍ୟମ ଜାରି ରଖିଥିଲେ। ଏ ସମ୍ପର୍କରେ ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ୫ ଜଣଙ୍କ ମୃତ୍ୟୁ ଖବର ଶୁଣିବା ପରେ ସତ୍ୟାସତ୍ୟ ଜାଣିବା ପାଇଁ ସମସ୍ତ ଆର୍‌ଆଇ ସର୍କଲକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେବେ ଏ ବିଷୟରେ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ଖବରଟି ସମ୍ପୂର୍ଣ୍ଣ ମିଥ୍ୟା। ବିଡିଓ ସତ୍ୟଜିତ ରାଉତ କହିଛନ୍ତି, ବାସୁଦେବପୁରରେ ବଜ୍ରପାତଜନିତ ମୃତ୍ୟୁ ସମ୍ପର୍କିତ କୌଣସି ଖବର ତାଙ୍କର ହସ୍ତଗତ ହୋଇନାହିଁ। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତ କହିଛନ୍ତି, ବୁଧବାର ବଜ୍ରପାତରେ ମୃତ ବ୍ୟକ୍ତିଙ୍କ ମୃତଦେହ ଏହି ଡାକ୍ତରଖାନାକୁ ଆସିନାହିଁ। ସେହିପରି ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କୁ ପଚାରିବାରୁ ଏ ସମ୍ପର୍କିତ ସୂଚନା ତାଙ୍କ ପାଖରେ ନାହିଁ ବୋଲି କହିଥିଲେ। ଏସ୍‌ଡିପିଓ ସୌରଭ ଓତା ମଧ୍ୟ ଅନୁରୂପ ମତ ରଖି ବୁଧବାର ବଜ୍ରପାତଜନିତ ମୃତ୍ୟୁ ଖବରକୁ ଅସ୍ୱୀକାର କରିଛନ୍ତି।




ଆଦାନୀ କେଳେଙ୍କାରୀର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ ଦାବି ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦକୁ ଅଯୋଗ୍ୟ ଘୋଷଣା ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

### ୨୦ ମିନିଟ୍ ପବନରେ ୩୦ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

ଯାଜପୁର ଅଫିସ,୩୦।୩
ଯାଜପୁର ଜିଲା ବ୍ୟାସନଗର ସହରରେ ଗୁରୁବାର ଅପରାହ୍ନ ସାଢେ ୪ଟାରେ ପ୍ରାୟ ୨୦ ମିନିଟ ପବନରେ ୩୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ୧୯୯୯ ମହାବାତ୍ୟା ଭଳି ପ୍ରବଳ ବେଗରେ ପବନ ବୋହିବାରୁ ସହରର ଛିନଭିନ ହୋଇ ପଡିଛି। ପାଣିପାଗ ବିଭାଗର କୌଣସି ପୂର୍ବାନୁମାନ ନ ଥିବାରୁ ସହରବାସୀ ନାହିଁ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ସରବରାହ ଶୁକ୍ରବାର ସନ୍ଧ୍ୟା ପରେ ସ୍ୱାଭାବିକ ହେବ ବୋଲି ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଏଭଳି ସ୍ଥିତିରେ ସହରବାସୀ ପାଣି ବାଲ୍‌ଟିଏ ପାଇଁ ହଇରାଣ ହେଉଛନ୍ତି । ପ୍ରବଳ ବେଗରେ ପବନ ବୋହିବା ଯୋଗୁ ସହରର ଦଳାଛକଠାରୁ ଜହ୍ନା ପର୍ଯ୍ୟନ୍ତ ପ୍ରାୟ ୧୦ଟି ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରେ ଶୋଇ ପଡିଛି। ଏହି ରାସ୍ତାରେ ଥିବା ରିଲାଏନ୍ସ ଘର ସହ ଅନ୍ୟାନ୍ୟ ଦୋକାନ ଗୃହରେ ଫାଟ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଲେଖା ହେବାଯାଏ ଏହି ବ୍ୟସ୍ତବହୁଳ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏହାବାଦ୍ ଇନ୍ଦିରା ଗାନ୍ଧୀ ମହିଳା କଲେଜ ଓ ଶଙ୍ଖଚିଲା ରାସ୍ତାରେ ପ୍ରାୟ ୧୫ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି। ସହରର ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ପଡି ଯାଇଛି। ଗୁରୁବାର ଅପରାହ୍ନ ୪ଟା ପୂର୍ବରୁ ପାଗ ଅନୁକୂଳ ଥିଲେ ହେଁ ଦିନସାରା ବିଦ୍ୟୁତ୍ ସରବରାହ ପ୍ରାୟ ବନ୍ଦ ଥିଲା। ଏଭଳି ସ୍ଥିତିରେ ୱାଟ୍‌କୋ ପକ୍ଷରୁ ଜଳଯୋଗାଣ ହୋଇ ପାରି ନ ଥିଲା। ଫଳରେ ପ୍ରାୟ ଦେଢ ଲକ୍ଷ ସହରବାସୀ ପାଣି ଅପେକ୍ଷାରେ ରହିଥିଲେ। ତେଣୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ୱାଟ୍‌କୋ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ନ କଲେ ପରିସ୍ଥିତି ସାଂଘାତିକ ହେବ ବୋଲି ମତପ୍ରକାଶ ପାଇଛି।



ରାସ୍ତା ଉପରେ ଭାଙ୍ଗି ପଡିଥିବା ବିଦ୍ୟୁତ୍ ଖୁଣ୍ଟ ।

## ସୋନପୁର ସବୁଠୁ ଉତ୍ତପ୍ତ

▪ ୩୫ ଡିଗ୍ରୀ ଉପରେ ୨୪ ସହର
▪ ସାରା ରାଜ୍ୟରେ ଝଡ଼ବର୍ଷା ନେଇ ସତର୍କତା ଜାରି



ଭୁବନେଶ୍ୱର,୩୦।୩(ବ୍ୟୁରୋ)
ରାଜ୍ୟରେ କାଳବୈଶାଖୀ ସହ ତାତି ଅସମ୍ଭାଳ ହେବାରେ ଲାଗିଛି। ଗୁରୁବାର ପଶ୍ଚିମ ତଥା ଆଭ୍ୟନ୍ତରୀଣ କିଛି ଜିଲାରେ ବର୍ଷା ହୋଇଥିଲେ ମଧ ୨୪ ସହରରେ ପାରଦ ୩୫ ଡିଗ୍ରୀ ଉପରେ ଓ ୭ ସ୍ଥାନରେ ୩୭ ଡିଗ୍ରୀ ଟପିଥିଲା। ତେବେ ୩୮.୭ ଡିଗ୍ରୀ ସହ ସୋନପୁରରେ ସର୍ବାଧିକ ଉତ୍ତପ୍ତ ସହର ପାଲଟିଥିବାବେଳେ ବୌଦ୍ଧ ଓ ଝାରସୁଗୁଡ଼ାରେ ପାରଦ ୩୮ ଡିଗ୍ରୀ ଛୁଇଁଥିଲା। ଶୁକ୍ରବାରଠାରୁ ରାଜ୍ୟରେ ଆଉଏକ ପଶ୍ଚିମା ଝଡ଼ର ପ୍ରଭାବ ନଜରକୁ ଆସିବ। ତେଣୁ ଏନେଇ ସତର୍କ କରାଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏହାର ମୁଖ୍ୟ ଏଚ୍.ଆର୍.ବିଶ୍ୱାସ କହିଛନ୍ତି, ଆସନ୍ତା ୩ ତାରିଖ ଯାଏ ରାଜ୍ୟରେ ପାଗ ପରିବର୍ତ୍ତନ ହେବାର କୌଣସି ସମ୍ଭାବନା ନାହିଁ। ତେବେ ୨ ତାରିଖରେ ଉତ୍ତର ଉପକୂଳବର୍ତ୍ତୀ ଜିଲାରେ ପଶ୍ଚିମାଝଡ଼ ପ୍ରଭାବ ଦେଖିବାକୁ ମିଳିବ। ବର୍ତ୍ତମାନ ଏକ ନିମ୍ନଚାପ ରେଖା ଉତ୍ତର ମଧ୍ୟପ୍ରଦେଶର କେନ୍ଦ୍ରରୁ ବାହାରି ଉତ୍ତର ଛତିଶଗଡ଼, ଦକ୍ଷିଣ ତାମିଲନାଡୁ ହୋଇ ବିଦର୍ଭ, ମରାଠା ଓ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଯାଏ ସମୁଦ୍ର ପତ୍ତନରୁ ୦.୯କି.ମି. ଉପରେ ପରିବ୍ୟାପ୍ତ ରହିଛି। ସେହିପରି ଆଉଏକ ନିମ୍ନଚାପ ରେଖା ପଶ୍ଚିମବଙ୍ଗ ସବ୍-ହିମାଳୟନଠାରୁ ବାହାରି ଉତ୍ତର ଓଡ଼ିଶା ହୋଇ ବଙ୍ଗୋପସାଗର ଯାଏ ସମୁଦ୍ର ପତ୍ତନର ୦.୯ କିମି ଉପରେ ବ୍ୟାପିଛି। ଏହା ପ୍ରଭାବରେ ଆସନ୍ତା ୩ ତାରିଖ ଯାଏ ରାଜ୍ୟରେ ବର୍ଷା ସହ ଅନେକ ସ୍ଥାନରେ ବିଜୁଳି ସହ ଘଡ଼ଘଡ଼ିର ସମ୍ଭାବନା ରହିଛି। ବାଲେଶ୍ୱର ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢ଼େଙ୍କାନାଳ, କଟକ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ, ମୟୁରଭଞ୍ଜ, କନ୍ଧମାଳ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ପବନ ହୋଇପାରେ। ଏନେଇ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ନୂଆପଡ଼ା ଆଦି ଜିଲାକୁ ମଧ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏପ୍ରିଲ୍ ୧ରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ଝଡ଼ବର୍ଷା ହେବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଢ଼େଙ୍କାନାଳ, କଟକ, ଜଗତ୍‌ସିଂହପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜରେ ପ୍ରବଳ ବର୍ଷା ପବନ ସହ ଘଡ଼ଘଡ଼ି ବିଜୁଳି ମାରିପାରେ। ଏସବୁ ଜିଲାଗୁଡ଼ିକ ସମେତ ପୁରୀ, ଖୋର୍ଦ୍ଧା, ନୟାଗଡ଼,ଗଞ୍ଜାମ, ଗଜପତି, ବଡ଼ଗଡ଼, ସମ୍ବଲପୁର, ଦେବଗଡ଼ ଓ ବୌଦ୍ଧ ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୨ ତାରିଖରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଜୁଳି ଓ ଘଡ଼ଘଡ଼ି ଆଶଙ୍କା ରହିଥିବାରୁ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ଢ଼େଙ୍କାନାଳ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟକୁ ସତର୍କ କରାଯାଇଛି। ୨ ଓ ୩ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବର୍ଷା ହୋଇପାରେ। ସେହିପରି ୩ରୁ ୪ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶା ସହ ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ବର୍ଷା ହେବାର ସମ୍ଭାବନା ରହିଛି।

## ଶାଓମି ଇଣ୍ଡିଆ ସହ ଭିଁର ସହଭାଗିତା

ନୂଆଦିଲ୍ଲୀ: ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଶାଓମି ଇଣ୍ଡିଆ ସହ ଭୋଡାଫୋନ୍-ଆଇଡିଆ (ଭିଁ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସ୍ଥାପନ କରାଯାଇଛି। ବିଶେଷକରି ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ୫ଜି ଅନୁଭୂତି ପ୍ରଦାନ କରିବା ଲାଗି ଉକ୍ତ ବୁଝାମଣା ହୋଇଥିବା ଜଣାପଡ଼ିଛି। ସେହିଭଳି ଭିଁ ୫ଜିରେ ଶାଓମି ଓ ରେଡ୍‌ମିର ୧୮ପ୍ରକାର ଡିଭାଇସକୁ ପରୀକ୍ଷା ସହ ଏଫ୍‌ଓଟିଏ ଅପ୍‌ଡେଟ୍ ପରେ ଏହା ନେଟ୍‌ୱର୍କକୁ ସମର୍ଥନ କରିବ। ବିଶେଷକରି ଭିଁ ପକ୍ଷରୁ ବାଣିଜ୍ୟିକ ଭାବେ ୫ଜି ସେବା ଆରମ୍ଭ କରାଯିବା ପରେ ଗ୍ରାହକମାନଙ୍କୁ କେବଳ ପ୍ରିଫରଡ୍ ନେଟ୍‌ୱର୍କ ସେଟିଂକୁ ୪ଜିରୁ ୫ଜିକୁ ବଦଳାଇବାକୁ ପଡ଼ିବ।

# ଏମ୍‌ଏଏଚ୍‌ଏସ୍‌ଆର୍ ପ୍ରକଳ୍ପକୁ ୧୮,୭୫୦ କୋଟି ଦେବ ଜିକା

ନୂଆଦିଲ୍ଲୀ,୩୦।୩



ଦେଶର ବୁଲେଟ୍ ଟ୍ରେନ ପ୍ରକଳ୍ପର ଅଗ୍ରଗତି ପାଇଁ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଶନ ଏଜେନ୍ସି (ଜେଆଇସିଏ) ଅଫିସିଆଲ୍ ଡେଭଲପମେଣ୍ଟ ଆସିଷ୍ଟାଣ୍ଟ (ଓଡିଏ) ଜରିଆରେ ଭାରତକୁ ୩୦୦ ବିଲିୟନ ୟେନ୍ (ଭାରତୀୟ ମୁଦ୍ରାରେ ପ୍ରାୟ ୧୮,୭୫୦ କୋଟି ଟଙ୍କା ) ଋଣ ଆକାରରେ ଯୋଗାଇଦେବ ବୋଲି ସୂଚନା ମିଳିଛି। ଏ ନେଇ ଉଭୟ ଭାରତ ଓ ଜାପାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି। ବିଶେଷକରି ମୁମ୍ବାଇ-ଅହମଦାବାଦ ହାଇସ୍ପିଡ୍ ରେଳ (ଏମ୍‌ଏଏଚ୍‌ଏସ୍‌ଆର୍) ପ୍ରକଳ୍ପର ଅଗ୍ରଗତି ହୋଇପାରିବ ବୋଲି କୁହାଯାଉଛି। ଏପରିକି ଏମ୍‌ଏଏଚ୍‌ଏସ୍‌ଆର୍ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ପାଇଁ ଉକ୍ତ ପରିମାଣର ଅର୍ଥରାଶି ଜାପାନ ଋଣ ଆକାରରେ ଯୋଗାଇଦେବ। ଏ ନେଇ ମଧ୍ୟ ଉଭୟ ଭାରତ ଓ ଜାପାନ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ଉଭୟ ପକ୍ଷରୁ କୁହାଯାଇଛି। ସେହିଭଳି ଏକ ଏକକ ପ୍ରକଳ୍ପ ନିର୍ମାଣ ପାଇଁ ଜିକା ଦ୍ୱାରା ଦିଆଯାଇଥିବା ଉକ୍ତ ଋଣ ଜିକା ଇତିହାସରେ ଏକ ବିରଳ ରେକର୍ଡ ହୋଇଥିବା ବେଳେ ବିଶ୍ୱର ସର୍ବାଧିକ ଋଣ ମଞ୍ଜୁର ବୋଲି ଉକ୍ତ ଜାପାନୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷରେ ଭାରତୀୟ ଅର୍ଥନୀତି ବ୍ୟାପାର ବିଭାଗ ଓ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ମୁଖ୍ୟ ରଜତ କୁମାର ମିଶ୍ର ଓ ଜିକା ଭାରତ ପ୍ରତିନିଧି ମୁଖ୍ୟ ସାଇତୋ ମିତ୍‌ସୁନୋରୀଙ୍କ ମଧ୍ୟରେ ଉକ୍ତ ରାଜିନାମା ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ବିଶେଷକରି ଏମ୍‌ଏଏଚ୍‌ଏସ୍‌ଆର୍ ପ୍ରକଳ୍ପ ଜାପାନ-ଭାରତ ସହଯୋଗରେ ଏକ ପ୍ରତୀକ ବୋଲି ମିତ୍‌ସୁନୋରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୧୭ ଠାରୁ ଜିକା ମୁମ୍ବାଇ ଅହମଦାବାଦ ବୁଲେଟ ଟ୍ରେନ୍ ପ୍ରକଳ୍ପକୁ ବିଭିନ୍ନ ଦିଗରେ ସହଯୋଗ କରି ଆସୁଛି। ଉକ୍ତ ପ୍ରକଳ୍ପ ପାଇଁ ଜାପାନୀ ସଂସ୍ଥା ପ୍ରାୟ ୬୫୦ବିଲିୟନ ୟେନ୍ (୪୦,୬୨୬ କୋଟି ଟଙ୍କା ) ଦେବ ପୂର୍ବରୁ ବୋଲି ଘୋଷଣା କରିଛି। ସେହିପରି ଉକ୍ତ ପ୍ରକଳ୍ପ ପାଇଁ (ଏନ୍‌ଏଚ୍‌ଏସ୍‌ଆର୍‌ସିଏଲ୍) ହିନ୍ଦୁସ୍ଥାନ କନ୍‌ଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡ୍ ଓ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ଅଣ୍ଡର ଗ୍ରାଉଣ୍ଡ କରିଡର ନିର୍ମାଣ ପାଇଁ ୩,୬୮୧ କୋଟି କଣ୍ଟ୍ରାକ୍ଟ ଦେଇଛି।

## ଓକାୟା ଇଭିକୁ ପର୍ଯ୍ୟାୟ ୨ପ୍ରମାଣପତ୍ର

ନୂଆଦିଲ୍ଲୀ,୩୦।୩

ଦେଶର ପ୍ରମୁଖ ୨ଚକିଆ ବୈଦ୍ୟୁତିକ ଯାନ ନିର୍ମାତା 'ଓକାୟା ଇଲେକ୍ଟ୍ରିକ ଭେଇକିଲ(ଇଭି)ର ଏଆଇଏସ୍ ୧୫୬ ସଂଶୋଧନ ୩ୟ ପର୍ଯ୍ୟାୟର ୨ୟ ପ୍ରମାଣପତ୍ର ହାସଲ କରିଛି। ବିଶେଷକରି ଏଆଇଏସ୍ ୧୫୬ ୩ପର୍ଯ୍ୟାୟର ୨ସାର୍ଟିଫିକେଟ୍ ସହିତ ଓକାୟା ଇଭି ବର୍ତ୍ତମାନ ୨ ଚକିଆ ସେଗ୍‌ମେଣ୍ଟରେ ପ୍ରଥମ ଇଭି ନିର୍ମାତାମାନଙ୍କ ମଧ୍ୟରୁ ଜଣେ ହୋଇପାରିଛି। ଏ ସମ୍ପର୍କରେ ଓକାୟା ଇଲେକ୍ଟ୍ରିକ୍ ଭେଇକିଲ୍ସର ପରିଚାଳନା ନିର୍ଦ୍ଦେଶକ ଅନଶୁଲ ଗୁପ୍ତା କହିଛନ୍ତି, ଆମ ପାଇଁ ଗ୍ରାହକଙ୍କ ସୁରକ୍ଷା ହେଉଛି ମୂଳ ପ୍ରାଥମିକତା। ଏପରିକି ଏଆଇଏସ୍ ୧୫୬ ସଂଶୋଧନର ୩ୟ ପର୍ଯ୍ୟାୟର ୨ପ୍ରମାଣପତ୍ର ଗ୍ରହଣ କରିବା ଗ୍ରାହକମାନଙ୍କୁ ସୁରକ୍ଷିତ ଏବଂ ପ୍ରିମିୟମ ଇଲେକ୍ଟ୍ରିକ୍ ଯାନ ଯୋଗାଇବା ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ଆଇଆଇଟି ଭୁବନେଶ୍ୱର ସହ ଇଣ୍ଡିଆନ ବ୍ୟାଙ୍କର ଚୁକ୍ତିନାମା




ଭୁବନେଶ୍ୱର,୩୦।୩

ଇଣ୍ଡିଆନ ବ୍ୟାଙ୍କ ଓ ଆଇଆଇଟି,ଭୁବନେଶ୍ୱର ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ଏପରିକି ସ୍ଥାନୀୟ ଜଟଣୀସ୍ଥିତ ଆଇଆଇଟି,ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ବିଶେଷକରି ଉକ୍ତ ଚୁକ୍ତିନାମା ଅନୁସାରେ ଉଦ୍ୟୋଗୀ ହେବା ପାଇଁ ଇଚ୍ଛା ପ୍ରକାଶ କରୁଥିବା ଆଇଆଇଟି ଭୁବନେଶ୍ୱରର ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ଷ୍ଟାର୍ଟଅପ୍ ଓ ଏମ୍‌ଏସ୍‌ଏମ୍‌ଇ ଜରିଆରେ ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ସହ ସିଜିଟିଏମ୍‌ଏସ୍‌ଇ ମାଧ୍ୟମରେ ୨କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବା ବ୍ୟବସ୍ଥା ଥିବା ଉଭୟ ପକ୍ଷରୁ କୁହାଯାଇଛି।

# ଏମ୍‌ଆଇର ଅଫିସିଆଲ ପାର୍ଟନର ଆର୍‌ଡି

digital
PERSONALISING TECHNOLOGY

ମୁମ୍ବାଇ,୩୦।୩: ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ ବ୍ରାଣ୍ଡ୍ ରିଲାଏନ୍ସ ଡିଜିଟାଲ (ଆର୍‌ଡି) ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପ୍ରମୁଖ ଟିମ୍ ମୁମ୍ବାଇ ଇଣ୍ଡିଆନ (ଏମ୍‌ଆଇ)ର ଅଫିସିଆଲ ପାର୍ଟନର ଭାବେ ସାମିଲ ହୋଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ୍ ଏମ୍‌ଆଇର ପ୍ରଚାର ଓ ପ୍ରସାର ସାଙ୍ଗକୁ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷକରି ଭାରତରେ କ୍ରିକେଟର ଏକ ଅଲଗା ପ୍ରକାର ପରିବେଶ ରହିଥାଏ। ଫଳରେ ଆର୍‌ଡିର ବ୍ୟାପକ ଚ୍ୟାନେଲ ଓ ବିଭିନ୍ନ ସୋସିଆଲ ପ୍ଲାଟ୍‌ଫର୍ମରେ ଏମ୍‌ଆଇର ଖେଳାଳିଙ୍କୁ ଉତ୍ସାହିତ ପାଇଁ ବ୍ୟାପକ ସୁଯୋଗ ମିଳିବ। ଏପରିକି ଆବଶ୍ୟକ ସହଯୋଗ ମଧ୍ୟ ଆର୍‌ଡି ଯୋଗାଇ ଦେବ ବୋଲି ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଆର୍‌ଡି ପକ୍ଷରୁ ଆକର୍ଷଣୀୟ ସୁବିଧା ଓ ଅଫର ମଧ୍ୟ ଗ୍ରାହକଙ୍କ ପାଇଁ ସୀମିତ ସମୟ ଲାଗି ଉପଲବ୍ଧ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଏପ୍ରିଲ୧ରୁ ୯ ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର ସାଙ୍ଗକୁ ରିହାତି ପ୍ରଦାନ କରାଯାଉଛି।



ପତଞ୍ଜଳି ବିଶ୍ୱବିଦ୍ୟାଳୟର ନବନିର୍ମିତ ଭବନକୁ ଗୁରୁବାର ଆନୁଷ୍ଠାନିକଭାବେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକାର୍ପଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି,ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଅଛନ୍ତି।

# ଆଜି ଉଦ୍‌ଘାଟନ ହେବ ଏନ୍‌ଏମ୍‌ଏସିସି

ମୁମ୍ବାଇ,୩୦।୩

ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ ସେଣ୍ଟର(ଏନ୍‌ଏମ୍‌ଏସିସି)ର ଉଦ୍‌ଘାଟନ ଶୁକ୍ରବାର ହେବ ବୋଲି ସୂଚନା ମିଳିଛି। ମାର୍ଚ୍ଚ ୩୧ରେ ଦର୍ଶକମାନଙ୍କ ଲାଗି ଉକ୍ତ ସେଣ୍ଟର ଉଦ୍‌ଘାଟନ କରାଯିବ। ଏଥିପାଇଁ ଦିନ ସାରା ବିଭିନ୍ନ ଶୋ' ଆୟୋଜନ ହେବ। ସେଥିରେ ଦେଶ ବିଦେଶର କଳାକାର, ବଲିଉଡ୍ ଓ ହଲିଉଡ୍ ତାରକାମାନଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉକ୍ତ ସେଣ୍ଟର ଶୁଭାରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଗୁରୁବାର ରାମନବମୀ ଅବସରରେ ନୀତା ଅମ୍ବାନୀ କଲ୍‌ଚରାଲ ସେଣ୍ଟର ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି। କଲ୍‌ଚରାଲ୍ ସେଣ୍ଟର ଉଦ୍‌ଘାଟନୀ ଅବସରରେ ସ୍ୱଦେଶ ନାମକ ଏକ ସ୍ୱତନ୍ତ୍ର କଳା ଓ ଶିଳ୍ପ ପ୍ରଦର୍ଶନୀ ଆୟୋଜନ କରାଯିବ।

ଏ ସମ୍ପର୍କରେ ନୀତା ଅମ୍ବାନୀ କହିଛନ୍ତି, କଲ୍‌ଚରାଲ ସେଣ୍ଟର ସ୍ୱପ୍ନକୁ ସାକାର କରିବା ମୋ ପାଇଁ ଏକ ପବିତ୍ର ଯାତ୍ରା ଭଳି ଥିଲା। ଆମେ ଏଭଳି ଏକ ସ୍ଥାନ ପ୍ରସ୍ତୁତ କରିବାକୁ ଚାହୁଁଥିଲୁ ଯେଉଁଥିରେ ଆମ ସାଂସ୍କୃତିକ ପରମ୍ପରା ଆହୁରି ସମୃଦ୍ଧ ହେବ। ସିନେମା ହେଉ ଅଥବା ସଙ୍ଗୀତ, ନୃତ୍ୟ ହେଉ ଅଥବା ନାଟକ, ସାହିତ୍ୟ ହେଉ ଅଥବା ଲୋକକଥା, କଳା ହେଉ ଅଥବା ଶିଳ୍ପ, ବିଜ୍ଞାନ ହେଉ ଅଥବା ଅଧ୍ୟାତ୍ମ୍ୟ। କଲ୍‌ଚରାଲ ସେଣ୍ଟରରେ ଦେଶ ଓ ଦୁନିଆର ଉତ୍କୃଷ୍ଟ କଳା ପ୍ରଦର୍ଶନୀ ଆୟୋଜନ କରିବା ସମ୍ଭବ ହେବ। ଦୁନିଆର ସର୍ବଶ୍ରେଷ୍ଠ କଳା ଓ କଳାକାରମାନଙ୍କୁ ଭାରତକୁ ସ୍ୱାଗତ କରାଯିବ। ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ ସେଣ୍ଟରରେ ଶିଶୁ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କୁ ମାଗଣାରେ ପ୍ରବେଶ ଅନୁମତି ପ୍ରଦାନ କରାଯିବ। ସ୍କୁଲ କଲେଜର ଆଉଟ୍‌ରିଚ୍ ପ୍ରୋଗ୍ରାମ, କଳା ଶିକ୍ଷକମାନଙ୍କ ପୁରସ୍କାର କାର୍ଯ୍ୟକ୍ରମ, ଗୁରୁ ଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମ ଭଳି ସବୁ ପ୍ରକାର କାର୍ଯ୍ୟକ୍ରମ ସେଣ୍ଟରରେ ଆୟୋଜନ କରିବା ଉପରେ ଧ୍ୟାନ ଦିଆଯିବ।

# ଜୋନ୍ ସ୍ତରୀୟ କ୍ରେତା ବିକ୍ରେତା ସମ୍ମିଳନୀ

ଭୁବନେଶ୍ୱର,୩୦।୩

ଓଡ଼ିଶା ସରକାରଙ୍କ ଉପମତ୍ସ୍ୟ ନିର୍ଦ୍ଦେଶକ ପୁରୀ ଜୋନ୍‌ଙ୍କ ଆନୁକୂଲ୍ୟରେ ଏକ ଦିନିକିଆ କ୍ରେତା ବିକ୍ରେତା ସମ୍ମିଳନୀ ନିକଟରେ ଆୟୋଜିତ ହୋଇଯାଇଛି। ଏପରିକି ସ୍ଥାନୀୟ କୌଶଲ୍ୟାଗଙ୍ଗସ୍ଥିତ ଫିସ୍କୋଫେଡ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ସମ୍ମିଳନୀକୁ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ ଉଦ୍‌ଘାଟନ କରି କହିଥିଲେ, ମତ୍ସ୍ୟ ଉତ୍ପାଦନ ଦୃଷ୍ଟିରୁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଏପରିକି ମତ୍ସ୍ୟ ସମ୍ପଦର ବିକାଶ ସହ ସମ୍ପୃକ୍ତ ମତ୍ସ୍ୟଚାଷୀ ଓ ମହିଳା ଗୋଷ୍ଠୀ ଏବଂ ଉଦ୍ୟୋଗୀମାନଙ୍କ ଆର୍ଥିକ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଛି। ଅପରପକ୍ଷରେ କୃଷିବିଜ୍ଞାନ କେନ୍ଦ୍ର ପୁରୀର ପ୍ରମୁଖ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ ମାଛଚାଷ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ନ୍ୟାଶନାଲ ଫ୍ରେସ୍ ୱାଟର ଫିସ୍ ବୃଡ୍ ବ୍ୟାଙ୍କ କୌଶଲ୍ୟାଗଙ୍ଗର ମୁଖ୍ୟ ପରିଚାଳକ ଡ. ମାନସ କୁମାର ସିହ୍ନା ମାଛଚାଷର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ପୁରୀ ଜୋନ୍‌ର ଉପମତ୍ସ୍ୟ ନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡା କ୍ରେତା ବିକ୍ରେତା ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ମତ୍ସ୍ୟ କ୍ଷେତ୍ରର ବିକାଶ ନିମନ୍ତେ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡ଼ିକର ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦ୍ରଭାଗା ହ୍ୟାଚେରି ଜ୍ଞାନରଞ୍ଜନ ସାମଲ ଲାଭଜନକ ତିଳପିଆ ମାଛଚାଷ ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ପୁରୀ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାର ଅଗ୍ରଣୀ ମତ୍ସ୍ୟ ଚାଷୀ, ମହିଳା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ବ୍ୟାଙ୍କର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ଭୂଷଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲାବେଳେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସ୍ୱୀକୃତି ସ୍ୱରୂପା ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ମାଇଲ ଗୋଲ୍ଡର ୨ୟ ପୂର୍ତ୍ତି ଉତ୍ସବ

ଭୁବନେଶ୍ୱର,୩୦।୩




ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ସ୍ମାଇଲ ଗୋଲ୍ଡ ଜୁଏଲର୍ସର ଦ୍ୱିତୀୟ ପୂର୍ତ୍ତି ଉତ୍ସବ ଗୁରୁବାର ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ମାଇଲ ଗୋଲ୍ଡର ପରିଚାଳନା ନିର୍ଦ୍ଦେଶକ ଇଂ. ବାବୁରାମ ସ୍ୱାଇଁ ଏବଂ ସ୍ମାଇଲ ଗୋଲ୍ଡର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କ ପାଇଁ ସୁନାଗହଣା ଉପରେ ଶୂନ ଗଢ଼ା ମୂଲ୍ୟ (ଜିରୋ ମେକିଂ ଚାର୍ଜ) ସହ ହୀରା ଗହଣା, ରୁପା ଏବଂ ଜେମ୍‌ଷ୍ଟୋନ୍ ଓ ହାତଘଣ୍ଟା ଆଦି ଉପରେ ଆକର୍ଷଣୀୟ ଅଫର ଓ ରିହାତି ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ଦିଆଯାଉଥିବା ବେଳେ ହୀରା ଗହଣାର ଉପରେ ଫ୍ଲାଟ୍ ୨୫%ର ରିହାତି ଏବଂ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ଫ୍ଲାଟ୍ ୨୫% ରିହାତି ମିଳୁଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ପବିତ୍ର ରାମନବମୀରୁ ଉପରୋକ୍ତ ଅଫର ଚଳିତ ବର୍ଷର ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ତା' ସାଙ୍ଗକୁ ଗ୍ରାହକମାନଙ୍କ ପାଇଁ ଏକ ମେଗା ଲକି ଡ୍ର ସୁବିଧା ମଧ୍ୟ ରହିଛି। ଏପରିକି ପ୍ରତି ୨୦,୦୦୦ ଟଙ୍କାର କ୍ରୟ ଉପରେ ଏକ ଆକର୍ଷଣୀୟ ପୁରସ୍କାରର କୁପନ ମଧ୍ୟ ଗ୍ରାହକଙ୍କୁ ମିଳିବ। ଉକ୍ତ କୁପନଧାରୀ ଲକି ଡ୍ର ଜରିଆରେ ଆକର୍ଷଣୀୟ ସ୍ୱର୍ଣ୍ଣମୁଦ୍ରା, ଡାଇମଣ୍ଡ ପେଣ୍ଡାଣ୍ଟ, ହୀରା ମୁଦି, ଫାଷ୍ଟଟ୍ରାକ୍ ୱାଚ ଓ ମିକ୍ସର ଗ୍ରାଇଣ୍ଡର ଭଳି ଅନେକ ଉପହାର ଜିତିବାର ସୁଯୋଗ ପାଇପାରିବେ। ଅପରପକ୍ଷରେ ବିଭିନ୍ନ ସାମଗ୍ରୀର ଫ୍ରେମ୍ ଉପରେ ଫ୍ଲାଟ୍ ୨୫% ର ରିହାତି ଗ୍ରାହକମାନଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଉଛି।

# ଭୋଲା ଚଳଚ୍ଚିତ୍ର ସହ ପେଟ୍‌ସଫାର ରାଜିନାମା

ନୂଆଦିଲ୍ଲୀ,୩୦।୩




ଦେଶର ପ୍ରମୁଖ ଘରୋଇ କମ୍ପାନୀ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ବ୍ରାଣ୍ଡ୍ ପେଟସଫା ଓ ହିନ୍ଦୀ ଚଳଚ୍ଚିତ୍ର ଭୋଲା ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ହୋଇଥିବା ଜଣାପଡ଼ିଛି। ବିଶେଷକରି ବଲିଉଡ୍ ଅଭିନେତା ଅଜୟ ଦେବଗନଙ୍କ ନିର୍ଦ୍ଦେଶିତ ଭୋଲା ଏକ ଥ୍ରିଲର ଏବଂ ସସପେନ୍ସ ଭିତ୍ତିକ କାହାଣୀକୁ ନେଇ ଅଗ୍ରସର ହେଉଛି। ଉକ୍ତ ଚଳଚ୍ଚିତ୍ରରେ ବହୁ ବରିଷ୍ଠ ଓ ଅଭିଜ୍ଞ କଳାକାରମାନେ ଅଭିନୟ କରିଛନ୍ତି। ଏପରିକି ଉକ୍ତ ଚଳଚ୍ଚିତ୍ରର ପ୍ରସୋସନ ସହ ପ୍ରଚାର ଓ ପ୍ରସାର ମଧ୍ୟ ପେଟସଫା କରିବ ବୋଲି ସୂଚନା ମିଳିଛି। ସେହିଭଳି ପେଟସଫା ଦେଶର ଏକ ପ୍ରମୁଖ ଆର୍ୟୁବେଦ ମେଡିସନ ଭାବେ ଲୋକପ୍ରିୟତା ହାସଲ କରିଥିବା ବେଳେ ଅଜୟ ଦେବଗନଙ୍କ ନ୍ରା ଚଳଚ୍ଚିତ୍ର ଭୋଲା ମଧ୍ୟ ବେଶ ଲୋକପ୍ରିୟ ହୋଇପାରିଛି। ଏହା ମାଧ୍ୟମରେ କମ୍ପାନୀ ଉଭୟ ବିକ୍ରି ଓ କାରବାରରେ ଅଭିବୃଦ୍ଧି କରିପାରିବ ବୋଲି ଆଶାପ୍ରକାଶ କରାଯାଉଛି। ସେହିପରି ବ୍ରାଣ୍ଡର ୧୬ଟି ପ୍ରମୁଖ ଔଷଧ ବଜାରରେ ଚାହିଦା ରହିଥିବା ବେଳେ ରୋଗୀଙ୍କ ପାଇଁ ବେଶ ଉପଯୋଗୀ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ବୈଶାଖୀ ବାଣିଜ୍ୟମେଳାରେ 'ରୁଚି ମଣ୍ଡପ'




କଟକ,୩୦।୩

କଟକ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଆନ୍ତର୍ଜାତିକ ବୈଶାଖୀ ବାଣିଜ୍ୟମେଳାରେ ରୁଚି ମସଲାର ଏକ ଆକର୍ଷଣୀୟ ମସଲା ଓ ଖାଦ୍ୟ ମଣ୍ଡପ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁଙ୍କ ସମେତ ସେଲ୍‌ସ ହେଡ୍ ଦିଲୀପ ସାହୁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ , ଏପ୍ରିଲ ୭ ପର୍ଯ୍ୟନ୍ତ ହେବାକୁ ଥିବା ବୈଶାଖୀ ମେଳାରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଓ ବିକ୍ରୟ ଯୋଜନାରେ ବିଶେଷ ରିହାତି ଗ୍ରାହକଙ୍କୁ ଦିଆଯାଇଛି ବୋଲି ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମତପ୍ରକାଶ କରିଛନ୍ତି। ସେହିଭଳି ଚଳିତବର୍ଷ ବୈଶାଖୀ ମେଳାରେ ରୁଚି ମସଲା ପକ୍ଷରୁ ଆକର୍ଷଣୀୟ ଉପହାରର ସମ୍ଭାର ଗ୍ରାହକମାନଙ୍କ ପାଇଁ ରଖାଯାଇଛି। ବିଶେଷକରି ହଳଦୀ, ଜିରା, ଲଙ୍କା, ଧନିଆ, କଶୁରୀମେଥି, ପନିର ମସଲା, କରି, ମିଟ୍, ଚିକେନ୍, ଗରମ ମସଲା, ଚଣା, ଚାଟ୍, ବିରିୟାନି, ଡାଲମା ମସଲା ସମେତ ମୋଟ ୪୫ ମସଲା ଉପରେ ଆକର୍ଷଣୀୟ ରିହାତି ଦିଆଯାଉଛି। ଏପରିକି ଉପରୋକ୍ତ ମସଲାରୁ ଗୋଟିଏ କିଣିଲେ ଆଉ ଗୋଟିଏ ବିନା ମୂଲ୍ୟରେ ଉପଲବ୍ଧ। ସେହିପରି ରୁଚିର ବିଭିନ୍ନ କିଟ୍ ପ୍ୟାକ୍ ସହିତ ବାଲ୍‌ଟି, ଚାମଚ, ମଗ ଓ ଟାୱେଲ ସମେତ ଅନେକ ଗୃହୋପକରଣ ସାମଗ୍ରୀ ଉପହାର ଆକାରରେ ଗ୍ରାହକଙ୍କୁ ଦିଆଯାଉଛି। ଅପରପକ୍ଷରେ ରୁଚି ମଣ୍ଡପରେ ରୁଚି ଉତ୍କଳ ଓ ଉତ୍କର୍ଷ ଚା' ପାଇଁ ଏକ ସ୍ୱତନ୍ତ୍ର ଷ୍ଟଲ୍ ମଧ୍ୟ ଖୋଲାଯାଇଛି। ଏପରିକି ରୁଚି ମସଲାର ୫୦୦ ଟଙ୍କା କ୍ରୟ ଉପରେ ପ୍ରତିଦିନ ଲକି ଡ୍ର ଜରିଆରେ ୩ଟି ବଡ଼ ଡିନରସେଟ୍ ଗ୍ରାହକଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ରୁଚି ଫ୍ରୋଜିଟ୍ ଡିଭିଜନ ପକ୍ଷରୁ ପାରମ୍ପରିକ ଖାଦ୍ୟଠାରୁ ଆରମ୍ଭକରି ଅନେକ ଦେଶୀ ବିଦେଶୀ ଖାଦ୍ୟରୁଚି ଫ୍ରୋଜିଟ୍‌ର ସ୍ୱତନ୍ତ୍ର ଫୁଡ୍ କୋର୍ଟରେ ରହିଛି। ଏଥିରେ ଦହିପଖାଳ-ଚିଙ୍ଗୁଡ଼ି ଛେଚା, ଭେଜ୍ ଓ ନନ୍‌ଭେଜ୍ ବିରିୟାନି, କ୍ରିମି ମସୁରମ୍ ପାସ୍ତା, ପାସ୍ତା ୱିଥ୍ ଚିକେନ୍, ଚିକେନ ବଟର ମସଲା, ମଟନ କସା, ପିଜା, ପଫ୍, ରୋଲ୍ ପେଷ୍ଟି ଓ ବିଭିନ୍ନ ପ୍ରକାର ମନପସନ୍ଦର ଖାଦ୍ୟ ଓ ମୃଦୁପାନୀୟ ଗ୍ରାହକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ହୋଇଛି।

# ଲିଙ୍ଗଗତ ସମାନତା ପ୍ରତି ଗୁରୁତ୍ୱାରୋପ

ଭୁବନେଶ୍ୱର,୩୦।୩




ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ମାସେବ୍ୟାପୀ ଏକ ଅଭିନବ ଉତ୍ସବ ପାଳନ କରାଯାଇଥିଲା। ଏପରିକି ସମାନତା କର୍ମକ୍ଷେତ୍ର ପ୍ରଥା ମୂଲ୍ୟଆ ଉପରେ ଆଧାରିତ ଅଭିବୃଦ୍ଧି ରୋଡ୍‌ମ୍ୟାପ୍ ଦ୍ୱାରା କମ୍ପାନୀ ଭିତରେ ଲିଙ୍ଗଗତ ବିବିଧତାରେ ଉନ୍ନତି ଆଣିବା ଲାଗି ବେଦାନ୍ତ ଆଲୁମିନିୟମ ସର୍ବଦା ଉଦ୍ୟମ କରୁଛି। ବିଶେଷକରି ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୩ ପାଳନ ପରିପ୍ରେକ୍ଷୀରେ କମ୍ପାନୀ ଅନେକ ପଦକ୍ଷେପ ଗ୍ରହଣ କରିଥିଲା। ଅପରପକ୍ଷରେ କମ୍ପାନୀର ମହିଳା କର୍ମଚାରୀ ଓ ସ୍ଥାନୀୟ ଗୋଷ୍ଠୀର ସଦସ୍ୟମାନଙ୍କ ପାଇଁ ସମାନତାକୁ ଗ୍ରହଣ କରିବା (ଏମ୍ବ୍ରାସ୍ ଇକ୍ୱିଟି) ବିଷୟବସ୍ତୁ ଉପରେ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି,ବେଦାନ୍ତ ଆଲୁମିନିୟମରେ ଲିଙ୍ଗଗତ ସମାନତା ପ୍ରତି ଆମ ଆଭିମୁଖ୍ୟର ବିଶ୍ୱାସ ଓ ସଂସ୍କୃତିର ସ୍ତମ୍ଭ ଗଠନ କରିଛି। ଏପରିକି ଧାତବ, ଖଣି ଓ ଭାରି ଇଞ୍ଜିନିୟରିଂ ଶିଳ୍ପ ପରେ ବିଶ୍ୱ ଲିଙ୍ଗଗତ ବିବିଧତା ଏକ ଅଙ୍କ ସଂଖ୍ୟା ଭଳି ନିମ୍ନସ୍ତରରେ ରହିଥିବା ବେଳେ ଶିଳ୍ପର ଅଗ୍ରଣୀ ମାନବ ସମ୍ବଳ ପ୍ରଥାକୁ ନେଇ ଆମର ସୁସ୍ଥକର ଲିଙ୍ଗଗତ ବିବିଧତା ଶତାଂଶ ରହିଛି। ସମସ୍ତଙ୍କ ପାଖରେ ସମାନ ସୁଯୋଗ ପହଞ୍ଚାଇବାର ଏହି ସଂସ୍କୃତିକୁ ଆମେ ସ୍ଥାନୀୟ ଗୋଷ୍ଠୀ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରୁଛୁ। ଆମର ପ୍ରମୁଖ ନିରନ୍ତର ଜୀବନଜୀବିକା ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଶୁଭଲକ୍ଷ୍ମୀ କୋ-ଅପରେଟିଭ୍ ଭଳି ଅନୁଷ୍ଠାନ ଜରିଆରେ ଆମେ ଗ୍ରାମୀଣ ଭାରତର ୪୧୦୦ରୁ ଅଧିକ ମହିଳାମାନଙ୍କ ପାଖରେ ଏକକାଳୀନ ଆର୍ଥିକ ସାକ୍ଷରତା, ଦକ୍ଷତା ବିକାଶ, ସଂସ୍ଥା ବିକାଶ ଆଦିକୁ ପହଞ୍ଚାଇ ସେମାନଙ୍କୁ ସାମାଜିକ, ଅର୍ଥନୈତିକ ବିକାଶରେ ଯୋଡ଼ିପାରିଛୁ।

ସେହିଭଳି ଝାରସୁଗୁଡ଼ା ଜିଲା ମାଜିଷ୍ଟ୍ରେଟ୍ ଓ ଜିଲାପାଳ ସରୋଜ କୁମାର ସାମଲ କହିଛନ୍ତି, ନିଜ କାର୍ଯ୍ୟକ୍ଷେତ୍ର ଓ ଗୋଷ୍ଠୀରେ ମହିଳାମାନଙ୍କ ସଶକ୍ତ ଓ ସକ୍ଷମ କରିବା ଦିଗରେ ବେଦାନ୍ତ ଆଲୁମିନିୟମର ଉଦ୍ୟମ ବେଶ୍ ପ୍ରଶଂସନୀୟ। ଆମ ସମାଜର ଏତେ ସଂଖ୍ୟକ ମହିଳାମାନଙ୍କ ଉପଲବ୍ଧିକୁ ଦେଖି ବହୁତ ଖୁସି ଲାଗୁଛି ଏବଂ ମୁଁ ନିଶ୍ଚିତ ଯେ ବେଦାନ୍ତ ଓ ଶୁଭଲକ୍ଷ୍ମୀ କୋ-ଅପରେଟିଭ ଆଗାମୀ ଦିନରେ ମଧ୍ୟ ଅଧିକ ମହିଳାଙ୍କ ବିକାଶ ପାଇଁ ସହାୟତା ଜାରି ରଖିବେ।

ସେହିପରି ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓ ଜି.ଜି. ପାଲ୍ କହିଛନ୍ତି, ଲିଙ୍ଗଗତ ସମାନତା, ବୈଷମ୍ୟ ହ୍ରାସ, ସମ୍ମାନଜନକ କାର୍ଯ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମାଜ ଉପରେ ରହିଛି। ଏପରିକି ନିରନ୍ତର ବିକାଶ ଲକ୍ଷ୍ୟ ଅନୁସାରେ ଲାଞ୍ଜିଗଡ଼ ଓ ଏହାର ଆଖପାଖ ଅଞ୍ଚଳର ମହିଳାମାନଙ୍କ ପାଇଁ ଆମର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ରହିଛି। ଆମର ସଖୀ ପ୍ରକଳ୍ପ ଜରିଆରେ ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସକ୍ଷମକରି କମ୍ପାନୀ ସେମାନଙ୍କୁ ନିଜ ପରିବାର ଓ ସମାଜର ବିକାଶରେ ଜଣେ ସମାନ ଅଂଶୀଦାରରେ ପରିଣତ କରିଛି। ବିଶେଷକରି ଦକ୍ଷତା ତାଲିମ, ଆର୍ଥିକ ସାକ୍ଷରତା ଓ ଜୀବିକା ସୃଷ୍ଟି ସୁଯୋଗ ଜରିଆରେ ସ୍ଥାନୀୟ ସମାଜର ମହିଳାମାନଙ୍କୁ ଗୋଷ୍ଠୀ କେନ୍ଦ୍ରିକ ସଂସ୍ଥାରେ ଉଭୟ ଶୁଭଲକ୍ଷ୍ମୀ ଓ ସଖୀ ପରିଣତ କରିଛନ୍ତି। ଅପରପକ୍ଷରେ ସଂସ୍ଥା ସୃଷ୍ଟି କରିବା, କଞ୍ଚାମାଲ ପ୍ରତିଷ୍ଠା କରିବା ଏବଂ ବଜାର ଲିଙ୍କେଜ୍ ସହ ସେମାନଙ୍କ ଉତ୍ପାଦର ପ୍ରସାର କରିବାରେ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବା ଉପରେ ଏହା ଗୁରୁତ୍ୱାରୋପ କରୁଥିବା ବେଳେ ସାମାଜିକ ସୁରକ୍ଷା ସେବା ଓ ସଂସ୍ଥାଗତ ଋଣ ସମ୍ବଳକୁ ସେମାନଙ୍କ ପାଖରେ ପହଞ୍ଚାଉଛି। ଏପରିକି ସେମାନଙ୍କ ଉଦ୍ୟମ ଫଳରେ ସମାଜର ସାମାଜିକ ଓ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ,ଜୀବିକା ସୃଷ୍ଟି ଏବଂ ସଂସ୍ଥାର ପ୍ରସାର କରିବାରେ ସହାୟକ ହୋଇଛି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ିଯାଇ ନାବାଳିକାଙ୍କ ମୃତ୍ୟୁ

**କୁଡୁମୁଲୁଗୁମ୍ମା,୩୦।୩(ଡି.ଏନ.ଏ.):** ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ଗାଧୋଉଥିବା ବେଳେ ଜଣେ ନାବାଳିକା ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ପରକନମାଳା ପଞ୍ଚାୟତ ସିରିପେଟା ଗ୍ରାମର ଶଙ୍କର ସଗରିଆଙ୍କ ଝିଅ ଗାୟତ୍ରୀ। ସେ ସିରିପେଟା ହାଇସ୍କୁଲରେ ଷଷ୍ଠଶ୍ରେଣୀରେ ପଢୁଥିଲେ। ସବୁ ଦିନପରି ଗାୟତ୍ରୀ ପୂର୍ବାହ୍ନ ୧୦ଟାରେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ସାଥିରେ ନେଇଥିବା କିଛି ଲୁଗାପଟା ସଫାକରି ପୋଖରୀରେ ଗାଧୋଉଥିଲେ। ଏହି ସମୟରେ କେତେ ଜଣ ଛୋଟ ଛୋଟ ଝିଅ ମଧ ପୋଖରୀରେ ଗାଧୋଉଥିଲେ। ଗାୟତ୍ରୀ ବୁଡ଼ିଯାଉଥିବା ଦେଖି ସେହି ଝିଅମାନେ ତାଙ୍କ ଘରକୁ ଦୌଡ଼ିଯାଇ ତାଙ୍କ ବାପାଙ୍କୁ ଜଣାଇଥିଲେ। ବାପା ଶଙ୍କର ପୋଖରୀରେ ପହଞ୍ଚି ବହୁତ ଖୋଜାଖୋଜି କରିବା ପରେ ଝିଅର ମୃତଦେହ ପାଇଥିଲେ। ତଥାପି ସେ ଝିଅ ବଞ୍ଚିଥିବା ଆଶାରେ ତୁରନ୍ତ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଗାୟତ୍ରୀଙ୍କୁ ମୃତ ଘୋଷଣା କରିଥିଲେ।

### ଧାର ଟଙ୍କା ମାଗିବାରୁ ହତ୍ୟା ଧମକ

**ବାରିପଦା ଅଫିସ,୩୦।୩:** ଧାର ନେଇଥିବା ଟଙ୍କା ଫେରସ୍ତ ମାଗିବାରୁ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ବାରିପଦା ଟାଉନ ଥାନା ପୋଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୟ କୁମାର ଦେ। ସୂଚନା ଅନୁଯାୟୀ, ୨୫ନଂ. ୱାର୍ଡ ପାଲବଣୀ ଅଞ୍ଚଳର ମହମ୍ମଦ ଅର୍ଶଦ ୱାର୍ଡ ନଂ. ୧ ବେଲଗଡ଼ିଆ ଅଞ୍ଚଳର ସଞ୍ଜୟ କୁମାର ଦେଙ୍କୁ ୩ ଲକ୍ଷ ଟଙ୍କା ଧାର ସୂତ୍ରରେ ଦେଇଥିଲେ। ପରବର୍ତ୍ତି ସମୟରେ ଧାର ଟଙ୍କା ମାଗିବାରୁ ସଞ୍ଜୟ କୁଆଡ଼େ ଟଙ୍କା ଫେରସ୍ତ ଦେଇ ନ ଥିଲେ। ଏଥି ସହିତ ଅର୍ଶଦଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଅର୍ଶଦ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି।

# ପୁରୁଷ, ନାରୀର ଦୋଛକିରେ ଜୀବନ

## ପ୍ରଶାସନ ପଛରେ ରଖୁଛି



**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ପୁରୁଷ ଆଉ ନାରୀର ଦୋଛକିରେ ବିତୁଛି କିନ୍ନରଙ୍କ ଜୀବନ। ସାମାଜିକ ଅପନିନ୍ଦା ଏବଂ ବାଛନ୍ଦ କାରଣରୁ ଏକଦା ଦୃଷ୍ଟି ଆଢୁଆଳରେ ରହି ଆସୁଥିବା ଏହି ମଣିଷ ଏବେ ସମାଜରେ କିଛି ନୂଆ କରିବାର ପ୍ରୟାସରେ ଚେଷ୍ଟିତ। ନିଜ ଚେଷ୍ଟାରେ ସେମାନେ କିଛିଟା ବାଟ ଆଗେଇ ଆସିବା ସହ ସମାଜ ସହ ମୁକାବିଲା କରିବାର ସାହସ ରଖିଛନ୍ତି। କିନ୍ତୁ କୌଣସି ସମ୍ପ୍ରଦାୟର ବିକାଶ କେବେ ହାତଗଣତି ଲୋକଙ୍କ ଉନ୍ନତି ଦେଖି କଳନା କରାଯାଇ ନ ପାରେ। କାରଣ ଆମେ ତାଙ୍କୁ ଆଜି ବି ଦୋଛକିରେ ରଖି ଦେଇଛେ। ଜନ୍ମ ହେବା ପରେ ସମାଜର ଛି ଛି ଟାହି ଟାପରା ଭିତରେ ସେମାନେ ବହୁତ ସମୟରେ ଭାଙ୍ଗି ପଡ଼ନ୍ତି। ସ୍କୁଲରେ ସାଙ୍ଗମାନେ ନ ମିଶିବାର ଭୟଠୁ ନେଇ ପରିବାରଠୁ ତଡ଼ା ଖାଇବାର ଭୟରେ ତାଙ୍କ ଶୈଶବ କଟିଯାଏ, ଯାହାପାଇଁ ସେମାନଙ୍କ ଶିକ୍ଷାଠୁ ନେଇ ଲାଳନପାଳନ ସବୁକିଛି ବାଧାପ୍ରାପ୍ତ ହୁଏ। ସେହି ପ୍ରଭାବରେ ସେମାନେ ଏମିତି ଏକ ରାସ୍ତାକୁ ଆସି ଯାଉଛନ୍ତି ଯେ, ତାଙ୍କୁ ଆମେ ଖରାପ କହିବା ଆରମ୍ଭ କରି ଦେଉଛେ। ରାସ୍ତା କଡ଼ରେ ତାଙ୍କୁ ଦେଖିବା ମାତ୍ରେ ମନରେ କାହିଁ ରେ କେତେ ଖରାପ ଭାବନା। କେହି କେବେ ଭାବି ନାହାନ୍ତି ସେମାନେ ଆଜି ରାସ୍ତାରେ କାହିଁକି। ସେମାନଙ୍କ ଭୁଲ୍ କେଉଁଠି

### ଆଜି ଅନ୍ତର୍ଜାତୀୟ କିନ୍ନର ଅବଗତି ଦିବସ



ରହିଛି। ସେମାନେ ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ଆମେ କିଛି କରିବା ପରିବର୍ତ୍ତେ ତାଙ୍କୁ ଏକ ଭିନ୍ନ ଚକ୍ଷୁରେ ଦେଖୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ବ୍ୟକ୍ତିଗତ ଜୀବନରେ ସେମାନଙ୍କୁ ବିଶେଷ ସୁବିଧା ମିଳିପାରୁ ନାହିଁ। ଏପରି କି ଶୌଚ ପାଇଁ ସ୍ୱତନ୍ତ୍ର ଶୌଚାଳୟଟିଏ ମଧ ଯୋଗାଇ ଦିଆଯାଇନାହିଁ। ଏହା ସତ୍ତ୍ୱେ ଜଣେ ଅନ୍ୟଜଣଙ୍କ ପାଇଁ ପ୍ରେରଣା ସାଜି ଆଜି କେତେଜଣ ଆଗକୁ ଆସି ପାରିଛନ୍ତି। ଶୁକ୍ରବାର ଅନ୍ତର୍ଜାତୀୟ କିନ୍ନର ଅବଗତି ଦିବସ। ବିଶ୍ୱବ୍ୟାପୀ ସେମାନେ ସମ୍ମୁଖୀନ ହେଉଥିବା ଭେଦଭାବ, ସମାଜରେ ତାଙ୍କର ଅବଦାନ ସମ୍ପର୍କରେ ସଚେତନତାର ସ୍ୱର ଉଠାଇବା ଚଳିତବର୍ଷର ଥିମ୍ ରହିଛି।

କେତେକ କିନ୍ନର ଏବେ ନିଜର ପ୍ରଚେଷ୍ଟା ବଳରେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇପାରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି କେନ୍ଦୁଝର ଜିଲା ବଡବିଲ ଅଞ୍ଚଳର ୩୧ବର୍ଷୀୟ ସଲ୍‌ମା(ମହମ୍ମଦ ସଲିମ୍)। ସେ ବଡବିଲ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ(ଜେଏମ୍ଏଫ୍‌ସି) କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରୁଛନ୍ତି। ସେ ହେଉଛନ୍ତି ରାଜ୍ୟର ପ୍ରଥମ କିନ୍ନର ଯିଏକି ପେସାଦାର ଆଇନଜୀବୀ। ୧୧ମାସ ହେବ ସେ ଏକ ନୂଆ ଜୀବନ ଜିଉଛନ୍ତି। ଏଥିସହ ଏବେ ଉଚ୍ଚଶିକ୍ଷା ପାଇଁ କେନ୍ଦୁଝର ଆଇନ ମହାବିଦ୍ୟାଳୟରେ ଆଡ୍‌ମିଶନ ମଧ କରିଛନ୍ତି। ଏକ ମୁସଲମାନ ପରିବାରରେ ଜନ୍ମିତ ସଲ୍‌ମାଙ୍କ ଘର ଯୋଡ଼ାବ୍ଲକ ଅନ୍ତର୍ଗତ ରୋଏଡା ଗାଁରେ। ବାପା ତାଙ୍କର ଜଣେ ଶ୍ରମିକ ହେତୁ ଘରର ଆର୍ଥିକ ପରିସ୍ଥିତି ସେତେଟା ଭଲ ନୁହେଁ। ଏଣୁ ପ୍ରଥମରୁ ହିଁ ସଲ୍‌ମା ଓ ତାଙ୍କ ଭଉଣୀଙ୍କୁ ଛୋଟ ଛୋଟ ଇଚ୍ଛା ପୂରଣ ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ତାଙ୍କର ଶାରୀରିକ ପରିବର୍ତ୍ତନ ସମ୍ପର୍କରେ ଯେତେବେଳେ ପରିବାର ଏବଂ ପଡ଼ୋଶୀ ଜାଣିଲେ ସେତେବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି ସେ ପାଠପଢ଼ାରେ ମନୋନିବେଶ କରିପାରୁ ନ ଥିଲେ। କିନ୍ନର କମ୍ୟୁନିଟି ସହ ରହିଲେ ସାହସ ଓ ସମବେଦନା ସାଙ୍ଗକୁ ବଞ୍ଚିବାର ରାହା ପାଇବାର ଆଶା ରଖି ଯୁକ୍ତ ୩ ପାଠପଢ଼ା ଅଧାରୁ ଛାଡ଼ି ଭୁବନେଶ୍ୱର ଚାଲି ଆସିଥିଲେ। ହେଲେ ଏସବୁ ଆଶା ପାଣି ଫୋଟକା ପରି ମିଳେଇଗଲା। ଭୁବନେଶ୍ୱରରେ କିନ୍ନର ସମ୍ପ୍ରଦାୟ ସହ ମିଶିବା ପରେ ତାଙ୍କୁ ଭିକ୍ଷାବୃତ୍ତି କରି ରୋଜଗାର କରିବାକୁ କୁହାଗଲା। ପ୍ରାୟ ୪-୬ମାସ

### ରାଜ୍ୟର ପ୍ରଥମ କିନ୍ନର ଆଇନଜୀବୀ

ଏଭଳି କାମ କରିବା ପରେ ଦିନେ ତାଙ୍କୁ ଗଙ୍ଗପଡ଼ାର ଅନ୍ଧାର ରାସ୍ତାରେ ବେଶ୍ୟାବୃତ୍ତି କରିବାକୁ ଯେତେବେଳେ ତାଙ୍କ କିନ୍ନର ଭଉଣୀମାନେ ଛାଡ଼ିଗଲେ ସେ ଏକ ଟ୍ରକ୍ ଡାଲାରେ ଲୁଚି ବଡବିଲକୁ ଫେରି ଯାଇଥିଲେ। ସେଠାରୁ ଫେରିବା ପରେ ପରିବାର ଲୋକଙ୍କୁ ପୁଣିଥରେ ବୁଝାଇବାକୁ ଚେଷ୍ଟା କଲେ। ଶେଷରେ ସେମାନେ ମଧ ବୁଝିଲେ। ସେ ପୁଣିଥରେ କଲେଜରେ ନାମ ଲେଖାଇଲେ। ଚଳିବା ପାଇଁ ଛୋଟ ଛୋଟ ପିଲାଙ୍କୁ ଟିଉସନ କଲେ। ସଲ୍‌ମା ଆଇନ ଶିକ୍ଷା କରିବା ସହିତ ସ୍ୱାବଲମ୍ବୀ ହେବା ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ନେତୃତ୍ୱ ନେଇ ଆସୁଥିଲେ। ଆଇନ ଶିକ୍ଷା ଶେଷ ପରେ ପେସାଦାର ଓକିଲ ହେବା ପାଇଁ ବାର କାଉନ୍‌ସିଲ୍‌ରେ ଆବେଦନ କରିଥିଲେ। ବାର୍ କାଉନ୍‌ସିଲ ସଲ୍‌ମାଙ୍କ ଆବେଦନକୁ ଗ୍ରହଣ କରିବା ପରେ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏହାପରେ ସଲ୍‌ମା ବଡବିଲ ଜେଏମ୍ଏଫ୍‌ସି କୋର୍ଟର ଓକିଲ ସଂଘ ନିକଟରେ ନିଜର ଲାଇସେନ୍ସ ଦାଖଲ କରି ପେସାଦାର ଓକିଲ ଭାବେ କାମ ଆରମ୍ଭ କରିଛନ୍ତି। ସଞ୍ଜ ନଇଁଲେ କିନ୍ନରମାନେ ସଜବାଜ ହୋଇ ବେଶ୍ୟାବୃତ୍ତି କରିବା ଘଟଣାକୁ ସେ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି। ସେମାନଙ୍କ ପାଇଁ ଅନ୍ୟ ରୋଜଗାରର ପନ୍ଥା ବାହାର କରିବାକୁ ସେ ସରକାରଙ୍କଠାରେ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି, ସରକାର କିନ୍ନରମାନଙ୍କ ପାଇଁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ। ୨୦୧୯ରୁ ଟ୍ରାନ୍ସଜେଣ୍ଡର ପର୍ସନ୍ସ (ପ୍ରୋଟେକ୍ସନ



ଅଫ ରାଇଟ୍‌ସ ) ଆକ୍ଟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏହାକୁ ବିଭିନ୍ନ କ୍ଷେତ୍ରରେ ଲାଗୁ କରାଯାଇପାରିନାହିଁ। ଚାକିରି ଓ ଉଚ୍ଚଶିକ୍ଷାରେ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା, ସ୍କଲାରଶିପ ପ୍ରଦାନ, ଆଇ କାର୍ଡ ଆଦି ଦିଆଗଲେ ସେମାନେ ମଧ ସମାଜରେ ସମ୍ମାନର ସହ ବଞ୍ଚି ପାରିବେ। ବସୁନ୍ଧରା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଭଳି ଏନେକ ଯୋଜନାରେ ଆମେ ସାମିଲ ହୋଇପାରୁ ନାହୁଁ। ଡାକ ନାମ ଗୋଟିଏ ଓ ପାଠପଢ଼ା କ୍ଷେତ୍ରରେ ଅନ୍ୟନାମ ରହୁଥିବାରୁ ଆମେ ଅନେକ ସୁବିଧାରୁ ବଞ୍ଚିତ ହୋଇ ରହୁଛୁ। ସେମାନଙ୍କ ଶିକ୍ଷା ହିସାବରେ ସେମାନଙ୍କୁ ରୋଜଗାର କିମ୍ବା କିଛି ପ୍ରଶିକ୍ଷଣ ଦେଇ ପ୍ରଶାସନ ସହଯୋଗ କଲେ କିନ୍ନରମାନେ ଆଉ ରାସ୍ତା କଡ଼ରେ ଦିଶିବେନି। ହେଲେ ପ୍ରଶାସନର ଅବହେଳା ମନୋବୃତ୍ତି କିନ୍ନରଙ୍କୁ ପଛରେ ପକାଇ ଦେଉଛି। ରାଜ୍ୟସ୍ତରରେ ଯେଉଁ କିନ୍ନରମାନେ ଅଛନ୍ତି ସେମାନେ ସମ୍ପ୍ରଦାୟର ଅଧିକାର ପାଇଁ ଲଢେଇ କରିବା ଆବଶ୍ୟକ। ତେବେ ଯାଇ ଅନ୍ତଃରାଷ୍ଟ୍ରୀୟ କିନ୍ନର ଅବଗତି ଦିବସର ଲକ୍ଷ୍ୟ ସାଧିତ ହୋଇପାରିବ।

### ହାତୀ ମୃତ୍ୟୁ ଘଟଣା, ଜଣେ ଗିରଫ

**ନୀଳଗିରି, ୩୦।୩(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟରେ ହାତୀକୁ ମାରି ଦାନ୍ତ ଲୁଟ୍ ଘଟଣାର ସପ୍ତାହକ ପରେ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ। ବୁଧବାର ବିଳମ୍ବିତ ରାତିରେ ଅଭୟାରଣ୍ୟର ଖୁମକୁଟ ଅଞ୍ଚଳରେ ନୀଳଗିରି ପୋଲିସ ଓ କୁଲଡିହା ବନବିଭାଗ ମିଳିତ ଭାବେ ଚଢ଼ାଉ କରି ଗିରଫ କରିଛି। ଏହା ସହ ଶିକାରରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି।

ଗତ ୨୩ ତାରିଖରେ ଅଭୟାରଣ୍ୟ ବାବନ୍ଦ ବିଟ ଅଧୀନ କଳମାଚତୁରୀଠାରେ ଗୋଟିଏ ଦନ୍ତା ହାତୀର ଗଳିତ ମୃତଦେହ ଏବଂ ଦାନ୍ତର ଦୁଇଟି ଦାନ୍ତକୁ କେହି ନେଇଯାଇଥିଲେ। ଘଟଣା ସମ୍ପର୍କରେ ତଦନ୍ତ ପାଇଁ ସ୍ପେଶାଲ ଟାସ୍କ ଫୋର୍ସ, ବାରିପଦା ଆରସିସିଏଫ ପ୍ରକାଶ ଗୋଗିନାନି, ବାଲେଶ୍ୱର ଡିଏଫ୍ଓ ଖୁସୱନ୍ତ ସିଂହ, ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ, କୁଲଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା ଓ ସ୍ଥାନୀୟ ଫରେଷ୍ଟର ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁ ପ୍ରାଥମିକ ତଦନ୍ତ କରିଥିଲେ।

### ନଦୀରେ ବୁଡ଼ି ଯୁବକ ନିଖୋଜ

**କାକଟପୁର,୩୦।୩(ଡି.ଏନ୍.ଏ.)**

ପୁରୀ ଜିଲା କାକଟପୁର ବ୍ଲକ ବାଉରିଆକଣ ଦେବୀ ନଦୀରେ ଗୁରୁବାର ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକ ନିଖୋଜ ହୋଇଛନ୍ତି। ସେ ହେଲେ କାକଟପୁର ଥାନା ଅନ୍ତର୍ଗତ ଲତାହରଣ ଗ୍ରାମର ଏସ୍. କେ. ଦାନିସ(୧୬)। ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ଉକ୍ତ ଗ୍ରାମରୁ ଦାନିସଙ୍କ ସହ ୨ଜଣ ସାଙ୍ଗ ଦେବୀନଦୀକୁ ଗାଧୋଇବାକୁ ଆସିଥିଲେ। ହେଲେ ଅସାବଧାନବଶତଃ ନଦୀର ଗଣ୍ଡସ୍ଥଳକୁ ଚାଲି ଯାଇଥିଲେ। ସେଠି ଦାନିସ ଗଣ୍ଡରେ ଖସି ଭାସି ଯାଇଥିଲେ। ଅନ୍ୟ ୨ ଯୁବକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଖବରପାଇ କାକଟପୁର ପୋଲିସ ଆଉ କାକଟପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୨ଘଣ୍ଟା ହେବ ଖୋଜାଖୋଜି କରିଥିଲେ ମଧ ଦାନିସଙ୍କ ପତ୍ତା ପାଇ ନ ଥିଲେ। ପରେ ଓଡ୍ରାଫ ଟିମ୍ ମଧ ଆସି ଖୋଜିବାରେ ସହଯୋଗ କରୁଛି।

### ବିଷାକ୍ତ ଛତୁ ଖାଇ ପରିବାରର ୩ ଗୁରୁତର

**ପଦ୍ମପୁର, ୩୦।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ନୂଆଗଡ଼ ପଞ୍ଚାୟତର ପାଦିଲିବନ୍ଧ ଗ୍ରାମରେ ଗୋଟିଏ ପରିବାରର ୩ଜଣ ବିଷାକ୍ତ ଛତୁ ଖାଇ ଅସୁସ୍ଥ ହୋଇଛନ୍ତି। ପଦ୍ମପୁର ଚିକିତ୍ସାଳୟରେ ପ୍ରାଥମିକ ଚିକତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ରୁମିତା ରାଇକା, ଫମିଲି ଶବର ଓ ପୁଅ ଜର୍ଜ ଶବର।

ପରିବାର ମୁଖ୍ୟ ବିନୟ ଶବରଙ୍କ କହିବାନୁଯାୟୀ, ଗୁରୁବାର ସକାଳେ ଜଙ୍ଗଲରୁ ପରିବାର ଲୋକେ ଜଙ୍ଗଲୀ ଛତୁ ଆଣି ତରକାରି କରିଥିଲେ। ଏହାକୁ ଖାଇବା ପରେ ରୁମିତା, ଫମିଲି ଓ ଜର୍ଜ ଅଚେତ ହୋଇ ପଡ଼ିଥିଲେ। ସେମାନଙ୍କୁ ପାଖ ପଡ଼ୋଶୀ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅମରେଶ ଜେନା ସେମାନଙ୍କ ପ୍ରାଥମିକ ଚିକିତ୍ସା କରିବା ପରେ ଚେତା ଫେରି ଆସିଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ଫମିଲି ଶବର ୨ମାସର ଗର୍ଭବତୀ ଅଛନ୍ତି। ତାଙ୍କୁ ଅଧିକ ଚିକିତ୍ସା ଆବଶ୍ୟକ ବୋଲି ଡାକ୍ତର ସୂଚନା ଦେଇଛନ୍ତି।



ଅନ୍ତର୍ଜାତୀୟ କିନ୍ନର ଅବଗତି ଦିବସ ଉପଲକ୍ଷେ ଗୁରୁବାର ପୁରୀ ବେଳାଭୂମିରେ ଶିଳ୍ପୀ ନିକୁଞ୍ଜ କିଶୋର ନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

### ଗାଁକୁ ମାଡ଼ିଲା ଜଙ୍ଗଲ ନିଆଁ


ଶୁଖିଲା ପତ୍ରରେ ନିଆଁ ଲାଗି ଜଳୁଛି।

**କେନ୍ଦୁଝର,୩୦।୩(ସ୍ୱ.ପ୍ର.)**

କେନ୍ଦୁଝର ସଦର ରେଞ୍ଜ ଅଧୀନ ନରଣପୁର ସେକ୍ସନ ବଡ଼ପଶି ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଲାଗିଥିବା ନିଆଁ ଗାଁକୁ ମାଡ଼ିଯାଇଛି। ନିଆଁରେ ବ୍ୟାପକ ଗଛ ପୋଡ଼ିଯାଇଛି। ନିଆଁରେ ବନ୍ୟପ୍ରାଣୀ ପ୍ରଭାବିତ ହୋଇଛନ୍ତି। ପ୍ରବଳ ଖରା ଯୋଗୁ ଶୁଖି ପଡ଼ିଥିବା ଡାଳପତ୍ରରେ ନିଆଁ ଲାଗି ନୂଆସାହି ଆଡ଼କୁ ବ୍ୟାପିବାକୁ ଲାଗିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲା। ଧୂଆଁ ଚାରିଆଡ଼େ ବ୍ୟାପିବା ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ସମସ୍ୟା ଭୋଗିଥିଲେ। ଜଙ୍ଗଲରେ ହାତୀ ଚଳପ୍ରଚଳ ରହିଥିବାରୁ ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ଏନେଇ ସଦର ରେଞ୍ଜ ଅଧିକାରୀ ବିଜୟ ମହାନ୍ତ କହିଛନ୍ତି, ନିଆଁକୁ ତୁରନ୍ତ ନିୟନ୍ତ୍ରଣ କରି ଦିଆଯାଇଛି। ପ୍ରକାଶ ଯେ, ନରଣପୁର ସେକ୍ସନରେ ଏବେ ମଧ ୧୦ ହାତୀ ଚଳପ୍ରଚଳ କରୁଛନ୍ତି।

### ମହାପ୍ରଭୁଙ୍କୁ ଦର୍ଶନ କଲେ ଜୟାପ୍ରଦା


ବଲିଉଡ୍ ଅଭିନେତ୍ରୀ ଜୟାପ୍ରଦା ଗୁରୁବାର ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଛନ୍ତି।

**ପୁରୀ ଅଫିସ, ୩୦।୩**

ହିନ୍ଦୀ ଚଳଚ୍ଚିତ୍ର ଜଗତର ନବେ ଦଶକର ଲୋକପ୍ରିୟ ଅଭିନେତ୍ରୀ ଜୟାପ୍ରଦା ଗୁରୁବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅଭିନେତ୍ରୀ ଜୟାପ୍ରଦା ତାଙ୍କ ପୁଅ ସମ୍ରାଟ୍‌ଙ୍କ ସହ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପରେ ସେବାୟତମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟରେ ପ୍ରବେଶ କରି ଭିତର କାଠ ନିକଟରେ ରତ୍ନସିଂହାସନରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତରବେଢାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରେ କିଛି ସମୟ ଅତିବାହିତ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ସେବାୟତମାନଙ୍କ ପକ୍ଷରୁ ଜୟାପ୍ରଦାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆପାଟ, ପତିତପାବନ ବାନା, ମାଳାମହାର୍ଦ୍ଧ, ମହାପ୍ରସାଦ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଖୁସି ଥିବା ଜୟା କହିଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ମନକାମନା ଜଣାଇଛନ୍ତି। ସେ ଦେଶବାସୀଙ୍କ ମଙ୍ଗଳ କାମନା କରିବା ସହିତ ଉନ୍ନତି କାମନା କରିଛନ୍ତି। ପୁରୀ ଓ ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ। ସେବାୟତ ମଧୁସୂଦନ ସିଂହାରଙ୍କ ସହାୟତାରେ ସେ ଶ୍ରୀମନ୍ଦିରରେ ସୁବିଧାରେ ତଥା ଭଲ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।

# ‘ଓଡ଼ିଆ ଭାଷାକୁ ମହାପ୍ରଭୁ ଆମକୁ ପ୍ରସାଦ ରୂପେ ଦେଇଛନ୍ତି’

**କଟକ ଅଫିସ,୩୦।୩**

କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର, ବିଶିଷ୍ଟ ଗାୟକ, ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ଅକ୍ଷୟ ମହାନ୍ତି, ଅଭିନେତ୍ରୀ ତଥା ପ୍ରଯୋଜିକା ପାର୍ବତୀ ଘୋଷ ଏବଂ ଲେଖକ ତଥା ଗୀତିକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମ୍ମାନ ଉଦ୍ଦେଶ୍ୟରେ ଡାକ ଟିକେଟ ଉନ୍ମୋଚନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ, ୪ଜଣ ମହାନ୍ ବ୍ୟକ୍ତିତ୍ୱଙ୍କ ଉପରେ ଡାକ ଟିକେଟ ଉନ୍ମୋଚନ ହୋଇଛି। ଏମାନେ କେବଳ କବି, କଳାକାର, ସଙ୍ଗୀତଜ୍ଞ କିମ୍ବା ନୃତ୍ୟ ଶିଳ୍ପୀ ନ ଥିଲେ ବରଂ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଏଭଳି ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଡାକଟିକେଟ ଉନ୍ମୋଚନ କରିବା ମୋର ସୌଭାଗ୍ୟ। ମହାପୁରୁଷ ଓ ଯୁଗପୁରୁଷମାନେ ଶତାବ୍ଦୀ ଶତାବ୍ଦୀ ଧରି ମନେରୁହନ୍ତି ବୋଲି ସେ କହିଛନ୍ତି।


କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ଡାକଟିକେଟ ଉନ୍ମୋଚନ କରୁଛନ୍ତି।

### ୪ ବ୍ୟକ୍ତିତ୍ୱଙ୍କ ଉପରେ ଡାକ ଟିକେଟ ଉନ୍ମୋଚିତ

ସେହିପରି ଅନ୍ୟ ଅତିଥି ଭାବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଥିଲେ, କଟକ ମୋ କର୍ମଭୂମି । ଏହି ଭୂମି ସହ ମୋର ଏକ ଭାବାତ୍ମକ ସମ୍ବନ୍ଧ ହୋଇଯାଇଛି। ୧୦ ବର୍ଷ ପୂର୍ବରୁ ଓଡ଼ିଶାକୁ ରେଳୱେ ପାଇଁ ୭୦୦ରୁ ୮୦୦ କୋଟି ଟଙ୍କା ମିଳୁଥିଲା। ମୋଦି ସରକାର ଆସିବା ପରେ ଏବେ ଓଡ଼ିଶାକୁ ରେଳୱେ ପାଇଁ ୧୦ ହଜାର କୋଟି ଟଙ୍କା ମିଳିଛି। ସେହିପରି ସମ୍ପୂର୍ଣ୍ଣ ଓଡ଼ିଶା ଟେଲିକମ କନେକ୍ଟିଭିଟି ପାଇଁ ୫୦ ହଜାର ୬୦୦ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି। ଓଡ଼ିଶା ଇତିହାସରେ ଏଭଳି କେବେ ହୋଇ ନ ଥିଲା। ଓଡ଼ିଆ ଭାଷାକୁ ମଣିଷ ତିଆରି କରିନାହିଁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତମାନଙ୍କୁ ପ୍ରସାଦ ରୂପରେ ଦେଇଛନ୍ତି। ଏହି ସୁନ୍ଦର ଭାଷାକୁ ବିଶ୍ୱସ୍ତରୀୟ ମାନ୍ୟତା ମିଳୁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଅକ୍ଷୟ ମହାନ୍ତିଙ୍କ ଗୀତ ଯାଆରେ ଭାସି ଭାସି ଯାଆ... ଗୀତ ଗାନ କରିଥିଲେ। ତାଙ୍କ ସହିତ ତାଳ ମିଶାଇ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ଅତିଥିମାନେ ଗୀତ ବୋଲିଥିଲେ। ପ୍ରାରମ୍ଭରେ କଳା ବିକାଶ କେନ୍ଦ୍ରର କଳାକାରଙ୍କ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ୪ଜଣଙ୍କ ମହାନ୍ ବ୍ୟକ୍ତିତ୍ୱଙ୍କ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବାଗେଶ୍ୱରୀ କଳାକୁଞ୍ଜ କଳାକାରଙ୍କ ପକ୍ଷରୁ ଗୀତଗୋବିନ୍ଦ ଅଷ୍ଟପଦ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୋଷ୍ଟମାଷ୍ଟର ଜେନେରାଲ ଶୁଭେନ୍ଦୁ ସ୍ୱାଇଁ, ବିଧାୟକ ମହମ୍ମଦ ମୋକିମ, ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ନାୟକଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲୁବୁନ୍
ପରିବାରବର୍ଗ


ତରୁନ୍ ଜ୍ୟୋତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମର୍ଥ ହତ୍ୟାକାଣ୍ଡକୁ ନେଇ ତେଜିଲା ରାଜନୀତି


ଧର୍ମେନ୍ଦ୍ର ପ୍ରଧାନ


ସସ୍ମିତ ପାତ୍ର


ସୂର୍ଯ୍ୟବଂଶୀ ସୂରଜ


ସନ୍ତୋଷ ସିଂ ସାଲୁଜା


ଦେବୀ ପ୍ରସାଦ ମିଶ୍ର

- ଧର୍ମେନ୍ଦ୍ର କହିଲେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓଡ଼ିଶାର ବାସ୍ତବ ରୂପ
- ଭାଜପା ଶାସିତ ରାଜ୍ୟଗୁଡ଼ିକଠାରୁ ଓଡ଼ିଶାର ସ୍ଥିତି ଭଲ: ସସ୍ମିତ
- ବିଜେଡି ଶାସନରେ ହତ୍ୟା, ଅପହରଣ, ନାରୀ ନିର୍ଯାତନା ବଢ଼ିଛି: ସାଲୁଜା
- ଟିପ୍ପଣୀ ନ ଦେଇ କିଛି ଗଠନମୂଳକ ପ୍ରସ୍ତାବ ଦେବା ଉଚିତ: ଦେବୀ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଝାରସୁଗୁଡ଼ା ସରବାହାଲର ବ୍ୟବସାୟୀ ସୁନୀତ ଅଗ୍ରୱାଲଙ୍କ ୧୫ ବର୍ଷୀୟ ପୁଅ ସମର୍ଥଙ୍କୁ ଅପହରଣ ପରେ ହତ୍ୟା କରାଯିବାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି। ଏହି ଘଟଣାକୁ ନେଇ ଉଭୟ ବିରୋଧୀ ଭାଜପା ଏବଂ କଂଗ୍ରେସ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ବର୍ଷିଥିବାବେଳେ ଏହାର ପାଲଟା ଜବାବ ଦେଇଛନ୍ତି ବିଜେଡି ଏମ୍‌ପି ସସ୍ମିତ ପାତ୍ର। ପୁଣି ଏହାର ପ୍ରତିକ୍ରିୟାରେ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ବିଜେଡିକୁ ଟାର୍ଗେଟ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଏହା ଝାରସୁଗୁଡ଼ା ପାଇଁ କଳା ଦିବସ ବୋଲି କହିଛନ୍ତି।

ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଏହା ହିଁ ବାସ୍ତବତା। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓଡ଼ିଶାରେ ବାସ୍ତବ ରୂପ ନେଇଛି। କ୍ଷମତାରେ ଥିବା ଲୋକମାନେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଉପରେ ଅବଗତ ହୁଅନ୍ତୁ। ଦିବାଲୋକରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ଠିକ୍ ୨ ମାସ ପରେ ଛାତ୍ର ସମର୍ଥଙ୍କ ହତ୍ୟା ଓଡ଼ିଶା ସରକାରଙ୍କ ଆଇନ ଶୃଙ୍ଖଳା ଠିକ୍ ଥିବା ଦାବିକୁ ପଦାରେ ପକାଇଛି। ରାଜ୍ୟର ଜନସାଧାରଣ କିମ୍ବା ଜନପ୍ରତିନିଧିମାନେ କେହି ସୁରକ୍ଷିତ ନୁହନ୍ତି। ବିଶେଷ ଭାବେ ଝାରସୁଗୁଡାରେ ଏଭଳି ପ୍ରତିଦିନ ଘଟଣା ସମସ୍ତଙ୍କୁ ଚକିତ କରିଛି ଏବଂ ଲୋକଙ୍କ ବିଶ୍ୱାସରେ ଆଘାତ ପହଞ୍ଚାଇଛି। ସମର୍ଥଙ୍କ ପରିବାରକୁ ଯେତେ ସାନ୍ତ୍ୱନା ଦେଲେ ମଧ୍ୟ କମ୍ ପଡ଼ିବ। ଓଡ଼ିଶା ସରକାର ନାଗରିକଙ୍କ ସୁରକ୍ଷା ଆଇନକାନୁନକୁ ସୁନିଶ୍ଚିତ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିଜେଡି ନେତା ସସ୍ମିତ ପାତ୍ର କହିଛନ୍ତି, ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଠାରେ କାଁ ଭାଁ ଅପରାଧ ହୁଏ ସତ, ମାତ୍ର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏନାହିଁ। ଦେଶର ଅନେକ ଭାଜପା ଶାସିତ ରାଜ୍ୟଠାରୁ ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ଯଥେଷ୍ଟ ଭଲ ଅଛି। ଧର୍ମେନ୍ଦ୍ରଙ୍କୁ ଉଲ୍ଲେଖ କରି ସସ୍ମିତ କହିଛନ୍ତି, ଭାଇ, ଆପଣ ଏତେ ଲମ୍ବା ସମୟ ଧରି କେନ୍ଦ୍ରମନ୍ତ୍ରୀ ରହିଲା ସତ୍ତ୍ୱେ ଆପଣ କିପରି ଆଇନଶୃଙ୍ଖଳା ବା ଅରାଜକତା ଏବଂ ଅପରାଧ ମଧ୍ୟରେ ପାର୍ଥକ୍ୟ ବୁଝିପାରିଲେ ନାହିଁ। ଏହା ମୋତେ ବିସ୍ମିତ କରୁଛି। ଆଇନଶୃଙ୍ଖଳା ସେତେବେଳେ ସୃଷ୍ଟି ହୋଇଥିଲା, ଯେତେବେଳେ ପଦ୍ମପୁରରେ ଏକ ଜିଏସ୍‌ଟି ଚଢାଉ ଚାଲିଥିବାବେଳେ ଶତାଧିକ ଭାଜପା କର୍ମୀ ସେଠାରେ ବଳପୂର୍ବକ ପ୍ରବେଶ କରି ହଙ୍ଗାମା ସୃଷ୍ଟି କରିଥିଲେ। ସେହିପରି ଯେତେବେଳେ କେନ୍ଦ୍ରୀୟ ଅବହେଳା ଯୋଗୁ ସମ୍ବଲପୁର-କଟକକୁ ଯୋଡୁଥିବା ଏନ୍‌ଏଚ୍-୫୫ର ପ୍ରଶସ୍ତୀକରଣ କାର୍ଯ୍ୟ ବର୍ଷ ବର୍ଷ ବିଳମ୍ବିତ ହେଉଥିଲା ଏବଂ ଏହାର ପ୍ରତିବାଦରେ ୫୦୦ରୁ ଅଧିକ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ, ସେତେବେଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଦୟାକରି ଆପଣ ଅପରାଧ ଭଳି ସ୍ପର୍ଶକାତର ମାମଲାରେ ହୀନ ରାଜନୀତି କରିବା ପାଇଁ ଲୋକଙ୍କୁ ଭ୍ରମିତ କରନ୍ତୁ ନାହିଁ ବୋଲି ଧର୍ମେନ୍ଦ୍ର ଉଦ୍ଦେଶ୍ୟରେ ସସ୍ମିତ କହିଛନ୍ତି।

ଧାମନଗର ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଟୁଇଟ୍ କରି କହିଛନ୍ତି, ସସ୍ମିତ ଭାଇ ଓଡ଼ିଶା ଲୋକମାନେ ଶାନ୍ତିପ୍ରିୟ ଏବଂ ସେମାନେ ଜାଣନ୍ତି ବିପର୍ଯ୍ୟନ୍ତ ଆଇନ ଶୃଙ୍ଖଳା ଏବଂ କ୍ରାଇମ କ'ଣ। ଲୋକଙ୍କ ସୁରକ୍ଷା ନେଇ ସରକାରଙ୍କ ମୁଖ୍ୟ କାର୍ଯ୍ୟ ଯାହା ହେବା କଥା ସେଥିରେ ସେମାନେ ଫେଲ୍ ହୋଇଛନ୍ତି। ନବ ଦାସଙ୍କ ହତ୍ୟାକାଣ୍ଡର ଦୁଇ ମାସ ପରେ ମଧ୍ୟ ହତ୍ୟାର ପ୍ରକୃତ କାରଣ ଜଣାପଡିଲା ନାହିଁ। ଏହା ହେଉଛି ଲ ଲେସ୍‌ନେସ୍। ମମିତା ମେହେରକୁ ହତ୍ୟା କରିଥିବା ଗୋବିନ୍ଦ ସାହୁ ଜେଲ୍ ଭିତରେ ମୃତ ଅବସ୍ଥାରେ ମିଳିବା କ'ଣ ଲ ଲେସ୍‌ନେସ୍ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ୨୯ ତାରିଖଟି ଝାରସୁଗୁଡା ପାଇଁ କଳା ଦିବସ। କାରଣ ଜାନୁୟାରୀ ୨୯ରେ ନବ ଦାସଙ୍କୁ ହତ୍ୟା କରାଯାଇଥିଲାବେଳେ ଏହାର ୨ ମାସ ପରେ ଅର୍ଥାତ୍ ମାର୍ଚ୍ଚ ୨୯ରେ ସମର୍ଥଙ୍କୁ ହତ୍ୟା କରାଯାଇଛି। ବିଜେଡି ଶାସନରେ ହତ୍ୟା, ଅପହରଣ ଏବଂ ନାରୀ ନିର୍ଯାତନା ଭଳି ଘଟଣା ବଢ଼ିଚାଲିଛି। ଉତ୍ତରପ୍ରଦେଶଠାରୁ ଓଡ଼ିଶାର ସ୍ଥିତି ଅଧିକ ଖରାପ। ଆଗକୁ ଝାରସୁଗୁଡ଼ା ଉପନିର୍ବାଚନ ଥିବାବେଳେ ଲୋକମାନେ ନିଜ ମତ ସାବ୍ୟସ୍ତ କରିବାକୁ ଡରିବେ ବୋଲି ସେ କହିଛନ୍ତି।

ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ନିଜ କଥାକୁ ନିଜେ ଦର୍ପଣରେ ଦେଖିବାର ଆବଶ୍ୟକତା ରହିଛି। ଭାଜପା ଶାସିତ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ କୃଷକଙ୍କ ଉପରେ ଗାଡି ଚଢ଼ାଇବା ଘଟଣା କେଉଁ ଆଇନରେ ଯାଉଛି। ତେଣୁ ରାଜନୈତିକ ଉଦ୍ଦେଶ୍ୟରେ ଏପରି ଟିପ୍ପଣୀ ନ ଦେଇ କିଛି ଗଠନମୂଳକ ପ୍ରସ୍ତାବ ଦେବା ଉଚିତ୍ ବୋଲି ସେ କହିଛନ୍ତି।

# କେନ୍ଦ୍ର ବିରୋଧରେ ରାତି ସାରା ଧାରଣାରେ ବସିଲେ ମମତା


କୋଲକାତା ରେଡ୍ ରୋଡ୍ ସ୍ଥିତ ଡ. ବି.ଆର୍. ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

**କୋଲକାତା, ୩୦।୩**

ପଶ୍ଚିମବଙ୍ଗ ପ୍ରତି କେନ୍ଦ୍ର ସରକାରଙ୍କ ପାତରଅନ୍ତର ନୀତି ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କୋଲକାତାର ରେଡ୍ ରୋଡ୍‌ରେ ଥିବା ଡ. ବି.ଆର୍. ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଧବାର ମଧ୍ୟାହ୍ନରୁ ୩୦ ଘଣ୍ଟା ଧରି ଧାରଣାରେ ବସିରହିଛନ୍ତି। ତାଙ୍କ ସହ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଓ ଅନ୍ୟ ଦଳୀୟ ନେତୃବୃନ୍ଦ ଓ କର୍ମୀ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ପଶ୍ଚିମବଙ୍ଗକୁ ଏମ୍‌ଜିଏନ୍‌ଆର୍‌ଇଜିଏ ଓ ଅନ୍ୟାନ୍ୟ ଯୋଜନାରେ ପାଣ୍ଠି ବନ୍ଦ କରିଦେଇଥିବା ମମତା ଅଭିଯୋଗ କରିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ସବୁ ରାଜନୈତିକ ଦଳ ଏକାଠି ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଭାଜପା ଏବଂ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବେ ବୋଲି ପୂର୍ବରୁ ମମତା ଯେଉଁ ନିଷ୍ପତ୍ତି ନେଇଥିଲେ ସେଥିରୁ ଓହରିଯାଇଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ଭାଜପା ଓ ଦେଶବାସୀଙ୍କ ମଧ୍ୟରେ ହେବ। ଗୈରିକ ଦଳକୁ ପରାଜିତ କରି ଦେଶର ଗରିବଙ୍କୁ ବଞ୍ଚାଇବାକୁ ହେଲେ ଧର୍ମମତ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି ଲଢ଼ିବାକୁ ପଡ଼ିବ ବୋଲି ମମତା କହିଥିଲେ। ଦୁଃଶାସନ ଭାଜପା ସରକାରକୁ କ୍ଷମତାରୁ ତଡ଼ିବା ପାଇଁ ଦେଶର ସବୁ ରାଜନୈତିକ ଦଳ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି।

# ଏଏପିର ଦେଶବ୍ୟାପୀ 'ମୋଦି ହଟାଓ, ଦେଶ ବଚାଓ' ପୋଷ୍ଟର ଅଭିଯାନ

**ନୂଆଦିଲ୍ଲୀ, ୩୦।୩**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଗୁରୁବାରଠାରୁ ସାରା ଦେଶରେ 'ମୋଦି ହଟାଓ, ଦେଶ ବଚାଓ' ଲେଖାଥିବା ପୋଷ୍ଟର ଅଭିଯାନ ଆରମ୍ଭ କରିଛି। ୨୨ଟି ରାଜ୍ୟରେ ବିଭିନ୍ନ ଭାଷାରେ ପୋଷ୍ଟର ଓ ବ୍ୟାନର ଲଗାଯାଇଥିବା ଦଳର ଜାତୀୟ ଆବାହକ ଗୋପାଳ ରାୟ କହିଛନ୍ତି। ଭାଜପା ଦେଶବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରି ନ ଥିବା ଏହି ପୋଷ୍ଟର ଜରିଆରେ ସାରା ଦେଶକୁ ବାର୍ତ୍ତା ପଠାଇବା ଏହି ଅଭିଯାନର ଉଦ୍ଦେଶ୍ୟ। ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଭାଜପା ଗଣତନ୍ତ୍ରକୁ ଶେଷ କରିଦେବାକୁ ଉଦ୍ୟମ କରୁଛି। ଏଥିପାଇଁ ଏଏପି ପକ୍ଷରୁ ପୋଷ୍ଟର ଅଭିଯାନ ଆରମ୍ଭ ହୋଇଥିବା ରାୟ କହିଛନ୍ତି। ଛାତ୍ରୀଛାତ୍ରମାନଙ୍କ ଏନେଇ ସଚେତନ କରାଇବା ନିମନ୍ତେ ଏପ୍ରିଲ ୧୦ରୁ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟରେ ଅନୁରୂପ ପୋଷ୍ଟର ଅଭିଯାନ କରାଯିବ ବୋଲି ସେ କହିଛନ୍ତି।



ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ 'ମୋଦି ହଟାଓ, ଦେଶ ବଚାଓ' ଲେଖାଥିବା ପୋଷ୍ଟର ଅଭିଯାନ।

**ପଶ୍ଚିମ ଓଡ଼ିଶା ବିଜେଡି ନେତାଙ୍କ ସ୍ଲୋଗାନ**

# ଜୟ ଜଗନ୍ନାଥ, ଜୟ ମା' ସମଲେଇ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଶଙ୍ଖ ମୋ ଗର୍ବ ପରେ ବିଜୁ ଜନତା ଦଳ ନେତାମାନେ ଜୟ ଜଗନ୍ନାଥ କହି ନିଜ ଟୁଇଟର ଆକାଉଣ୍ଟରେ ପୋଷ୍ଟ କରୁଛନ୍ତି। ତେବେ ପଶ୍ଚିମ ଓଡ଼ିଶା ବିଜେଡି ନେତାଙ୍କ ମୁହଁରେ ଜୟ ଜଗନ୍ନାଥ ସହିତ ଜୟ ମା ସମଲେଇ କହୁଥିବା ନେଇ ପୋଷ୍ଟ କରୁଛନ୍ତି। ମନ୍ତ୍ରୀ ଟୁକୁନୀ ସାହୁ, ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ସମେତ ଅନ୍ୟ ବିଜେଡି ନେତାମାନେ ଜୟ ଜଗନ୍ନାଥ ସହିତ ଜୟ ମା ସମଲେଇ କହୁଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ, ଶଙ୍ଖ ମୋର ଗର୍ବ ପରେ ଜୟ ଜଗନ୍ନାଥ ସ୍ଲୋଗାନକୁ ନେଇ ସୋସିଆଲ ମିଡିଆରେ ବିଜେଡି କ୍ୟାମ୍ପେନ୍ ଆରମ୍ଭ କରିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜ ସୋସିଆଲ ମିଡିଆରେ ଜୟ ଜଗନ୍ନାଥ ଶେୟାର କରିବା ପରେ ଦଳର ସମସ୍ତ ନେତା ସୋସିଆଲ ମିଡିଆରେ ଜୟ ଜଗନ୍ନାଥ କହି ଭିଡିଓ ଶେୟାର କରୁଛନ୍ତି। ଏହା ପୂର୍ବରୁ ମଧ୍ୟ ଶଙ୍ଖ ମୋ ଗର୍ବ ଜରିଆରେ ଦଳର ନେତା ଏଭଳି କ୍ୟାମ୍ପେନ୍ ଚଳାଇଥିଲେ। ଏବେ ଜୟ ଜଗନ୍ନାଥର ନାରା ଦଳର ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଭାଜପାକୁ ଚେକ୍ ଦେବା ସହିତ ଲୋକଙ୍କ ମଧ୍ୟରେ ଭାବପ୍ରବଣତା ବଢାଇବା ପାଇଁ ବିଜେଡି ଏହି ଅଭିଯାନ ଆରମ୍ଭ କରିଥିବା କୁହାଯାଉଛି।

# ପ୍ରଦୀପଙ୍କ ରାଲିରେ ବ୍ରହ୍ମପୁର ମହାନଗର ବିଜେଡି ଉପସଭାପତି

**ବ୍ରହ୍ମପୁର ଅଫିସ,୩୦।୩:** ଗଞ୍ଜାମ ଜିଲା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମର୍ଥକ ଗତ ବୁଧବାର ତୁରା ପଥରା ଛକରୁ ମାଣ୍ଡିଆପଲ୍ଲୀ ଶିରିଡ଼ି ସାଇଙ୍କ ମନ୍ଦିର ପର୍ଯ୍ୟନ୍ତ ଏକ ରାଲି କରିଥିଲେ। ଏହି ରାଲିରେ ବ୍ରହ୍ମପୁର ମହାନଗର ବିଜେଡି ଉପସଭାପତି କେ. ଅନୀଲ କୁମାରଙ୍କୁ ଦେଖିବାକୁ ମିଳିଥିଲା। ଫଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିବା ସହ ଦଳୀୟ ନେତାଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଛି।


# Classified Everyday
**0674-2580101, 2549949**


REAL ESTATE

**SALE**

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରି ଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

**Luxurious 3BHK Flats available for booking at Sahid Nagar, Bhubaneswar (Near Empires Hotel & post office) price-1.42 cr. to 1.46 cr. Contact: 6372944453, 9040172040.** D-74836

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998


CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

All types of professional body massage by professional therapy. Contact: 9556924059, 7077933109. D-3163

Newly open health benefits SPA Special Offer@999 Sahidnagar. 8118028440. D-73695

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit sworn before the Notary Public, Balangir, I Sayed Kotabur Rasul, R/o. Gandhinagarpada, Balangir Town, Po/ Dist.- Balangir declare that in my Educational documents my name has been mentioned as Sayad Kotabur Rasul, S/o. Sayad Nayim Rasul (Father) and Sayada Anwari Begum (Mother) instead of Sayed Kotabur Rasul, S/o. Sayed Naim Rasul (Father) and Sayeda Anwara Begum (Mother). D-3133

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of affidavit before Notary, Berhampur I have changed my name from Rasmita Kumari Mahanty to Smt. Rasmita Nayak after my marriage with Sri Sangram Keshary Nayak & the same name also mentioned in my Aadhaar Card. So henceforth I shall be known as Smt. Rasmita Nayak, W/o- Sri Sangram Keshary Nayak At/Po.- Daringibadi, Dist.- Kandhamal, Odisha, PIN-762104 for all purposes. D-3127

**LOST**

I Sushma Sahu, R/o Ward No.-18,. Bharati Nagar, Bargarh-768028, declare that I have purchased a land of area-0.65 dec vide- khata No.-2414/14022, that the ROR (Khata No. 2414/14022) has been lost somewhere. Inspite of my best efforts I could not trace out the same. D-3126

# ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**

ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)

ଦେଖୁ ଦେଖୁ ଦଶ ବର୍ଷ ହୋଇଗଲା। କିଛି ବି ବଦଳିନିରେ, ତୁ ଏବେ ବି ଆମମାନଙ୍କ ଭିତରେ ସେମିତି ଅଛୁ। ସମସ୍ତଙ୍କ କଥା, ଭାବନା, ଚିନ୍ତାରେ ସମସ୍ତେ ତୋତେ ସଜାଇ ରଖିଛନ୍ତି। ତୋର ସେହି ହସ ହସ ମୁହଁକୁ ମନେପକାଇ ଆମେ ବି ହସି ଦେଉଛୁ। ମା' ଝାଡ଼େଶ୍ୱରୀ ତୋତେ ସବୁବେଳେ ସୁରକ୍ଷିତ ରଖିଥାଉ।

**ତୋର ପରିବାର ଓ ବନ୍ଧୁବର୍ଗ ।**

ଧ-୬୧୯୪୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀମତୀ କାଳୀ ମିଶ୍ର**

ସ୍ୱାମୀ: ୰ଶ୍ରୀ ଲକ୍ଷ୍ମୀ ପ୍ରସାଦ ମିଶ୍ର
ସର୍ବୋଦୟନଗର, ପୁରୀ
ଆବିର୍ଭାବ: ଗଣେଶ ଚତୁର୍ଥୀ, ୧୯୪୪
ତିରୋଧାନ: ରାମ ନବମୀ, ୨୦୧୮

ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ଲିଲି, ରମୁ, ମୀନା, ବିକୁନା, ଅନାମ, ଅଶୋକ, ଜୟଚନ୍ଦ୍ର, ରାନୁ, ସୋନି, ଦୀପୁନା, ବାପୁନୀ, ମାମୁନୀ, ଟିକିନା ଏବଂ ରୁଚି।

ଧ-୬୧୦୮୧

## ଇଣ୍ଡିଆନ ପ୍ରିମିୟର ଲିଗ୍ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୩୧ | ଗୁଜରାଟ ବନାମ ଚେନ୍ନାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧ | ପଞ୍ଜାବ ବନାମ କୋଲକାତା | ମୋହାଲି | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ଦିଲ୍ଲୀ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୨ | ହାଇଦ୍ରାବାଦ ବନାମ ରାଜସ୍ଥାନ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ମୁମ୍ବାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୩ | ଚେନ୍ନାଇ ବନାମ ଲକ୍ଷ୍ନୌ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୪ | ଦିଲ୍ଲୀ ବନାମ ଗୁଜରାଟ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୫ | ରାଜସ୍ଥାନ ବନାମ ପଞ୍ଜାବ | ଗୁଆହାଟୀ | ରାତି ୭.୩୦ |
| ଏପ୍ରିଲ ୬ | କୋଲକାତା ବନାମ ବାଙ୍ଗାଲୋର | କୋଲକାତା | ରାତି ୭.୩୦ |
| ଏପ୍ରିଲ ୭ | ଲକ୍ଷ୍ନୌ ବନାମ ହାଇଦ୍ରାବାଦ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୮ | ରାଜସ୍ଥାନ ବନାମ ଦିଲ୍ଲୀ | ଗୁଆହାଟୀ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ଚେନ୍ନାଇ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୯ | ଗୁଜରାଟ ବନାମ କୋଲକାତା | ଅହମଦାବାଦ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ ପଞ୍ଜାବ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୦ | ବାଙ୍ଗାଲୋର ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୧ | ଦିଲ୍ଲୀ ବନାମ ମୁମ୍ବାଇ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୧୨ | ଚେନ୍ନାଇ ବନାମ ରାଜସ୍ଥାନ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୧୩ | ପଞ୍ଜାବ ବନାମ ଗୁଜରାଟ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୧୪ | କୋଲକାତା ବନାମ ହାଇଦ୍ରାବାଦ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୧୫ | ବାଙ୍ଗାଲୋର ବନାମ ଦିଲ୍ଲୀ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | ଲକ୍ଷ୍ନୌ ବନାମ ପଞ୍ଜାବ | ଲକ୍ଷ୍ନୌ | ରାତି ୭.୩୦ |
| ଏପ୍ରିଲ ୧୬ | ମୁମ୍ବାଇ ବନାମ କୋଲକାତା | ମୁମ୍ବାଇ | ଅପରାହ୍ନ ୩.୩୦ |
| | ଗୁଜରାଟ ବନାମ ରାଜସ୍ଥାନ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୧୭ | ବାଙ୍ଗାଲୋର ବନାମ ଚେନ୍ନାଇ | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୧୮ | ହାଇଦ୍ରାବାଦ ବନାମ ମୁମ୍ବାଇ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୧୯ | ରାଜସ୍ଥାନ ବନାମ ଲକ୍ଷ୍ନୌ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୦ | ପଞ୍ଜାବ ବନାମ ବାଙ୍ଗାଲୋର | ମୋହାଲି | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ କୋଲକାତା | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୨୧ | ଚେନ୍ନାଇ ବନାମ ହାଇଦ୍ରାବାଦ | ଚେନ୍ନାଇ | ରାତି ୭.୩୦ |
| ଏପ୍ରିଲ ୨୨ | ଲକ୍ଷ୍ନୌ ବନାମ ଗୁଜରାଟ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ପଞ୍ଜାବ | ମୁମ୍ବାଇ | ରାତି ୭.୩୦ |
| ଏପ୍ରିଲ ୨୩ | ବାଙ୍ଗାଲୋର ବନାମ ରାଜସ୍ଥାନ | ବେଙ୍ଗାଲୁରୁ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଚେନ୍ନାଇ | କୋଲକାତା | ରାତି ୭.୩୦ |
| ଏପ୍ରିଲ ୨୪ | ହାଇଦ୍ରାବାଦ ବନାମ ଦିଲ୍ଲୀ | ହାଇଦ୍ରାବାଦ | ରାତି ୭.୩୦ |
| ଏପ୍ରିଲ ୨୫ | ଗୁଜରାଟ ବନାମ ମୁମ୍ବାଇ | ଅହମଦାବାଦ | ରାତି ୭.୩୦ |
| ଏପ୍ରିଲ ୨୬ | ବାଙ୍ଗାଲୋର ବନାମ କୋଲକାତା | ବେଙ୍ଗାଲୁରୁ | ରାତି ୭.୩୦ |
| ଏପ୍ରିଲ ୨୭ | ରାଜସ୍ଥାନ ବନାମ ଚେନ୍ନାଇ | ଜୟପୁର | ରାତି ୭.୩୦ |
| ଏପ୍ରିଲ ୨୮ | ପଞ୍ଜାବ ବନାମ ଲକ୍ଷ୍ନୌ | ମୋହାଲି | ରାତି ୭.୩୦ |
| ଏପ୍ରିଲ ୨୯ | କୋଲକାତା ବନାମ ଗୁଜରାଟ | କୋଲକାତା | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ହାଇଦ୍ରାବାଦ | ଦିଲ୍ଲୀ | ରାତି ୭.୩୦ |
| ଏପ୍ରିଲ ୩୦ | ଚେନ୍ନାଇ ବନାମ ପଞ୍ଜାବ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ମୁମ୍ବାଇ ବନାମ ରାଜସ୍ଥାନ | ମୁମ୍ବାଇ | ରାତି ୭.୩୦ |
| ମେ ୧ | ଲକ୍ଷ୍ନୌ ବନାମ ବାଙ୍ଗାଲୋର | ଲକ୍ଷ୍ନୌ | ରାତି ୭.୩୦ |
| ମେ୨ | ଗୁଜରାଟ ବନାମ ଦିଲ୍ଲୀ | ଅହମଦାବାଦ | ରାତି ୭.୩୦ |
| ମେ ୩ | ପଞ୍ଜାବ ବନାମ ମୁମ୍ବାଇ | ମୋହାଲି | ରାତି ୭.୩୦ |
| ମେ ୪ | ଲକ୍ଷ୍ନୌ ବନାମ ଚେନ୍ନାଇ | ଲକ୍ଷ୍ନୌ | ଅପରାହ୍ନ ୩.୩୦ |
| | ହାଇଦ୍ରାବାଦ ବନାମ କୋଲକାତା | ହାଇଦ୍ରାବାଦ | ରାତି ୭.୩୦ |
| ମେ ୫ | ରାଜସ୍ଥାନ ବନାମ ଗୁଜରାଟ | ଜୟପୁର | ରାତି ୭.୩୦ |
| ମେ ୬ | ଚେନ୍ନାଇ ବନାମ ମୁମ୍ବାଇ | ଚେନ୍ନାଇ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ବାଙ୍ଗାଲୋର | ଦିଲ୍ଲୀ | ରାତି ୭.୩୦ |
| ମେ ୭ | ଗୁଜରାଟ ବନାମ ଲକ୍ଷ୍ନୌ | ଅହମଦାବାଦ | ଅପରାହ୍ନ ୩.୩୦ |
| | ରାଜସ୍ଥାନ ବନାମ ହାଇଦ୍ରାବାଦ | ଜୟପୁର | ରାତି ୭.୩୦ |
| ମେ ୮ | କୋଲକାତା ବନାମ ପଞ୍ଜାବ | କୋଲକାତା | ରାତି ୭.୩୦ |
| ମେ ୯ | ମୁମ୍ବାଇ ବନାମ ବାଙ୍ଗାଲୋର | ମୁମ୍ବାଇ | ରାତି ୭.୩୦ |
| ମେ ୧୦ | ଚେନ୍ନାଇ ବନାମ ଦିଲ୍ଲୀ | ଚେନ୍ନାଇ | ରାତି ୭.୩୦ |
| ମେ ୧୧ | କୋଲକାତା ବନାମ ରାଜସ୍ଥାନ | କୋଲକାତା | ରାତି ୭.୩୦ |
| ମେ ୧୨ | ମୁମ୍ବାଇ ବନାମ ଗୁଜରାଟ | ମୁମ୍ବାଇ | ରାତି ୭.୩୦ |
| ମେ ୧୩ | ହାଇଦ୍ରାବାଦ ବନାମ ଲକ୍ଷ୍ନୌ | ହାଇଦ୍ରାବାଦ | ଅପରାହ୍ନ ୩.୩୦ |
| | ଦିଲ୍ଲୀ ବନାମ ପଞ୍ଜାବ | ଦିଲ୍ଲୀ | ରାତି ୭.୩୦ |
| ମେ ୧୪ | ରାଜସ୍ଥାନ ବନାମ ବାଙ୍ଗାଲୋର | ଜୟପୁର | ଅପରାହ୍ନ ୩.୩୦ |
| | ଚେନ୍ନାଇ ବନାମ କୋଲକାତା | ଚେନ୍ନାଇ | ରାତି ୭.୩୦ |
| ମେ ୧୫ | ଗୁଜରାଟ ବନାମ ହାଇଦ୍ରାବାଦ | ଅହମଦାବାଦ | ରାତି ୭.୩୦ |
| ମେ୧୬ | ଲକ୍ଷ୍ନୌ ବନାମ ମୁମ୍ବାଇ | ଲକ୍ଷ୍ନୌ | ରାତି ୭.୩୦ |
| ମେ ୧୭ | ପଞ୍ଜାବ ବନାମ ଦିଲ୍ଲୀ | ଧର୍ମଶାଳା | ରାତି ୭.୩୦ |
| ମେ ୧୮ | ହାଇଦ୍ରାବାଦ ବନାମ ବାଙ୍ଗାଲୋର | ହାଇଦ୍ରାବାଦ | ରାତି ୭.୩୦ |
| ମେ ୧୯ | ପଞ୍ଜାବ ବନାମ ରାଜସ୍ଥାନ | ଧର୍ମଶାଳା | ରାତି ୭.୩୦ |
| ମେ ୨୦ | ଦିଲ୍ଲୀ ବନାମ ଚେନ୍ନାଇ | ଦିଲ୍ଲୀ | ଅପରାହ୍ନ ୩.୩୦ |
| | କୋଲକାତା ବନାମ ଲକ୍ଷ୍ନୌ | କୋଲକାତା | ରାତି ୭.୩୦ |
| ମେ ୨୧ | ମୁମ୍ବାଇ ବନାମ ହାଇଦ୍ରାବାଦ | ମୁମ୍ବାଇ | ଅପରାହ୍ନ ୩.୩୦ |
| | ବାଙ୍ଗାଲୋର ବନାମ ଗୁଜରାଟ | ବେଙ୍ଗାଲୁରୁ | ରାତି ୭.୩୦ |

# ଫର୍ମୁଲା ୱାନ୍ ମୋଟର ରେସିଂ ୨୦୨୩

**ଫର୍ମୁଲା ୱାନ୍ ମୋଟର ରେସିଂର ୭୪ତମ ସଂସ୍କରଣ ମାର୍ଚ୍ଚ ମାସରେ ଆରମ୍ଭ ହୋଇଛି। ଏହି ସିଜନରେ ବିଶ୍ୱର ବିଭିନ୍ନ ସର୍କିଟ୍‌ରେ ମୋଟ ୨୩ଟି ରେସ୍ ଅନୁଷ୍ଠିତ ହେବ। ଇତିମଧ୍ୟରେ ବାହାରିନ୍ ଓ ସାଉଦି ଆରବିୟାନ ଗ୍ରାଁ ପ୍ରି ଶେଷ ହୋଇଯାଇଥିବାବେଳେ ରେଡ୍‌ବୁଲ୍ ଡ୍ରାଇଭରମାନେ ବାଜି ମାରିଛନ୍ତି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଗତ ସଂସ୍କରଣର ଚାମ୍ପିୟନ ଥିଲେ...**

ଫର୍ମୁଲା ୱାନ୍ ମୋଟର ରେସିଂର ୭୪ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ୨୦୨୩ରେ ବିଶ୍ୱର ବିଭିନ୍ନ ସର୍କିଟ୍‌ରେ ମୋଟ ୨୩ଟି ରେସ୍ ହେବାର କାର୍ଯ୍ୟସୂଚୀ ଥିବାବେଳେ ଇତିମଧ୍ୟରେ ୨ଟି ରେସ୍ ସମ୍ପନ୍ନ ହୋଇଯାଇଛି। ଶେଷ ହୋଇଯାଇଥିବା ଗ୍ରାଁ ପ୍ରି ୨ଟି ହେଲା ବାହାରିନ୍ ଓ ସାଉଦି ଆରବିୟାନ। ମାର୍ଚ୍ଚରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଟିମ୍‌ର ଡ୍ରାଇଭରଙ୍କ ମଧ୍ୟରେ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନ ଓ କନ୍‌ଷ୍ଟ୍ରକ୍ଟର୍ସ ଚାମ୍ପିୟନ ପାଇଁ ଲଢ଼େଇ ଆରମ୍ଭ ହୋଇଛି। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ ଗତ ସଂସ୍କରଣର ଡ୍ରାଇଭର୍ସ ଚାମ୍ପିୟନ ହୋଇଥିଲେ। ଏଥର ମଧ୍ୟ ସେ ଆରମ୍ଭରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତାଙ୍କ ଟିମ୍ ରେଡ୍‌ବୁଲ୍ କନ୍‌ଷ୍ଟ୍ରକ୍ଟର୍ସ ଚାମ୍ପିୟନ ହୋଇଥିଲା। ଏଥର ୩ ଡ୍ରାଇଭର ଫର୍ମୁଲା ୱାନ୍ ଡେବ୍ୟୁ କରିଥିଲେ। ସେମାନେ ହେଲେ ଓସ୍କାର ପିଆଷ୍ଟ୍ରି (ମ୍ୟାକ୍‌ଲରେନ୍), ନିକ୍ ଡି ଭ୍ରିଜ୍ (ଆଲ୍‌ଫା ଟୌରି) ଓ ଲୋଗାନ ସର୍ଗାଣ୍ଟ (ୱିଲିୟମ୍ସ)। ଅନୁଷ୍ଠିତ ହୋଇଯାଇଥିବା ୨ ରେସ୍ ଶେଷରେ ରେଡ୍‌ବୁଲ୍‌ର ଦୁଇ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ (ନେଦରଲାଣ୍ଡ) ଓ ସର୍ଗିଓ ପେରେଜ (ମେକ୍ସିକୋ) ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଯଥାକ୍ରମେ ୪୪ ଓ ୪୩ ପଏଣ୍ଟ ସହିତ ପ୍ରଥମ ୨ ସ୍ଥାନ ଅଧିକାର କରିଛନ୍ତି।



### ଅବଶିଷ୍ଟ କ୍ୟାଲେଣ୍ଡର

| ତାରିଖ | ଗ୍ରାଁ ପ୍ରି | ସର୍କିଟ |
|---|---|---|
| ଏପ୍ରିଲ ୨ | ଅଷ୍ଟ୍ରେଲିଆନ | ଆଲବର୍ଟ ପାର୍କ |
| ଏପ୍ରିଲ ୩୦ | ଆଜରବୈଜାନ | ବାକୁ ସିଟି |
| ମେ ୭ | ମାୟାମି | ମାୟାମି ଗାର୍ଡେନ୍ସ, ଫ୍ଲୋରିଡ଼ା |
| ମେ ୨୧ | ଇମିଲିଆ | ରୋମଗ୍ନାଇମୋଲା |
| ମେ ୨୮ | ମୋନାକୋ | ମୋନାକୋ |
| ଜୁନ୍ ୪ | ସ୍ପାନିଶ୍ | ବାର୍ସିଲୋନା-କାଟାଲୁନ୍ୟା |
| ଜୁନ୍ ୧୮ | କାନାଡ଼ିଆନ | ମଣ୍ଟ୍ରିଲ |
| ଜୁଲାଇ ୨ | ଅଷ୍ଟ୍ରିଆନ | ରେଡ୍‌ବୁଲ୍ ରିଙ୍ଗ୍, ସ୍ପେଲବର୍ଗ |
| ଜୁଲାଇ ୯ | ବ୍ରିଟିଶ୍ | ସିଲ୍‌ଭରଷ୍ଟୋନ |
| ଜୁଲାଇ ୨୩ | ହଙ୍ଗେରିଆନ | ହଙ୍ଗାରୋରିଙ୍ଗ୍ |
| ଜୁଲାଇ ୩୦ | ବେଲଜିଆନ | ସ୍ପା-ଫ୍ରାଙ୍କୋଚାମ୍ପ୍ସ |
| ଅଗଷ୍ଟ ୨୭ | ଡଚ୍ | ଜାଣ୍ଡଭର୍ଟ |
| ସେପ୍ଟେମ୍ବର ୩ | ଇଟାଲିଆନ | ମୋଞ୍ଜା |
| ସେପ୍ଟେମ୍ବର ୧୭ | ସିଙ୍ଗାପୁର | ମାରିନା ବେ' ଷ୍ଟ୍ରିଟ୍ |
| ସେପ୍ଟେମ୍ବର ୨୪ | ଜାପାନିଜ୍ | ସୁଜୁକା ଇଣ୍ଟରନ୍ୟାଶନାଲ |
| ଅକ୍ଟୋବର ୮ | କାତାର | ଲୁସେଲ ଇଣ୍ଟରନ୍ୟାଶନାଲ |
| ଅକ୍ଟୋବର ୨୨ | ୟୁଏସ୍ | ଅଷ୍ଟିନ, ଟେକ୍ସାସ |
| ଅକ୍ଟୋବର ୨୯ | ମେକ୍ସିକୋ ସିଟି | ଅଟୋଡ୍ରୋମୋ ହେର୍ମାନସ ରୋଡ୍ରିଗ୍ୱେଜ |
| ନଭେମ୍ବର ୫ | ସାଓ ପାଉଲୋ | ଇଣ୍ଟରଲାଗୋସ |
| ନଭେମ୍ବର ୧୮ | ଲସ୍ ଭେଗାସ | ଲସ୍ ଭେଗାସ ଷ୍ଟ୍ରିପ୍ |
| ନଭେମ୍ବର ୨୬ | ଆବୁଧାବି | ୟାସ୍ ମାରିନା |

## ବାହାରିନ୍ ଗ୍ରାଁ ପ୍ରି

ସିଜନ ପ୍ରାରମ୍ଭ ବାହାରିନ୍ ଗ୍ରାଁ ପ୍ରି ସାଖିରସ୍ଥିତ ଅନ୍ତର୍ଜାତୀୟ ସର୍କିଟ୍‌ରେ ମାର୍ଚ୍ଚ ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦୁଇଦିନ ପ୍ରାକ୍ଟିସ ଓ କ୍ୱାଲିଫାଇଂ ଏବଂ ଅନ୍ତିମ ଦିବସରେ ଚୂଡ଼ାନ୍ତ ରେସ୍‌ରେ ଡ୍ରାଇଭରମାନେ କୌଶଳ ପ୍ରଦର୍ଶନ କରିଥିଲେ। ୫,୪୧୨ କିଲୋମିଟର (୩,୩୬୩ମାଇଲ)ର ଏହି ରେସ୍ ୫୭ ଲ୍ୟାପ୍ ବିଶିଷ୍ଟ ଥିଲା। ମ୍ୟାକଲରେନ, ଆଲ୍‌ଫା ଟୌରୀ ଓ ୱିଲିୟମ୍ସ ସହିତ ଓସ୍କାର ପିଆଷ୍ଟ୍ରି, ନିକ୍ ଡି' ଭ୍ରାଏଜ୍ ଓ ଲୋଗାନ ସର୍ଗାଣ୍ଟ ଜୀବନର ପ୍ରଥମ ରେସ୍‌ରେ ଅବତୀର୍ଣ୍ଣ ହୋଇଥିଲେ। ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ରେଡ୍ ବୁଲ୍ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ଅଳ୍ପ କିଛି ସମୟ ଲିଡିଂରୁ ବିଚ୍ୟୁତ ହୋଇଥିଲେ ହେଁ ଶେଷରେ ବିଜେତା ସାବ୍ୟସ୍ତ ହୋଇଥିଲେ। ସେ ୧:୩୩:୫୬.୭୩୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ଅପେକ୍ଷା ୧୧.୯୮୭ ସେକେଣ୍ଡ ସମୟ ଅଧିକ ନେଇଥିବା ଅନ୍ୟତମ ରେଡ୍‌ବୁଲ୍ ଚାଳକ ସର୍ଗିଓ ପେରେଜ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅର୍ଥାତ୍ ବର୍ଷ ପ୍ରାରମ୍ଭ ରେସ୍‌ରେ ରେଡ୍‌ବୁଲ ୱାନ୍-ଟୁ ପୋଜିଶନ ସହିତ ରେସ୍ ଶେଷ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଷ୍ଟନ ମାର୍ଟିନ ଡ୍ରାଇଭର ଫର୍ନାଣ୍ଡୋ ଆଲୋଁସୋ, ଫେରାରୀର କାର୍ଲୋସ ସିଞ୍ଜ ଜୁନିୟର, ମର୍ସିଡିଜ୍‌ର ଲୁଇସ ହାମିଲଟନ, ଆଷ୍ଟନ ମାର୍ଟିନର ଲାନ୍ସ ଷ୍ଟ୍ରୋଲ୍, ମର୍ସିଡିଜ୍‌ର ଜର୍ଜ ରସେଲ, ଆଲ୍‌ଫା ରୋମିଓର ଭାଲ୍‌ଟେରୀ ବୋଟ୍ଟାସ, ଆଲ୍‌ପିନେର ପିଏରେ ଗାସ୍‌ଲି ଏବଂ ୱିଲିୟମ୍ସର ଆଲେକ୍‌ଜାଣ୍ଡର ଆଲବନ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। ରେସିଂ ନିୟମ ଅନୁସାରେ ରେସ୍‌ର ବିଜେତାଙ୍କୁ ୨୫ ପଏଣ୍ଟ ପ୍ରଦାନ କରାଯାଇଥାଏ। ପରବର୍ତ୍ତୀ ୯ ଜଣ କ୍ରମାନ୍ୱୟରେ ୧୮, ୧୫, ୧୨, ୧୦, ୮, ୬, ୪, ୨ ଓ ୧ ପଏଣ୍ଟ ହାସଲ କରିଥିଲେ। କେବଳ ଏହି ରେସ୍‌ରୁ ରେଡ୍‌ବୁଲ୍ ୪୩ ପଏଣ୍ଟ ହାସଲ କରିଥିବାରୁ କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ସ୍ୱାଭାବିକ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲା।



ମ୍ୟାକ୍ସ ଭର୍ଷ୍ଟାପେନ

## ଜେଦ୍ଦାରେ ପେରେଜଙ୍କ କମାଲ

ସିଜନର ଦ୍ୱିତୀୟ ରେସ୍ ଥିଲା ସାଉଦି ଆରବିୟାନ ଗ୍ରାଁ ପ୍ରି। ସାଉଦି ଆରବର ଜେଦ୍ଦାସ୍ଥିତ କର୍ନିକ ସର୍କିଟ୍‌ରେ ଏହି ରେସ୍ ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହୋଇଥିଲା। ୬,୧୭୪ କିଲୋମିଟର (୩,୮୩୬ ମାଇଲ) ବିଶିଷ୍ଟ ଷ୍ଟ୍ରିଟ୍ ସର୍କିଟ ରେସ୍ ୫୦ ଲ୍ୟାପ୍‌ବିଶିଷ୍ଟ ଥିଲା। କ୍ୱାଲିଫିକେଶନ ସମୟରେ ପ୍ରଭାବୀ ପ୍ରଦର୍ଶନ କରି ପୋଲ୍ ପୋଜିଶନ ପାଇଥିବା ରେଡ୍‌ବୁଲ୍ ଡ୍ରାଇଭର ସର୍ଗିଓ ପେରେଜ ମୁଖ୍ୟ ରେସ୍‌ରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ୧:୨୧:୧୪.୮୯୪ ସେକେଣ୍ଡ ସମୟ ନେଇଥିଲେ। ପେରେଜଙ୍କ ସାଥୀ ଡ୍ରାଇଭର ମ୍ୟାକ୍ସ ଭର୍ଷ୍ଟାପେନ ୫.୩୫୫ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ସ୍ଥାନ ଫିନିଶ୍ କରିଥିଲେ। ଫଳରେ ସିଜନ ପ୍ରାରମ୍ଭ ବାହାରିନ୍ ଗ୍ରାଁ ପ୍ରି ପରି ଏଠାରେ ମଧ୍ୟ ରେଡ୍‌ବୁଲ୍ ୱାନ୍-ଟୁ ପୋଜିଶନ ପାଇଥିଲା। କେବଳ ଡ୍ରାଇଭରଦ୍ୱୟ ଉପରତଳ ହୋଇଥିଲେ। ଆଷ୍ଟନ ମାର୍ଟିନର ଫର୍ନାଣ୍ଡୋ ଆଲୋଁସୋ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମର୍ସିଡିଜ୍‌ର ଜର୍ଜ ରସେଲ ଓ ଲୁଇସ ହାମିଲଟନ, ଫେରାରୀର କାର୍ଲୋସ ସିଞ୍ଜ ଜୁନିୟର ଓ ଚାର୍ଲ୍ସ ଲେକ୍‌ଲେର୍କ, ଆଲ୍‌ପିନେର ଏଷ୍ଟାବନ ଓକନ ଓ ପିଏରେ ଗାସ୍‌ଲି ଏବଂ ହାସ୍‌ର କେଭିନ ମାଗ୍ନୁସେନ ଟପ୍-୧୦ ଫିନିଶ୍ କରିଥିଲେ। ଫଳରେ ଏହି ୧୦ ଡ୍ରାଇଭର ଯଥାକ୍ରମେ ୨୫, ୧୯, ୧୫, ୧୨, ୧୦, ୮, ୬, ୪, ୨ ଓ ୧ ପଏଣ୍ଟ ହାସଲ କରିଥିଲେ। ୨ ରେସ୍ ଶେଷରେ କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ରେଡ୍‌ବୁଲ୍ ୮୭ ପଏଣ୍ଟ ସହ ଶୀର୍ଷରେ ନିଜ ସ୍ଥାନକୁ ମଜଭୁତ କରିଥିଲା।



ସର୍ଗିଓ ପେରେଜ

## ଆଇପିଏଲ ରେକର୍ଡ୍ସ



ବିରାଟ କୋହଲି



ଡ୍ୱେନ୍ ବ୍ରାଭୋ

* ସର୍ବାଧିକ ରନ୍: ବିରାଟ କୋହଲି-୬୬୨୪
* ସର୍ବାଧିକ ଚୌକା: ଶିଖର ଧାୱନ-୭୦୧
* ସର୍ବାଧିକ ଛକା: କ୍ରିସ୍ ଗେଲ୍-୩୫୭
* ଗୋଟିଏ ଇନିଂସରେ ସର୍ବାଧିକ ଛକା: କ୍ରିସ୍ ଗେଲ୍-୧୭
* ଇନିଂସରେ ସର୍ବୋଚ୍ଚ ସ୍କୋର: କ୍ରିସ୍ ଗେଲ୍-୧୭୫
* ଶ୍ରେଷ୍ଠ ଷ୍ଟ୍ରାଇକ୍ ହାର: ଆନ୍ଦ୍ରେ ରସେଲ-୧୭୭.୮୮
* ସର୍ବାଧିକ ଉଇକେଟ: ଡ୍ୱେନ୍ ବ୍ରାଭୋ-୧୮୩
* ଶ୍ରେଷ୍ଠ ବୋଲିଂ ଫିଗର: ଆଲଜାରି ଜୋସେଫ-୬/୧୨
* ସର୍ବାଧିକ ବୋଲିଂ ଆଭରେଜ: ଲୁନ୍‌ଗି ଏନ୍‌ଗିଡି-୧୭.୯୨
* ଶ୍ରେଷ୍ଠ ଇକୋନୋମି: ରଶିଦ୍ ଖାଁ-୬.୩୭
* ସର୍ବାଧିକ ଡଟ୍ ବଲ୍: ଭୁବନେଶ୍ୱର କୁମାର-୧୪୦୬
* ସର୍ବାଧିକ ଅର୍ଦ୍ଧଶତକ: ଡେଭିଡ ୱାର୍ନର-୫୫
* ସର୍ବାଧିକ ଶତକ: କ୍ରିସ୍ ଗେଲ୍-୬
* ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ: ୧୪୬(ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ ଡେୟାରଡେଭିଲ୍ସ, ୨୦୧୭)
* ସର୍ବାଧିକ ବଲ୍ ବ୍ୟବଧାନରେ ବିଜୟ: ୮୭(ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲ୍‌କାତା ନାଇଟ ରାଇଡର୍ସ, ୨୦୦୮)
* ୧୦ ଉଇକେଟରେ ବିଜୟ: ୧୫ ଥର
* ୧ ରନ୍‌ରେ ବିଜୟ: ୧୧ ଥର
* ସର୍ବାଧିକ ରନ୍ ଚେଜ୍: ୨୨୬/୬(ରାଜସ୍ଥାନ ରୟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ, ସ୍ଥାନ: ଶାରଜା, ୨୦୨୦)
* ଟାଇ ମ୍ୟାଚ୍: ୧୪ ଥର
* ସର୍ବାଧିକ ଦଳଗତ ସ୍କୋର: ୨୬୩/୫ (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ପୁଣେ ୱାରିୟର୍ସ ଇଣ୍ଡିଆ, ସ୍ଥାନ: ବାଙ୍ଗାଲୋର, ୨୦୧୩)
* ସର୍ବନିମ୍ନ ଦଳଗତ ସ୍କୋର: ୪୯/ଅଲ୍‌ଆଉଟ (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କୋଲକାତା ନାଇଟ ରାଇଡର୍ସ, ସ୍ଥାନ: କୋଲକାତା, ୨୦୧୭)
* ମ୍ୟାଚ୍‌ରେ ସର୍ବାଧିକ ସ୍କୋର: ୪୬୯/୧୦(ସିଏସ୍‌କେ ୨୪୬/୫ ବନାମ ରାଜସ୍ଥାନ ରୟାଲ୍ସ ୨୨୩/୫, ସ୍ଥାନ: ଚେନ୍ନାଇ, ୨୦୧୦)
* ମ୍ୟାଚ୍‌ରେ ସର୍ବନିମ୍ନ ସ୍କୋର: ୧୩୫/୧୦(ଦିଲ୍ଲୀ ଡେୟାରଡେଭିଲ୍ସ ୬୭ ବନାମ ପଞ୍ଜାବ କିଙ୍ଗ୍ସ-୬୮/୦, ସ୍ଥାନ: ମୋହାଲି, ୨୦୧୭)
* ଦ୍ରୁତତ୍ତମ ଅର୍ଦ୍ଧଶତକ: ଲୋକେଶ ରାହୁଲ ଓ ପ୍ୟାଟ୍ କୁମିନ୍ସ (୧୪ ବଲ୍)
* ଦ୍ରୁତତ୍ତମ ଶତକ: କ୍ରିସ୍ ଗେଲ୍ (୩୦ ବଲ୍)
* ସର୍ବାଧିକ ମେଡେନ: ପ୍ରବୀଣ କୁମାର (୧୪)
* ଦ୍ରୁତ ୫୦ ଉଇକେଟ: କାଗିଶୋ ରାବାଡ଼ା (୨୭ ମ୍ୟାଚ)
* ଦ୍ରୁତ ୧୦୦ ଓ ୧୫୦ ଉଇକେଟ: ଲସିଥ ମାଲିଙ୍ଗା (୭୦ ଓ ୧୦୫ ମ୍ୟାଚ)
* ହାଟ୍ରିକ୍ ଉଇକେଟ: ୨୧ ଖେଳାଳି
* ସର୍ବାଧିକ ଡିସ୍‌ମିଶାଲ କରିଥିବା ଉଇକେଟ୍‌କିପର: ମହେନ୍ଦ୍ର ସିଂ ଧୋନୀ -୧୭୦(୧୩୧ କ୍ୟାଚ+୩୯ ଷ୍ଟମ୍ପିଂ)
* ସର୍ବାଧିକ କ୍ୟାଚ୍: ସୁରେଶ ରାଇନା -୧୦୯
* ସର୍ବାଧିକ ମ୍ୟାଚରେ ଅଧିନାୟକ: ମହେନ୍ଦ୍ର ସିଂ ଧୋନୀ-୨୧୦
* ସର୍ବାଧିକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର: ଏବି ଡି' ଭିଲର୍ସ-୨୫ ଥର

## କମ୍ପେୟାର

ୱାର୍ଲ୍ଡର ବିଗେଷ୍ଟ ମୋଦି ଷ୍ଟାଡିୟମ
ଆଜି ଯାଉ ଯାଆ' କାଲି
ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚ
ସମାରୋହ ହେବ ନାଲି
ରଶ୍ମିକା ମନ୍ଦାନା ଚାଲି
ତମନ୍ନା, କ୍ୟାଟ୍ରିନା, ଟାଇଗର ଶ୍ରଫ୍
ଜଲୱା ଦେଖିବୁ ବୁଲି।

ହକିର ପ୍ରଚାର ପ୍ରସାର ପାଇଁକି
ବଣ୍ଟାହେବ ହକି ବାଡ଼ି,
ଉଚ୍ଚ ମାନଯୁକ୍ତ ହକି ସରଞ୍ଜାମ
ବଲ୍, କ୍ରୀଡ଼ା ଯୋତା, ଘଡ଼ି
ଯୁବ ପ୍ରତିଭାଙ୍କୁ କାଢ଼ି,
ନ୍ୟାଶନାଲ କ୍ରୀଡ଼ା ଆଗେଇବ ହକି
ଇଣ୍ଡିଆ କରଇ ରଡ଼ି।

ଭେଜ୍ ନନ୍‌ଭେଜ୍ ପରି ଡିଫରେଣ୍ଟ
ଉଭୟ କ୍ରିକେଟ ହକି,
କ୍ରିକେଟ ପାଗଳ ଦେଶରେ ମାନିଆ
ମାଇନର ଯୁଥ୍ ନଖୀ,
ଆସ୍କ, ହିଷ୍ଟ୍ରି ଦେବେ ଲେଖି
ଶୁଟ୍ ଆଉଟ ଗୋଲ କହି ନ ପାରନ୍ତି
କମ୍ପେୟାର କର ଡାକି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୩୧/୨୦୨୩ Bhubaneswar, Friday, March 31/ 2023




କ୍ୟାପଟେନ୍ସ ମିଟ୍‌ରେ ଆଇପିଏଲ୍ ଟ୍ରଫି ସହ ଭୁବନେଶ୍ୱର କୁମାର, ଡେଭିଡ୍ ୱାର୍ନର, ସଞ୍ଜୁ ସାମସନ୍, ହାର୍ଦ୍ଦିକ୍ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ, ଲୋକେଶ ରାହୁଲ, ଶିଖର ଧାୱନ, ନୀତିଶ ରାଣା ଓ ଫାଫ ଡୁ ପ୍ଲେସି।(ବାମରୁ ଡାହାଣ)

# କ୍ୟାପ୍‌ଟେନ୍ସ ମିଟ୍‌ରେ ଯୋଗ ଦେଲେନି ରୋହିତ

**ଅହମ୍ମଦାବାଦ,୩୦।୩**

ଆଇପିଏଲ୍‌ର ୧୬ତମ ସଂସ୍କରଣ ଶୁକ୍ରବାର ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହେବ। ଏହା ପୂର୍ବରୁ ଗୁରୁବାର ୧୦ଟି ଯାକ ଫ୍ରାଞ୍ଚାଇଜିର ଅଧିନାୟକଙ୍କୁ ନେଇ ଏକ ଫଟୋଶୁଟ୍ କରାଯାଇଥିଲା। ତେବେ ଏହି କ୍ୟାପ୍‌ଟେନ୍ସ ମିଟ୍‌ରେ ଅନୁପସ୍ଥିତ ଥିଲେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା। ରୋହିତଙ୍କ ଅନୁପସ୍ଥିତି ସମସ୍ତଙ୍କ ପାଇଁ ଚର୍ଚ୍ଚାର ବିଷୟ ପାଲଟିଥିଲା। ଅସୁସ୍ଥ ଥିବା କାରଣରୁ ରୋହିତ ମୁମ୍ବାଇରୁ ଅହମଦାବାଦ ଯାତ୍ରା କରି ପାରି ନ ଥିଲେ। ତେବେ ଏପ୍ରିଲ୍ ୨ ତାରିଖରେ ହେବାକୁ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ଫିଟ୍ ହୋଇଯାଇଥିବେ ବୋଲି ପ୍ରକାଶ। ରୋହିତଙ୍କ ବ୍ୟତୀତ ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ ଏଡେନ୍ ମାରାକ୍ରମ ମଧ୍ୟ ଅନୁପସ୍ଥିତ ଥିଲେ। ତେବେ ମାରାକ୍ରମଙ୍କ ସ୍ଥାନରେ କାମଚଳା ଅଧିନାୟକ ଭାବେ ଭୁବନେଶ୍ୱର କୁମାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସର ମହେନ୍ଦ୍ର ସିଂ ଧୋନୀ, ଗୁଜରାଟ ଟାଇଟନ୍ସର




ହାର୍ଦ୍ଦିକ୍ ପାଣ୍ଡ୍ୟା, ପଞ୍ଜାବ କିଙ୍ଗ୍ସର ଶିଖର ଧାୱନ, କୋଲକାତା ନାଇଟ୍ ରାଇଡର୍ସର ନୀତୀଶ ରାଣା, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ଲୋକେଶ ରାହୁଲ, ସନରାଇଜର୍ସ ହାଇଦ୍ରାବାଦର ଭୁବନେଶ୍ୱର କୁମାର, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଫାଫ ଡୁ ପ୍ଲେସିସ୍, ରାଜସ୍ଥାନ ରୟାଲ୍ସର ସଞ୍ଜୁ ସାମସନ୍ ଓ ଦିଲ୍ଲୀ କ୍ୟାପିଟାଲ୍ସର ଡେଭିଡ୍ ୱାର୍ନର ଯୋଗ ଦେଇଥିଲେ। ସମସ୍ତ ୯ ଫ୍ରାଞ୍ଚାଇଜିର ଅଧିନାୟକ ଟ୍ରଫି ସହିତ ଫଟୋ ଉଠାଇଥିଲେ।

# ପ୍ରଥମ ମ୍ୟାଚ୍‌ରେ ଧୋନୀ, ପାଣ୍ଡ୍ୟା ମୁକାବିଲା

**ଆଜିଠାରୁ ଆଇପିଏଲ୍-୧୬**

**ଅହମ୍ମଦାବାଦ,୩୦।୩(ପି.ଟି.)**

ଆଇପିଏଲ୍‌ର ୧୬ତମ ସଂସ୍କରଣ ଶୁକ୍ରବାର ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ୍ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଡିଫେଣ୍ଡିଂ ଚାମ୍ପିୟନ୍ ଗୁଜରାଟ ଟାଇଟନ୍ସ ଓ ୪ ଥରର ଚାମ୍ପିୟନ୍ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଖେଳାଯିବ। ୨୦୨୨ ସିଜନରେ ପ୍ରଥମ ଥର ପାଇଁ ପାଣ୍ଡ୍ୟା ଅଧିନାୟକତ୍ୱର ଭାର ସମ୍ଭାଳିଥିଲେ। ପ୍ରଥମ ଥରରେ ହିଁ ସେ ଧୋନୀଙ୍କ ପରି ଚାପ ପରିସ୍ଥିତିରେ ଶାନ୍ତ ରହିବାର କଳା ଦେଖାଇଥିଲେ। ଶୁବମାନ ଗିଲ୍‌ଙ୍କ କ୍ୟାରିୟର ଶ୍ରେଷ୍ଠ ଫର୍ମ, ରାଶିଦ୍ ଖାନଙ୍କ ବୋଲିଂ ସହିତ ମିଡିଲ ଅର୍ଡରରେ କିଲର ମିଲର ଓ ପାଣ୍ଡ୍ୟାଙ୍କ ବ୍ୟାଟିଂ ବଳରେ ପ୍ରଥମ ସଂସ୍କରଣରେ ହିଁ ସବୁ ଦଳକୁ ପଛରେ ଛାଡ଼ିଥିଲା ଟାଇଟନ୍ସ। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଓପନିଂ ମ୍ୟାଚ୍‌ରେ ମିଲରଙ୍କ ଅନୁପସ୍ଥିତି ସାମାନ୍ୟ ପ୍ରଭାବ ପକାଇପାରେ। ତେବେ ରାହୁଲ ଟେୱାଟିଆଙ୍କ ଫର୍ମ ଟାଇଟନ୍ସ ପାଇଁ ସାମାନ୍ୟ ଆଶ୍ୱସ୍ତିର ବିଷୟ ରହିବ। କେନ୍ ୱିଲିୟମସନଙ୍କୁ ଟି୨୦ ପାଇଁ ସ୍ପେଶାଲିଷ୍ଟ ବ୍ୟାଟର ଭାବରେ ଗଣନା କରାଯାଏ ନାହିଁ। ମାତ୍ର କଷ୍ଟସାଧ୍ୟ ପିଚ୍ ଓ ପରିସ୍ଥିତିରେ ୱିଲିୟମସନ୍‌ଙ୍କ ଦକ୍ଷତା ଦଳ ପାଇଁ ବେଶ ଲାଭଦାୟକ ରହିବ। ହାର୍ଦ୍ଦିକ୍ ସର୍ବଦା ଧୋନୀଙ୍କୁ ନିଜ ଆଦର୍ଶ ବୋଲି କହିଥାନ୍ତି। ତେଣୁ ଏହି ମ୍ୟାଚ୍‌କୁ ଗୁରୁ-ଶିଷ୍ୟଙ୍କ ମ୍ୟାଚ୍ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ୪୨ ବର୍ଷ ବୟସରେ ଧୋନୀ ପୁଣି ଥରେ ଅଧିନାୟକ ଭୂମିକାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତ ସିଜନରେ ପ୍ରଥମ ଥର ପାଇଁ ଚେନ୍ନାଇ ସୁପର କିଙ୍ଗ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିବାରେ ସମର୍ଥ ହୋଇ ନ ଥିଲା।

ଶୁକ୍ରବାର ୧୬ତମ ଆଇପିଏଲ୍‌ରେ ଧୋନୀଙ୍କ ନେତୃତ୍ୱରେ ଦଳ ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଇମ୍ପାକ୍ଟ ପ୍ଲେୟର୍ ନିୟମ କାରଣରୁ ଉଭୟ ଦଳରେ ୧୨ ଜଣ ଖେଳାଳି ରହିବେ। ନିଜ ପାଖରେ ଥିବା ଖେଳାଳିଙ୍କ ଦକ୍ଷତାକୁ ଠିକ୍ ଢଙ୍ଗରେ ଉପଯୋଗ କରିଥାନ୍ତି ଧୋନୀ। ସେ ଇମ୍ପାକ୍ଟ ପ୍ଲେୟର ନିୟମକୁ କେଉଁଭଳି ବ୍ୟବହାର କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ। ବେନ୍ ଷ୍ଟୋକ୍ସ ଆଇପିଏଲ୍‌ର ପ୍ରଥମାର୍ଦ୍ଧରେ ବୋଲିଂ କରି ପାରିବେ ନାହିଁ। ତେଣୁ ଚେନ୍ନାଇ ଷ୍ଟୋକ୍ସଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବରେ ବ୍ୟବହାର କରିପାରେ। ଅନ୍ୟପକ୍ଷରେ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଧୋନୀ, ଅମ୍ବାତି ରାୟୁଡୁ ଓ ରବୀନ୍ଦ୍ର ଜାଡେଜାଙ୍କ ପ୍ରଦର୍ଶନ ଉପରେ ଭାରତୀୟ ଫ୍ୟାନଙ୍କ ନଜର ରହିବ। ସେହିପରି ପେସ୍ ବୋଲରଙ୍କ ମଧ୍ୟରେ ଦୀପକ ଚହର, ମୁକେଶ ଚୌଧାରୀ/ ସିମରଜିତ୍ ସିଂଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଡେଭନ୍ କନ୍‌ୱେ, ବେନ୍ ଷ୍ଟୋକ୍ସ ଓ ମୋଇନ୍ ଅଲୀଙ୍କ ଖେଳିବା ନିଶ୍ଚିତ ଅଟେ। ଚତୁର୍ଥ ଖେଳାଳି ଭାବରେ ମହେଶ ଥିକଶାନା କିମ୍ବା ମଥିସା ପଥିରାନାଙ୍କ ମଧ୍ୟରୁ ଜଣେ ଖେଳିବେ।



ଅଭ୍ୟାସ ଅବସରରେ କେନ୍ ୱିଲିୟମସନ୍।

ଅନ୍ୟପକ୍ଷରେ ଗୁଜରାଟର ବ୍ୟାଟିଂରେ ସାମାନ୍ୟ ସମସ୍ୟା ରହିଥିଲେ ମଧ୍ୟ ବୋଲିଂ ବେଶ୍ ଶକ୍ତିଶାଳୀ ରହିଛି। ଡେଭିଡ୍ ମିଲରଙ୍କ ଅନୁପସ୍ଥିତିରେ ମଧ୍ୟକ୍ରମ ସାମାନ୍ୟ ଦୁର୍ବଳ ମନେହେଉଛି। ଏହା ସହିତ ଉଇକେଟକିପରକୁ ନେଇ ମଧ୍ୟ ସାମାନ୍ୟ ଚିନ୍ତାରେ ରହିଛି ଦଳ। ରିଦ୍ଧିମାନ ଶାହା ଗତ ସିଜନର ଓପନର ରହିଥିବା ବେଳେ ଚଳିତ ଥର ଦଳରେ ରହିଛନ୍ତି ଶ୍ରୀକର ଭରତ। ସେ ଟି୨୦ରେ ଟପ୍ ଅର୍ଡରରେ ବ୍ୟାଟିଂ କରୁଥିବାରୁ ତାଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ଭାରତୀୟ ପେସରଙ୍କ ମଧ୍ୟରେ ଶିଭମ ମାଭି ଓ ମହମ୍ମଦ ଶାମି ଭଲ ଫର୍ମରେ ରହିଛନ୍ତି। ଆଲଜାରି ଯୋଶେଫଙ୍କ ଉପସ୍ଥିତି ଦଳକୁ ଆଉ ଟିକିଏ ମଜଭୁତ କରିବ। ପ୍ରଥମ ସିଜନରେ ଦଳର ଟ୍ରମ୍ପକାର୍ଡ ରହିଥିବା ୟଶ ଦୟାଲ ଭଲ ଫର୍ମରେ ନାହାନ୍ତି। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ସେ ୬ ମ୍ୟାଚରୁ ମାତ୍ର ୨ ଉଇକେଟ ନେବାରେ ସଫଳ ହୋଇଥିଲେ। ସ୍ପିନର ଭାବରେ ଗୁଜରାଟ ନିକଟରେ ରାଶିଦ୍ ଖାନ୍ ଓ ଆର୍ ସାଇ କିଶୋର ଉପସ୍ଥିତ ଅଛନ୍ତି।

**ଗୁଜରାଟ ଟାଇଟନ୍ସ:** ହାର୍ଦ୍ଦିକ୍ ପାଣ୍ଡ୍ୟା(ଅଧିନାୟକ), ଶୁବମାନ ଗିଲ୍, ଶ୍ରୀକର ଭରତ, ରିଦ୍ଧିମାନ ଶାହା, କେନ୍ ୱିଲିୟମସନ୍, ରାହୁଲ ଟେୱାଟିଆ, ଅଭିନବ ମନୋହର, ମହମ୍ମଦ ଶାମି, ପ୍ରଦୀପ ସାଙ୍ଗୱାନ, ଆର୍. ସାଇ କିଶୋର, ବିଜୟ ଶଙ୍କର, ସାଇ ସୁଦର୍ଶନ, ରାଶିଦ୍ ଖାନ୍, ଶିବମ ମାଭି, ମାଥ୍ୟୁ ୱେଡ୍, ଓଡ଼ିନ୍ ସ୍ମିଥ୍, ଉର୍ଭିଲ ପଟେଲ, ଦର୍ଶନ ନାଲକଣ୍ଡେ, ଡେଭିଡ୍ ମିଲର୍, ଜୋସୁଆ ଲିଟିଲ୍, ୟଶ୍ ଦୟାଲ, ଜୟନ୍ତ ଯାଦବ, ନୁର୍ ଅହମଦ୍, ଆଲଜାରି ଯୋଶେଫ୍।

**ଚେନ୍ନାଇ ସୁପରକିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ଡେଭନ୍ କନ୍‌ୱେ, ଋତୁରାଜ ଗାଏକ୍ୱାଡ, ଅମ୍ବାତି ରାୟୁଡୁ, ମୋଇନ ଅଲୀ, ବେନ୍ ଷ୍ଟୋକ୍ସ, ରବୀନ୍ଦ୍ର ଜାଡେଜା, ଆଜିଙ୍କ୍ୟ ରାହାନେ, ସିସାନ୍ଦା ମଗଲା, ଶିବମ ଦୁବେ, ଡ୍ୱେନ୍ ପ୍ରିଟୋରିୟସ୍, ଅଜୟ ମଣ୍ଡଳ, ନିଶାନ୍ତ ସିନ୍ଧୁ, ରାଜବର୍ଦ୍ଧନ ହଙ୍ଗରଗେକର୍, ମିଚେଲ୍ ସାଣ୍ଟନର, ଶୁଭ୍ରାଂଶୁ ସେନାପତି, ସିମରଜିତ୍ ସିଂ, ମଥିସା ପଥିରାନା, ମହେଶ ଥିକ୍‌ସାନା, ଭଗତ ବର୍ମା, ପ୍ରଶାନ୍ତ ସୋଲାଙ୍କି, ଶେକ୍ ରଶିଦ୍ ଓ ତୁଷାର ଦେଶପାଣ୍ଡେ।

**ମ୍ୟାଚ୍ ସ୍ଥାନ:**
**ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମ**
**ସମୟ: ରାତି ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ଜିଓ ସିନେମା**

# ପ୍ରଥମ ମ୍ୟାଚରେ ଅଧିନାୟକତ୍ୱ କରିବେ ଭୁବନେଶ୍ୱର କୁମାର

**ନୂଆଦିଲ୍ଲୀ, ୩୦।୩ (ପି.ଟି.)**




ଭେଟେରାନ ଭାରତୀୟ ସିମର ଭୁବନେଶ୍ୱର କୁମାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସନରାଇଜର୍ସ ହାଇଦ୍ରାବାଦର ଓପନିଂ ମ୍ୟାଚରେ ଅଧିନାୟକତ୍ୱ କରିବେ। ଦଳର ପ୍ରକୃତ ଅଧିନାୟକ ଏଡେନ ମାରକ୍ରାମ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଜାତୀୟ ଦଳ ସହିତ ଡ୍ୟୁଟିରେ ଅଛନ୍ତି। ଶୁକ୍ରବାର ଅହମଦାବାଦରେ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ୩ ଥର ବିଜେତା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ସନରାଇଜର୍ସ ହାଇଦ୍ରାବାଦ ଏହାର ଓପନିଂ ମ୍ୟାଚ ରବିବାର ହାଇଦ୍ରାବାଦଠାରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବ। ସୂଚନାଯୋଗ୍ୟ, ନେଦରଲାଣ୍ଡ ବିପକ୍ଷ ୨ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବା ଲାଗି ମାରକ୍ରାମ ବର୍ତ୍ତମାନ ଦକ୍ଷିଣ ଆଫ୍ରିକାରେ ଅଛନ୍ତି। ଏପ୍ରିଲ ୩ରେ ସେ ଭାରତରେ ପହଞ୍ଚିବେ। ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ହାସଲ କରିବା ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଭାରତରେ ଏହି ଇଭେଣ୍ଟ ଖେଳାଯିବ। ଦକ୍ଷିଣ ଆଫ୍ରିକା ଏହାର ମ୍ୟାଚ ଦୁଇଟି ମାର୍ଚ୍ଚ ୩୧ ଓ ଏପ୍ରିଲ ୨ରେ ଖେଳିବ। ୨୦୧୩ରେ ଆଇପିଏଲ୍‌ରେ ସନରାଇଜର୍ସର ପ୍ରବେଶ ପରଠାରୁ ୩୩ ବର୍ଷୀୟ ଭୁବନେଶ୍ୱର କୁମାର ଏହି ଦଳରୁ ଖେଳି ଆସୁଛନ୍ତି। ୨୦୧୯ରେ ଦଳ ତାଙ୍କ ଅଧୀନରେ ୬ଟି ଏବଂ ୨୦୨୨ରେ ଗୋଟିଏ ଗେମ୍ ଖେଳିଛି। ଭୁବନେଶ୍ୱରଙ୍କ ଅଧିନାୟକତ୍ୱରେ ସନରାଇଜର୍ସ ଦୁଇଟି ମ୍ୟାଚ ଜିତିଥିବା ବେଳେ ଅବଶିଷ୍ଟ ୫ଟି ମ୍ୟାଚରେ ପରାଜିତ ହୋଇଛି। ସନରାଇଜର୍ସ ଏହାର ଦ୍ୱିତୀୟ ମ୍ୟାଚ ଏପ୍ରିଲ ୭ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ଦକ୍ଷିଣ ଆଫ୍ରିକୀୟ ଖେଳାଳି ସେତେବେଳକୁ ଭାରତ ଚାଲିଆସିଥିବେ।

# କ୍ରୀଡ଼ା ଛାତ୍ରାବାସ ୧୯-୦ ଗୋଲରେ ବିଜୟୀ

**ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍**

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି)**

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍ (ଫେଜ୍-୨)ର ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ୧୯-୦ ଗୋଲରେ ସାଲ୍ୟୁଟ ହକି ଏକାଡେମୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଧିନାୟିକା ମମିତା ଓରାମ ୭, ୧୦ ଓ ୪୧ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନୁଜା ଟପ୍ପୋ ୧୮ ଓ ୩୯, ସୁନୀତା ଖାଖା ୧୯ ଓ ୨୯, ମୁନମୁନି ଦାସ ୨୫ ଓ ୪୫, ଆରତୀ ଖାଲ୍‌କୋ ୨୬ ଓ ୫୮, ସୁନେଲିତା ଟପ୍ପୋ ୩୫ ଓ ୫୯, ସୁପ୍ରିୟା କୁଜୁର ୩୭ ଓ ୪୮ତମ ମିନିଟରେ ୨ଟି ଲେଖାଏ ଏବଂ ପୂଜା ସାସୋ ୫ମ, ଦୀପି ମୋନିକା ଟପ୍ପୋ ୧୨, ଅଲିଭା ଜାଟେ ୧୫ ଓ କମଳା ସିଂ ୨୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ୨ଟି ମ୍ୟାଚରେ ସାଇ ଶକ୍ତି ଟିମ୍ ୯-୦ରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ପ୍ରୀତମ୍ ସିୱାଚ ସ୍ପୋର୍ଟ୍ସ ଫାଉଣ୍ଡେଶନ ୯-୧ ଗୋଲରେ ଖାଲ୍‌ସା ହକି ଏକାଡେମୀକୁ ହରାଇ ଦେଇଛି। ହର୍ ହକି ଏକାଡେମୀ ଓ ସାଇ ବାଲ୍ ଟିମ୍ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି।



ଓଡ଼ିଶା କ୍ରୀଡ଼ା ଛାତ୍ରାବାସ ଓ ସାଲ୍ୟୁଟ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ପଞ୍ଚମ ରାମେଶ୍ୱର କପ୍**

# ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

**ଭୁବନେଶ୍ୱର,୩୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ରାମେଶ୍ୱର କପ୍ ତଥା କମଳା ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ପ୍ରଗତି ସ୍ପୋର୍ଟିଂ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ପ୍ରଗତି ସ୍ପୋର୍ଟିଂ ୯୫ ରନ୍‌ରେ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟି ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅମନ ଦାସ ୧୩୭, ଆଦର୍ଶ କୁମାର ୫୯ ଓ ଜସୱନ୍ତ ପ୍ରଧାନ ୫୭ ରନ୍ କରିଥିଲେ। ଆଲ୍‌ଫା ସ୍ପୋର୍ଟିଂ ପକ୍ଷରୁ ଅଭିନୀତ୍ ପଟ୍ଟନାୟକ ଦୁଇ ଉଇକେଟ ନେଇଥିଲେ। ଜବାବରେ ଆଦର୍ଶ ପଟ୍ଟନାୟକଙ୍କ ୭୨ ଓ ପି କେ ନାଇଡୁଙ୍କ ୪୦* ରନ୍ ବଳରେ ଆଲ୍‌ଫା ୭ ଉଇକେଟରେ ୧୮୫ ରନ୍ କରିଥିଲା। ଅସୀମ ବରାଡ ଦୁଇ ଉଇକେଟ ନେଇଥିଲେ। ସମାଜସେବୀ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅମନ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ସୁଶୀଲ ପରିଡା ଓ ରବୀନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ସନ୍ତରଣ: ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର,୩୦।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସମ୍ବଲପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ତରଣ ଚାମ୍ପିୟନଶିପ୍ ୨୦୨୨-୨୩ରେ ବିଭିନ୍ନ ବୟସ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ୧୪ ବର୍ଷରୁ କମ୍ ବାଳକ ଓ ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଭୁବନେଶ୍ୱର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ୧୪ ବର୍ଷରୁ କମ୍ ବାଳକ ଦଳ ୭ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲା। ୧୭ ବର୍ଷରୁ କମ୍ ବାଳିକା ଦଳ ୪ଟି ସ୍ୱର୍ଣ୍ଣ ସହିତ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକାଙ୍କ ମଧ୍ୟରେ ରେଶମା ମାଝୀ ୩ ସ୍ୱର୍ଣ୍ଣ ହାସଲ କରିଥିବା ବେଳେ ବାଳକଙ୍କ ମଧ୍ୟରେ ରୋହିତ ବାତ୍ରା ଓ ସାହିଲ ମାଝୀ ଦୁଇଟି ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ନୟାଗଡ଼ ୧ ଉଇକେଟରେ ଜଗତ୍‌ସିଂହପୁରକୁ ହରାଇଲା

**କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ**

**ଭୁବନେଶ୍ୱର, ୩୦।୩ (କ୍ରୀଡ଼ା ପ୍ରତିନିଧି)**

କଟକର ବିଭିନ୍ନ ଗ୍ରାଉଣ୍ଡରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଝାରସୁଗୁଡ଼ା, ଯାଜପୁର, ରାଉରକେଲା, ଢେଙ୍କାନାଳ, ନୟାଗଡ଼ ଓ ପୁରୀ ଦଳ ବିଜୟୀ ହୋଇଛନ୍ତି। ନୟାଗଡ଼ର ଦୁର୍ଗା ପ୍ରସାଦ ବେହେରା ଶତକ ହାସଲ କରିଥିବାବେଳେ ୬ ଉଇକେଟ ସଫଳତା ପାଇଛନ୍ତି ଢେଙ୍କାନାଳର ସୌମେନ୍ଦ୍ର ଦାସ।

ଏମ୍‌ଜିଏମ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୭ ଉଇକେଟରେ କଟକ-ଏ'କୁ ପରାସ୍ତ କରିଛି। କଟକ-ଏ ଦଳ ୩୮.୩ ଓଭରରେ ୧୧୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟ ଲକ୍ଷ୍ୟକୁ ଝାରସୁଗୁଡ଼ା ୩୦.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଯାଜପୁର ଦଳ ୯ ରନରେ ଭୁବନେଶ୍ୱର-ବି'କୁ ହରାଇ ଦେଇଛି। ରୋହିତ ହଦ୍‌କେଙ୍କ ୯୫ ରନ ବଳରେ ଯାଜପୁର ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୭୩ ରନ କରିଥିଲା। ବିପକ୍ଷ ଦଳର ଆଶିଷ ପ୍ରଧାନ ୫ ଉଇକେଟ ପାଇଥିଲେ। ଭୁବନେଶ୍ୱର-ବି ୫୦ ଓଭରରେ ୮ ଉଇକେଟ ହରାଇ ୨୬୪ ରନ କରିବାକୁ ସକ୍ଷମ ହୋଇଥିଲା। ତନୟ ବିଶ୍ୱାଳ (୧୧୩ ରନ) ଶତକ କରିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ରାଉରକେଲା ୩ ଉଇକେଟରେ ବାଲେଶ୍ୱରକୁ ହରାଇଛି। ବାଲେଶ୍ୱର ୩୮.୫ ଓଭରରେ ୧୭୧ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ରାଉରକେଲା ୪୫.୧ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଢେଙ୍କାନାଳ ୩ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ଦଳ ୨୬.୪ ଓଭରରେ ୧୧୧ରେ ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୌମେନ୍ଦ୍ର ଦାସ ମାତ୍ର ୨୫ ରନରେ ୬ ଉଇକେଟ ନେଇ ମୟୂରଭଞ୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଢେଙ୍କାନାଳ ୨୮.୩ ଓଭରରେ ୭ ଉଇକେଟ ହରାଇ ୧୧୫ ରନରେ ପହଞ୍ଚି ଯାଇଥିଲା। ସନ୍‌ସାଇନ୍ ପଡ଼ିଆରେ ନୟାଗଡ଼ ଦଳ ରୋମାଞ୍ଚକଭାବେ ମାତ୍ର ୧ ଉଇକେଟରେ ଜଗତ୍‌ସିଂହପୁରକୁ ହରାଇ ଦେଇଛି। ଜଗତ୍‌ସିଂହପୁର ଦଳ ୪୫.୫ ଓଭରରେ ୨୫୭ ରନକରି ଅଲ୍‌ଆଉଟ ହୋଇଥିଲା। ଅରୁଣ ମହାରଣା ୧୧୫ ବଲ୍‌ରୁ ୧୩୨ ରନର ଇନିଂସ ଖେଳିଥିଲେ। ନୟାଗଡ଼ ୪୪.୫ ଓଭରରେ ୯ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରି ନେଇଥିଲା। ଅଡ଼ଶପୁର ପଡ଼ିଆରେ ପୁରୀ ୩୧ ରନରେ କେନ୍ଦୁଝରକୁ ହରାଇ ଦେଇଛି। ପୁରୀ ଦଳ ୪୯.୩ ଓଭରରେ ୨୨୩ ରନରେ ସମସ୍ତ ଉଇକେଟ ହରାଇଥିଲା। କେନ୍ଦୁଝର ୪୫.୪ ଓଭରରେ ୧୯୨ ରନକରି ଅଲ୍‌ଆଉଟ ହୋଇଯାଇଥିଲା।



ଶତକ ହାସଲକାରୀ ଦୁର୍ଗାପ୍ରସାଦ ବେହେରା



ସୌମେନ୍ଦ୍ର ଦାସ- ୨୫/୬


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ